

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 256, Sunday, 7 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୫୫, ରବିବାର, ୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 256, Sunday, 7 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୫୫, ରବିବାର, ୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 256, Sunday, 7 January 2024, Puri, Pages- 18, Rs. 7/- ■ ଦଶମ ବର୍ଷ, ସଂଖ୍ୟା-୨୫୫, ରବିବାର, ୭ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ଲୋକାର୍ପିତ ହେଲା ଦଶପଲ୍ଲା ରେଳଷ୍ଟେସନ

- ରେଳସେବାରେ ଯୋଡି ହେଲା ଦଶପଲ୍ଲା
- ଦୈନିକ ଚାଲିବ ୪ଟି ଟ୍ରେନ୍
- ପତାକା ହଲାଇ ଶୁଭାରମ୍ଭ କଲେ ଅଶ୍ୱିନୀ ବୈଷ୍ଣବ
- ୨୬ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ କାମ ସରିବ
- ଖୋର୍ଦ୍ଧା, ନୟାଗଡ଼ ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀରଙ୍କୁ ଟ୍ରେନ ଚଳାଚଳ କରିବ

ଦଶପଲ୍ଲା (ଅମୃତ ମିଡିଆ)

ଖୋର୍ଦ୍ଧା ବଲାଙ୍ଗୀର ରେଳ ପଥର ନୂଆଗାଁ ଷ୍ଟେସନରୁ ଦଶପଲ୍ଲା ଷ୍ଟେସନକୁ ୧୫ କିଲୋମିଟର ରେଳ ଲାଇନ ସଂପ୍ରସାରିତ ହୋଇଛି । ବହୁ ପ୍ରତୀକ୍ଷିତ ଦଶପଲ୍ଲା ରେଳ ଷ୍ଟେସନ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଉଦଘାଟନ କରିଛନ୍ତି, ସବୁଜ ପତାକା ଦେଖାଇ ମନ୍ତ୍ରୀ ଦଶପଲ୍ଲା ରୁ ରେଳ ସେବାର ଶୁଭାରମ୍ଭ କରିଛନ୍ତି, ଦଶପଲ୍ଲା ପୁରୀ ,ଭୁବନେଶ୍ୱର ଏବଂ ଭଦ୍ରକ କୁ ୪ ଟି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି, ଏହା ସହ ଦଶପଲ୍ଲାରେ ରିଜରଭେସନ ଟିକେଟ କାଉଣ୍ଟର ଖୋଲିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି,ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି, ଦଶପଲ୍ଲା ବାସୀଙ୍କ ଦୀର୍ଘ ଦିନ ର ସ୍ୱପ୍ନ,ପୂରଣ ହୋଇଥିବା ରୁ କେନ୍ଦ୍ର ରେଳମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ଥାନୀୟ ବାସିନ୍ଦା । ଆଉ ପାଦେ ଯୋଡି ହେଲା ଖୋର୍ଦ୍ଧା । ବଲାଙ୍ଗୀର ରେଳ ପଥ, ନୂଆଗାଁ ଷ୍ଟେସନ ରୁ ଦଶପଲ୍ଲା ଷ୍ଟେସନକୁ ସମ୍ପ୍ରସାରିତ ହେଲା ୧୫ କିଲୋମିଟର ରେଳ ଲାଇନ, ଏଥିପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଯୋଗେ କେନ୍ଦ୍ର



ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଦଶପଲ୍ଲା ପହଞ୍ଚିବା ପରେ ଦଶପଲ୍ଲା ଷ୍ଟେସନ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିଲେ, ପରେ ଡବଲ ପ୍ଲାଟଫର୍ମ ବିଶିଷ୍ଟ ଦଶପଲ୍ଲା ଷ୍ଟେସନ କୁ ଉଦଘାଟନ କରିବା ସହ ସବୁଜ ପତାକା ଦେଖାଇ ଦଶପଲ୍ଲା ରୁ ଟ୍ରେନ ସେବାର ଶୁଭାରମ୍ଭ କରିଥିଲେ, ଏହି ଅବସରରେ ରେଳମନ୍ତ୍ରୀ କହିଛନ୍ତି ଦଶପଲ୍ଲା ବାସୀ ଙ୍କ ଦିର୍ଘ ଦିନର ସ୍ୱପ୍ନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଛି, ରେଳ ସେବା କ୍ଷେତ୍ରରେ ଦଶପଲ୍ଲା ଯୋଡି ହୋଇ ଥିବାରୁ ,ନୂଆଗାଁ ଦଶପଲ୍ଲା ଏବଂ ଗଣିଆ ବ୍ଲକର ଲୋକଙ୍କୁ ଦିର୍ଘ ଦିନର ଯାତାୟତ ସମସ୍ୟା ଦୂର ହୋଇଛି, ପ୍ରତିଦିନ ଦଶପଲ୍ଲା ଷ୍ଟେସନ ରୁ ୪ ଟି ଟ୍ରେନ ଯାତ୍ରୀ ଙ୍କୁ ନେଇ ପୁରୀ ଭଦ୍ରକ ଏବଂ ଭୁବନେଶ୍ୱର କୁ ନିୟମିତ ଯାତାୟତ କରିବ, ବହୁ ପ୍ରତୀକ୍ଷିତ ଦଶପଲ୍ଲା ଷ୍ଟେସନ କୁ ଆଜି ଦିନ ସାଢ଼େ ୧୧ଘଣ୍ଟିକା ▶(ପୃଷ୍ଠା-୧୪)

## ରାଜ୍ୟ ସରକାର ପୂରଣ କଲେ ଦାବି

# ଡ୍ରାଇଭର ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର(ବ୍ୟୁରୋ)

ଡ୍ରାଇଭରଙ୍କ ଆନ୍ଦୋଳନ ସ୍ଥଗିତକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି । ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିବାକୁ ଆହ୍ୱାନ କଲେ ରାଜ୍ୟ ଡ୍ରାଇଭର ମହାସସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି । ଏ ନେଇ ଶନିବାର ସନ୍ଧ୍ୟାରେ ସେ ଏକ ଭିଡିଓ ଜାରି କରି ଷ୍ଟିୟରିଂ ଛାଡ଼ ଆନ୍ଦୋଳନରୁ ଓହରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ରାଜ୍ୟ ସରକାର ଆମ ଦାବି ଶୁଣୁଛନ୍ତି । ତେଣୁ ଆନ୍ଦୋଳନରୁ ଓହରିବାକୁ ମୁଁ ଆହ୍ୱାନ କରୁଛି । ତାଙ୍କର ଆହ୍ୱାନ ପରେ ପରେ ଡ୍ରାଇଭର ସଂଘ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ଆନ୍ଦୋଳନ ସ୍ଥଗିତ ନେଇ ସୂଚନା ଦେଇଛନ୍ତି । ମେଣ୍ଡୁଲି କହିଛନ୍ତି, ସୋମବାର କେନ୍ଦ୍ର ଆଇନ ବିଷୟରେ ଆଲୋଚନା କରାଯିବ । ଅନ୍ୟ ୨୮ ରାଜ୍ୟ ଆନ୍ଦୋଳନରେ ସାମିଲ୍ ନ ଥିବାରୁ ଆନ୍ଦୋଳନରୁ ଓହରିବାକୁ ନିଷ୍ପତ୍ତି ନେଇଛୁ । ଦରକାର ପଡ଼ିଲେ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା । ସମସ୍ତ ୨୮ ରାଜ୍ୟ ବାହାରିଲେ ଆମେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା । କିନ୍ତୁ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପାଖରେ ଥିବା ଆମର ଦାବି ପାଖାପାଖି ପୂରଣ ହୋଇଥିବା ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି । ଡ୍ରାଇଭର ସଂଘ କୋଷାଧ୍ୟକ୍ଷ ଆଦିତ୍ୟ ବେହେରା କହିଛନ୍ତି, ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ସଂଘ ଓହରିଛି । ରାଜ୍ୟ ସରକାରଙ୍କ ନିକଟରେ ରହିଥିବା ୨ଟି ଦାବି ପୂରଣ ହୋଇଛି ।ସୂଚନାଯୋଗ୍ୟ, କେନ୍ଦ୍ରୀୟ ଆଇନକୁ ବିରୋଧ କରିବା ସହ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପୂରଣରେ ବିଫଳତାକୁ ଦାୟୀ କରି ଅନିର୍ଦ୍ଦିଷ୍ଟ କାଳ ଯାଏଁ ଆନ୍ଦୋଳନକୁ ଓହ୍ଲାଇଥିଲା ଓଡ଼ିଶା ଡ୍ରାଇଭର ମହାସଂଘ । ଟ୍ରକ୍ ଡ୍ରାଇଭରଙ୍କ ସହ ଶନିବାର ଠାରୁ ଆନ୍ଦୋଳନରେ ସାମିଲ ହୋଇଥିଲେ ବସ୍ ଡ୍ରାଇଭର । ଯାହା ପାଇଁ ସାରା ରାଜ୍ୟରେ ବସ୍ ଚଳାଚଳ ପ୍ରଭାବିତ ହୋଇଛି । ଡ୍ରାଇଭର ଗାଡି ଛାଡି ଆନ୍ଦୋଳନରେ ସାମିଲ ହୋଇଥିବାରୁ ପରିବହନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଛି ।

## ପୋଖରୀରେ ବୁଡ଼ିଗଲେ ଭାଇଭଉଣୀ

ଦଶରଥପୁର(ଅମୃତ ମିଡିଆ)

ପୋଖରୀରେ ବୁଡ଼ି ଭାଇଭଉଣୀ ମୃତ । ଯାଜପୁର ମଙ୍ଗଳପୁର କୂଳସାହି ଗାଁରେ ଘଟିଛି ଏହି ଘଟଣା । ଘର ପାଖ ପୋଖରୀ ନିକଟରେ ଖେଳୁଥିବା ବେଳେ ଭାଇ ଭଉଣୀ ବୁଡ଼ି ଯାଇଛନ୍ତି । ମୃତ ଭାଇର ବୟସ ୩ ବର୍ଷ ହୋଇଥିବା ବେଳେ ଭଉଣୀର ବୟସ ୨ ବର୍ଷ ବୋଲି ସୂଚନା ମିଳିଛି । ମୃତ ଶିଶୁ ପୁତ୍ରର ନାଁ କାହ୍ନୁ ଜେନା । ତାଙ୍କ ବାପାଙ୍କ ନାଁ ମାନସ ଜେନା । ସେହିପରି ମୃତ ଶିଶୁ କନ୍ୟାର ନାଁ ରୂପା ଜେନା । ସେ ମାନସ ଜେନାଙ୍କ ସାନ ଭାଇ ମିଥୁନ ଜେନାଙ୍କ ଝିଅ । ଭାଇଭଉଣୀ ଘର ବାହାରେ ଖେଳୁଥିବା ବେଳେ ପାଖରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ । ସେମାନେ କେମିତି ବୁଡ଼ିଲେ କେହି ଜାଣି ନାହାନ୍ତି । ଛୁଆ ଦୁଇଟି ନମିଳିବାରୁ ଖୋଜାଖୋଜି କଲା ପରେ ପୋଖରୀରୁ ମିଳିଥିଲେ । ଏହି ଘଟଣା ଘଟିବା ବେଳେ ଘରେ କେହି ପୁରୁଷ ଲୋକ ନଥିଲେ । ମୃତକଙ୍କ ସଂପର୍କୀୟ କୃଷ୍ଣଚନ୍ଦ୍ର ଜେନା କହିଛନ୍ତି, ଘର ପାଖରେ ପୋଖରୀଟି ଅଛି । ପରିବାରର ସ୍ତ୍ରୀ ଲୋକେ ରୋଷେଇ କରୁଥିବା ବେଳେ ଛୁଆ ବୁଡ଼ି ଯାଇଛନ୍ତି । କେହି ଜାଣିପାରି ନାହାନ୍ତି । ଛୁଆଙ୍କୁ ଉଦ୍ଧାର କରି ଆମେ ମଙ୍ଗଳପୁର ଡାକ୍ତରଖାନା ନେଇଥିଲୁ । ସେଠାରେ ଆମକୁ ଯାଜପୁର ଟାଉନ୍ ନେଇଯିବାକୁ କହିଥିଲେ । ଏଠାରେ ଭାଇଭଉଣୀଙ୍କୁ ମୃତ ଘୋଷଣା କରାଯାଇଥିଲା ।

## ୧ କୋଟିରୁ ଅଧିକ ଟଙ୍କାର ବ୍ରାଉନ୍ ସୁଗର ଜବତ, ଜଣେ ଗିରଫ

ଭୁବନେଶ୍ୱର(ବ୍ୟୁରୋ)

ପୁରୀ ଜିଲ୍ଲା ନିମାପଡ଼ାରୁ ଜଣେ ଯୁବକଙ୍କଠାରୁ ୧ କେଜି ୬୦ ଗ୍ରାମର ବ୍ରାଉନ୍ ସୁଗର ଜବତ କରିଛି ଭୁବନେଶ୍ୱର ଏସ୍‌ଟିଏଫ୍ । ଜବତ ବ୍ରାଉନ ସୁଗରର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହୋଇଥିବା କୁହାଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି ଏସ୍‌ଟିଏଫ୍ । ଗିରଫ ଯୁବକଙ୍କ ନାଁ ସୁଜିତ କୁମାର ମହାନ୍ତି (୨୪) । ତାଙ୍କ ଘର ନିମାପଡ଼ା ଥାନା ଅଞ୍ଚଳରେ । ଗତକାଲି ବିଳମ୍ବିତ ରାତିରେ ସେ ବ୍ରାଉନ୍‌ସୁଗର ଧରି ନିମାପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପ ପାଖରେ ଥିବା ବେଳେ ଏସ୍‌ଟିଏଫ୍ ଚଢ଼ାଉ କରି ତାଙ୍କୁ ଧରିଥିଲା । ସୁଜିତଙ୍କଠାରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଥିଲା । ଏହା ସହିତ ତାଙ୍କୁ ଗିରଫ କରାଯାଇଥିଲା ।

## ହାଇଟେକ୍‌ରେ ବିସ୍ଫୋରଣ ଘଟଣା

# ନିଜକୁ ଦିଲ୍ଲୀପ କହୁଥିବା ବ୍ୟକ୍ତି ଆଖି ବୁଜିଲେ

ଭୁବନେଶ୍ୱର(ବ୍ୟୁରୋ)

ହାଇଟେକ୍ ମେଡ଼ିକାଲ ବିସ୍ଫୋରଣ ଘଟଣାରେ ଦେଖାଦେଇଥିବା ହାଇଡ୍ରାମା ସରିବା ନାଁ ଧରୁନି । ଏହା ମଧ୍ୟରେ ନିଜକୁ ଦିଲୀପ ସାମନ୍ତରାୟ କହୁଥିବା ବ୍ୟକ୍ତିଜଣକ ଆଖି ବୁଜି ସାରିଛନ୍ତି । ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କ ମୃତ୍ୟୁ ହୋଇଛି । ଏନେଇ ହାଇଟେକ୍ ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏସିରେ ଗ୍ୟାସ୍ ଭର୍ତ୍ତି ବେଳେ ବିସ୍ଫୋରଣ ଘଟି ଗତ ୨୯ ତାରିଖରେ ୪ ଜଣ ଗୁରୁତର ହୋଇଥିବା ବେଳେ ଏବେ ଯାଏ ୩ ଜଣଙ୍କର ମୃତ୍ୟୁ ହୋଇଛି । ଆଉ ଜଣେ ଏବେ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି । ବିସ୍ଫୋରଣରେ ଗୁରୁତର ହୋଇ ଭେଣ୍ଟିଲେଟରରେ ଥିବା ବ୍ୟକ୍ତିଜଣକ ଗତ ଗୁରୁବାର ରାତିରେ ନିଜ ପରିଚୟ ଜ୍ୟୋତି ମଲ୍ଲିକ ନୁହଁ ଦିଲୀପ ସାମନ୍ତରାୟ ବୋଲି ଦେଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ହାଇଡ୍ରାମା । ଗତ ୬ ଦିନ ହେବ ଯେଉଁ ବ୍ୟକ୍ତିଙ୍କୁ ନିଜ ପୁଅ ଜ୍ୟୋତି ବୋଲି ଭାବୁଥିଲେ, ଏହା ଶୁଣି ସେମାନଙ୍କୁ ଶକ୍ତ ଝଟକା ଲାଗିଥିଲା । ଅପରପକ୍ଷେ, ଦିଲୀପଙ୍କ ପରିବାର ଲୋକେ ଯେଉଁ ମୃତଦେହର ଅନ୍ତିମ ସତ୍କାର କରି ସାରିଛନ୍ତି ତାହାର କାହାର ତା' ଉପରୁ ଏଯାଏ ପରଦା ହଟିନି । ଜଟଣି ବଅଙ୍ଗ ଗାଁର ଦିଲୀପ ସାମନ୍ତରାୟ ୨ ବର୍ଷ ତଳେ ବିବାହ କରିଥିଲେ । କିନ୍ତୁ ଗତ ୩୦ ତାରିଖରେ ତାଙ୍କ ବିୟୋଗ ହୋଇଥିବା ଖବର ପାଇବା ପରେ ନୂଆବର୍ଷ ଦିନ ଆତ୍ମହତ୍ୟା କରିଦେଇଥିଲେ ତାଙ୍କ ନବବିବାହିତା ପତ୍ନୀ ସୋନା ସାମନ୍ତରାୟ । ଆସନ୍ତା ଶନିବାର ଉଭୟଙ୍କ ଶୁଦ୍ଧିକ୍ରିୟା ପାଇଁ ପ୍ରସ୍ତୁତି ଚାଲିବା ସହ ଦଶାହ କର୍ମ ପାଇଁ ଗଙ୍ଗା କାର୍ଡ ଛପା ସରିଛି । ହେଲେ ପରେ ଦିଲୀପ ଜୀବିତ ବୋଲି କହିବା ପରେ, ତାଙ୍କ ପରିବାର ଲୋକେ ଯାହାର ମୃତଦେହ ଅନ୍ତିମ ସଂସ୍କାର କଲେ, ତାହା କାହାର ବୋଲି ସନ୍ଦେହରେ ଥିଲେ । ଏହାସତ୍ତ୍ୱେ ବି ଭେଣ୍ଟିଲେଟରରେ ଥିବା ଦିଲୀପ ନାମକ ବ୍ୟକ୍ତି ସୁସ୍ଥ ହେଉଥିବା ମେଡିକାଲ ପକ୍ଷରୁ କୁହାଯାଉଥିବା ବେଳେ ପରିବାର ଲୋକଙ୍କ ▶(ପୃଷ୍ଠା-୧୪)

## ଇସ୍ରୋକୁ ଆଉ ଏକ ସଫଳତା

# ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ଆଦିତ୍ୟ ଏଲ୍-୧

### ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂର ଏଲ ୧ ପଏଣ୍ଟରେ ପହଞ୍ଚିଲା ଆଦିତ୍ୟ ଏଲ ୧

ନୂଆଦିଲ୍ଲୀ

ନୂଆ ବର୍ଷରେ ନୂଆ ରେକର୍ଡ । ପାଖାପାଖି ୧୨୦ ଦିନର ମହାକାଶ ଯାତ୍ରା । ୧୫ ଲକ୍ଷ କିମି ଅତିକ୍ରମ କରିବା ପରେ ଶେଷରେ ଆଉ ଏକ ସଫଳତା ହାସଲ କରିଛି ଭାରତ । ମିଶନ ଆଦିତ୍ୟଏଲ୍-୧ ସଫଳ ହୋଇଛି । ଇସ୍ରୋର ଆଦିତ୍ୟ ସାଟେଲାଇଟ୍ ଏଲ୍-୧ ପଏଣ୍ଟର ହାଲୋ ଅର୍ବିଟ୍‌ରରେ ପ୍ରବେଶ କରିଛି ।୨ ସେପ୍ଟେମ୍ବରରେ ୨୦୨୩ରେ ଆରମ୍ଭ ହୋଇଥିବା ଆଦିତ୍ୟ ଏଲ୍-୧ର ଯାତ୍ରା ଏବେ ଶେଷ ହୋଇଛି । ୪୦୦ କୋଟି ଟଙ୍କାରେ ଖର୍ଚ୍ଚ ହୋଇଥିବା ଏହି ମିଶନ କେବଳ ଭାରତ ନୁହେଁ, ବିଶ୍ୱର ସମସ୍ତ ସାଟେଲାଇଟ୍‌କୁ ସୌର ଝଡ଼ରୁ ରକ୍ଷା କରିବ ।ସେପ୍ଟେମ୍ବର ୨ ତାରିଖରେ ଆଦିତ୍ୟ ଏଲ୍-୧ ଯାତ୍ରା ଆରମ୍ଭ ହୋଇଥିଲା । ମହାକାଶରେ ପାଞ୍ଚ ମାସ ଧରି ଯାତ୍ରା କରିବା ପରେ ୬ ଜାନୁଆରୀ ୨୦୨୪ ସନ୍ଧ୍ୟାରେ, ଆଦିତ୍ୟ ଉପଗ୍ରହ ଏଲ୍୧ ପଏଣ୍ଟରେ ପହଞ୍ଚିଛି । ଏହି ବିନ୍ଦୁର ଚତୁଃପାର୍ଶ୍ୱରେ ଥିବା ସୋଲାର ହାଲୋ ଅର୍ବିଟ୍ ସାଟେଲାଇଟ୍‌କୁ ମୁତୟନ କରାଯାଇଛି । ଏହି ସାଟେଲାଇଟ୍‌ରେ ୧୨ଟି ଥ୍ରଷ୍ଟର୍ସ ରହିଚି । ହାଲୋ ଅର୍ବିଟ୍‌ରରେ ଏହାକୁ ରଖିବା ପାଇଁ ଏହାର ଥ୍ରଷ୍ଟର୍ସକୁ କିଛି ସମୟ ପାଇଁ ଅନ୍ କରାଯାଇଥିଲା ।ଆଦିତ୍ୟ ଏଲ୍-୧ର ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟ୍ କରି ଖୁସୀ ବ୍ୟକ୍ତ କରିଛନ୍ତି । ସେ ଟ୍ୱିଟ୍ କରି ଲେଖିଛନ୍ତି " ଭାରତ ଆଉ ଏକ କିର୍ତ୍ତୀମାନ



ସ୍ଥାପନ କରିଛି । ଭାରତର ପ୍ରଥମ ସୋଲାର ଅବ୍ଜରବେଟୋରୀ ଆଦିତ୍ୟ ଏଲ୍-୧ ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚିଛି । ସବୁଠାରୁ ଜଟିଳ ଓ କଠିନ୍ନ ମହାକାଶ ଅଭିଯାନର ସାକାର ହେବା ଆମ ବୈଜ୍ଞାନିକମାନଙ୍କର ଅବିରତ କଠିନ୍ନ ପରିଶ୍ରମର ପ୍ରମାଣ । ମୁଁ ଏହି ଅସାଧାରଣ ଉପଲବ୍ଧିକୁ ପ୍ରଶଂସା କରିବା ପାଇଁ ଦେଶବାସୀଙ୍କ ସହ ସାମିଲ ହୋଇଛି । ମାନବ ସମାଜର ମଙ୍ଗଳ ପାଇଁ ଆମେ ବିଜ୍ଞାନର ଅନେକ ନୂଆ ନୂଆ ଦିଗକୁ ବଢ଼ାଇ ଜାରି ରଖିବୁ ।"ଭାରତର ଆଦିତ୍ୟ ସାଟେଲାଇଟ୍ ପୂର୍ବରୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ୪ଟି ସାଟେଲାଇଟ୍ ପୂର୍ବରୁ ସୂର୍ଯ୍ୟର ଅଧ୍ୟନ କରୁଛି । ଏହି ସାଟେଲାଇଟ୍‌ଗୁଡ଼ିକ ହେଲା ଓ୍ୱିଣ୍ଡ, ଆଡ୍‌ଭାନ୍ସଡ୍ କମ୍ପୋଜିସନ ଏକ୍ସପ୍ଲୋରର(ଇଉର), ଡିପ୍ ସ୍ପେସ୍ କ୍ଲାଇମେଟ୍ ▶(ପୃଷ୍ଠା-୧୪)

## ସେ କହିଲେ...



ପ୍ରଧାନମନ୍ତ୍ରୀ ସବୁଆଡେ ଯାଉଛନ୍ତି । ସୁଇମିଂ କରି ଫଟୋ ସେସନ୍ କରୁଛନ୍ତି । କିନ୍ତୁ ସେ ମଣିପୁରକୁ କାହିଁକି ଯାଉନାହାଁନ୍ତି ? ମଣିପୁରରେ ହିଂସା ହେବା ସହ ପରିସ୍ଥିତି ଦିନକୁ ଦିନ ଖରାପ ହେଉଛି । ଏସବୁ ପରେ ବି ମଣିପୁର ନଯାଇ ସେ ସମୁଦ୍ର କୂଳରେ ତ କେବେ ନିର୍ମାଣ ହେଉଥିବା ମନ୍ଦିର ଆଗରେ ଫଟୋ ଉଠାଇ ସୋଶାଲ ମିଡିଆରେ ସେୟାର କରୁଛନ୍ତି ।'କେତେବେଳେ କେରଳ ତ କେତେବେଳେ ମୁମ୍ବାଇ । ନୂଆ ନୂଆ ସ୍ଥାନକୁ ଯାଇ ନୂଆ ପୋଷାକ ପିନ୍ଧି ସେ ଫଟୋ ଉଠାଉଛନ୍ତି । ଏ ମହାପୁରୁଷ ଲୋକେ ମରୁଥିବା, ମହିଳାଙ୍କ ସହ ଦୁଷ୍କର୍ମ ହେଉଥିବା ଓ ଅତ୍ୟଧିକ ଥଣ୍ଡାରେ ମୃତ୍ୟୁବରଣ କରୁଥିବା ମଣିପୁରକୁ କାହିଁକି ଯାଉନାହାନ୍ତି ।

**ମଲ୍ଲିକାର୍ଜୁନ ଖଡ଼ଗେ**
କଂଗ୍ରେସ ସଭାପତି

## ରାମଲାଲାଙ୍କ ମୂର୍ତ୍ତିର ରଙ୍ଗ କଳା

# କଳାରଙ୍ଗରେ ଝଲସିବେ ଶ୍ରୀରାମ

- 'ମୂର୍ତ୍ତିର ଉଚ୍ଚତା ୫୧ ଇଞ୍ଚ ରହିଛି
- କଳା ପଥରରେ ଏହାକୁ ତିଆରି କରାଯାଇଛି

ନୂଆଦିଲ୍ଲୀ

ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଖେଇ ଆସୁଥିବା ବେଳେ ପ୍ରତିଦିନ ଆସୁଛି କିଛି କିଛି ରୋଚକ ତଥ୍ୟ । ଆଜି ରାମ ଲଲାଙ୍କ ମୂର୍ତ୍ତିକୁ ନେଇ ଆସିଛି ଏକ ତଥ୍ୟ । ରାମ ଲଲାଙ୍କର ୫ ବର୍ଷର ଶିଶୁ ସୁଲଭ ମୂର୍ତ୍ତି ଏଠାରେ ପୂଜା ପାଇବେ ବୋଲି ପୂର୍ବରୁ ଜଣାପଡ଼ି ସାରିଥିବା ବେଳେ ଆଜି ଜଣାପଡ଼ିଛି ଯେ କଳା ରଙ୍ଗର ପଥରରେ ସେହି ମୂର୍ତ୍ତିକୁ ତିଆରି କରାଯାଇଛି । ଏହି ସୂଚନା ଦେଇଛନ୍ତି ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ।ସେ ତାଙ୍କ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି ଯେ ଭଗବାନ ଶ୍ରୀ ରାମ ଲଲାଙ୍କର ଯେଉଁ ମୂର୍ତ୍ତି ତିଆରି ହୋଇଛି, ତାହା ଏକ ପାଞ୍ଚ ବର୍ଷର ବାଳକ ସ୍ୱରୂପ । ଶିଶୁ ସୁଲଭ ସରଳତା, ରାଜପୁତ୍ର ଓ ଦୈବତ୍ୱର ସମାହାରରେ ମୂର୍ତ୍ତିଟି ତିଆରି ହୋଇଛି । ମୂର୍ତ୍ତିର ଉଚ୍ଚତା ୫୧ ଇଞ୍ଚ ରହିଛି । କଳା ପଥରରେ ଏହାକୁ ତିଆରି କରାଯାଇଛି । ମୂର୍ତ୍ତିଟି ବହୁତ ଆକର୍ଷଣୀୟ ହୋଇଛି । ଜାନୁଆରୀ ୨୨ରେ ଅଯୋଧ୍ୟାରେ ନିର୍ମାଣାଧୀନ ଥିବା ରାମ ମନ୍ଦିରରେ ରାମ ଲଲାଙ୍କ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ମାତ୍ର ୮୪ ସେକେଣ୍ଡର ଶୁଭ ମୁହୂର୍ତ୍ତ ଧାର୍ଯ୍ୟ ହୋଇଛି । ଏ ସଂପର୍କିତ ସୂଚନା ଗତକାଲି ଆସିଥିଲା । ଜାନୁଆରୀ ୨୨ରେ ୧୨ଟା ୨୯ ମିନିଟ୍ ୮ ସେକେଣ୍ଡରୁ ୧୨ଟା ୩୦ ମିନିଟ ୩୨ ସେକେଣ୍ଡ ମଧ୍ୟରେ ହେବ ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା । ସେହିଦିନ ସବୁଠୁ ଶୁଭ, ସବୁଠୁ ଦିବ୍ୟ ଓ ସବୁଠୁ ମାହେନ୍ଦ୍ର ଏହି ୮୪ ସେକେଣ୍ଡରେ ହିଁ ହେବ ରାମ ଲଲାଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା । ସେଦିନ ୧୧ଟା ୫୧ରୁ ୧୨ଟା ୩୩ ଯାଏ ଥିବା ଅଭିଜିତ ମୁହୂର୍ତ୍ତ ରହିଛି । ହେଲେ ସବୁ ଦୃଷ୍ଟିରୁ ୧୦ଟି ଶୁଭଲକ୍ଷଣ ଯୁକ୍ତ ହୋଇଥିବାରୁ ଏହି ୮୪ ସେକେଣ୍ଡ ସମୟକୁ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ବାଛିଛନ୍ତି ବାରାଣସୀର ବୈଦିକ ଆଚାର୍ଯ୍ୟ । ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା ହେବ । କିନ୍ତୁ ତା' ୬ ଦିନ ପୂର୍ବରୁ ଆରମ୍ଭ ହୋଇଯିବ କାର୍ଯ୍ୟକ୍ରମ । ୧୬ ତାରିଖରେ ସରଜୁ ନଦୀ କୂଳରେ ଅଭିଷେକ ଆରମ୍ଭ ହେବ, ୧୭ ତାରିଖରେ ମଙ୍ଗଳ କଳସ ଯାତ୍ରା, ୧୮ରେ ଗଣେଶ ଅମ୍ବିକା ପୂଜା ହୋଇ ୧୯ରେ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ସ୍ଥାପନା କରାଯିବ । ୨୦ ତାରିଖରେ ଗର୍ଭ ଗୃହକୁ ସରଜୁ ନଦୀ ପାଣିରେ ଶୁଦ୍ଧପୁତ କରାଯାଇ ହେବ ବାସ୍ତୁ ଶାନ୍ତି । ୨୧ ତାରିଖରେ ରାମଲାଲାଙ୍କ ଦିବ୍ୟଅଙ୍ଗକୁ ୧୨୫ ଗରା ପାଣିରେ ସ୍ନାନ କରାଯିବ । ଆଉ ୨୨ରେ ନିଜ ଆସ୍ଥାନରେ ବିରାଜିବେ ରାମ ଲଲା ।

# ୬ ମାସରେ ବାଲେଶ୍ୱରକୁ ମିଳିଛି ୧୦୩୮ କୋଟି ଅନୁଦାନ

ବାଲେଶ୍ୱର(ଅମୃତ ମିଡିଆ)

୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଆଜି ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ଆମ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବା ସହ ଜିଲ୍ଲାକୁ ୧ ନମ୍ବର କରିବାକୁ ଆହ୍ୱାନ ଦେଇଛନ୍ତି । ସ୍ଥାନୀୟ ମିଶନ ପଡ଼ିଆରେ ବିଜେଡିର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଯୋଗଦେଇ ବାଲେଶ୍ୱର ଜିଲ୍ଲାକୁ ଗତ ୬ମାସ ମଧ୍ୟରେ ବିଭିନ୍ନ ଯୋଜନାରେ ୧୦୩୮ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ସୂଚନା ଦେଇଥିଲେ । ବାଲେଶ୍ୱର ସହରର ପ୍ରତି ଘରକୁ ପାଇପ ଯୋଗେ ପାନୀୟଜଳ, ସଲଟ ରୋଡ଼, ଦରଘା ମଇଦାନର ଉନ୍ନତୀକରଣ, ବୁଢ଼ାବଳଙ୍ଗ ନଦୀର ବଳରାମଗଡ଼ି ହାଇଲେବଲ ବ୍ରିଜ ଆଦି ବିଭିନ୍ନ ଯୋଜନାରେ ଅର୍ଥ ଆସିଛି । ବାଲେଶ୍ୱରକୁ ମୁଖ୍ୟମନ୍ତ୍ରୀ ବେଶ୍ ଭଲ ପାଆନ୍ତି ବୋଲି କହିବା ସହ ତାଙ୍କୁ ଷଷ୍ଠ ଥର ପାଇଁ ସହଯୋଗ କରିବାକୁ ଶ୍ରୀ ପାଣ୍ଡିଆନ ନିବେଦନ କରିଥିଲେ । ଜିଲ୍ଲାରେ ସମସ୍ତ ବିଜୁ ପରିବାର ସଦସ୍ୟଙ୍କୁ ସାଧୁବାଦ୍ ଜ୍ଞାପନ କରିବା ସହ ଜିଲ୍ଲାରେ ବିଜେଡିର ଜିତାପଟ ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରତି ବୁଥସ୍ତରରୁ ଭୋଟ ସମୀକ୍ଷା କରି ଜିଲ୍ଲାରୁ ଅତିକମରେ ପୂର୍ବ ତୁଳନାରେ ୫% ଅଧିକ ଭୋଟ ହାତେଇବାକୁ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ିଥିଲେ । ବିଶେଷ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ନିମନ୍ତେ ବୀମା ସୁବିଧା ମୁଖ୍ୟମନ୍ତ୍ରୀ କରିଛନ୍ତି ଓ ଘରକୁ ଘର ଯାଇ କର୍ମୀମାନେ ଆଜି ଠାରୁ ୧୦ ଦିନ ମଧ୍ୟରେ ପଞ୍ଜିକରଣ କରିବାକୁ କହିଥିଲେ । ଏଥି ସହ ଆସନ୍ତା ଫେବ୍ରୁଆରି ମାସ ସୁଦ୍ଧା ଜିଲ୍ଲାରେ ଲକ୍ଷ୍ମୀ ବସ ଗଡ଼ିବ ବୋଲି ସୂଚନା ଦେଇ ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଗାଁରୁ ଆସିପାରିବେ । ଦିନକୁ ୩ଥର ପଞ୍ଚାୟତକୁ ବସ ଚାଲିବାର ଯୋଜନା ରହିଥିବା ସେ ସୂଚନା ଦେଇଥିଲେ । ଏଥିସହ ଏମବିକେ, ସିଆରପି, କୃଷକ ସାଥୀ, ସ୍ୱଚ୍ଛସାଥୀ, ବ୍ୟାଙ୍କ୍ ମିତ୍ର, ଅଙ୍ଗନବାଡ଼ି, ଆଶାକର୍ମୀ ସମସ୍ତେ ମାତ୍ର ଅଳ୍ପଦିନ ମଧ୍ୟରେ ଖୁସି ଖବର ମୁଖ୍ୟମନ୍ତ୍ରୀଙ୍କ ଠାରୁ ପାଇବେ ବୋଲି ଶ୍ରୀ ପାଣ୍ଡିଆନ ଘୋଷଣା କରିଥିଲେ । ବିଶେଷ କରି ଭତ୍ତା ବୃଦ୍ଧି ଉପରେ ସେ ସ୍ୱତନ୍ତ୍ର ଭାବେ ସୂଚନା ଦେଇ ଜିଲ୍ଲାକୁ ୧ନମ୍ବର ପାଇଁ ଆଉଥରେ ଆହ୍ୱାନ ଦେଇଥିଲେ । ପରେ ଲୋକଙ୍କ ଅଭିଯୋଗ ଗ୍ରହଣ କରି ଖୁବଶୀଘ୍ର ସୁଫଳ ମିଳିବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରାରମ୍ଭରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ବିଶେଷ ଦୃଷ୍ଟି ଦେଇ ସ୍ୱତନ୍ତ୍ର ଅନୁଦାନ ଦେବା ଉପରେ ସମ୍ୟକ୍ ଧାରଣା ଦେଇଥିଲେ ।

## ଆଇନ ମନ୍ତ୍ରୀଙ୍କ ଗାଡି ଧକ୍କାରେ ୪ ବର୍ଷର ଶିଶୁ ଗୁରୁତର

ରାୟଗଡା (ଅମୃତ ମିଡିଆ)

ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକଙ୍କ ଗାଡି ଧକ୍କାରେ ଜଣେ ୪ ବର୍ଷର ଶିଶୁ ଗୁରୁତର ଭାବେ ଆହାତ ହୋଇ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି । ଆହାତ ଶିଶୁର ନାମ ନବୀନ ଗୁନୁଲୁ ବୋଲି ଜଣାପଡିଛି । ଶିଶୁର ଶରୀରର ବିଭିନ୍ନ ଅଙ୍ଗ ଓ ଦୁଇ ଗୋଡରେ ଗୁରୁତର ଆଘାତ ଲାଗିଥିବା ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି । ଏକ ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା କଲ୍ୟାଣସିଂହପୁର ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରୁ ଫେରିବା ସମୟରେ ବେଲକଣା ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା । ମନ୍ତ୍ରୀଙ୍କ ଗାଡି ସ୍ୱଳ୍ପ ବେଗରେ ଯାଉଥିବା ବେଳେ ଶିଶୁଟି ହଠାତ ଗାଡି ଆଗକୁ ଚାଲିଆସିଥିଲା । ଫଳରେ ଗାଡି ମାଡରେ ଶିଶୁଟି ତଳେ ପଡିଯାଇଥିଲା । ଘଟଣା ପରେ ଉକ୍ତ ସ୍ଥାନରେ ଚାପା ଉତ୍ତେଜନା ଲାଗିରହିଥିଲା । ଶିଶୁ ନବୀନ ଜଣେ ଡ୍ରାଇଭରଙ୍କ ପୁଅ ହୋଇଥିବାରୁ ଡ୍ରାଇଭର ସଂଘ ମନ୍ତ୍ରୀଙ୍କ ଗାଡିକୁ ଘେରିଥିଲେ ।

# ସ୍ୱାସ୍ଥ୍ୟ

## ଆପଣ ଖାଉଥିବା ପନିର ଅସଲି ନା ନକଲ



**ପନିର ତିଆରି କରିବା ସମୟରେ ଡିଟରଜେଣ୍ଟ କିମ୍ବା ୟୁରିଆର ବ୍ୟବହାର କରାଯାଏ, ସେତେବେଳେ ଏହା ଫୁଟିବା ସମୟରେ ଏହାର ରଙ୍ଗ ଲାଲ ହୋଇଯାଏ । ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ।**




ଯେଉଁ ପନିରକୁ ଆମେ ପୋଷକ ତତ୍ତ୍ୱରେ ଭରପୂର ଭାବି ଖାଉଛେ, କଣ ଆପଣ ଜାଣିଛନ୍ତି କି ଏହି ପନିର ଅସଲି ନା ନକଲି । ଆଜି ଆମେ ଆପଣଙ୍କୁ କିଛି ସରଳ ଟ୍ରିକ୍ସ କହିବୁ ଯାହା ସାହାଯ୍ୟରେ ଆପଣ ଅସଲି ଏବଂ ନକଲି ପନିର ମଧ୍ୟରେ ପାର୍ଥକ୍ୟ ଜାଣିପାରିବେ । ଭେଜିଟେରିଆନ ଲୋକଙ୍କ ପାଇଁ ପନିର ଏକ ସୁପରଫୁଡ୍ ହୋଇଥାଏ । ପୁରା ଦେଶରେ ଲୋକମାନେ ଏହାକୁ ବହୁତ ହି ଉତ୍ସାହର ସହିତ ଖାଇଥାନ୍ତି । ଘରେ ବହୁତ ସହଜରେ ପନିରର ଅନେକ ଆଇଟମ୍ କରାଯାଇପାରିବ । ଯେ କୌଣସି ଉତ୍ସବ ହେଉ କିମ୍ବା ପାର୍ଟି ପନିରର ଏକ ଆଇଟମ୍ ସବୁବେଳେ ଥାଏ । ଟେଷ୍ଟ ସହିତ ଏହା ଖୁବ୍ ସ୍ୱାସ୍ଥ୍ୟପ୍ରଦ ମଧ୍ୟ । ପନିରରେ ଭରପୂର ମାତ୍ରାରେ କ୍ୟାଲସିୟମ୍, ଆଇରନ ଏବଂ ହେଲ୍‌ଦି ଫ୍ୟାଟ୍ସ ରହିଥାଏ । ଏହାକୁ ଖାଇବା ଦ୍ୱାରା ମସଲ୍ସର ବିକାଶ ଏବଂ ହାଡ ମଜବୁତ ହୋଇଥାଏ । କିନ୍ତୁ ପ୍ରଶ୍ନ ଉଠୁଛି ଯେ ଯେଉଁ ଉତ୍ସାହର ସହିତ ସହିତ ଆମେ ପନିରକୁ ଖାଉଛୁ ତାହା ନକଲି ନା ଅସଲି ? କାରଣ ଆଜିକାଲି ବଜାରରେ ଉଭୟ ଅସଲି ଏବଂ ନକଲି ଜିନିଷ ଉପଲବ୍ଧ । ତେବେ ଆମେ କିପରି ଜାଣିବା ଯେଉଁ ପନିରକୁ ଆମେ ପୋଷାକତତ୍ତ୍ୱରେ ଭରପୂର ଭାବି ଖାଉଛୁ ତାହା ଅସଲି ନା ନକଲି ? ଆଜି ଆମେ ଆପଣଙ୍କୁ କିଛି ସରଳ ଟ୍ରିକ୍ସ କହିବୁ ଯାହା ମାଧ୍ୟମରେ ଆପଣ ଅସଲି ଏବଂ ନକଲି ପନିର ମଧ୍ୟରେ ଥିବା ପାର୍ଥକ୍ୟ ସହଜରେ ଜାଣିପାରିବେ । ଏଥିପାଇଁ ଆପଣଙ୍କୁ ମାର୍କେଟରୁ ପନିର ଆଣିବାକୁ ପଡିବ ଏବଂ ଏହି ବିଶେଷ ଟ୍ରିକ୍ସ ଗୁଡ଼ିକ ଖୋଜିବାକୁ ପଡିବ । ମାର୍କେଟରୁ ପନିର କିଣିବାବେଳେ ଏହାକୁ ହାତରେ ଭାଙ୍ଗିବାକୁ ଚେଷ୍ଟା କରନ୍ତୁ । ଯଦି ପନିରରେ କୌଣସି ପ୍ରକାରର ଅପମିଶ୍ରଣ ଥିବା ତେବେ ଏହା ଗୁଣ୍ଡ ହୋଇଯିବ । ପନିର ସାଧାରଣତଃ ମିଲ୍କ ପାଉଡର ଏବଂ ସ୍କିମଡ୍ ପାଉଡରରୁ ତିଆରି ହୋଇଥାଏ । ଏହି ପ୍ରକାର ପନିର ଆପଣଙ୍କ ପେଟ ପାଇଁ ଅତ୍ୟନ୍ତ କ୍ଷତିକାରକ । ମାର୍କେଟରେ କିଛି ପନିର ସୋୟାବିନ ପାଉଡରରେ ମଧ୍ୟ ପ୍ରସ୍ତୁତ ହୋଇଥାଏ । ଏଥିପାଇଁ ପ୍ରଥମେ ପନିରକୁ ଗରମ ପାଣିରେ ଫୁଟାନ୍ତୁ ଏବଂ ଏଥିରେ ସୋୟାବିନ୍ ପାଉଡର କିମ୍ବା ଅଟା ମିଶାନ୍ତୁ । ଅଟା ମିଶିବା ମାତ୍ରେ ପନିରର ରଙ୍ଗ ବଦଳିଯିବ । କେବଳ ନକଲି ପନିରର ହିଁ ରଙ୍ଗ ବଦଳିପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯେତେବେଳେ ପନିର ତିଆରି କରିବା ସମୟରେ ଡିଟରଜେଣ୍ଟ କିମ୍ବା ୟୁରିଆର ବ୍ୟବହାର କରାଯାଏ, ସେତେବେଳେ ଏହା ଫୁଟିବା ସମୟରେ ଏହାର ରଙ୍ଗ ଲାଲ ହୋଇଯାଏ । ଯାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ଅସଲି ଏବଂ ନକଲି ପନିର ମଧ୍ୟରେ ଏକ ବିଶେଷ ପାର୍ଥକ୍ୟ ହେଉଛି ଅସଲି ପନିର ଅଧିକ ନରମ ଏବଂ ନକଲି ପନିର ଟାଇଟ ହୋଇଥାଏ । ଏବଂ ଏହି ଟାଇଟ୍ ପନିର ରବର ପରି ଲମ୍ବିଯାଇପାରେ ।

## ସୁଗାର ଫ୍ରି ଯୋଗୁଁ ହାର୍ଟ ଆଟାକ୍

ଆର୍ଟିଫିସିଆଲ୍ ଇରିଥ୍ରିଟୋଲ୍, ଯୋଗୁଁ ହେଉଛି ହୃଦଘାତ ପରି ସମସ୍ୟା । ଏହାକୁ ଚିନିର ବିକଳ୍ପ ଭାବେ ବ୍ୟବହାର କରାଯାଉଛି । ଲୋ କ୍ୟାଲୋରୀ ସୁଗାରର ବିକଳ୍ପ ଭାବେ ଏହାକୁ ଅନେକ ବ୍ୟବହାର କରୁଛନ୍ତି । ମଧୁମେହ ସହ ସ୍ୱାସ୍ଥ୍ୟ ପ୍ରତି ସଯାଗ ଥିବା ବ୍ୟକ୍ତିମଧ୍ୟ ଏହାକୁ ବ୍ୟବହାର କରନ୍ତି । କ୍ଷେତିଆ ପରି ଉତ୍ପାଦରେ ଏହାକୁ ବ୍ୟବହାର କରାଯାଏ । ମଣିଷ ଶରୀରରେ ଏହା ପ୍ରାକୃତିକ ଭାବେ ମିଳେନାହିଁ । ମାତ୍ର ବିଭିନ୍ନ ଗଛ ତଥା ଫଳରେ ଏହା ମହଜୁଦ୍ ଥାଏ । ଏହାକୁ ସଂଗ୍ରହ କରି ଚିନିର ବିକଳ୍ପଭାବେ ଅନେକ ବ୍ୟବହାର କରନ୍ତି । ବିଭିନ୍ନ କମ୍ପାନୀ ମଧ୍ୟ ଏହାକୁ କୃତ୍ରିମ ଚିନି ଭାବେ ବିକ୍ରି କରିଥାଆନ୍ତି । ମାତ୍ର ଏହା ଯୋଗୁଁ ହୃଦଘାତର ଆଶଙ୍କା ବଢୁଛି । କେବଳ ସେତିକି ନୁହେଁ ଅନେକଙ୍କୁ ହୃଦଘାତ ହେଉଛି ।ପ୍ରତିଦିନ ଏହାକୁ ଚା ସହ ଅନ୍ୟ ଖାଦ୍ୟରେ ବ୍ୟବହାର କଲେ ଶରୀରରେ ଅନେକ ସମସ୍ୟା ଦେଖାଦେବା ସହ ହୃଦଘାତ ହେଉଥିବା କଥା ଏକ ଗବେଷଣାରୁ ଜଣା ପଡିଛି ।



## ହାର୍ଟ ରୋଗୀଙ୍କ ପାଇଁ କେଉଁ ଖାଦ୍ୟ ଖାଇବା ଉଚିତ



**ନିଜ ଡାଏଟରେ ଫ୍ୟାଟ୍ ମାତ୍ରା ଅଧିକ ରଖିଲେ ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ ବଢିବାର ବିପଦ ରହିଥାଏ । ତେବେ ଏହି କାରଣ ହୋଇଥାଏ,ଯେ ହାର୍ଟ ସମସ୍ୟାର ଲୋକଙ୍କୁ ଘିଅ ଓ ସେଥିରେ ତିଆରି ହୋଇଥିବା ଖାଦ୍ୟରୁ ଦୂରେଇ ରହିବା ଉଚିତ ।**



ହେଲଥ୍ ଏକ୍ସପର୍ଟସଙ୍କ ମୁତାବକ, ହାର୍ଟ ସମସ୍ୟାରେ ପିଡିତ ଲୋକଙ୍କୁ ନିଜ ଖାଦ୍ୟରେ ଅଧିକ ଧ୍ୟାନ ଦେବା ଜରୁରୀ ହୋଇଥାଏ । ଅଧିକାଂଶ ହାର୍ଟ ରୋଗୀ ନିଜ ଡାଏଟରେ ଘିଅ ଓ ସେଥିରେ ତିଆରି ହୋଇଥିବା ଖାଦ୍ୟରୁ ଦୂରେଇ ରହିବା ଉଚିତ୍ । ବର୍ତ୍ତମାନର ଖରାପ ଲାଇଫ୍ ଷ୍ଟାଇଲ ଓ ଖାଦ୍ୟ ଯୋଗୁ ଲୋକମାନଙ୍କ ଶରୀରରେ ବ୍ଲଡ୍ ପ୍ରେସର, ଷ୍ଟ୍ରୋକ୍ ଓ ହାର୍ଟ ଆଟାକ ଭଳି ରୋଗର ସମସ୍ୟା ବଢିଚାଲିଛି । କେବଳ ବୃଦ୍ଧ ବ୍ୟକ୍ତି ନୁହେଁ ବରଂ ପିଲାମାନଙ୍କ ମଧ୍ୟରେ ଏହି ପରିସ୍ଥିତି ଦୃତ ଗତିରେ ବଢି ଚାଲିଛି । ତେବେ ଆପଣମାନେ ଜାଣିଛନ୍ତି କି ହାର୍ଟ ସମସ୍ୟାରେ ପିଡିତ ଥିବା ଲୋକଙ୍କ କୋଲେଷ୍ଟ୍ରଲ ଲେବଲ ମଧ୍ୟ ଠିକ୍ ରଖିବା ପାଇଁ ପଡିଥାଏ । ନିଜ ଡାଏଟରେ ଫ୍ୟାଟ୍ ମାତ୍ରା ଅଧିକ ରଖିଲେ ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ ବଢିବାର ବିପଦ ରହିଥାଏ । ତେବେ ଏହି କାରଣ ହୋଇଥାଏ,ଯେ ହାର୍ଟ ସମସ୍ୟାର ଲୋକଙ୍କୁ ଘିଅ ଓ ସେଥିରେ ତିଆରି ହୋଇଥିବା ଖାଦ୍ୟରୁ ଦୂରେଇ ରହିବା ଉଚିତ । ହେଲଥ୍ ଏକ୍ସପର୍ଟସଙ୍କ ମୁତାବକ, ହାର୍ଟ ସମସ୍ୟାରେ ପିଡିତ ଲୋକଙ୍କୁ ନିଜ ଖାଦ୍ୟରେ ଅଧିକ ଧ୍ୟାନ ଦେବା ଜରୁରୀ ହୋଇଥାଏ । ଅଧିକାଂଶ ହାର୍ଟ ରୋଗୀ ନିଜ ଡାଏଟରେ ଘିଅ ଓ ସେଥିରେ ତିଆରି ହୋଇଥିବା ଖାଦ୍ୟରୁ ଦୂରେଇ ରହିବା ଉଚିତ୍ । ହେଲେ କେବେ ଭାବିଚିନ୍ତି କି ହାର୍ଟ ରୋଗୀଙ୍କୁ ଘିଅ ଓ ସେଥିରେ ତିଆରି ଅନ୍ୟ ଖାଦ୍ୟକୁ ନିଜ ଡାଏଟରେ ସାମିଲ କରିବା ତାଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ନା ଭୁଲ । ତାହେଲେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଜଣାଇବୁ ଯେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଦୂର ସଠିକ୍ ହେବ । ସୂଚନା ମୁତାବକ, ଘିଅ ଓ ସେଥିରେ ତିଆରି ଅନ୍ୟନ ଖାଦ୍ୟରେ ଫ୍ୟାଟ ଭରପୂର ମାତ୍ରାରେ ରହିଥାଏ, ତେଣୁ ଏହି କାରଣ ହୋଇଥାଏ ଯେ ଲୋକଙ୍କ ପାଇଁ ହାର୍ଟ ରୋଗର ବିପଦ ବଢିଯାଇଥାଏ ।






**ଜାଣନ୍ତୁ ହାର୍ଟ ରୋଗୀ ଘିଅ ଓ ବଟର ଖାଇବା ଉଚିତ କି ନାହିଁ :** ସୂଚନା ଅନୁସାରେ, ହାର୍ଟ ରୋଗୀ ଘିଅରେ ତିଆରି ହୋଇଥିବା ଖାଦ୍ୟ କମ୍ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ହୋଇଥାଏ । ସେମାନେ ପନିର, ଡାଲି ଓ ପରିବା ଭଳି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପ୍ରତି ଉଚିତ୍ । ଏହାସହ ସୁଗାର ଓ ହାଇ ସୋଡିୟମ ଭଳି ଜିନିଷକୁ କମ୍ ମାତ୍ରାରେ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ରିଫାଇନ୍ ଓ କାର୍ବୋହାଇଡ୍ରେଟ୍ସ ବଦଳରେ ପୃଷ୍ଟିକର ଖାଦ୍ୟ ନିଜ ଡାଏଟରେ ସାମିଲ କରିବା ଉଚିତ ।



## କଫି ପିଇବା ଆଗରୁ କଣ ଖାଇବେ କଣ ନଖାଇବେ



**ବିଶେଷଜ୍ଞଙ୍କ ଅନୁସାରେ କଫି ପିଇବା ପୂର୍ବରୁ ତେଲରେ ଛଣାଛଣି ଖାଦ୍ୟ ଖାଇବା ଉଚିତ ନୁହେଁ । କଫି ପିଇବା ପୂର୍ବରୁ ତେଲରେ ଛଣା ଆପଣଙ୍କ ଠାରେ ଗ୍ୟାସ୍ ସମସ୍ୟା ଦେଖା ଦେଇପାରେ । ତେଣୁ ଏପରି ଭୁଲ ଆଦୌ କରନ୍ତୁ ନାହିଁ ।**

କିଛି ଲୋକଙ୍କୁ କଫି ବହୁତ ପସନ୍ଦ ଆସିଥାଏ । ସେମାନଙ୍କ ଦୈନନ୍ଦିନ ତାଲିକାରେ ଏହା ଏକ ଅଙ୍ଗ ପାଲଟିଥାଏ । କେହି କେହି ତ ଦିନକୁ ଦୁଇ ରୁ ତିନି ଥର କଫି ପିଇଥାନ୍ତି । କିନ୍ତୁ ଜାଣି ରଖିବା ଉଚିତ କଫି ପିଇବା ପୂର୍ବରୁ କେଉଁ ଜିନିଷ ଖାଇବା ଉଚିତ କେଉଁ ଜିନିଷ ଖାଇବା ଉଚିତ ନୁହେଁ । ନଚେତ ଆପଣଙ୍କ ଶରୀରରେ ଅନ୍ୟାନ ସମସ୍ୟା ଦେଖାଦେଇପାରେ । ତେବେ ଆସନ୍ତୁ ଜାଣିବା କେଉଁ ଜିନିଷ କଫି ପିଇବାର ଘଣ୍ଟେ ଆଗରୁ କରିବା ଉଚିତ ନୁହେଁ । କିଛି ଲୋକଙ୍କୁ କଫି ବହୁତ ପସନ୍ଦ ଆସିଥାଏ । ସେମାନଙ୍କ ଦୈନନ୍ଦିନ ତାଲିକାରେ ଏହା ଏକ ଅଙ୍ଗ ପାଲଟିଥାଏ । କେହି କେହି ତ ଦିନକୁ ଦୁଇ ରୁ ତିନି ଥର କଫି ପିଇଥାନ୍ତି । କିନ୍ତୁ ଜାଣି ରଖିବା ଉଚିତ କଫି ପିଇବା ପୂର୍ବରୁ କେଉଁ ଜିନିଷ ଖାଇବା ଉଚିତ କେଉଁ ଜିନିଷ ଖାଇବା ଉଚିତ ନୁହେଁ । ନଚେତ ଆପଣଙ୍କ ଶରୀରରେ ଅନ୍ୟାନ ସମସ୍ୟା ଦେଖାଦେଇପାରେ । ତେବେ ଆସନ୍ତୁ ଜାଣିବା କେଉଁ ଜିନିଷ କଫି ପିଇବାର ଘଣ୍ଟେ ଆଗରୁ କରିବା ଉଚିତ ନୁହେଁ । ତେଲରେ ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ : ବିଶେଷଜ୍ଞଙ୍କ ଅନୁସାରେ କଫି ପିଇବା ପୂର୍ବରୁ ତେଲରେ ଛଣାଛଣି ଖାଦ୍ୟ ଖାଇବା ଉଚିତ ନୁହେଁ । କଫି ପିଇବା ପୂର୍ବରୁ ତେଲରେ ଛଣା ଆପଣଙ୍କ ଠାରେ ଗ୍ୟାସ୍ ସମସ୍ୟା ଦେଖା ଦେଇପାରେ । ତେଣୁ ଏପରି ଭୁଲ ଆଦୌ କରନ୍ତୁ ନାହିଁ । ଅଧିକ କ୍ୟାଲସିୟମ ଥିବା ଖାଦ୍ୟ ଖାଆନ୍ତୁ ନାହିଁ : କଫି ପିଇବା ପୂର୍ବରୁ ଆପଣଙ୍କୁ କ୍ୟାଲସିୟମ ଯୁକ୍ତ ଜିନିଷଠାରୁ ଦୂରେଇ ରହିବା ଉଚିତ । ପ୍ରକୃତରେ କଫିରେ ଥିବା କାଫିନ୍ ଦ୍ୱାରା କ୍ୟାଲସିୟମ୍ ଶୋଷିତ ହୋଇନଥାଏ । ପରିସ୍ରା ମାଧ୍ୟମରେ ବାହାରକୁ ଚାଲିଆସିଥାଏ । ଏମିତିରେ ଆପଣଙ୍କ ଶରୀରକୁ ଏହାର ଫାଇଦା ମିଳିପାରିବନାହିଁ । ଜିଙ୍କ୍ କିମ୍ବା ଆଇରନ ଯୁକ୍ତ ଜିନିଷ ଖାଆନ୍ତୁ ନାହିଁ : କଫି ପିଇବା ପୂର୍ବରୁ ଜିଙ୍କ୍ ଯୁକ୍ତ ଜିନିଷ ଖାଇବା ଉଚିତ୍ ନୁହେଁ । କାରଣ ଏହାକୁ ଖାଇବା ପରେ କଫି ପିଇବା ମାତ୍ରେ ଆପଣଙ୍କ ଶରୀରରୁ ଜିଙ୍କର ତତ୍ତ୍ୱ ଗୁଡିକୁ ବାହାର କରିଦେବ । ଯାହା ଫଳରେ ଆପଣଙ୍କ ଶରୀରକୁ ହିଁ କ୍ଷତି ପହଞ୍ଚିବ । ଏହା ସହ କଫି ପିଇବା ପୂର୍ବରୁ ଆଇରନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । କାରଣ ଏହା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ତେଣୁ ଆପଣ ମଟର, ବାଦାମ, ଲେଣ୍ଟିସ୍, ଚଣା କିମ୍ବା ଛୋଲେ ଖାଇବା ଉଚିତ୍ ନୁହେଁ । ଏହାସହ ଭିଟାମିନ୍-ଡି ଠାରୁ ମଧ୍ୟ ଦୂରେଇ ରୁହନ୍ତୁ ।

## ଶୀତ ଦିନରେ ପାଦ ଓ ହାତ ଫୁଲୁଛି କି ?

**ଯେତେବେଳେ ଶୀତ ଅଧିକ ବଢି ଯିବ ସେତେବେଳେ ଲୋକମାନଙ୍କର ହାତ ଓ ପାଦ ଫୁଲିବା ସହ କଷ୍ଟ ମଧ୍ୟ ହେବାକୁ ଲାଗିବ । ତେବେ ଆପଣମାନେ ଏହାର କାରଣ ଜାଣିଛନ୍ତି କି, ଯେ କଣ ପାଇଁ ହାତ ଓ ପାଦରେ କଷ୍ଟ ହେବାକୁ ଲାଗିଥାଏ । ଏମିତି ହେବାର ଏକ ବଡ କାରଣ ହୋଇଥାଏ, ଶୀତ ଦିନରେ ରକ୍ତ ସଞ୍ଚାଳନ ଠିକ୍ ଭବେ ହୋଇପାରେ ନାହିଁ ।**



ଶୀତ ଦିନରେ ରକ୍ତ ସଞ୍ଚାଳନ ଠିକ୍ ଭବେ ହୋଇପାରେ ନାହିଁ । ସେଥିପାଇଁ ଶରୀର ଫୁଲିବା ପାଇଁ ଲାଗିଥାଏ । ଯଦି ଆପଣ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହେଲେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଏହାକୁ ନେଇ କିଛି ଘରୋଇ ଉପଚାର ବିଷୟରେ ଜଣାଇବୁ, ଯାହାର ବ୍ୟବହାରରେ ଆପଣଙ୍କ ହାତ ଓ ପାଦରେ ହେଉଥିବା କଷ୍ଟ କମ ହୋଇଯିବ । ବର୍ତ୍ତମାନ ଶୀତ ଋତୁ ଆରମ୍ଭ ହୋଇଯାଇଛି । ହେଲେ ଯେତେବେଳେ ଶୀତ ଅଧିକ ବଢି ଯିବ ସେତେବେଳେ ଲୋକମାନଙ୍କର ହାତ ଓ ପାଦ ଫୁଲିବା ସହ କଷ୍ଟ ମଧ୍ୟ ହେବାକୁ ଲାଗିବ । ତେବେ ଆପଣମାନେ ଏହାର କାରଣ ଜାଣିଛନ୍ତି କି, ଯେ କଣ ପାଇଁ ହାତ ଓ ପାଦରେ କଷ୍ଟ ହେବାକୁ ଲାଗିଥାଏ । ଏମିତି ହେବାର ଏକ ବଡ କାରଣ ହୋଇଥାଏ, ଶୀତ ଦିନରେ ରକ୍ତ ସଞ୍ଚାଳନ ଠିକ୍ ଭବେ ହୋଇପାରେ ନାହିଁ । ସେଥିପାଇଁ ଶରୀର ଫୁଲିବା ପାଇଁ ଲାଗିଥାଏ । ଯଦି ଆପଣ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହେଲେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଏହାକୁ ନେଇ କିଛି ଘରୋଇ ଉପଚାର ବିଷୟରେ ଜଣାଇବୁ, ଯାହାର ବ୍ୟବହାରରେ ଆପଣଙ୍କ ହାତ ଓ ପାଦରେ ହେଉଥିବା କଷ୍ଟ କମ ହୋଇଯିବ ।

**ହଳଦୀ ଦ୍ୱାରା ଦୂର ହୋଇପାରିବ ଏହି କଷ୍ଟ :** ଶୀତ ଦିନ ଯୋଗୁ ହାତ ଓ ପାଦ ଫୁଲିଥିଏ, ଆପଣମାନେ ହଳଦୀର ବ୍ୟବହାର କରି ଏହି କଷ୍ଟରୁ ମୁକ୍ତି ପାଇପାରିବେ । ତେବେ ହଳଦୀରେ ବହୁତ ଔଷଧ ଗୁଣ ରିହିଛି, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭକାରୀ ହୋଇପାରେ । ତାହେଲେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଜଣାଇବୁ ଯେ କିପରି ଭାବେ ଏହାର ବ୍ୟବହାର କରିବେ । ପ୍ରଥମେ ଅଳ୍ପ ଉଷୁମ ପାଣି ନେଇ ଯିବେ ଓ ସେଥିରେ ଦୁଇ ଚାମଚ ହଳଦୀ ମିଶାଇବେ । ଏହାପରେ ସେହି ପାଣିରେ ପାଦ ପୂରାଇ ରଖିବେ । ଏହାସହ ସେହି ପାଣିକୁ ହାତ ଓ ଫୁଲିଥିବା ଅନ୍ୟ ସ୍ଥାନରେ ଲଗାଇବେ । ଏହାପରେ ସେହି ସ୍ଥାନକୁ ଭଲ ଭାବେ ପୋଛି, ସେଥିରେ ତେଲ ମାଲିସ କରିନେବେ । ତାପରେ ଦେଖିବେ ଯେ କିପରି ଭାବେ ଆପଣ ଏହି କଷ୍ଟରୁ ମୁକ୍ତି ପାଇବେ ।

**ସୈନ୍ଧବ ଲୁଣ :** ଥଣ୍ଡା ସମୟରେ ହାତ ଓ ପାଦ ଫୁଲିବା କମ କରିବା ପାଇଁ ଆପଣ ସୈନ୍ଧବ ଲୁଣ ବ୍ୟବହାର କରିପାରିବେ । ଏଥିପାଇଁ ଗୋଟିଏ ଚାମଚ ସୋରିଷ ତେଲ ନେଇ ସେଥିରେ ସୈନ୍ଧବ ଲୁଣ ମିଶନ୍ତୁ । ତାପରେ ସେହି ମିଶାଇଥିବା ଜିନିଷକୁ ଏକ ପାତ୍ରରେ ଗରମ ପାଣି ନେଇ ମିଶାନ୍ତୁ । ଏହା ପରେ ସେହି ପାଣିକୁ ଫୁଲିଥିବା ସ୍ଥାନରେ ଲଗାନ୍ତୁ । ତେବେ ଏହାକୁ ବ୍ୟବହାର କରିବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇବେ ।

**ନଡିଆ ତେଲ ଓ କର୍ପୁର :** ଶୀତ ଦିନରେ ଶରୀର ଫୁଲିବା ଓ କୁଣ୍ଡାଇ ହେବାରୁ ବଞ୍ଚିବା ପାଇଁ ଆପଣ ନଡିଆ ତେଲ ଓ କର୍ପୁର ବ୍ୟବହାର କରିପାରିବେ । ଏହାସହ ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭକାରୀ ମଧ୍ୟ ହୋଇଥାଏ । ତେବେ ଏହି ଦୁଇଟି ଜିନିଷକୁ ମିଶାଇ ଦିଅନ୍ତୁ ଓ ସେହି ମିଶ୍ରଣକୁ ଫୁଲିଥିବା ସ୍ଥାନରେ ଭଲ ଭାବେ ଲଗାଇ ରାତି ସାରା ଛାଡି ଦିଅନ୍ତୁ । ତାପରେ ଦେଖିବେ ଫୁଲା, କୁଣ୍ଡାଇ ହେବା ଓ କଷ୍ଟରୁ କିପରି ଭାବେ ଆରାମ ପାଇବେ ।



## ଭିଟାମିନ୍ ସି ଖାଦ୍ୟ ଖାଉଥିଲେ ସାବଧାନ




ଏହି ଭିଟାମିନ୍‌ରେ ଉପକାରିତା ଅଛି ବୋଲି ଭାବି କେବେ ହେଲେ ଏହାକୁ ଅଧିକ ସେବନ କରନ୍ତୁ ନାହିଁ । କାରଣ ଅତ୍ୟଧିକ ଭିଟାମିନ୍ – ସି ଶରୀର ପାଇଁ ବିପଦଜନକ ହୋଇପାରେ । ଯେଉଁଥିପାଇଁ ଆପଣଙ୍କ କିଡନୀ ଓ ହାଡରେ ଅନେକ ସମସ୍ୟା ହୋଇପାରେ । ବର୍ତ୍ତମାନ ସମୟରେ ସୁସ୍ଥ ରହିବା ପାଇଁ ଆମ ଶରୀରକୁ ଅନେକ ପ୍ରକାରର ପ୍ରୋଟିନ୍ ଓ ଭିଟାମିନ୍ ଜରୁରୀ ହୋଇଥାଏ । ଯାହାଦ୍ୱାରା ଆମ ସ୍ୱାସ୍ଥ୍ୟ ହେଲଦି ରହିଥାଏ । ହେଲେ ଆପଣମାନେ ଜାଣିଥିବେ ଯେ ଭିଟାମିନ୍ – ସି ଆମ ଶରୀର ପାଇଁ ବହୁତ ଜରୁରୀ ହୋଇଥାଏ । ଭିଟାମିନ୍ – ସି ଇମ୍ୟୁନିଟି ସିଷ୍ଟମକୁ ସୁଦୃଢ କରିବା ସହ ସ୍କିନ୍ ଓ କେଶକୁ ମଧ୍ୟ ହେଲଦି ରଖିବାରେ ସାହାଯ୍ୟ କରିଥାଏ । କିନ୍ତୁ ଏହି ଭିଟାମିନ୍‌ରେ ଉପକାରିତା ଅଛି ବୋଲି ଭାବି କେବେ ହେଲେ ଏହାକୁ ଅଧିକ ସେବନ କରନ୍ତୁ ନାହିଁ । କାରଣ ଅତ୍ୟଧିକ ଭିଟାମିନ୍ – ସି ଶରୀର ପାଇଁ ବିପଦଜନକ ହୋଇପାରେ । ଯେଉଁଥିପାଇଁ ଆପଣଙ୍କ କିଡନୀ ଓ ହାଡରେ ଅନେକ ସମସ୍ୟା ହୋଇପାରେ । ତେବେ ଆସନ୍ତୁ ଜାଣିବା ଭିଟାମିନ୍ – ସି କେତେ ମାତ୍ରାରେ ଗ୍ରହଣ କରିବା ଉଚିତ ହୋଇଥାଏ ।

**ଅଧିକ ଭିଟାମିନ୍ – ସି ଶରୀର ପାଇଁ କ୍ଷତିକାରକ ହୋଇପାରେ :**
ଅତ୍ୟଧିକ ଭିଟାମିନ୍ – ସି ଗ୍ରହଣ କରିବା ଦ୍ୱାରା ଶରୀରରେ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଆପଣଙ୍କ ଶରୀରରେ କିଡନୀ କିମ୍ବା ହାଡ, ଡାଇଜେସନ ଓ ଖାଦ୍ୟ ଅସନ୍ତୁଳନ ପରି ସମସ୍ୟା ହେଉଛି ତାହେଲେ ସାବଧାନ ହୋଇଯାଆନ୍ତୁ । ଏହା ସହ ଭିଟାମିନ୍ – ସି ଯୁକ୍ତ ଖାଦ୍ୟ ଅଧିକ ଖାଇବା କମ୍ କରନ୍ତୁ ।

**କିଡନୀ ଯୁକ୍ତ ସମସ୍ୟା :**
ଅଧିକ ଭିଟାମିନ୍ – ସି ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କିଡନୀରେ ଷ୍ଟୋନ୍ ଭଳି ସମସ୍ୟା ହୋଇପାରେ । ଏହା ଦ୍ୱାରା ଆପଣ ଅନେକ ସମସ୍ୟାର ସାମ୍ନା କରିପାରନ୍ତି ।

**ହାଡର ଅସ୍ୱାଭାବିକ ବିକାଶ ହେବା :**
ଶରୀରରେ ଭିଟାମିନ୍ – ସିର ମାତ୍ରା ଅଧିକ ହେଲେ ହାଡ ଅସ୍ୱାଭାବିକ ଭାବେ ବିକାଶ ହୋଇପାରେ । ଏହି କାରଣରୁ ଦୁର୍ବଳତା ଏବଂ ଥକାପଣ ଭଳି ଲକ୍ଷଣ ଦେଖାଯାଏ ।

**୩. ଡାଇଜେସନର ସମସ୍ୟା:**
ଅଧିକ ଭିଟାମିନ ସି ଖାଇବା କାରଣରୁ ହଜମ ଶକ୍ତିରେ ବାଧା ସୃଷ୍ଟି ହୋଇଥାଏ । ଏହି କାରଣରୁ ବାନ୍ତି, ପେଟ ଦରଜ ହେବା, ଛାତି ଜଳିବା ଭଳି ସମସ୍ୟା ହୋଇଥାଏ । କିନ୍ତୁ ଆପଣ ଭିଟାମିନ ସି ସପ୍ଲିମେଣ୍ଟକୁ ବନ୍ଦ କରି ଏହି ସମସ୍ୟାରୁ ମୁକ୍ତି ପାଇ ପାରିବେ ।

**୪. ଶରୀରରେ ଅସନ୍ତୁଳିତ ପୋଷଣ :**
ଭିଟାମିନ ସି ଆବଶ୍ୟକତାରୁ ଅଧିକ ସେବନ କରିବା ଦ୍ୱାରା ଶରୀରରେ ପୋଷକ ତତ୍ତ୍ୱର ସ୍ତର ଅସନ୍ତୁଳିତ ହୋଇଯାଏ । ଏହା ଦ୍ୱାରା ଶରୀରରେ ଭିଟାମିନ ବି ୧୨ ଏବଂ କପରର ମାତ୍ରା କମ ହୋଇପାରେ ।

# ଭିଜିଲାନ୍ସ ଜାଲରେ ଆର୍‌ଆଇ



## ଜମି ମ୍ୟୁଟେସନ ପାଇଁ ନେଉଥିଲେ ୨୦ ହଜାର ଲାଞ୍ଚ

**କଟକ/ଯୋଡା(ଅମୃତ ମିଡିଆ):** ଭିଜିଲାନ୍ସ ଜାଲରେ ବିଲେଇପଦା ଆରଆଇ। ଜମି ମ୍ୟୁଟେସନ ପାଇଁ ୨୦ ହଜାର ଲାଞ୍ଚ ନେବାବେଳେ ଆରଆଇଙ୍କୁ ଧରିଛି ଭିଜିଲାନ୍ସ ଟିମ୍। ବିଲେଇପଦା ଆରଆଇ ମୀର୍ ମହମ୍ମଦ ଖାନ୍‌ଙ୍କୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ସହ ଧରିବା ସହ ତାଙ୍କ ସରକାରୀ ବାସଭବନ ସମେତ ୩ଟି ସ୍ଥାନରେ ଚଢାଉ କରିଛି। ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାର ବଡ଼ବିଲ ତହସିଲ ଅଧୀନରେ ଥିବା ବିଲେପଦା ରାଜସ୍ୱ ନିରୀକ୍ଷକ ମୀର ମହମ୍ମଦ ଖାନ ଜଣେ ବ୍ୟକ୍ତିଙ୍କ ଜମି ମ୍ୟୁଟେସନ କରି ଦେବାକୁ ୨୦ ହଜାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ମାଡିବସିଛି। ତାଙ୍କୁ ଭିଜିଲାନ୍ସ ଧରିବା ପରେ ତେଲକୋଇର ପୈତୃକ ବାସ ଭବନ ସମେତ ତିନୋଟି ସ୍ଥାନରେ ଚଢ଼ାଉ ହେଉଥିବା ଭିଜିଲାନ୍ସ କହିଛି। ଦେଓଝର ଗ୍ରାମର ଧ୍ରୁବରାଜ ହେମ୍ବ୍ରମଙ୍କ ଜମି ମ୍ୟୁଟେସନ କାମ କରିବା ନିମନ୍ତେ ବିଲେଇପଦା ଆରଆଇ ମୀର୍ ମହମ୍ମଦ ଖାନ ୨୦ ହଜାର ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଆବେଦନକାରୀ ଶ୍ରୀ ହେମ୍ବ୍ରମ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଆଜି ସକାଳ ୧୦.୪୦ ସମୟରେ ଆରଆଇ ୨୦ ହଜାର ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଭିଜିଲାନ୍ସ କେଶ୍ ନମ୍ବର ୯୪୮/୨୦୨୩ ଅନୁସାରେ ଲାଞ୍ଚୁଆ ଆରଆଇ ପୀର୍ ମହମ୍ମଦକୁ ଭିଜିଲାନ୍ସ ଗିରଫ କରିଛି। ବାଲେଶ୍ୱର ଭିଜିଲାନ୍ସ ଭିଜିଲାନ୍ସ ଏସ୍‌ପି ନରହରି ନାଏକ, ଅତିରିକ୍ତ ଏସ ପି ମହେଶ୍ୱର ସେଠୀ, କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ସମେତ ବାଲେଶ୍ୱର ଭିଜିଲାନ୍ସର ବହୁ କର୍ମଚାରୀ ଚାଢ଼ାଉରେ ସାମିଲ ଥିବାବେଳେ ଆରଆଇଙ୍କର ତେଲକୋଇ ସ୍ଥିତ ଥାନା ସାହିରେ ଥିବା ପୈତୃକ ବାସ ଭବନ, ବଡ଼ବିଲରେ ଥିବା ସରକାରୀ ଘର ଓ ବିଲେଇପଦା କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ ଚାଲିଛି। ଖବର ଲେଖାଯିବା ବେଳେକୁ ଚୂଡାନ୍ତ ରିପୋର୍ଟ ମିଳିନାହିଁ।

# ୨୦୨୪ର ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ

## ଯୋଡି ହେଲେ ୨୪୩୦୭ ନୂଆ ଯୁବ ଭୋଟର



**ଖୋର୍ଦ୍ଧା(ଅମୃତ ମିଡିଆ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାରେ ମୋଟ ୧୮୬୫୪୫୫ ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରେ ୯୭୧୫୫୪ ଜଣ ପୁରୁଷ ଓ ୮୯୩୩୪୧ ଜଣ ମହିଳା ଭୋଟର ଥିବାବେଳେ ୫୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ସଂକ୍ଷିପ୍ତ ଭୋଟର ତାଲିକା ପ୍ରକାଶନ ବେଳେ ଜିଲ୍ଲାରେ ୧୮୨୪୦୬୯ ଜଣ ଭୋଟର ଥିବାବେଳେ ଚୂଡାନ୍ତ ତାଲିକାରେ ୧୮୬୫୪୫୫ ଜଣ ମତଦାତା ରହିଛନ୍ତି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୯୫୧୭୦ ଜଣଙ୍କୁ ଯୋଗ କରାଯାଇଥିବା ବେଳେ ୪୭୨୦୨ ଜଣଙ୍କୁ ବାଦ ଦିଆଯାଇଛି। ଏଥିରେ ୧୮ ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟା ୩୫୩୦୮ ରହିଥିବା ବେଳେ ୨୪୩୦୭ ଜଣ ଯୁବ ଭୋଟର ତାଲିକରେ ଯୋଗ ହୋଇଛନ୍ତି ।

ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୪ର ଭୋଟର ତାଲିକା ପ୍ରକାଶନ କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଏକ ସୁଦୃଢ ଗଣତନ୍ତ୍ର ପାଇଁ ମତଦାନ ଯେତିକି ଜରୁରୀ ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିର ମଧ୍ୟ ସେତିକି ଆବଶ୍ୟକତା ରହିଥିବା ବୋଲି କହିଥିଲେ। ସମସ୍ତ ନୂତନ ଭୋଟରମାନଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ନିଶ୍ଚିତ ମତଦାନ କରିବାକୁ ପରାମର୍ଶ ଦେଇଥିଲେ। ଭୋଟର ତାଲିକାରେ ୯୯.୯୨ ଭାଗ ଭୋଟରଙ୍କ ଫଟୋ ସାମିଲ ଅଛି। ଏହି ତାଲିକାରେ ଯୋଗ ହେବା ନିମନ୍ତେ ୧୭୦୫୫ ଜଣ ସମ୍ଭାବ୍ୟ ଭୋଟର ମାନଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଛି। ଜିଲ୍ଲାରେ ୧୯୦୭ ମତଦାନ କେନ୍ଦ୍ର ଥିବାବେଳେ ସେନାବାହିନୀରେ କାର୍ଯ୍ୟରତ ଜିଲ୍ଲାର ୨୫୩୯ ଜଣ ଭୋଟର ଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ସେହିଭଳି ତାଲିକାରେ ଏକ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ୯୧୯ ଜଣ ମହିଳା ଭୋଟର ରହିଛନ୍ତି ଏବଂ ତାଲିକାରେ ମୋଟ ୩୦୨୪୩ ଜଣ ଭିନ୍ନକ୍ଷମ ମତଦାତା ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପ ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଡେପୁଟି କଲେକ୍ଟର ମନୋଜ ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗର କର୍ମଶାଳା

**ବାରିପଦା(ଅମୃତ ମିଡିଆ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଦ୍ୱାରା ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଟଲାବ ଓ ଗଣିତରେ ଏହାର ପ୍ରୟୋଗ ଶୀର୍ଷକରେ ଅନୁଷ୍ଠିତ କର୍ମଶାଳାକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିବା ସହ ଜୀବନରେ ଗଣିତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲା ପ୍ରଫେସର ପଙ୍କଜ କୁମାର ଶୋ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗଣିତକୁ ନେଇ ମ୍ୟାଟଲାବରେ ଥିବା ଅପାର ସମ୍ଭାବନା ଓ ସୁଯୋଗ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମର ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମ୍ୟାଟଲାବର ବିଭିନ୍ନ ଟୁଲ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। କର୍ମଶାଳାର ଆବାହକ ତଥା ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ସଂଯୋଜକ ପ୍ରଫେସର ସୁସ୍ମିତା କର ସ୍ୱାଗତ ଭାଷଣ ଦେଇଥିବା ବେଳେ କର୍ମଶାଳାର କାର୍ଯ୍ୟକାରୀ ସଂପାଦିକା ସହକାରୀ ପ୍ରଫେସର ଡ. ସଂଯୁକ୍ତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ-କାର୍ଯ୍ୟକାରୀ ସଂପାଦକ ଲମ୍ବୋଦର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଗଣିତ ବିଭାଗର ସହକାରୀ ପ୍ରଫେସର ସ୍ମୃତିଲେଖା ଦାସ, କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶାନ୍ତିସ୍ୱରୁପ ବସା, ଡ. ପାର୍ଥସାରଥି ମିଶ୍ର, ଏନ୍‌ଆଇଟି ରାଉରକେଲାର ଗବେଷକ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି କର୍ମଶାଳାରେ ୮୪ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିବାର ଜଣାଯାଇଛି।

# ପରିକ୍ରମା ପ୍ରକଳ୍ପ ନେଇ ଗାଁ ଗାଁ ବୁଲିବ ଜଗନ୍ନାଥ ଅର୍ପଣ ରଥ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ପକ୍ଷରୁ ଜୟ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାବେଳେ ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ସଭାଗୃହ ପରିସରରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଏହି ରଥକୁ ପୌରପାଳିକାର ସମସ୍ତ ୧୯ଟି ୱାର୍ଡ଼ରେ ପରିକ୍ରମା କରିବା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ୱାର୍ଡ଼ କାଉନ୍‌ସିଲରମାନଙ୍କୁ ଅନୁରୋଧ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ଅନୁରୋଧକ୍ରମେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରାଯାଇ ପୁରୀକୁ ପଠାଯିବା ସହିତ ଏହି କାର୍ଯ୍ୟକ୍ରମ ଆଜି ୬ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା କରାଯାଇଥିବା ଜଣାପଡ଼ିଛି । ରାଜ୍ୟ ସରକାରଙ୍କ ତରଫରୁ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟର ଏନ୍‌ଏସି, ପୌରପାଳିକା ଏବଂ ପୌରନିଗମରେ ଥିବା ୱାର୍ଡ଼ଗୁଡ଼ିକୁ ୧ଲକ୍ଷ, ୨ଲକ୍ଷ ଏବଂ ୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଆଜିର ଏହି

## ସଂଗୃହୀତ ହେବ ଅରୁଆ ଚାଉଳ ଓ ଗୁଆ

୧୫ଜାନୁୟାରୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପୌରାଧକ୍ଷା ଶ୍ରୀମତୀ ସାମଲ ପ୍ରକାଶ କରିଥିଲେ । ଏହାସହ ଅର୍ପଣ ରଥ ସହିତ କୀର୍ତ୍ତନ ମଣ୍ଡଳୀ ଏବଂ ଭକ୍ତମାନେ ଏଥିରେ ସାମିଲ ହେବା ସହିତ ସଂଗ୍ରହ କରାଯାଇଥିବା ଚାଉଳ ଓ ଗୁଆକୁ ସ୍ଥାନୀୟ ମନ୍ଦିର ମାନଙ୍କରେ ରଖାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ କୀର୍ତ୍ତନ ମଣ୍ଡଳୀ ଏବଂ ଭକ୍ତମାନଙ୍କ ପାଇଁ ମନ୍ଦିରମାନଙ୍କରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ଅଧିବେଶନରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସଂଜିବ କୁମାର ମହାପାତ୍ର, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ଅର୍ଜିନୀ ବେହେରା, ଅଜୟ ବେହେରା, ବିଜୟ ମଲ୍ଲିକ୍, ବିଜୟ କୁମାର ସାହୁ, ଆଶୁତୋଷ ଦାସ, ଦିଲ୍ଲୀପ ଭୂୟାଁ, ରଙ୍ଗଲତା ସାହୁ, ସବିତା ମାହାଳି, ବିଜୟ ଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଖୁବ୍‌ଶୀଘ୍ର ହେବ ଲିଭର୍ ପ୍ରତିରୋପଣ

**କଟକ (ବ୍ୟୁରୋ):** ଏସ୍‌ସିବିରେ ଲିଭର ପ୍ରତିରୋପଣ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଲିଭର ପ୍ରତିରୋପଣ ପାଇଁ ଶୁକ୍ରବାର ହାଇଦ୍ରାବାଦ ସ୍ଥିତ ଏଇଆଜି ଚିକିତ୍ସା ପ୍ରତିଷ୍ଠାନର ଏକ ବିଶେଷଜ୍ଞ ଟିମ ଏସ୍‌ସିବିରେ ପହଞ୍ଚି ଭିତ୍ତିଭୂମି ସମୀକ୍ଷା କରିଛନ୍ତି। ଲିଭର ପ୍ରତିରୋପଣ ପାଇଁ ପଞ୍ଜିକୃତ ହୋଇଥିବା ୭ ଜଣ ରୋଗୀଙ୍କର ହେପାଟୋଲୋଜି ବିଭାଗରେ ଏଇଆଜି ଟିମ୍ ସ୍କ୍ରିନିଂ କରିଛି। ସମ୍ପୃକ୍ତ ୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଟିକିନିକି ବୁଝିଛନ୍ତି। ସ୍କ୍ରିନିଂ ପରେ ରୋଗୀଙ୍କ ପରବର୍ତ୍ତୀ ଚିକିତ୍ସା ସମ୍ପର୍କରେ ହେପାଟୋଲୋଜି ବିଭାଗୀୟ ବିଶେଷଜ୍ଞଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସମୀକ୍ଷା ସମୟରେ ଡାକ୍ତରଖାନା ଅଧିକ୍ଷକ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ହେପାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ସୁଶାନ୍ତି ଜେନା, ଡାକ୍ତର ରାଜେଶ କୁମାର ଦୋରାଙ୍କ ସମେତ ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ଡି. ମହାନ୍ତି ଉପସ୍ଥିତ ରହି ଲିଭର ପ୍ରତିରୋପଣ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ।

# ମଦ ଚାଲାଣ ବେଳେ ଚଢାଉ, ୪ ଗିରଫ

**ଜୟପୁର(ଅମୃତ ମିଡିଆ):** ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୪ ଅଭିଯୁକ୍ତ ହେଲେ ଜୟନଗରର ନରସିଂହ ପରଜା, ବି ମାଳିଗୁଡା ର କବିରାଜ ଖିଲ ଟାଙ୍କୁଆର ଯମୁନା କୁମାରି, ବାମୁଣି ଗାଁର ପିଙ୍କି ହରିଜନ। ଜୟପୁର ଅବକାରୀ ବିଭାଗ ସୂଚନା ଅନୁଯାୟୀ ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ୪ଟି ସ୍ଥାନରେ ଚଢାଉ



କରିଥିଲା। ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି ୩୪ଟି ଦେଶୀ ମଦ ଜବତ କରିଥିଲା। ତେବେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଜୟପୁର ଅବକାରୀ ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି।

# ନଦୀରୁ ବାଲିଚାଲାଣ ନେଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ




**ଜୟପୁର(ଅମୃତ ମିଡିଆ):** ନଦୀରୁ ବାଲି ଚାଲାଣ ହେଉଥିବାରୁ ଜୟପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଫାମ୍ପୁଣି ଗ୍ରାମବାସୀ । ଏ ନେଇ ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଗ୍ରାମବାସୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଫାମ୍ପୁଣି ମୌଜା ନଦୀର ବାଲି ଗରାହାଣ୍ଡି ଲିଜ୍‌ଧାରୀ ଚାଲାଣ କରିଛି। ଫାମ୍ପୁଣି ମୌଜା ଠାରୁ କୋଲାବ ନଦୀରୁ ଗରାହାଣ୍ଡିର ଲିଜଧାରୀ ବାଲି ଉଠାଇ ନେଉଛନ୍ତି। ବର୍ତ୍ତମାନ ଫାମ୍ପୁଣିରେ ଆବାସ, କାର୍ଯ୍ୟାଳୟ, ରାସ୍ତା, ଘାଟ ବିକାଶମୂଳକ କାର୍ଯ୍ୟ ଚାଲିଛି। ବାଲି ଶେଷ ହୋଇ ଗଲାଣି। ବର୍ତ୍ତମାନ ଫାମ୍ପୁଣି ପଞ୍ଚାୟତରେ ୨୫୦ ଆବାସ ଯୋଜନା ମଞ୍ଜୁର ହେଉଥିବା ବେଳେ ବାଲି କେଉଁଠି ଆସିବ, ଆବାସ ଗୃହ କିପରି ନିର୍ମାଣ ହେବ। ବାଲି ଶେଷ ହୋଇ ଗଲେ, ଆବାସ ହିତାଧିକାରୀମାନେ ଘର ନିର୍ମାଣ କରିପାରିବେ ନାହିଁ କି ବିକାଶମୂଳକ କାର୍ଯ୍ୟ ମଧ୍ୟ ହୋଇପାରିବନାହିଁ। ତେଣୁ ପ୍ରଶାସନ ହସ୍ତକ୍ଷେପ କରି ଫାମ୍ପୁଣି ମୌଜା ନଦୀର ବାଲି ନ ଉଠାଇବାକୁ ଦାବି କରାଯାଇଛି। ଏ ନେଇ ଉଗ୍ରେସନ ମଣ୍ଡଳ, ତ୍ରିପତି ପ୍ରଧାନ, ସମୋନାଥ ମଣ୍ଡଳ, ଟୁନୁ ଦାସ, ସୁଧିର ରାଉତ, ଚିନ୍ତା ମଣି ବେହେରା, ହରି ବେହେରା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଜୟପୁର ଓ କୁନ୍ଦୁରା ତହସିଲଦାରଙ୍କ ଉପସ୍ଥିତିରେ ଚିହ୍ନଟ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ଜୟପୁର(ଅମୃତ ମିଡିଆ):** ଜୟପୁର ପୌର ସଭାଗୃହରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ସତ୍ୟା ନନ୍ଦ ପାତ୍ର , ରାସ୍ତା ଓ ଗୃହ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କ୍ଷିରଧର କନ୍ଦପାଣି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ନାୟକ ସହ ଉପଖଣ୍ଡର ପ୍ରଶାସନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ଜୟପୁର ଦଶହରା ପଡିଆ ଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବଳ ପାଳନ ହେବ। ଚଳିତ ବର୍ଷ ଜୟପୁର ଉପଖଣ୍ଡର ବୋରିଗୁମ୍ମା, ବୈପାରିଗୁଡା, କୁନ୍ଦୁରା, କୋଟପାଡ, ଜୟପୁରର ସହ ଦୁଇଟି ପୌରାଞ୍ଚଳରର ଶ୍ରେଷ୍ଠ ଟ୍ରୁପ ଭାଗ ନେବେ। ସବୁ ବର୍ଷ ପରି ଚିରାଚରିତ ଢଙ୍ଗରେ ପାଳନ ନ କରି କିଛି ଅଲଗା ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛ। ଗତ ଥର ୫୭ଟି ଟ୍ରୁପ ଭାଗ ନେଇଥିଲେ। ଚଳିତ ବର୍ଷ ଭଲ ଟ୍ରୁପ ପ୍ରଦର୍ଶନ କରୁଥିବା ଟ୍ରୁପମାନଙ୍କୁ ଚୟନ କରାଯାଇ ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶନ କରିବା ପାଇ ସୁଯୋଗ ଦିଆଯିବ।

# ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଜୟପୁର (ଅମୃତ ମିଡିଆ):** କୋରାପୁଟ ଆଞ୍ଚଳିକ ପରିବହନ ବିଭାଗ, ଜୟପୁର ଟାଉନ ସଦର ପୋଲିସ, ପୌରପାଳିକାର ମିଳିତ ସହଯୋଗରେ ସଡକ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଜୟପୁର ରଜାନହର ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଟାଉନ ଥାନାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଜିଲ୍ଲା ପରିବହନ ବିଭାଗର ଅତିରିକ୍ତ ଅଧିକାରୀ ତପନ କୁମାର ବେଟି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ହାତରେ ସୁରକ୍ଷା ବାର୍ତ୍ତା ବହନ କରୁଥିବା ସଚେତନତା ପୋଷ୍ଟର, ବ୍ୟାନର ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଗାଡି ମୋଟର ଚଲାଇବା ସମୟରେ କିପରି ସତର୍କତା ଅବଲମ୍ବନ କରିବେ ସେ ନେଇ ସଚେତନ କରିଥିଲେ। ମୋଟର ଆଇନ ଖିଲାପ କଲେ କ'ଣ ଦଣ୍ଡ ବିଧାନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନେ ସଚେତନ କରିଥିଲେ।

# ବଡ଼ସାହି ନିର୍ବାଚନ ମଣ୍ଡଳୀର ଭାଜପା କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଘୋଷିତ

**ବେତନଟୀ (ଅମୃତ ମିଡିଆ):** ବଡସାହି ନିର୍ବାଚନ ମଣ୍ଡଳୀ ନିମନ୍ତେ ଭାଜପାର କୃଷକମୋର୍ଚ୍ଚା ପ୍ରଭାରୀ ହେଲେ ବୁଲୁ ମହାନ୍ତ। ବେତନଟୀ ଥାନା ଦାଖିଆମୁହାଁ ପଞ୍ଚାୟତ ଅଧିନ ମାଛୁଆ ଗ୍ରାମର ବୁଲୁ ମହାନ୍ତ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର କୃଷକମୋର୍ଚ୍ଚା ଜିଲ୍ଲାସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଭାଜପା କୃଷକମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପାରା ହେମ୍ବ୍ରମଙ୍କ ଅନୁମୋଦନକ୍ରମେ ଶୁକ୍ରବାର ବୁଲୁ ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ବଡସାହି ନିର୍ବାଚନମଣ୍ଡଳୀର କୃଷକମୋର୍ଚ୍ଚା ପ୍ରଭାରୀ ନିମନ୍ତେ ବୁଲୁ ମହାନ୍ତଙ୍କ ସମେତ ବାରିପଦା, ମୋରଡା, ଉଦଳା ଏବଂ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ନିମନ୍ତେ ମଧ୍ୟ କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଅନୁମୋଦନ କରାଯାଇଛି। ଏ ନେଇ କୃଷକମୋର୍ଚ୍ଚା ରାଜ୍ୟ ସମ୍ପାଦକ ପାରା ହେମ୍ବ୍ରମ ୫ଟି ନିର୍ବାଚନମଣ୍ଡଳୀ ନିମନ୍ତେ କୃଷକମୋର୍ଚ୍ଚା ପ୍ରଭାରୀଙ୍କ ନାମ ଅନୁମୋଦନ ପୂର୍ବକ ରାଜ୍ୟ ସ୍ଥାୟୀ ଆବାହକଙ୍କ ନିକଟକୁ ପଠାଇଛନ୍ତି। ବଡ଼ସାହି ନିମନ୍ତେ ବୁଲୁଙ୍କ ନାମ ଘୋଷଣା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଛୁଟିଛି ଶୁଭେଚ୍ଛାର ସୁଅ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ

# 'ଜୀବନର ପ୍ରମୁଖ ଆଧାର ବିଜ୍ଞାନ ହେବା ଉଚିତ୍'

**ବାରିପଦା(ଅମୃତ ମିଡିଆ):** ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୩୦ଟି ଜିଲ୍ଲାର ୧୫୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ଜୀବନର ପ୍ରମୁଖ ଆଧାର ବିଜ୍ଞାନ ହେବା ଉଚିତ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଆଶ୍ୱତୀ ଏସ, ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ କୁମାର ପାଢୀ ଉକ୍ତ ସଭାରେ ସଭାପତିତ୍ୱ କରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ଶ୍ରେଷ୍ଠ ୫ଗୋଟି ପ୍ରକଳ୍ପ ଜାନୁଆରୀ ୯ରୁ ୧୨ ପର୍ଯ୍ୟନ୍ତ କଲିକତା ଠାରେ ଆୟୋଜନ ହେବାକୁ ଥିବା ପୂର୍ବାଂଚଳ ଜୋନସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବେ ବୋଲି ଜଣାଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି, ନିତ୍ୟାନନ୍ଦ ବାରିକ, ଦିପ୍ତି ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସମସ୍ତ ବିଇଓ, ଏବିଇଓ, ସିଆରସିସି, ବାଲ ବୈଜ୍ଞାନିକ ପ୍ରଦର୍ଶନୀର ସମସ୍ତ ସଦସ୍ୟ, ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମନମୋହନ ହେମ୍ବ୍ରମ, ମଧୁସ୍ମିତା ଗିରି, ବାସନ୍ତୀ ଟୁଡୁ, ଅମିତାଭ ମିଶ୍ର, ସପନ ପୃଷ୍ଟି, ଶୈଳବାଳା ବେହେରା, ମୌସୁମୀ ଦିକ୍ଷିତ, ଭାଗ୍ୟଶ୍ରୀ ହୋତା, ମୌସୁମୀ ଦେ, ରନ କୁମାର ନନ୍ଦ, ନିପସା ପଟ୍ଟନାୟକ, କନକ ଲତା ମାଝୀ, ସଂଗ୍ରାମ କେଶରୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ



**କଳାହାଣ୍ଡି(ଅମୃତ ମିଡିଆ):** ଗୋଲାମୁଣ୍ଡା ବ୍ଲକ ଅଧିନସ୍ଥ ଶୋଷିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରଦୋଷ କୁମାର ମୁଣ୍ଡ(୬୨)ଙ୍କର ପରଲୋକ ହୋଇଯାଇଛି। ପ୍ରକାଶ ଯେ, ହଠାତ୍ ଦେହ ଅସୁସ୍ଥତା କାରଣରୁ ସ୍ୱର୍ଗତ ଶିକ୍ଷକଙ୍କୁ ବିଜେନଗରମ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ପରୀକ୍ଷା କରି ହୃଦଘାତ ହୋଇଥିବା ନେଇ ସୂଚନା ଦେଇଥିଲେ। ପରେ ତାଙ୍କୁ ଅପରେସନ ହେବା ଜରୁରୀ ହୋଇ ପଡିଥିବାବେଳେ ପରିବାର ପକ୍ଷରୁ ହୃଦଘାତର ଅପରେସନ କରାଯାଇଥିଲା। କିନ୍ତୁ ଅପରେସନ ହେଲା ପରେ ମଧ୍ୟ ତାଙ୍କ ଅବସ୍ଥା ଠିକଖ ନଥିଲା। ତେବେ ଏଭଳି ଚେଷ୍ଟା ପରେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ପାରିନଥିବା ବେଳେ ଗତ ଶୁକ୍ରବାର ସନ୍ଧ୍ୟା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ତେବେ ତାଙ୍କ ଜୀବନରେ ସେ ଜଣେ ଉଚ୍ଚ କୋଟିର ଶିକ୍ଷକ ଭାବେ ଅନେକ ପ୍ରମାଣପତ୍ର ପାଇଥିବାବେଳେ ତାଙ୍କ ଶିକ୍ଷକ ସମୟରେ ବହୁ ଛାତ୍ରଛାତ୍ରୀ କୋଲାର୍ଷିକ, ନବୋଦୟ ପାଇଥିଲେ। ଆଉ ସେ ଜଣେ ଶାନ୍ତ ସରଳ ମଣିଷ ହୋଇଥିବାବେଳେ ଅନେକ ଲୋକଙ୍କ ବହୁତ ପ୍ରଶଂସାର ପାତ୍ର ମଧ୍ୟ ଥିଲେ। ତେବେ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସମ୍ପାଦକୀୟ...

# କଂଗ୍ରେସର ଦ୍ୱିତୀୟ ଯାତ୍ରା

କଂଗ୍ରେସ ଏବେ ପୁଣି ଆରମ୍ଭ କରିବାକୁ ଯାଉଛି ତା'ର ଦ୍ୱିତୀୟ ଅଭିଯାନ, ତା'ର ଦ୍ୱିତୀୟ ଯାତ୍ରା ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତେବେ ଏହାର ଅର୍ଥ ନୁହେଁ ଯେ ଭାରତବାସୀଙ୍କ ଏଭଳି ଯାତ୍ରାକୁ ସମର୍ଥନ କରାଯାଇଛି। ଭାରତବାସୀଙ୍କ ପକ୍ଷରୁ ସମର୍ଥନ ନ ମିଳିଲେ କିଏ କାହିଁକି ବା ଯାତ୍ରା ଆରମ୍ଭ କରିବ। ଏମିତି ତ ଆମେ ଯାତ୍ରା କରୁଛୁ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନକୁ ହେଲେ ଆମ ତମ ଭଳି ସାଧାରଣ ଲୋକଙ୍କ ଯାତ୍ରା ବିଷୟ ନୁହେଁ, ଏହି ଯାତ୍ରା ହେଉଛି ମହାଯାତ୍ରା ଯାହା ରାହୁଲ୍ ଗାନ୍ଧୀଙ୍କ ଦ୍ୱାରା ଆୟୋଜିତ ହେବାକୁ ଯାଉଛି। ଗତବର୍ଷ ୨୦୨୨ରେ ରାହୁଲ୍ ଗାନ୍ଧୀ ଆରମ୍ଭ କରିଥିଲେ ସେହିଭଳି ମହାଯାତ୍ରା ଯାହା ବାଇସି ସେପ୍ଟେମ୍ବରରୁ ଆରମ୍ଭ ହୋଇ ଶେଷ ହୋଇଥିଲା ଜାନୁଆରୀ ୨୦୨୩ ଜାନୁଆରୀରେ ଶେଷ ହୋଇଥିଲା। ଆରମ୍ଭ ହୋଇଥିଲା କନ୍ୟାକୁମାରୀରୁ ଏବଂ ଶେଷ ହୋଇଥିଲା ଶ୍ରୀନଗରରେ। ସେଭଳି ଯାତ୍ରା ଯେଉଁଥିରେ ଯୋଡ଼ି ହୋଇ ଯାଇଥିଲା ଭାରତ ହେଲେ ପୂରା ଭାରତ ବୋଲି ଆମେ କହିପାରିବା କି? କେବେ ବି ନୁହେଁ। ଯାହାର ସିଧାସଳଖ କାରଣ ହେଉଛି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତରେ ବିଭିନ୍ନତା ରହିଛି ଯାହା ମଧ୍ୟରେ ଏକତାର ସନ୍ଧାନ ନେଉଛି ଭାରତ। ତେବେ ଏଭଳି ଉକ୍ତିର ଅର୍ଥ ନୁହେଁ ଯେ ଭାରତବାସୀଙ୍କ ମଧ୍ୟରେ ଏକତା ନାହିଁ। ଏକତା ତ ରହିଛି, ହେଲେ ସେହିଭଳି ଏକତା ଯାହା ଏବେ ଦେଖିବାକୁ ମିଳୁଛି ଭାରତବର୍ଷରେ, ତାହା ବାସ୍ତବିକ ପ୍ରକୃତ ଏକତା ନୁହେଁ। ଯେବେ ଭାଇ ଭାଇ ମଧ୍ୟରେ କେବେକେବେ ଏକତାର ଅଭାବ ରହୁଛି, ସେବେ ଅବା ସେଭଳି କ୍ଷେତ୍ରରେ ସମ୍ପୂର୍ଣ୍ଣ ଦେଶବାସୀଙ୍କ ମଧ୍ୟରେ କିପରି ବା ରକ୍ଷା ହୋଇପାରିବ ଏକତା। ଏଭଳି ପରିସ୍ଥିତିରେ ରାହୁଲ୍ ଗାନ୍ଧୀ ତାଙ୍କର ଯେଉଁ ଯାତ୍ରା ଆରମ୍ଭ କରିଛନ୍ତି ତାହା କେତେଦୂର ଫଳପ୍ରଦ ହେବ ଅବା ନ ହେବ ତାହା ତ ସମୟ କହିବ, ତେବେ ଆମେ ଅବା ଆମଭଳି ସାଧରଣ ଜନତା କେବେ ବି ରାହୁଲ ଗାନ୍ଧୀଙ୍କ ପ୍ରତି ସମର୍ଥନ ଦେଇପାରିବୁ ନାହିଁ। କାରଣ ତ ଅନେକ ହେଲେ ମୁଖ୍ୟ କାରଣ ଉପରେ ଆଲୋଚନା କରାଯଇପାରେ.। ମୁଖ୍ୟ କାରଣ ହେଉଛି, ରାଜନୀତି। ସମ୍ପୂର୍ଣ୍ଣ ରାଜନୀତି ବ୍ୟତୀତ ଆଉ କିଛି ନୁହେଁ। କେବଳ ରାଜନୀତିର ଉଦ୍ଦେଶ୍ୟ ରଖି ସେ ରାହୁଲ ଗାନ୍ଧୀ ବୋଧହୁଏ ଭାରତରେ ଆରମ୍ଭ କରିଛନ୍ତି ତାଙ୍କର ଦ୍ୱିତୀୟ ଭାରତ ଯାତ୍ରା। ଯାହା ଭାରତର ଏବର ହିଂସାପ୍ରବଣ ପୂର୍ବ ଇଲାକା ମଣିପୁରରୁ ଆରମ୍ଭ ହୋଇ ଭାରତର ଜନୈକ ପଶ୍ଚିମ ପ୍ରାନ୍ତରେ ଶେଷ ହେବାର ସମ୍ଭାବନା ରହିଛି। ତେବେ ରାହୁଲ୍ ଗାନ୍ଧୀଙ୍କ୍ ସେହି ଯାତ୍ରାକୁ କିଭଳି ଜନ ସମର୍ଥନ ମିଳିବ ସେଥିନେଇ ବିଶେଷ କିଛି କହିବା ସମ୍ଭବ ନୁହେଁ। କାରଣ ବି ରହିଛି ସନ୍ଦେହଘେରରେ। ଯେବେ ଘରେ ଘରେ ସମସ୍ୟା ଉପୁଜୁଛି, ଯେବେ ଯେବେ ଭାଇ ଭାଇ ମଧ୍ୟରେ ବିବାଦ ଉପୁଜୁଛି ସେବେ ଅବା ସେହି କ୍ଷେତ୍ରରେ କେତେ ପରିମାଣରେ ଏବଂ କିଭଳି ଭାବେ ରାହୁଲ ଗାନ୍ଧୀଙ୍କର ଯାତ୍ରାକୁ ସମର୍ଥନ କରାଯାଇପାରେ ତାହା ତ ସମୟ କହିବ, ତେବେ ପପୁଜୀ ଓରଫ ରାହୁଲ୍ ଗାନ୍ଧୀଙ୍କ ଗସ୍ତ ଭାରତରେ କିଛି ନୂଆ କଥା ନୁହେଁ। ସେଥିପୂର୍ବରୁ ଭାରତରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଯାତ୍ରାର ଆୟୋଜନ କରାଯାଇଥିଲା ଯାହାକୁ ମଧ୍ୟ ମିଳିଥିଲା ଜନ ସମର୍ଥନ। ତନ୍ମଧ୍ୟରେ ଗାନ୍ଧିଜୀଙ୍କ ଭାରତ ଯୋଡ଼ୋ ଯାତ୍ରା ଅନ୍ୟତମ। କାରଣ ଭାରତବାସୀଙ୍କ ପକ୍ଷରୁ କୌଣସି ଯାତ୍ରାକୁ ସମର୍ଥନ ନ ମିଳିଲେ କିଏ କାହିଁକି ବା ଯାତ୍ରା ଆରମ୍ଭ କରିବ ଏବଂ କେମିତି ବା ଯାତ୍ରା କରିବ। ନଚେତ୍ ସେଭଳି ଯାତ୍ରା କେବଳ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ରହିଯିବ। ଅଯଥା ଯାତ୍ରା ଯାହା ପରବର୍ତ୍ତୀ ସମୟରେ ମୂଲ୍ୟହୀନ ସାବ୍ୟସ୍ତ ହେବ। ଆମେ ଯାତ୍ରା କରୁଛୁ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନକୁ ହେଲେ ଆମ ତମ ଭଳି ସାଧାରଣ ଲୋକଙ୍କ ଯାତ୍ରା ବିଷୟ ନୁହେଁ, ଏହି ଯାତ୍ରା ହେଉଛି ମହାଯାତ୍ରା ଯାହା ରାହୁଲ୍ ଗାନ୍ଧୀଙ୍କ ଦ୍ୱାରା ଆୟୋଜିତ ହେବାକୁ ଯାଉଛି। ଗତବର୍ଷ ଅର୍ଥାତ୍ ବାଇସି ମସିହାରେ କଂଗ୍ରେସର ପ୍ରାକ୍ତନ ଉପାଧ୍ୟକ୍ଷ ରାହୁଲ୍ ଗାନ୍ଧୀ ଆରମ୍ଭ କରିଥିଲେ ସେହିଭଳି ମହାଯାତ୍ରା ଯାହା ବାଇସି ସେପ୍ଟେମ୍ବରରୁ ଆରମ୍ଭ ହୋଇ ଶେଷ ହୋଇଥିଲା ଜାନୁଆରୀ ତେଇସି ଜାନୁଆରୀରେ ଶେଷ ହୋଇଥିଲା। ଆରମ୍ଭ ହୋଇଥିଲା କନ୍ୟାକୁମାରୀରୁ ଏବଂ ଶେଷ ହୋଇଥିଲା ଶ୍ରୀନଗରରେ। ଏବେ କିନ୍ତୁ ପୁର୍ବରୁ ଆରମ୍ଭ ହୋଇ ଶେଷ ହୋଇଯିବ ପଶ୍ଚିମରେ। ତେବେ ଅତି ସାହସର ସହିତ ରାହୁଲ ଗାନ୍ଧୀ ବିଗତ ଦିନର ହିଂସା ପ୍ରବଣ ଇଲାକା ମଣିପୁରରୁ ତାଙ୍କର ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିବେ ଯାହା ବି କିଛି ଏମିତି ସେମିତି ଯାତ୍ରା ନୁହେଁ, ତାହା ପୁର୍ବାପେକ୍ଷା ନିଶ୍ଚୟ ମହାଯାତ୍ରା ସାବ୍ୟସ୍ତ ହେବ ବୋଲି ଅନୁମାନ କରାଯାଉଛି। ହେଲେ ସବୁ କିଛି କେବଳ ଅନୁମାନ ଉପରେ ନିର୍ଭର କରେନାହିଁ, ଜୀବନରେ ବାସ୍ତବତା ଉପରେ ସବୁ କିଛି ନିର୍ଭର କରେ। ଯଦି ବାସ୍ତବତା ନାହିଁ, ତେବେ କିଛି ବି ନାହିଁ ଜିବନରେ, କିଛି ବି ନାହିଁ ସମାଜରେ ଅବା ସରକାରରେ। ଏଣୁ ଜୀବନର ପ୍ରତି କ୍ଷେତ୍ରରେ ବାସ୍ତବତାର ରହିଛି ଗୁରୁତ୍ୱ ଯାହାକୁ ରାହୁଲ୍ ଗାନ୍ଧୀଜୀ ବୁଝିବା ଦରକାର। ନଚେତ୍ ବନ୍ଦ କରନ୍ତୁ ସେଭଳି ଯାତ୍ରା। ଯେଉଁଥିରେ କେତେକ ଲୋକଙ୍କ ସମାଗମ ତ ଦେଖିବାକୁ ମିଳିବ ହେଲେ ତାହା କେବଳ ଫାର୍ସରେ ପରିଣତ ହୋଇଯିବ ଯାହା ନଚେତ୍ ଆଉ କିଛି ନୁହେଁ। ତାହା ସତ୍ତ୍ୱେ ରାହୁଲ୍ ଗାନ୍ଧୀଜି ଯଦି ଭାରତ ଯୋଡ଼ୋ ଯାତ୍ରାର ଆରମ୍ଭ କରନ୍ତି, ତେବେ ସେଥିରୁ ତାଙ୍କର ଶସ୍ତା ରାଜନୀତି ପ୍ରମାଣିତ ହେବ। ଭାରତ ଯୋଡ଼ୋ ଯାତ୍ରା ଭାରତବାସୀଙ୍କ ପାଇଁ ନ୍ୟାୟ ପରିବର୍ତ୍ତେ ଅନ୍ୟାୟ ସାବ୍ୟସ୍ତ ହେବ।

## ଜ୍ଞାନାମୃତ

# ପ୍ରଧାନ ଶିଷ୍ୟ

ସନ୍ଥ ମହାଶୟଙ୍କ ସହିତ ଆଶ୍ରମରେ ତାଙ୍କର ଜଣେ ପ୍ରଧାନ ଶିଷ୍ୟ ରହୁଥିଲେ ମାତ୍ର କିଛିବର୍ଷ ପୂର୍ବରୁ ସେହି ଆଶ୍ରମରେ ଏକାଧିକ ଶିଷ୍ୟ ରହୁଥିଲେ ଅଥଚ ଆଜିର ଦିନରେ ସେଭଳି ସ୍ଥିତି ନାହିଁ ତାଙ୍କ୍ ପାଖରେ କେହି ବି ନାହାଁନ୍ତି। କେବଳ ଜଣେ ଶିଷ୍ୟକୁ ଛାଡ଼ିଦେଲେ ତାଙ୍କ ପାଖରେ ସେମିତି କେହି ନାହାଁନ୍ତି। ଏତେବଡ଼ ଗୋଟିଏ ଆଶ୍ରମରେ ସାଧୁବାବାଙ୍କ ସହିତ କେବଳ ଜଣେ ଶିଷ୍ୟ ଯାହା ଅତି ଆଶ୍ଚର୍ଯ୍ୟର ବିଷୟ। କାରଣ ସାଧୁବାବାଙ୍କ ଆଶ୍ରମରେ କେବଳ ଜଣେ ଶିଷ୍ୟ ରହିବା କେବେ ବି ବିଶ୍ୱାସଯୋଗ୍ୟ ନୁହେଁ। ତେବେ କଥା ହେଉଛି ବିଗତ ଦିନରେ ଆଶ୍ରମ ପରିସର ବନ୍ୟା ଦାଉରେ ଆସିଯାଇଥିଲା ଫଳରେ ସବୁକିଛି ଭାସିଯାଇଥିଲା। ସେହି ଦାଉରୁ କେବଳ ଏହି ଦୁଇଜଣ ବର୍ତ୍ତିଯାଇଥିଲେ। ବନ୍ୟା ତ ଚାଲିଗଲା ହେଲେ ସେହି ବନ୍ୟା ଜଳରେ ସାଧୁବାବା ବି ଭାସିଗଲେ ତାଙ୍କ ଶିଷ୍ୟଙ୍କ ସହିତ। ଯାଇ ଲାଗିଲେ ଆଉ ଗୋଟିଏ ଗଛମୂଳରେ। ଡାଳକୁ ଧରି ଓହଳି ପଡ଼ିଲେ ଏବଂ ସେହି ଗଛରେ ଚଢ଼ିଗଲେ। ପୂର୍ବରୁ ସେହି ଗଛ ଉପରେ ଥିଲା ଗୋଟିଏ ନାବାଳକ ପିଲାଟିଏ। ନାବାଳକ ପିଲାଟିକୁ ଦେଖି ଉଭୟ ସାଧୁ ବାବା-ଚେଲାଙ୍କ ମନରେ ଦୁଃଖ ଆସିଲା। ହେଲେ ସେମାନେ କ'ଣ କରିବେ? ସେମାନେ ନିଜେ ବି ତ ସମସ୍ୟାରେ। ସେ ପିଲା ପାଇଁ କ'ଣ ବା କରିପାରିବେ ସେମାନେ। ଚେଲା ମନରେ ଭାରି ଦୁଃଖ। ପିଲାଟିକୁ କେମିତି ସେମାନେ ଉଦ୍ଧାର କରିବେ। ଏ ନେଇ ବ୍ୟସ୍ତ ହୋଇପଡ଼ିବାରୁ ସାଧୁବାବା ତାକୁ ଧୈର୍ଯ୍ୟଧରି ସମୟକୁ ଅପେକ୍ଷା କରିବା ପାଇଁ କହିଲେ। ଆଶ୍ରମ ନିକଟସ୍ଥ ନଈରେ ବନ୍ୟା ଆସି ଏପରି ଅବସ୍ଥା ସୃଷ୍ଟି କଲା ଯାହାଦ୍ୱାରା ସବୁକିଛି ଭାସିଗଲା ନଈ ସୁଅରେ। ଶିଷ୍ୟମାନେ ଯାହା ଯେମିତି ଜୀବନ ବଞ୍ଚାଇ ଚାଲିଗଲେ ନିଜ ନିଜ ବାଟରେ। ହେଲେ ଗୋଟିଏ ମାତ୍ର ଶିଷ୍ୟ କେବଳ ରହିଗଲା ସାଧୁଙ୍କ ସାଙ୍ଗରେ। ଦିନେ ଦୁଇଦିନ ମଧ୍ୟରେ ନଈରେ ପାଣି କମ୍ ହେଲା ପରେ ତରବର ହୋଇ ଗଛ ଉପରୁ ଓହ୍ଲାଇପଡ଼ିଲା ଚେଲା। ଟିକିଏ ବି ସେହି ପିଲା ପାଇଁ ଚିନ୍ତା ନକରି ଯାହାପାଇଁ ଆଗରୁ ସେ ଏତେ ବ୍ୟସ୍ତ ହେଉଥିଲା। ସାଧୁ କିନ୍ତୁ ସେହି ପିଲାଟିକୁ ସାଙ୍ଗରେ ନେଇ ଓହ୍ଲାଇଲେ ଏବଂ ତଳେ ଥିବା ଏକ ଡଙ୍ଗାରେ ନେଇ ବସାଇଦେଲେ ତାଙ୍କ ଶିଷ୍ୟ ସାଙ୍ଗରେ। ତାଙ୍କ ହେପାଜତରେ ଶିଷ୍ୟ ତାକୁ ନେଇ ଏକ ସୁରକ୍ଷିତ ଜାଗାରେ ଛାଡ଼ିଦେବା ପାଇଁ କହିଲେ। ନିଜେ କିନ୍ତୁ ରହିଗଲେ ସେହି ଗଛରେ। ନଈରୁ ପାଣି ସମ୍ପୂର୍ଣ୍ଣ ରୂପେ କମ୍ ହୋଇନଥିଲା। ତେବେ ଗଲାବେଳେ ଚେଲା କିନ୍ତୁ ସାଧୁବାବାଙ୍କ ଆଡ଼କୁ ଚାହିଁ ମନ ଦୁଃଖରେ ହିଁ ଚାଲିଗଲେ।

# ଅଧାଗଢ଼ା ଜହ୍ନ

**ସୁମନ ଦୁବେ**



ସ୍ରଷ୍ଟାର ଅଭୟଦାନ ଅର୍ଦ୍ଧେକ ପରାଗର ଭୂ - ଭାଗରେ ଅଚଳ ପୃଥିବୀ। ଯେଉଁ କଳ୍ପିତ ସୋହଗରେ ଖଣ୍ଡିତ ବିଭାଗ। କ୍ଷୁଦ୍ର ଅଶ୍ୱତ୍ଥ ପତ୍ରରେ ବାଳମୁକୁନ୍ଦର ମୂର୍ତ୍ତିଟିଏ ପରି ଗଢିଥାଏ ଅନେକ ସ୍ୱପ୍ନର ତାଜମହଲ। ହେଲେ ଜନ୍ମ ଆଉ ମୃତ୍ୟୁର ଚକ୍ରରେ ମଣିଷ ଧନ୍ଦି ହୋଇଯାଏ। ଦୂର୍ଣବାର ଅନେକ ଅବିଶ୍ୱାସରେ ଦିନ କାଟି ଦେଇଥାଏ ତ ଆଉ କେତେବେଳେ ସତ୍ୟର ଜଉମୁଦ ଭାରାକ୍ରାନ୍ତ ଅନ୍ଧମୁହାଣୀ ପାଲଟି ଯାଏ।ଧନପ୍ରାପ୍ତିର ଲକ୍ଷ୍ୟ ରଖି ବୁଝିବା, ଯୁଝିବାର ବିଚାର ଓ ବିବେଚନା ମଧ୍ୟରେ ଅନେକ ଦ୍ୱନ୍ଦ ଆଣିଥାଏ ମନ ଭିତରେ। ପାପର କଳସ ପ୍ରଗତିର ପ୍ରଜ୍ଞାଞ୍ଜନ ଅବଗୁଣ୍ଠନରେ ଜାଗ୍ରତିକ ଉଷ୍ଣାସ ର ଆଭାସ ଯୋଗାଏ। ତା ପରେ ପୁଣି ଅନେକ ବ୍ୟାପ୍ତି ଓ ଖ୍ୟାତର ମିଛ ପ୍ରଲୋଭନ। ଯାହା କେବେ ନିଜ ଜୀବନର ମାନସପଟରେ ଆଙ୍କି ନ ଥାଏ। କାଳର କରାଳ ସ୍ରୋତରେ କେବଳ ଭାସିଗଲେ ଏକ ନିସହାୟ ଶୁଷ୍କତୃଣ ପରି। ଶୂନ୍ୟତାର ଶିଡ଼ିରେ ପାଦଥାପି ସିନା ଆଗକୁ ଗଲେ ,ହେଲେ ତାର ମିତ୍ର ସମ୍ପର୍କୀୟ କାହାକୁ ବି ନିଜର କରି ପାରେନା। ପଦ୍ମଭର୍ତି ପୋଖରୀରୁ ଫୁଲ ତୋଳିବାକୁ ଯାଇ ପଦ୍ମନାଗ ଦଂଶନର ଶିକାର ହୁଏ। ତା ପରେ ଆସେ ନିଜ ଲୋକଙ୍କ ପାଖକୁ। ପରେ ସିଏ ଭାବେ ଏଇତ ଜୀବନ ମୁଠାଏ ସୁଖ। ହେଲେ ତା'ରି ଭିତରେ କୁନି ଚଢ଼େଇର ଟିକି ଡେଣାରେ ତୁହା ତୁହା ନିଆଁ ଲାଗିଲା ପରି ମନେ ହୁଏ।ମଣିଷ ବାଟବଣା ହୋଇଯାଏ। ବାରୁଦ ଧୂଆଁର ଧାସରେ ବାଟ ଭୁଲିଯାଏ ସେ। ଏବଂ ପରେ ସେ ଧ୍ୱଂସର ପାହାଡ଼ ଚଢ଼େ। କ୍ଷତି କରେ ନିଜେ ନିଜର। ଅଜସ୍ର ଅଜ୍ଞାନ ଓ ଅହଂକାରରେ ବଶବର୍ତ୍ତୀ ହୋଇ ନିର୍ମମ ନିଆଁ ରେ ଝାସ ଦେଇ ଦିଏ। ହେଲେ ବୁଝିପାରେନି ଯେ ମାନବତ୍ୱର ମହିମା। ହତାଶର ହୁତାସନକୁ ସେ ବକ୍ଷରେ ଜାବୁଡି ନ ଧରି ଜଡପରି ସ୍ୱତପ୍ରବୃତ୍ତ ଭାବରେ କୋମଳ ବତାସ ଚାଲିଗଲେ ଗମ୍ଭୀର ନିଶ୍ଚଳତା ଆଣିଦିଏ। ଯାହାଦ୍ୱାରା ଘନଘୋର ମେଘବତାସ ପବନରେ ଚାନ୍ଦଟି ଜମା ପୂର୍ଣ୍ଣ ହୋଇପାରେନି। କିଛିଟା ଚିହ୍ନା ଅଚିହ୍ନା ର ପ୍ରଶ୍ନ ଭିତରେ ଆକାଶଗଙ୍ଗା ତାର ଅସ୍ତିତ୍ୱ ହରାଇ ଦେଇଥାଏ। ଯାହାଦ୍ୱାରା ବିଶାଳ ରହସ୍ୟପୂର୍ଣ୍ଣ କଳା ଛାୟାଠାରୁ ଜହ୍ନଟା ଅଧାରେ ଅଟକି ଯାଏ।

**ଭାରତୀୟ ଜନସଂଚାର ସଂସ୍ଥାନ,**
**ଢେଙ୍କାନାଳ**

# ରାମ ନାମରେ ରହିଛି ସାମ୍ପ୍ରଦାୟୀକତା ଦୂର କରିବାର ତତ୍ତ୍ୱ

**ଗୋପାଳ ମହାପାତ୍ର**

ସିୟ ରାମ ମୟ ସର୍ବ ଜଗଜାନି ..... । ଏବେ ଦେଶର କୋଣ ଅନୁକୋଣରେ ରହୁଥିବା ହିନ୍ଦୁଙ୍କ ମଧ୍ୟରେ ଉତ୍ସାହ ଜାଗିଉଠିଛି । ଚାରିଆଡ଼େ ରାମମୟ ହୋଇଯାଇଛି । ୨୦୨୪ ବର୍ଷ ଭଗବାନ ରାମଙ୍କ ପାଇଁ ବୋଲି କୁହାଯାଉଛି । ଏମିତି ଦେଖିବାକୁ ଗଲେ ଭଗବାନ ଶ୍ରୀରାମ କୋଣ ଅନୁକୋଣରେ ଜନ ମନରେ ରହିଛନ୍ତି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ରହିବେ। କିନ୍ତୁ ୨୦୨୪ କେବଳ ହିଁ କେବଳ ଶ୍ରୀରାମଙ୍କର । ୨୦୧୪ ମଧ୍ୟ ବେଶ୍ କିଛି ଖାସହେବ ବୋଲି ଆଶା କରାଯାଉଛି । ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବ । ଏବେଠାରୁ ପରିବେଷ ରାମମୟ ହୋଇ ଗଲାଣି। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ଖୁସି ବା ଉତ୍ସବ କେବଳ ଅଯୋଧ୍ୟା ଅଥବା ଆମ ଦେଶରେ ପାଳନ କରାଯାଉନାହିଁ ଆମେରିକାରେ ମଧ୍ୟ ଏଥିପାଇଁ ଉତ୍ସବ ପାଳନ ହେବ । ଅନେକ ବର୍ଷର ସଂଘର୍ଷ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ହୋଇଛି । ୨୨ ତାରିଖରେ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଘଟଣା ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଭାବେ ଲିପିବଦ୍ଧ ହୋଇ ରହିବ। ଏଣୁ ଏଭଳି ସମୟରେ ରାମଙ୍କ ବିଷୟରେ ଆମେ ଜାଣିବାର ଆବଶ୍ୟକତା ରହିଛି ।

ଅଖଣ୍ଡ ବ୍ରହ୍ମାଣ୍ଡର ନାୟକ ହେଉଛନ୍ତି ରାମ । ସେ ମଙ୍ଗଳ ଭବନ ଅଟନ୍ତି, ସବୁ ପ୍ରକାରର ଅମଙ୍ଗଳକୁ ଦୂର କରି ପାରନ୍ତି । ମଙ୍ଗଳ ଭବନ ଅମଙ୍ଗଳ ହାରି । ପୃଥିବୀ ଏବଂ ଆକାଶ ଯାହାଙ୍କର ସୃଷ୍ଟି, ଯାହାଙ୍କ ଆଜ୍ଞାରେ ସଂସାର ଚାଲେ ସେ ହେଉଛନ୍ତି ରାମ । ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି - ନ୍ତ ଉମା ଦାରୁ ଦୋଷିତ କି ନାଇ, ସବହିଁ ନଚାବତ୍ ରାମ ଗୁସାଇଁ ।ନ୍ତ ସେ ତାଙ୍କ ଇଶାରାରେ ସାରା ବିଶ୍ୱକୁ ନଚାଉଛନ୍ତି । ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କ ସ୍ୱରୁପ ଏବଂ ଚରିତ୍ର ସଦା ମନମୁଗ୍ଧକର । ସେ ହେଉଛନ୍ତି ସମଦର୍ଶୀ । ନ୍ତଭାବ- କୁଭାବ ଆଳସ ହୁଁ - ନାମ ଜନତ ମଙ୍ଗଳ ଦିସି ଦଶହୁଁ । ଯେଭଳି ଲଡୁର ଆକାର ଗୋଲ ହେଲେ ମଧ୍ୟ ତାର ସ୍ୱାଦ ପ୍ରଭାବିତ ହୋଇନଥାଏ ସେପରି ରାମଙ୍କ ନାମ ଯେକୌଣସି ଅବସ୍ଥାରେ ନେଲେ ମଧ୍ୟ ତାହା ମଙ୍ଗଳକାରୀ ହୋଇଥାଏ । ସନ୍ଥ କବୀର ମାଙ୍କ ସହ ରାମଙ୍କର ତୁଳନା କରିଛନ୍ତି । କବୀରଙ୍କ ମତରେ ମା ପୁଅର ସବୁ ଅଳି ଅର୍ଦଳ ଏପରିକି ପୁଅର ନିର୍ଯ୍ୟାତନା ସହି ମଧ୍ୟ ପୁଅର ଅପକାର କଥା ଚିନ୍ତା କରିନଥାଏ । ପୁଅ ଦୁଃଖୀ ହେଲେ ମା ବି ଦୁଃଖୀ ହୋଇଥାଏ । ସେହିଭଳି ପ୍ରଭୁ ଶ୍ରୀରାମ କାହାରି ଅପକାର ବା ମଙ୍ଗଳ କରିନଥାନ୍ତି । ବରଂ ଅମଙ୍ଗଳକାରୀଙ୍କ ବିନାଶ କରିଥାନ୍ତି । ସେଇଥିପାଇଁ ଅନ୍ତିମ କ୍ଷଣରେ ରାବଣଭଳି ଅହଂକାରୀ ବିଦ୍ୱାନ ଅତ୍ୟନ୍ତ ସହଜତାର ସହ ରାମକୁ କହିଥିଲା ଯେ ନ୍ତତମେ ନିଜକୁ ବଜେତା ବୋଲି ଭାବ ନାହିଁ, ବିଜୟ ତ ମୋର ହୋଇଛି ।ନ୍ତ ପ୍ରଭୁ ଶ୍ରୀରାମ ରାବଣ କଥା ଶୁଣି ହସିଦେଇଥିଲେ। ରାବଣ ଜାଣିଥିଲା ଯେ ପ୍ରଭୁ ତାଙ୍କ ଭକ୍ତର ସବୁଇଚ୍ଛା ପୁରଣ କରିଥାନ୍ତି । ଭକ୍ତଙ୍କଠାରୁ ହାରିବାରେ ଭଗବାନଙ୍କୁ ମଜା ଆସିଥାଏ । ଯିଏ ଏହି ସାଧାରଣ କଥାକୁ ବୁଝିପାରିବ ଯେ ଭଗବାନଙ୍କର କାହା ପ୍ରତି ବିଦ୍ୱେଷ ଭାବ ନଥାଏ ତାର ଜୀବନ ଧନ୍ୟ ହୋଇଯାଏ । ପ୍ରଭୁ ଶ୍ରୀରାମଙ୍କର ସଂସାରର ପ୍ରତ୍ୟେକ ଜୀବ ସହ ଏକମାତ୍ର ସମ୍ପର୍କ ରହିଛି ତାହା ହେଉଛି ପ୍ରେମ ଭାବର ସମ୍ପର୍କ ଓ ସମ୍ପର୍କ ହେଉଛି ଭକ୍ତିର । ରାମଙ୍କୁ ଅନୁସରଣ କରୁଥିବା ଲୋକ ପ୍ରେମ ଏବଂ ଭକ୍ତିର ରାସ୍ତାରେ ଚାଲିବାକୁ ପସନ୍ଦ କରିଥାନ୍ତି ।

ମାତା ଶବରୀ ରାମଙ୍କୁ କହିଥିଲା - କେହି ବିଧି ଅସ୍ତୁତି କରୋ ତୁହ୍ମାରି, ଅଧମ ଜାତି ମେଁ ଜଡ଼ମତିମାରି । ଅଧମସେ ଅଧମ ଅଧମ ଖତି ନାରୀ, ତିହ୍ନ ମହଁ ମେ ମତିମନ୍ଦ ଅଧାରିନ୍ତ । ଅର୍ଥାତ୍ ନ୍ତମୁଁ ଛୋଟ ଜାତିରେ ଜନ୍ମ ହୋଇଛି, ଅଧମରୁ ଅଧମ ଏବଂ ମନ୍ଦ ମତି ଅଟେ । ଆପଣ ମୋତେ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି,ନ୍ତ ଶବରୀ କଥା ଶୁଣି ରାମ ଭାବବିହ୍ୱଳ ହୋଇ ପଡିଥିଲେ ଏବଂ ଶବରୀର କଥା ତାକୁ ଦୁଃଖ ଦେଇ ଥିଲା । ସାଧାରଣ ଭାବେ ଏକଥା ବୁଝିବେ ନାହିଁ । ଏହା ହେଉଛି ଭାରତୀୟ ତତ୍ତ୍ୱ ଦର୍ଶନର ସାରକଥା । ଛୁଆଁ ଅଛୁଆଁ ଏବଂ ଜାତିକୁ ନେଇ ରାଜନୀତି କରୁଥିବା ଲୋକେ ଏଥିରୁ ଶିକ୍ଷା ଲାଭ କରିବା କଥା । ରାମଙ୍କ କଥା କହୁଥିବା ଲୋକେ ଶବରୀ ଠାରୁ ଅଇଁଠା କୋଳି ପ୍ରଭୁ ଶ୍ରୀରାମ ଖାଇବା ଘଟଣାରୁ ଅନେକ କଥା ବୁଝିବା ଦରକାର । ପ୍ରଭୁ ଶ୍ରୀରାମ କହିଥିଲେ ନ୍ତକହ ରଘୁପତି ସୁନୁ ଭମିନି ବାତା; ମାନଉଁ ଏକ ଭଗତ କରି ନାତା, ନ୍ତ ସେ ଶବରୀକୁ କହିଥିଏ ନ୍ତମୁଁ କେବଳ ଭକ୍ତିର ସମ୍ପର୍କକୁ ମାନିଥାଏ, ସଂସାରର ଅନ୍ୟ କୌଣସି ସମ୍ପର୍କର ମାନେ ମୋ ପାଇଁ କିଛି ନାହିଁ ।ନ୍ତ ପ୍ରଭୁ ଶ୍ରୀରାମ ଶବରୀକୁ ନବଧା ଭକ୍ତିର ଜ୍ଞାନ ଦେଇଥିଲେ ଓ କହିଥିଲେ ନ୍ତଜାତି ପାତି କୂଳଧର୍ମ ବଡ଼ାଇ, ଧନବଳ ପରିଜନ ଗୁନ ଚତୁରାଇ । ଭଗତି ହୀନ ନର ସୋହଇ କେସା- ବିନ ଜଳ ବାରିଦ ଦେଖଇ ଜେସା ।ନ୍ତ ଯଦି ପ୍ରଭୁ ଶ୍ରୀରାମ ଶବରୀର ଅଇଁଠା କୋଳି ଖାଇପାରିଲେ ତେବେ ରାମଭକ୍ତ ବୋଲି କହୁଥିବା ଲୋକ ଛୁଆଁ ଅଛୁଆଁ ଭେଦଭାବ କଥା କହୁଛନ୍ତି କାହିଁକି ବା କହିବେ କାହିଁକି ?

ପୁରୁଷୋତ୍ତମ ଶ୍ରୀରାମ ହେଉଛନ୍ତି ସଂସାରର ମାର୍ଗଦର୍ଶକ। ତାଙ୍କର ତୁଳନା ନାହିଁ । ଶବରୀ ଏବଂ ରାମଙ୍କ ଏହି ପ୍ରସଙ୍ଗ ସୂଚାଇ ଦେଇଥାଏ ଯେ ଭଗବାନଙ୍କ ସୃଷ୍ଟିରେ କେହି ଛୋଟ ନୁହଁନ୍ତି କି କେହି ବଡ଼ ନୁହଁନ୍ତି । ବ୍ୟକ୍ତି ନିଜର କର୍ମ, ସ୍ୱଭାବ ଏବଂ ଆଚରଣ ପାଇଁ ଗ୍ରହଣୀୟ ହୋଇଥାଏ ଅଥବା ତିରସ୍କୃତ ହୋଇଥାଏ । ଭକ୍ତିର ଏହି ରହସ୍ୟକୁ ଯିଏ ବୁଝିପାରେ ସେ ସନ୍ଥ ପାଲଟି ଯାଇଥାଏ । ବଡ଼ ହେବା ପାଇଁ ଛୋଟ ହେବା ମଧ୍ୟ ଜରୁରୀ । ମି ଛୋଟ କିନ୍ତୁ ଅଙ୍କୁରିତ ହୋଇ ମହାଦ୍ରୁମରେ ପରିଣତ ହୋଇଥାଏ । ମିରୁ ବୃକ୍ଷ ଓ ବୃକ୍ଷରୁ ମହାବୃକ୍ଷ ହେବା ପାଇଁ ସମୟ ଲାଗିଥାଏ ସେହିପରି ରାମ ହେବା ସହଜ ନୁହେଁ । ରାମ କେବଳ ଦୁଇଟି ଅକ୍ଷରର ନାମ କିନ୍ତୁ ଏହା ଅଧାତ୍ମ୍ୟ ଏବଂ ଜ୍ଞାନ ବିଜ୍ଞାନର ବୀଜତତ୍ତ୍ୱ । ଏ ଦୁଇ ଅକ୍ଷରକୁ ହାଲୁକାରେ ନିଆଯାଇନ ପାରେ, ଏହା ସାମାନ୍ୟ ନାମ ନୁହେଁ, ଯିଏ ରମିଥାଏ ସେ ହେଉଛି ରାମ, ରମନ୍ତେ।ତି ରାମ । ରାମ ପ୍ରତ୍ୟେକ ଘଟରେ ବ୍ୟାପ୍ତ, ରାମଙ୍କୁ ବୁଝିବାକୁ ହେଲେ ଲଘୁତାକୁ ଗୁରୁତ୍ୱ ହେବାକୁ ପଡିବ । ଏହି ଲଘୁତା ଯାହା ପ୍ରମୁଖତା ଆଡ଼କୁ ନେଇଯାଇ ପାରିବ ।

ଭାରତରେ ରାମ ରାଜ୍ୟର କଳ୍ପନା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ କରିଥିଲେ । ରାମ ରାଜ୍ୟରେ ଦୀନ ଦୁଃଖୀ ନଥିଲେ ଓ ସେଠାରେ ଉଚ୍ଚନୀଚର ଭେଦଭାବ ନଥିଲା। ପରସ୍ପର ସ୍ନେହ ସୌହାର୍ଦ୍ଦ୍ୟ ସୁତ୍ରରେ ବାନ୍ଧି ହୋଇଥିଲେ । ଏଣୁ ସେଇ ରାମଙ୍କୁ ସାମ୍ପ୍ରଦାୟିକତାର ଦୃଷ୍ଟିରେ ଦେଖିବା ଉଚିତ୍ ନୁହେଁ। ଏ ପ୍ରସଙ୍ଗରେ ଅଧିକ ବିଚାର ବିମର୍ଷ କରିବାକୁ ପଡିବ ଅନ୍ୟଥା ଆମେ ରାମଙ୍କୁ ବୁଝିପାରିବା ନାହିଁ । ରାମ ନାମରେ ହିଁ ସାମ୍ପ୍ରଦାୟିକତାକୁ ଦୂର କରିବାର ତତ୍ତ୍ୱରହିଛି ।

**ରାମଚନ୍ଦ୍ର ପୁର**
**ରଣ ପୁର**
**ମୋ:-**
**୯୪୩୮୪୮୫୦୯୪**

# ରାଜା ଗୁଣେ ପ୍ରଜା

**ଅଧ୍ୟାପକ ଗୋପବନ୍ଧୁ**

ରାଜାଙ୍କୁ ପ୍ରଜାମାନେ ଅନୁସରଣ କରିବା ସ୍ୱାଭାବିକ କଥା। ରାଜାଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାର ଏପରିକି ଚିନ୍ତାଦର୍ଶନକୁ ପ୍ରଜାମାନେ ଅନୁସରଣ କରୁଥିଲେ। ତେଣୁ ଲୋକପ୍ରିୟ କଥନ ଅଛି, ଯେମିତି ରାଜା ସେମିତି ପ୍ରଜା। ଅତୀତର ରାଜତନ୍ତ୍ର ହଟି ଏବେ ଗଣତନ୍ତ୍ର ଆସିଛି। ଏବେ ବଡ ନେତାମାନେ ଯେଉଁମାନେ ଉଚ୍ଚ ସାମ୍ବିଧାନିକ ପଦପଦବୀରେ ଅଛନ୍ତି ସେମାନେ ରାଜାର ସ୍ଥାନ ନେଇଛନ୍ତି। ରାଜତନ୍ତ୍ରରେ ଜନସାଧାରଣ ଯେଉଁପରି ରାଜାଙ୍କୁ ଆଦର୍ଶ ବୋଲି ଭାବୁଥିଲେ, ଗଣତନ୍ତ୍ରରେ ଲୋକମାନେ ନେତାଙ୍କୁ ଆଦର୍ଶ ବୋଲି ଭାବନ୍ତି। ରାଜା ଭଲହେଲେ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ ଓ ରାଜା ଖରାପ ହେଲେ ପ୍ରଜାମାନେ ମଧ୍ୟ ଖରାପ ହେଉଥିଲେ। ଏହାର କାରଣ ହେଉଛି ଜଣେ ଖରାପ ରାଜାର ଶାସନ ବ୍ୟବସ୍ଥା ତଦନୁଯାୟୀ ଖରାପ ହେଉଥିଲା। ଶାସନ ବ୍ୟବସ୍ଥା ଖରାପ ହେଲେ ପ୍ରଜାମାନେ ମଧ୍ୟ ସେହି ଢାଞ୍ଚାରେ ନିଜକୁ ପକାଉଥିଲେ। ଅନ୍ୟପକ୍ଷରେ ରାଜା ଭଲହେଲେ ଶାସନ ବ୍ୟବସ୍ଥା ଭଲ ହେଉଥିଲା ଓ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ। ତେଣୁ କୁହା ଯାଉଥିଲା ରାଜା ଗୁଣେ ପ୍ରଜା। ମୂଳ ଯେମିତି ହେବ ଶାଖା ପ୍ରଶାଖା ମଧ୍ୟ ସେମିତି ହେବ।

ଗଣତନ୍ତ୍ରରେ ଜଣେ ମିଛୁଆ ଉଚ୍ଚ ଆସନରେ ବସିଲେ ନାଗରିକମାନେ ମଧ୍ୟ ମିଛର ଆଶ୍ରୟ ନିଅନ୍ତି। ଜଣେ ଭ୍ରଷ୍ଟାଚାରୀ ଉଚ୍ଚ ଆସନରେ ବସିଲେ ଭ୍ରଷ୍ଟାଚାର ଶାସନ ବ୍ୟବସ୍ଥାର ଅନ୍ତର୍ଗତ ହୋଇଯାଏ। ପ୍ରତ୍ୟେକ ବ୍ୟବସ୍ଥାକୁ ଭ୍ରଷ୍ଟାଚାର ବ୍ୟାପିଯାଏ। ସାଧାରଣ ଜନତା ମଧ୍ୟ ଏଥିରେ ଅଭ୍ୟସ୍ତ ହୋଇଯାନ୍ତି। କ୍ରମେ ଏହା ସାମାଜିକ ବ୍ୟବସ୍ଥାର ଅଙ୍ଗ ହୋଇଯାଏ। ଅନ୍ୟ ପକ୍ଷରେ ଜଣେ ସ୍ୱଚ୍ଛୋଟ ଲୋକ ଉଚ୍ଚ ଆସନରେ ବସିଲେ ଦେଶରେ ସ୍ୱଚ୍ଛୋଟତା ବ୍ୟାପେ। ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଜଣେ ଲୋକ ଏପରି ଆସନରେ ବସିଲେ ଭ୍ରଷ୍ଟାଚାର ହ୍ରାସ ପାଏ। ପ୍ରଶାସନ ମଧ୍ୟ ଭ୍ରଷ୍ଟାଚାର ମୁକ୍ତ ହୁଏ। ଫଳରେ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସ୍ୱଚ୍ଛୋଟତା ଦେଖାଦିଏ। ସେହି ମର୍ମରେ କୁହାଯାଇପାରେ ନେତା ସାଧୁ ହେଲେ ଜନତା ମଧ୍ୟ ସାଧୁ ହେବେ। ନେତା ଯେଉଁ ଗୁଣର ହେବେ ଜନତା ନିଜକୁ ସେହି ଢାଞ୍ଚାରେ ପକାଇବାକୁ ଚେଷ୍ଟା କରିବେ। କାରଣ ଏ କଥା ସମସ୍ତଙ୍କୁ ଜଣା ଯେ ପରିବ୍ୟାପ୍ତ ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ସାଧୁ ଲୋକଟେ ତିଷ୍ଠିରହିବା କଷ୍ଟକର ବ୍ୟାପାର। ତାକୁ ତଳି ତଳାନ୍ତ ହେବାକୁ ପଡେ। ତେଣୁ ସେ ଅବସ୍ଥା ସହିତ ବୁଝାମଣା କରିନିଏ।

ପୂର୍ବେ ରାଜତନ୍ତ୍ର କାଳରେ ରାଜପୁତ୍ରମାନଙ୍କୁ ଶ୍ରେଷ୍ଠଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିଲା। ସାମରିକ ଶିକ୍ଷା ସହିତ, ଦର୍ଶନ, ନୈତିକତା, କଳା ଓ ସ୍ଥାପତ୍ୟ ଉପରେ ତାଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରାଯାଉଥିଲା। ଉଦ୍ଦେଶ୍ୟ ଥିଲା ତାଙ୍କୁ ଜଣେ ଜଣେ ସୁଶାସକ ବନାଇବା। ତାଙ୍କ ମଧ୍ୟରେ ସତ୍ୟ, ନ୍ୟାୟ ଓ ଭ୍ରାତୃତ୍ୱଭାବର ଭାବନାକୁ ଅଙ୍କୁରିତ କରିବାପାଇଁ ଭରପୁର ଚେଷ୍ଟାକରା ହେଉଥିଲା। ଜ୍ଞାନୀ ରାଜାମାନେ ସର୍ବଦା ଚେଷ୍ଟା କରୁଥିଲେ ପ୍ରଜାମାନେ କିପରି ସୁଖମୟ ଜୀବନ ଯାପନ କରିବେ। ସେମାନେ ସର୍ବଦା ଚେଷ୍ଟା କରୁଥିଲେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ। ଏହା ଭିନ୍ନକଥା ଥିଲା ଯେ ରାଜାମାନେ ଯୁଦ୍ଧ କରୁଥିଲେ। ଅନେକ ସମୟରେ ସେମାନେ ଏଥିପାଇଁ ବାଧ ହେଉଥିଲେ। ମୋଟାମୋଟି ଉପରେ ଦେଖିବାକୁ ଗଲେ ରାଜତନ୍ତ୍ର କାଳରେ ସାମାଜିକ ଜୀବନ ଶୃଙ୍ଖଳିତ ଥିଲା ଓ ସାଧୁତାକୁ ସମାଜରେ ଗୁରୁତ୍ୱ ଦିଆହେଉଥିଲା।

ନିଶ୍ଚିତରୂପେ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବ୍ୟବସ୍ଥା। ହେଲେ ଏହା ଠିକଭାବେ ନିୟନ୍ତ୍ରିତ ନହେଲେ ଏହାର ନାକାରାତ୍ମକ ଦିଗଗୁଡିକ ପ୍ରାଧାନ୍ୟ ବିସ୍ତାର କରେ। ଏହି ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ମତ ଅନୁସାରେ ଗଠିତ ହୁଏ। ଯେଉଁମାନେ ଲୋକପ୍ରତିନିଧି ହେବେ ସେମାନେ ସ୍ୱଚ୍ଛୋଟ, ସାଧୁ ଓ ବିଜ୍ଞ ବ୍ୟକ୍ତି ହେବା ଆବଶ୍ୟକ। ଏହି ପ୍ରକାର ଲୋକଙ୍କୁ ସାଧାରଣ ଜନତା ବାଛିବା ଜରୁରୀ। ଭ୍ରଷ୍ଟାଚାରୀ, ମୂର୍ଖ ଓ ଅସାଧୁମାନେ ନିର୍ବାଚିତ ହୋଇଆସିଲେ ଗଣତନ୍ତ୍ର ଦିଗହରା ହୋଇଯାଏ। ଜଣେ ମୂର୍ଖ କାହୁଁ ବୁଝିବ ଶିକ୍ଷାର ମୂଲ୍ୟ। ତେଣୁ ସେ ଚାହିଁବ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେଉ ଓ ଲୋକମାନେ ତାଙ୍କପରି ମୂର୍ଖ ରହନ୍ତୁ। ଏମାନେ ଧର୍ମ, ଜାତି ଓ ଅଞ୍ଚଳ ନାମରେ ସମାଜକୁ ଭାଗଭାଗ କରନ୍ତି। ଜାତୀୟ ଐକକୁ ନଷ୍ଟ କରନ୍ତି। ଭୋଟପାଇଁ ଏମାନେ ସବୁ କରିପାରନ୍ତି। ଜଣେ ଭ୍ରଷ୍ଟାଚାରୀ ଲୋକପ୍ରତିନିଧି ଚାହିଁବ ଅଧିକରୁ ଅଧିକ କେତେ ଅର୍ଥକୁ ଆତ୍ମସାତ୍ କରାଯାଇପାରେ। ଲୋକମାନଙ୍କୁ କେତେ ଶୋଷଣ କରାଯାଇ ପାରେ। ବେଳେବେଳେ ଦଳେ ଲାଭଖୋରୀ ପୁଞ୍ଜିପତି ବୋଲକରା ଭ୍ରଷ୍ଟାଚାରୀକୁ ଉଚ୍ଚ ଆସନରେ ବସାଇବା ପାଇଁ ବିପୁଳ ଅର୍ଥ ଖଟାନ୍ତି ଏବଂ ଜିତିଗଲା ପରେ ଇଚ୍ଛା ମୁତାବକ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାରଙ୍କଠାରୁ ବିଭିନ୍ନ ଆଳରେ ମାରି ନିଅନ୍ତି। ରାଜନୀତି ବି ତାଙ୍କ ପାଇଁ ବେପାରରେ ପରିଣତ ହୁଏ।

ବଡନେତା ଭ୍ରଷ୍ଟାଚାରୀ ଓ ଅବିବେକୀ ହେଲେ ଛୋଟ ନେତାମାନେ ବାଦ୍ ପଡ଼ିବେ କାହିଁକି। ସେମାନେବି ସମାନ ଢାଞ୍ଚାରେ ପଡ଼ନ୍ତି। ରାଜନୈତିକ ବ୍ୟବସ୍ଥା ଯେତେବେଳେ କଳୁଷିତ ହୋଇଯାଏ, ପ୍ରାଶାସନିକ ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଯାଏ। ଶାସାକ ଓ ପ୍ରଶାସକ ମଧ୍ୟରେ ବୁଝାମଣା ହୋଇଯାଏ ଅର୍ଥ ଆତ୍ମସାତ୍ କରିବାର। ଫଳରେ ନାନା ଅନିୟମିତତା ଦେଖାଦିଏ। ପ୍ରିୟାପ୍ରୀତି ତୋଷଣ ବଢେ। ଗୁଣ୍ଡା, ଧର୍ଷଣକାରୀ, ମାଫିଆ, କଳାବଜାରୀ ପ୍ରଭୃତି ଲୋକମାନେ କ୍ଷମତା ବଳୟକୁ ପଶିଆସନ୍ତି। କ୍ରମେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗେ। ଗଣତନ୍ତ୍ରର ସମସ୍ତ ସ୍ତମ୍ଭକୁ ଭ୍ରଷ୍ଟ ଲୋକମାନେ କବଳିତ କରିନିଅନ୍ତୁ ଓ ନିଜ ଇଚ୍ଛାର ଶାସନ ଚଳାନ୍ତି। ଗଣତନ୍ତ୍ର ଧ୍ୱଂସାଭିମୁଖୀ ହୁଏ। ଚାରିଆଡ଼େ ଅରାଜକତା ଦେଖାଦିଏ। ଭ୍ରଷ୍ଟାଚାରୀମାନେ ଜାଣିଜାଣି ଅରାଜକତା ସୃଷ୍ଟି କରନ୍ତି। ଫଳରେ ତାଙ୍କୁ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ସହଜ ହୁଏ। ଦେଶକୁ ଲୁଟିବାକୁ ସହଜ ହୁଏ।

ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଚ୍ଚ ସୋପାନକୁ ନେଇଯିବାକୁ ହେଲେ ଜନସଚେତନତା ବଢାଇବାକୁ ହେବ। ସମସ୍ତଙ୍କୁ ସତର୍କ ରହିବାକୁ ହେବ ଯେଉଁପରି ଭ୍ରଷ୍ଟାଚାରୀ, ଅସାଧୁ ଓ ନିମ୍ନ ବିଚାରଧାରାର ଲୋକମାନେ ସାମ୍ବିଧାନିକ ପଦପଦବୀକୁ ନଯାନ୍ତି। ଅନ୍ୟଥା ଏମାନେ ସାଧାରଣ ଜନତାଙ୍କ ଆଦର୍ଶ ବନିଯିବେ ଓ ସାଧାରଣ ଜନତା ମଧ୍ୟ ଏମାନଙ୍କୁ ଆଦର୍ଶ ଭାବି ଅନୁସରଣ କରିବା ଆରମ୍ଭ କରିବେ। ରାଜାଙ୍କ ଗୁଣେ ପ୍ରଜା ହେଲାପରି ଏହି ନେତାଙ୍କ ଗୁଣେ ପ୍ରଜା ବନିଯିବେ। ଆମ ଦେଶର ରାଜନୈତିକ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିଛି। ମଦ, ମାଂସ, ଟଙ୍କା ବାଣ୍ଟି ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରିଦେଇଛନ୍ତି। ଜନସାଧାରଣ ମଧ୍ୟ ପ୍ରଲୋଭନର ଶିକାର ହେଉଛନ୍ତି। ଭଲମନ୍ଦ ବିଚାର କରାଯାଉ ନାହିଁ। କିଏ କେତେଦେବ ତାହା ଭୋଟ ଦେବାର ମାନଦଣ୍ଡ ହୋଇଯାଇଛି। ଫଳରେ ଅର୍ଥବଳି ଓ ବାହୁବଳିମାନେ କ୍ଷମତା ଦଖଲକରି ନେଇଛନ୍ତି। ଗଣତନ୍ତ୍ରି ଧନତନ୍ତ୍ର ଓ ବଳତନ୍ତ୍ରରେ ପରିଣତ ହୋଇଛି। ରାଜନୈତିକ ଆଦର୍ଶ ଲୋପ ପାଇ ଯାଇଛି।

ଦେଶବାସୀଙ୍କୁ ପୁଣି ବୌଦ୍ଧିକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡିବ। ଆଦର୍ଶ ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପଡିବ। ସଚ୍ଚୋଟ, ଆଦର୍ଶବାଦୀ, ବିଜ୍ଞ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଶାସକର ଆସନରେ ବସାଇବାକୁ ହେବ। ଯେଉଁମାନେକି ସାଧାରଣ ଜନତାଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ତଥା ଅନୁକରଣୀୟ ବ୍ୟକ୍ତିତ୍ୱ ମଧ୍ୟ ହେବେ। ଫଳରେ 'ରାଜା ଗୁଣେ ପ୍ରଜା' ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବ। ସ୍ୱଚ୍ଛ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହେବ। ଆଦର୍ଶବାଦୀ ନେତୃତ୍ୱ ଦେଶପାଇଁ ମଙ୍ଗଳ ଦାୟକ ହେବ।

**(ଅବସରପ୍ରାପ୍ତ, ଦର୍ଶନ ବିଭାଗ)**
**ବାରିପଦା, ମୟୁରଭଞ୍ଜ,**
**ମୋ. ୭୦୦୮୯୭୬୧୮୦**




# ଜିଲ୍ଲା ପର୍ଯ୍ୟବେକ୍ଷକ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ଗସ୍ତ



**ନୂଆପଡ଼ା(ଅମୃତ ମିଡିଆ) :** ଆଗାମୀ ସାଧାରଣ ନିର୍ବାଚନ ୨୦୨୪ କୁ ଆଖି ଆଗରେ ରଖି ରାଜ୍ୟ ରେ ବିଜେଡି ଦଳ ସକ୍ରିୟା ଭାବେ ଦଳୀୟ କର୍ମୀ ନେତା ମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ଭାବେ ନେତାଗଣ ବିଧାୟକ ପର୍ଯ୍ୟବେକ୍ଷକ ମାନେ ଦାୟୀତ୍ୱରେ ଥିବା ନ୍ର୍ୱାଚନମଣ୍ଡଳୀକୁ ଯାଇ ସମ୍ପର୍କ ଅଭିଯୋନ ଆରମ୍ଭ କରିଛନ୍ତି ସେହିପରି ଶନିବାର ଦିନ ନୂଆପଡା ପର୍ଯ୍ୟବେକ୍ଷକ ଅତାବିରା ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ମୁଆପଡା ଜିଲ୍ଲା କୁ ଗସ୍ତ କରିଛନ୍ତି ଆଜି ସକାଳୁ ଶ୍ରୀମତି ଛୁରିଆ ଅତାବିରା ନିଜ ବାସ ଭବନରୁ ପ୍ରଥମେ ନୂଆପଡା ନିର୍ବାଚନ ମଣ୍ଡଳୀ ର ସାର୍କିଟ ହାଉସ ପହଞ୍ଚିଥିଲେ ପରେ ସାର୍କିଟହାଉସ ରେ ସକାଳ ଜଳଖିଆ ଖାଇ ଦଳୀୟ ନେତା ମାନେ ସାର୍କିଟହାଉସ ପହଞ୍ଚି ନୂତନ ବର୍ଷ ର ଫୁଲତୋଳା ଦେଇ ଶୁଭେଚ୍ଛା ଜଣାଇଥିଲେ ପରେ ଦଳୀୟ ନାତା ଙ୍କ ସହିତ ଦଳୀୟ ରଣନୀତି ଉପରେ ଆଲୋଚନା ହୋଉଥିଲା ପରେ ଖଡିଆଲ ନିର୍ବାଚନ ମଣ୍ଡଳୀ ର ଦଳିୟ କାର୍ଯ୍ୟକ୍ରମ ରେ ଯୋଗଦେବେ ବୋଲି ଦଳର କର୍ମୀ ମାନେ ପ୍ରକାଶ କରିଛନ୍ତି ଦଳୀୟ କାର୍ଯ୍ୟକ୍ରମ ସାରି ଶ୍ରୀ ମତୀ ଛୁରିଆ ଅପରାହ୍ନ ୩ଟା ସମୟ ବେଳେ ଖରିଆର ରୋଡ଼ ସ୍ଥିତ ଗଣପତିପେଲେସ ହୋଟେଲ ଠାରେ ରେ ଦଳୀୟ କାର୍ଯ୍ୟକ୍ରମ ରେ ଯୋଗଦେବାର ଅଛି ଦଳ ସୂତ୍ରେରୁ ଜଣାପଡିଛି। ସେହିପରି ଦଳୀୟ କର୍ମୀ ଓ ନେତାମାନେ ସାର୍କିଟହାଉସ ପହଁଚି ଶ୍ରୀ ମତୀ ଛୁରିଆ ଙ୍କୁ ଫୁଲତୋଳା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି ସେମାନେ ହେଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବାନ୍ତ ସୁନା ବିଜେଡି ଯୁବ ନେତା କାର୍ତ୍ତିକ ଦୀପ, ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ସୁଧୀର ମିଶ୍ର, ମହିଳା ନେତ୍ରୀ ଶ୍ରୀମତୀ ଯଜ୍ଞସେନୀ ମହାପାତ୍ର, ଯୁବନେତା ଶ୍ରୀ ରଞ୍ଜିତ ସୁନା, ଶ୍ରୀ ସୁଦାମ ଭୋଇ, ଶ୍ରୀ ରମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କରେ ଭଡ଼ା ଲାଗିଥିବା ଗାଡ଼ିର ଟଙ୍କା ହଡ଼ପ ଘଟଣା

# ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

### ◆ ନକଲି ଆଇଡି କାର୍ଡ, ଷ୍ଟାମ୍ପ, ଅଫର ଲେଟର ସମେତ ବହୁ ଆସବାବପତ୍ର ଜବତ




**ବ୍ରହ୍ମପୁର(ଅମୃତ ମିଡିଆ) :** ଘରୋଇ ବ୍ୟାଙ୍କରେ ଭଡାରେ ଲାଗିଥିବା ଗାଡିର ଟଙ୍କା ହଡ଼ପ ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପୋଲିସ । ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଉନ ଥାନା ଅଂଚଳରେ । ସୂଚନା ଅନୁସାରେ ବ୍ରହ୍ମପୁର ଲୋଚାପଡା ଅଂଚଳର ସୁମନ କୁମାରୀ ଆଚାରୀଙ୍କ ଦୁଇଗୋଟି ଗାଡି ରହିଥିବା ବେଳେ ଅଭିଯୁକ୍ତ ରବି ନାରାୟଣ ମହାରଣା ନିଜକୁ ଫିନୋ ବ୍ୟାଙ୍କର ମ୍ୟାନେଜରର ପରିଚୟ ଦେଇ ସୁମନ କୁମାରୀ ଆଚାରୀଙ୍କ ଦୁଇଗୋଟି ଗାଡିକୁ ଭଡାରେ ନେଇଥିଲେ । ଗତ ୩ ମାସ ଧରି ଗାଡିର ମାଲିକ ସୁମନ କୁମାରୀ ଆଚାରୀଙ୍କୁ ଗାଡିର ଭଡା ମିଳିନଥିବା ବେଳେ ସେ ରବି ନାରାୟଣ ମହାରଣାଙ୍କୁ ମାଗିବା ସମୟରେ ସୁମନ କୁମାର ଆଚାରୀଙ୍କୁ ବିଭିନ୍ନ ପ୍ରକାରର ଗାଳି ଗୁଲଜ କରିବା ସହ ଧମକ ମଧ ଦେଇଥିଲେ । ଏ ନେଇ ସୁମନ କୁମାର ଆଚାରୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫/୨୩ ରେ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ରବି ନାରାୟଣ ମହାରଣା ଏବଂ ତାଙ୍କ ସହଯୋଗୀ ରିଙ୍କୁ ପାତ୍ର ଫିନୋ ବ୍ୟାଙ୍କର କର୍ମଚାରୀ କହିବା ସହ ଛାତ୍ରଛାତ୍ରୀ ମାନଙ୍କୁ କାମରେ ରଖିବା ଲୋଭ ଦେଖାଇ ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଟଙ୍କା ମଧ ନେଇଥିବା ଜଣାପଡିଛି । ଅପର ପକ୍ଷରେ ଉଭୟ ଅଭିଯୁକ୍ତ ଫିନୋ ବ୍ୟାଙ୍କର ନକଲି କାଗଜପତ୍ର ଷ୍ଟାମ୍ପ ବ୍ୟବହୃତ କରି ବିଭିନ୍ନ ଘୋଟାଲା କରିଥିବା ଖବର ପୋଲିସ ସୂଚନା ପାଇଥିଲା । ଏହି ସମସ୍ତ ବେଆଇନ କାର୍ଯ୍ୟକୁ ନେଇ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସେମାନଙ୍କ ନିକଟରୁ ଦୁଇଗୋଟି ଅଫର ଲେଟରେ, ରବି ନାରାୟଣ ମହାରଣାଙ୍କ ସମସଙ୍ଗ ଟ୍ୟାବ, ଫିନୋ ବ୍ୟାଙ୍କର ନକଲି ଆଇଡି କାର୍ଡ, ଗୋଟିଏ ବ୍ଲାଙ୍କ ପାସବୁକ ଜବତ କରିଥିବା ବ୍ରହ୍ମପୁର ଏସପି ଡ଼ଃ ଶ୍ରୀଣ ବିବେକ ଏମ ସୂଚନା ଦେଇଛନ୍ତି ।

# ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା(ଅମୃତ ମିଡିଆ) :** କେନ୍ଦ୍ରାପଡା ଜିଲ୍ଲା ଯୁବ ସେବା ମଞ୍ଚ ପକ୍ଷରୁ ଖଡିଅଙ୍ଗ ମେଡିକାଲ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସନ୍ନିକଟରେ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଗୋପାଳ ଚରଣ ମହାପାତ୍ରଙ୍କ ନେତୃତ୍ୱରେପାଟକୁରା ଗାନ୍ଧୀ ସ୍ୱର୍ଗତ ରାଜକିଶୋର ନାୟକଙ୍କ ୧୪ତମ ଶ୍ରାଦ୍ଧାବାର୍ଷିକ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦିନେଶରାଜ ସିଂହ, ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ଅନନ୍ତ କର, ରମେଶ ଆଟୋଇ, ମାନସ ଦାସ, ସାହେବ ସାହିଲ ରାଉତ, ସୁରେନ୍ଦ୍ର ନାଥ ବେହେରା, ମାନସ କୁମାର ସାହୁ, ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ସରୋଜ ରଣା, ତ୍ରିଲୋଚନ ବିଶ୍ୱାଳ, ହାଡିବନ୍ଧୁ ବେହେରା, ବିଜୟ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସରକାରଙ୍କ ନୂତନ ଆଇନ ବିରୁଦ୍ଧରେ ଡ୍ରାଇଭରଙ୍କ ବିକ୍ଷୋଭ




**ଜୟପୁର(ଅମୃତ ମିଡିଆ) :** କେନ୍ଦ୍ର ସରକାର ଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୬(୨)ର ହିଟ୍ ଆଣ୍ଡ ରନ ଘଟଣା ପାଇ କଠୋର ଦଣ୍ଡ ବ୍ୟବସ୍ଥା କୁ ବିରୋଧ । ଏନେଇ ଓଡିଶା ଡ୍ରାଇଭର ମହାସଂଘର ଶାଖା କୋରାପୁଟ ଜିଲା ଡ୍ରାଇଭର ମହାସଂଘ ଶାଖା, ଜୟପୁର ମୋଟର କର୍ମଚାରି ସଂଘର ସଦସ୍ୟ ମାନେ ଏକ ତ୍ରିତ ହୋଇ ଷ୍ଟିୟରିଂ ଛାଡି ଆନ୍ଦେଳନ ରେ ବସିଛନ୍ତି । ଏହି ଆନ୍ଦୋଳନ ଆଜି ଦ୍ୱିତିୟ ଦିନରେ ପହଞ୍ଚିଛି । ଡ୍ରାଇଭର ଦୁର୍ଘଟଣା ଘଟାଇଲେ ଡ୍ରାଇଭର ବଞ୍ଚି ପାରିବେ ନାହି । ୭ ଲକ୍ଷ ଜୋରିମାନା, ୧୦ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ଆଇନ ଆଣିଛନ୍ତି । ଏନେଇ ଆଜି ଡ୍ରାଇଭର ମାନେ ଢେପଗୁଡା ଠାରେ ଷ୍ଟିୟରିଂ ଛାଡି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଆଇନ କୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । ଡ୍ରାଇଭର ମାନେ ଆନ୍ଦୋଳନ ଜାରି ରହିଲେ ଅତ୍ୟାବଶ୍ୟକିୟ ସାମଗ୍ରୀ ଦର ବୃଦ୍ଧି ପାଇବା ସହ ପେଟ୍ରୋଲ, ଡିଜେଲ, ଗ୍ୟାସ ସଙ୍କଟ ଦେଖାଗଲାଣି ।

# ପାତାଳ ଗଙ୍ଗାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ନୂଆପଡ଼ା(ଅମୃତ ମିଡିଆ) :** ବୋଡେନ ବ୍ଲକ ପବିତ୍ର ତୀର୍ଥ ପାତଲଗଙ୍ଗା ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଲେପ୍ରା ସୋସାଇଟି ଓ ୟାର ଖରିଆର ର ମିଳିତ ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମ ଏଫ ସି ର ବିଚାରପତି ନୀରୋଜ କୁମାର ସାହୁ, ବୋଡେନ ଓକିଲ ତଥା ସମାଜସେବୀ ହିରାଲାଲ ମାଝୀ, ବୋଡେନ ଡିଗ୍ରୀ କଲେଜ ର ଜାତୀୟ ସେବା ସଂସ୍ଥାର କାଯ୍ୟକ୍ରମ ଅଧିକାରୀ ଡ଼ କିଶୋର କୁମାର କର୍ଣ୍ଣ ,ସବ ଇନେଶପେକ୍ଟର ଜିତୁ ମହାନନ୍ଦ, ୟାରର ସଭାପତି ମହେନ୍ଦ୍ର କୁମାର ଯୋଷି ପ୍ରମୁଖ ଯୋଗ ଦେଇଥିଲେ । ବୋଡେନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାକ ଡ଼ ମାଝୀ ଓ ରେବତୀ ହସ, ଲେପ୍ରାସୋସାଇଟି ତଥା ୟାରର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରରେ ୯୭ ଜଣ ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା । ସେଥିରୁ ୩୭ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରି ଲେପ୍ରା ସୋସାଇଟି ଜୁନାଗଡ ନେତ୍ରା ଚିକିତ୍ସାଳୟକୁ ଅସ୍ତ୍ରୋପଚାର ନିମନ୍ତେ ପ୍ରେରଣା କରାଯାଇଥିଲା।




# ଧର୍ମଗଡ଼ର ୩ ଟି ବ୍ଲକର ପ୍ରଧାନ ଶିକ୍ଷକଙ୍କ ପ୍ରି-ମେଟ୍ରିକ ଛାତ୍ରବୃତ୍ତି କର୍ମଶାଳା



**କଳାହାଣ୍ଡି(ଅମୃତ ମିଡିଆ) :** ଧର୍ମଗଡ ବ୍ଲକ କନ୍ଫରେନ୍ସ ହଲରେ ଜିଲ୍ଲା ପ୍ରଶାସନ ଓ ପିରାମଲ ଫାଉଂଡେସନର ମିଳିତ ଅନୁକୂଲ୍ୟରେ ଧର୍ମଗଡ,ଜୁନାଗଡ, ଗୋଲାମୁଣ୍ଡା ୩ଟି ବ୍ଲକର ହାଇସ୍କୁଲର ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ପ୍ରି ମେଟ୍ରିକ ଛାତ୍ରବୃତ୍ତି ସମ୍ବଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ଯୋଶୀ, ଜୁନାଗଡ ଅତିରିକ୍ତ ଶିକ୍ଷା ଅଧିକାରୀ ଖିରୋଦ କୁମାର ଭୋଇ, ଧର୍ମଗଡ଼ ବ୍ଲକ ମଙ୍ଗଳ ଅଧିକାରୀ ଶିବାନୀ ନାଏକ, ପିରାମଲ ଫାଉଂଡେସନ ର ପ୍ରୋଗ୍ରାମ ମ୍ୟାନେଜେର ବିକ୍ରମ କିଶୋର ରଣା, ସଚଳା ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି କର୍ମଶାଳା ରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସମ୍ପଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, କଳାହାଣ୍ଡି ତରଫରୁ ସରକାରୀ ପ୍ରି-ମେଟ୍ରିକ ଛାତ୍ରବୃତ୍ତି ବିଷୟରେ ବିଷଦ ଆଲୋଚନା କରାଯାଇଥିଲା । ଗୋଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଭବାନୀ ଶଙ୍କର ଯୋଶୀ କହିଥିଲେ ଯେ ପ୍ରି ମେଟ୍ରିକ ଛାତ୍ରବୃତ୍ତି କିପରି ସମସ୍ତ ଯୋଗ୍ୟ ଛାତ୍ର ଛାତ୍ରୀ ପାଇପାରିବେ ଏହା ସମସ୍ତଙ୍କର ଦାୟିତ୍ୱ ଅଟେ । ବ୍ଲକ ମଙ୍ଗଳ ଅଧିକାରୀ ଶିବାନୀ ନାଏକ ଛାତ୍ର ବୃତି ର ଲାଭ ସବୁ ପିଲା ଙ୍କ ପାଖରେ ପହଂଚିପାରିଲେ ଏହା କିପରି ସେମାନଂକ ଆର୍ଥିକ ସ୍ଥିତି ଯୋଗୁଁ ପାଠ ପଢା ବାଧାପ୍ରାପ୍ତ ନ ହେବାରେ ସହାୟକ ହେବ ବୋଲି ବୁଝାଇଥିଲେ । ଜୁନାଗଡ ଅତିରିକ୍ତ ଶିକ୍ଷା ଅଧିକାରୀ ଖିରୋଦ କୁମାର ଭୋଇ ଛାତ୍ରବୃତ୍ତି ର ସରକାରୀ ପୋର୍ଟାଲ ରେ ଥିବା ଅସୁବିଧା ଗୁଡିକ କିପରି ସୁଧାର କରାଯାଇପାରିବ , ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ର ନୋଡାଲ ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡ ପିରାମଲଫାଉଂଡେସନ ର ଏହି କାର୍ଯ୍ୟ କ୍ରମ କୁ ପ୍ରସଂଶା କରି ଏହା ଛାତ୍ର ବୃତି ଉପରେ ପ୍ରଥମ କର୍ମଶାଳା ବୋଲି କହିଥିଲେ, ପିଲାଙ୍କର ଆଧାର କାର୍ଡ ରେ ଥିବା ତ୍ରୁଟି ସୁଧାର କରାଯାଇ ପାରିଲେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି କହିଥିଲେ ପିରାମଲ ଫାଉଂଡେସନର ପ୍ରୋଗ୍ରାମ ମ୍ୟାନେଜେର ବିକ୍ରମ କିଶୋର ରଣା କଳାହାଣ୍ଡି ଜିଲ୍ଲା ଓ ବିଭିନ୍ନ ବ୍ଲକ ର ଛାତ୍ର ବୃତି ଜନିତ ଡାଟା ବିଷୟରେ ଅବଗତ କରାଇ କିପରି ଏହି ଛାତ୍ରବୃତ୍ତି ର ଶତକଡା ୧୦୦ ଭାଗ ପିଲା ମାନେ ପାଇ ପାରିବେ ଓ ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଆଲୋଚନା କରିଥିଲେ । ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନ ରତ ଅନୁସୂଚୀତ ଜନଜାତି,ଅନୁସୂଚିତ ଜାତି,ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ,ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ଛାତ୍ରବୃତ୍ତି ବ୍ୟବସ୍ଥା ରହିଛି । ନବମ ଏବଂ ଦଶମ ଶ୍ରେଣୀ ଛାତ୍ରବୃରି ପାଇବା ପାଇଁ ଯୋଗ୍ୟତା - ୧. ଆବେଦନକାରୀ ଅନୁସୂଚୀତ ଜନଜାତି, ଅନୁସୂଚୀତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ)ରେ ଅନ୍ତର୍ଭୁକ୍ତ ଥିବେ । ୨. ଆବେଦନକାରୀ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ । ୩. ଆବେଦନକାରୀଙ୍କ ପାରିବାରିକ ବାର୍ଷିକ ଆୟ ସମସ୍ତ ସୁତ୍ରରୁ ଟ.୨,୫୦,୦୦୦/-ଙ୍କା (ଦୁଇଲକ୍ଷ ପଚାଶ ହଜାର) ରୁ ଅଧ?କ ହୋଇନଥିବ । ୪. ଆବେଦନକାରୀ ମାନେ ବୈଧ ଟଉଓଝର ଉଙଉର ପ୍ରାପ୍ତ ସରକାରୀ କିମ୍ବା ମାନ୍ୟତା ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପୂର୍ଣ୍ଣ କାଳୀନ ଭିତିରେ ଅଦ୍ୟନରତ ଥିବେ । ୫. ଅନ୍ୟାନ୍ୟ ପଛୁଆ ବର୍ଗ/ ସାମାଜିକ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ କିମ୍ବା ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ । ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଆବେଦନ ପ୍ରକ୍ରିୟା ୧୫ ଡିସେମ୍ବର ୨୦୨୩ ରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ ଙ୍କ ମାଧ୍ୟମରେ ଆରମ୍ଭ ହେବ । ଆବଶ୍ୟକୀୟ ନଥିପତ୍ର - ୧. ଆଧାର କାର୍ଡ ୨. ଜାତି ପ୍ରମାଣ ପତ୍ର ୩. ଆୟ ପ୍ରମାଣ କ୍ବବଶ୍ବବ (ଅଧିକତମ ଟ.୨,୫୦,୦୦୦), ୪. ଆଧାର ସଂଯୋଗ ବ୍ୟାଙ୍କ ଖାତା ବୃତିରାଶି ହାର (ଟଙ୍କାରେ) :- ବର୍ଗ ଦିବାଧାୟୀ ଅନ୍ତେବାସୀ (ବାର୍ଷିକ) (ବାର୍ଷିକ) ଅନୁସୂଚୀତ ଜନଜାତି -୩୦୦୦ ୬୨୫୦ ଅନୁସୂଚୀତ ଜାତି - ୩୫୦୦ ୭୦୦୦ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ-୪୦୦୦ ୪୦୦୦ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ (ସାଧାରଣ ବର୍ଗ) ବିଭିନ୍ନ ସମସ୍ୟା ଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ କିପରି ଏହାର ସମାଧାନ କରାଯାଇପାରିବ ସେ ବିଷୟରେ ବିକ୍ରମ କିଶୋରେ ରଣା ସୂଚନା ପ୍ରଦାନ କରିଥିଲେ । ଶେଷରେ ବ୍ଲକ ମଙ୍ଗଳ ଅଧିକାରୀ ଶିବାନୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ

**ଚାନ୍ଦବାଲି(ଅମୃତ ମିଡିଆ) :** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମତେ ଦିଗଛିଆ ମହୁଲିଆ ଓ ସିମୁଳିଆରେ ଚାନ୍ଦବାଲି ଡ୍ରାଇଭର ମହାସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କ ହିଟ ଆଣ୍ଡ ରନ୍ ଆଇନକୁ ବିରୋଧ କରି ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇଛି । ରାଜ୍ୟ ସଭାପତିଙ୍କ ଆହ୍ୱାନରେ ଚାନ୍ଦବାଲି ବ୍ଲକର ସଭାପତି ମନ ରଂଜନ ରାଉତଙ୍କ ନେତୃତ୍ୱରେ ଆଜି ୩ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ଷ୍ଟିୟରିଂ ଛାଡ ଆନ୍ଦୋଳନରେ ଯୋଗ ଦେଇଛନ୍ତି । ପ୍ରଥମ ଦିନ ରେ ସମସ୍ତ ଗାଡି ର ଡ୍ରାଇଭରଙ୍କୁ ନିବେଦନ କରିବା ପରେ ଆଜି ଷ୍ଟେରିଙ୍ଗ ଛାଡ ଆନ୍ଦୋଳନ କରିଛନ୍ତି । ସରକାରୀ ଡ୍ରାଇଭରଙ୍କ ଦାବୀକୁ ନ ମାନିଲେ ଉକ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ଏବଂ କେନ୍ଦ୍ର ସରକାର ଉକ୍ତ ଆଇନକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରିରହିବ ଡ୍ରାଇଭର ମାନେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଦିଲ୍ଲୀପ ସାହୁ ବ୍ଲକ ସଭାପତି ମନରଞ୍ଜନ ରାଉତ, ଏନ ଏ ସି ସଭାପତି ମୁକ୍ତିକାନ୍ତ ନାଥ, ଅଶୋକ ଦାସ, ବାବୁ ଦାସ, ସୁର ରେଡି, ପପୁନ ଦାସ, ନରତମ ପଡିହାରୀ, ପପୁ ମହାଳିକ ପ୍ରମୁଖ ଯୋଗଦେଇଥିଲେ ।



# ଏକବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳାର ଶେଷ ପ୍ରସ୍ତୁତି



**କେନ୍ଦ୍ରାପଡ଼ା(ଅମୃତ ମିଡିଆ) :** ଜାନୁଆରୀ ୬ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକମେଳାର ଶେଷ ପ୍ରସ୍ତୁତି ବୈଠକ ମାଧପୁର ସ୍ଥିତ ଉପଦେଷ୍ଟା ଡଃ ବିରଜା ରାଉତରାୟଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ସଭାପତି ଅକ୍ଷୟ ପାଣିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ୍‌ଙ୍କୁ ପୁସ୍ତକ ମେଳା 'ଯୁବ ସାହିତ୍ୟ ପୁରସ୍କାର-୨୦୨୪' ପ୍ରଦାନ କରାଯିବା ସହିତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ 'କେମ ସେବା ସମ୍ମାନ'ରେ ଏବଂ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିରଞ୍ଜନ ମେକାପଙ୍କୁ 'କେମ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ ବୋଲି ଉପଦେଷ୍ଟା ଡଃ. ବିରାଜା ରାଉତରାୟ ସୂଚନା ଦେଇଛନ୍ତି। ମେଳାରେ ଜାତୀୟସ୍ତରୀୟ ଖ୍ୟାତନାମା ପୁସ୍ତକ ପ୍ରକାଶନ ସଂସ୍ଥା ସହିତ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶନ ସଂସ୍ଥା ଗୁଡିକ ଯୋଗ ଦେବେ ବୋଲି କେମ୍‌ର ସମ୍ପାଦକ ଜାହିଦ୍ ଖାଁ ପ୍ରକାଶ କରିଛନ୍ତି । ଏହି ପୁସ୍ତକ ମେଳାରେ ସବୁଦିନ ବିଶିଷ୍ଟ ସାହିତ୍ୟିକ, ଲେଖକ, ବୈଜ୍ଞାନିକ, ପରିବେଶବିତ୍ ଓ ପକ୍ଷୀ ବିଶାରଦ, ସଂସ୍କୃତି ପ୍ରେମୀମାନେ ଯୋଗଦେଇ ସେମାନଙ୍କର ମତାମତ ପ୍ରଦାନ କରିବେ ବୋଲି ବିଶିଷ୍ଟ କବି ନିରାକାର ଦାସ କହିଥିଲେ । ଚଳିତ ବର୍ଷ ଅନୁଷ୍ଠାନର ମୁଖପତ୍ର 'କେନ୍ଦ୍ରାପଡ଼ା ପରିକ୍ରମା'ରେ ଜୈବ ବିବିଧତା କ୍ଷେତ୍ରରେ ପ୍ରସିଦ୍ଧ ଆନ୍ତର୍ଜାତୀୟ ଅଭୟାରଣ୍ୟ ଭିତରକନିକା ଏହି ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ଏହା ଉପରେ ତଥ୍ୟଭିତ୍ତିକ ଗବେଷଣାଧର୍ମୀ ଆଲେଖ୍ୟମାନ ସ୍ଥାନୀତ ହୋଇଛି ଓ ଏହାକୁ ଉଦ୍‌ଘାଟନୀ ଦିବସରେ ଲୋକାର୍ପିତ କରାଯିବ ବୋଲି ସଭାପତି ସୂଚନା ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶିବ ନାରାୟଣ ସାମଲ, ତାରିଣୀ ପାଟ୍ଟଯୋଶୀ, କ୍ଷିରୋଦ କର, ବଂଶୀଧର ମହାନ୍ତି, ଦିଲ୍ଲୀପ ସାହୁ, ହିମାଂଶୁ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ଉମାକାନ୍ତ ଜେନା, ଅରୁଣ ସାହୁ, ସରୋଜକାନ୍ତ ସାହୁ, ପ୍ରଦ୍ୟୁମ୍ନ ବେହୁରା, ଲକ୍ଷ୍ମୀକାନ୍ତ ନାୟକ, ଶାନ୍ତନୁ ମଲ୍ଲିକ, ବିକାଶ ସ୍ୱାଇଁ, ଅମ୍ରିନ ସାହାଦତ୍, ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**ବାଲିଅନ୍ତା(ଅମୃତ ମିଡିଆ) :** ଜୟଦେବ ନିର୍ବାଚନମଣ୍ଡଳୀରେ ଚାଲିଥିବା ବିଜେଡ଼ି ଜନ ସଂପର୍କ ପଦଯାତ୍ରା ଶୁକ୍ରବାର ବଇଁଚୁଆ ପଞ୍ଚାୟତ ଅନୁଷ୍ଠିତ ହୋଇଛି । ଜୟଦେବ ନିର୍ବାଚନମଣ୍ଡଳୀ ମୁଖ୍ୟ ସଂଗଠକ କମଳ କୁମାର ପାତ୍ର (ଚନ୍ଦନ)ଙ୍କ ନେତୃତ୍ୱରେ ହଜାରରୁ ଅଧିକ କର୍ମୀ ସମର୍ଥକ ପଦଯାତ୍ରା ରେ ବାହାରିଥିଲେ। ଏହି ଅବସରରେ ଶ୍ରମବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର,ରାଜ୍ୟ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ପାତ୍ର ଯୋଗଦେଇଥିଲେ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ବାଲିଅନ୍ତା-ବାଲିପାଟଣା ବ୍ଲକର ୬ଟି ଜୋନର ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଏବଂ ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ଉପଧକ୍ଷା ଇତିଶ୍ରୀ ଜେନା ଏବଂ ଦୁଇ ବ୍ଲକ ସଭାପତି ଏକ ବିଶାଳ ଶୋଭାଯାତ୍ରାରେ ବଇଁଚୁଆ ପଞ୍ଚାୟତର ହାଟ ଛକ ନିକଟରୁ ପଦଯାତ୍ରାରେ ବାହାରିଥିଲେ ଏବଂ ସମସ୍ତ ୱାର୍ଡ ଶେଷକରି ବଇଁଚୁଆ ପଞ୍ଚାୟତର ସମସ୍ତ ୱାର୍ଡ ପରିକ୍ରମା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦଳୀୟ ନେତୃବୃନ୍ଦ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାର ପ୍ରସାର କରିବା ସହ ଲୋକମାନଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। ଜୟଦେବ ନିର୍ବାଚନ ମଣ୍ଡଳୀରେ ଆଗାମୀ ସଧାରଣ ନିର୍ବାଚନରେ ଦଳର ଉଭର ବିଧାୟକ ଓ ସାଂସଦଙ୍କୁ କିପରି ବିପୁଳ ମାତ୍ରାରେ ଜନ ସମର୍ଥନ ଜଣାଇବା ପାଇଁ କର୍ମୀ ମାନେ ନିଜ ନିଜର ମନ୍ତବ୍ୟ ଦେଇଥିଲେ। ଉକ୍ତ ପଦଯାତ୍ରା ରେ ଅନ୍ୟ ମଧରେ ବଇଁଚୁଆ ସମିତି ସଭ୍ୟ ଫଣି ଭୂଷଣ ବାରିକ, ପଞ୍ଚାୟତ ସଭାପତି ଦେବେନ୍ଦ୍ର ସାହୁ , ଯୁବ ସଭାପତି ନିରଞ୍ଜନ ସାହୁ, ପ୍ରଶାନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବାରିକ କାର୍ଯ୍ୟକୁ ସଫଳ କରିଥିଲେ।

# ବ୍ରେନ ଟ୍ୟୁମର ପୀଡିତଙ୍କୁ ଜୟନ୍ତଙ୍କ ଆର୍ଥିକ ସହାୟତା ପ୍ରଦାନ

**କୋଣାର୍କ (ଅମୃତ ମିଡିଆ):** କୋଣାର୍କ ଥାନା ଅଧିନସ୍ଥ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସାମିଲ କଦଳୀବାରୀ ଗ୍ରାମର ବ୍ରେନ ଟ୍ୟୁମର ପୀଡିତ ଚନ୍ଦନ ବେହେରାଙ୍କ ପରିବାର ବର୍ଗଙ୍କୁ ଭେଟି କାକଟପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ନେତା ତଥା ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ଜୟନ୍ତ କୁମାର ବେହେରା ରୋଗକୁ ଚିକିତ୍ସା ପରାମର୍ଶ ଦେବା ସହିତ ଉନ୍ନତ ଚିକିତ୍ସା ସେବା ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ ଯେ ସିମିଳି ଗ୍ରାମପଞ୍ଚାୟତର ନୂଆଗାଁ ସାମିଲ କଦଳୀବାରୀ ଗ୍ରାମର ସ୍ୱର୍ଣ୍ଣ ଲତା ବେହେରାଙ୍କ ପୁଅ ଚନ୍ଦନ କୁମାର ବେହେରା ଦୀର୍ଘ ଦିନ ଧରି ବ୍ରେନ ଟ୍ୟୁମର ରୋଗରେ ପୀଡିତ ହୋଇ ଅର୍ଥ ଅଭାବରୁ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ମାନ ପ୍ରକାଶ ପାଇବା ପରେ ପୁରୀ ଜିଲ୍ଲା



ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର ସଦସ୍ୟଙ୍କୁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଯାହାକୁ କି ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଭାରତ ବର୍ଷର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି, ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିଜେପି ନେତା ଶ୍ରୀ ବେହେରା ଉକ୍ତ ଗ୍ରାମର ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ସହ ସଫଳ କାର୍ଯ୍ୟକାରିତା ସମ୍ବନ୍ଧରେ ଉକ୍ତ ଗ୍ରାମରେ ବୁଲି ବୁଝାଉଥିବା ବେଳେ ତାଙ୍କ ନଜରରେ ପଡିଥିଲେ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର। ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁ ନ ଥିବା ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ମାଆ ସ୍ୱର୍ଣ୍ଣ ଲତା ବେହେରା ବିଜେପି ନେତା ଜୟନ୍ତ ବେହେରାଙ୍କୁ ଅବଗତ କରାଇଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ଗୁରୁତ୍ୱାରୋପ କରି ଶୁକ୍ରବାର ଅପରାହ୍ନରେ କାକଟପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ନେତା ତଥା ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ଜୟନ୍ତ କୁମାର ବେହେରାଙ୍କ ସହିତ ବନାଖଣ୍ଡି ଗ୍ରାମପଞ୍ଚାୟତର ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ ବ୍ରେନ ଟ୍ୟୁମର ପୀଡିତ ଚନ୍ଦନଙ୍କ ପରିବାର ସଦସ୍ୟଙ୍କୁ ଭେଟି ରୋଗ ସମ୍ବନ୍ଧରେ ପରାମର୍ଶ ଦେବା ସହ ସଫଳ ଚିକିତ୍ସା ପାଇଁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଥାଉକି ବିଜେପି ନେତା ଶ୍ରୀ ବେହେରା ଜଣେ ପରୋପକାରୀ, ଦରଦୀ ମଣିଷର ସୁଖ ଦୁଃଖରେ ରହି ଦୀର୍ଘ ଦିନ ଧରି ସମାଜସେବା କ୍ଷେତ୍ରରେ କାର୍ଯ୍ୟ ସଂପାଦନ କରି ଆସୁଛନ୍ତି। ଏହି ବଦାନ୍ୟତା ପାଇଁ କାକଟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହଲରେ ଶ୍ରୀ ବେହେରାଙ୍କ କାର୍ଯ୍ୟଧାରାକୁ ପାଇଁ ନିର୍ବାଚନ ମଣ୍ଡଳୀର ବିଜେପି କର୍ମୀ, ବୁଦ୍ଧିଜୀବୀ ଓ ଭୋଟର ମାନଙ୍କ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି।

# ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



**ପିପିଲି (ଅମୃତ ମିଡିଆ):** ଆଗାମୀ ୧୭ ତାରିଖରେ ହେବାକୁ ଥିବା ପୁରୀ ଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ର ଲୋକାର୍ପିତ ପାଇଁ ସାରା ରାଜ୍ୟ ରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ । ଏହି ରଥ ଗାଁ କୁ ଗାଁ ପରିକ୍ରମା କରି ଓଡ଼ିଶାବାସୀଙ୍କ ଠାରୁ ଅର୍ପଣ ହୋଇଥିବା ଗୁଆ ନଡ଼ିଆ ଚାଉଳ କୁ ପ୍ରଭୂ ଜଗନ୍ନାଥ ମନ୍ଦିରରେ ଅର୍ପଣ କରାଯିବ । ଏନେଇ ରାଜ୍ୟ ସରକାର ଙ୍କ ପକ୍ଷରୁ ସମସ୍ତ ବିଧି ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ପିପିଲି ବ୍ଲକରେ ୩ଟି ଜୟ ଜଗନ୍ନାଥ ଅର୍ପଣ ରଥକୁ ପରିକ୍ରମା କରାଯାଇଛି।

ପିପିଲି ବିଡ଼ିଓ ସରୋଜ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପିପିଲି ବ୍ଲକର ତେଇଶିପୁର, ମୁକୁନ୍ଦପୁର, ପାଣିଦୋଳ ପଂଚାୟତରେ ୩ଟି ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ତେବେ ତେଇଶିପୁର ପଂଚାୟତର ବିନ୍ଧ୍ୟବାସୀନି ମନ୍ଦିର ଠାରେ ଏହି ଅର୍ପଣ ରଥ କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ପିପିଲି ବ୍ଲକ ଅଧକ୍ଷା ଦେବସ୍ୱନୀ ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ସରପଞ୍ଚ ରଶ୍ମିତା ସେନାପତି ଙ୍କ ସହ ବହୁ ନେତୃବୃନ୍ଦ ମାନେ ଏଥିରେ ଯୋଗଦେଇ ନଡ଼ିଆ ବାଡ଼େଇ ଏହି ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ତେବେ ପଂଚାୟତ ର ଶତାଧିକ ମହିଳା ପୁରୁଷ ମାନେ ଏଥିରେ ସାମିଲ ହୋଇ ରଥକୁ ଧୂପ ଦୀପ ପୁଷ୍ପ ବର୍ଷରେ ଭବ୍ୟ ସ୍ୱାଗତ କରିଥିବା ବେଳେ ଘଣ୍ଟ ମାର୍ଦ୍ଦଳ, ହୁଳହୁଳୀରେ ପ୍ରକମ୍ପିତ ହୋଇ ଏକ ବର୍ଣ୍ଣାଢ଼୍ୟ ପରିବେଶ ସୃଷ୍ଟି ହୋଇଥିଲା । ଏହି ରଥ ପଂଚାୟତର ଗାଁ କୁ ଗାଁ ବୁଲିଥିବା ବେଳେ ଗ୍ରାମବାସୀ ମାନେ ଅରୁଆ ଚାଉଳ , ଗୁଆ, ନଡ଼ିଆ ଦେଇ ପ୍ରଭୂ ଜଗନ୍ନାଥ ଙ୍କ ଉଦେଶ୍ୟ ରେ ଅର୍ପଣ କରିଥିଲେ। ତେବେ ଆଜି ୩ଟି ରଥ ପରିକ୍ରମା କରାଯାଇଥିବା ବେଳେ ପର୍ଯ୍ୟାୟ କ୍ରମେ ବ୍ଲକରେ ଏହିଭଳି ୬ଟି ରଥ ପରିକ୍ରମା ର ବ୍ୟବସ୍ଥା ରହିଛି । ଏହି ଅର୍ପଣ ରଥ ଆଗାମୀ ୧୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁ ରେ ପରିକ୍ରମା କରି ମାଁ ମାଉସୀ ମାନେ ଜଗନ୍ନାଥ ଙ୍କ ଉଦେଶ୍ୟ ରେ ଅର୍ପଣ କରିଥିବା ନଡ଼ିଆ ଚାଉଳ ଗୁଆକୁ ପଂଚାୟତ ସ୍ତରୀୟ ମୁଖ୍ୟ ମନ୍ଦିରରେ ରଖାଯାଇ ପରବର୍ତ୍ତୀ ସମୟରେ ତହା ଶ୍ରୀମନ୍ଦିର କୁ ପ୍ରଦାନ କରାଯିବ ବୋଲି ବିଡ଼ିଓ ସରୋଜ ରାଉତ କହିଛନ୍ତି।

# ମା'ରେଞ୍ଜେଶ୍ୱରୀ ଠାକୁରାଣୀଙ୍କ ଓଷା ପାଳିତ



**କେନ୍ଦୁଝର (ଅମୃତ ମିଡିଆ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଗ୍ରାମର ଆରାଧ୍ୟ ଦେବୀ ମା'ରଞ୍ଜେଶ୍ୱରୀ ଠାକୁରାଣୀଙ୍କ ଓଷା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗତା ୨୮ ତାରିଖ ଗୁରୁବାର ଦିନ ନିକଟସ୍ଥ ପାରୁଡ଼ିପଶି ଗ୍ରାମରୁ ମା'ଙ୍କ ବିଗ୍ରହ ଅଣାଯାଇ ଯଥାରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ପରେ କୋଠ ଘରେ ସ୍ଥାପନ କରାଯାଇ ୭ ଦିନ ଧରି ନୀତିକାନ୍ତି ହୋଇଥିବା ବେଳେ ୪ତାରିଖରେ ଦେବୀ ମା'ଙ୍କୁ କୋଠି ଘରୁ ବାହାର ହୋଇ ମଣ୍ଡପକୁ ବିଜେ ହୋଇଥିଲେ। ଶୁକ୍ରବାର ବିଶେଷ ରୀତିନୀତି ପାଳନ ପୂର୍ବକ ପୂଜାପାଠ ପରେ ଭକ୍ତିପୁତ ପରିବେଶରେ ମେଲାଣି ଦିଆଯାଇଛି । ମା'ଦର୍ଶନ ପାଇଁ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା । ପୂଜକ ମନୋହର ନାଏକ, ଗାହାଣୀ ବନବିହାରୀ ବାରିକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ଓଷା ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସତ୍ୟବାଦୀ ଯୁବକ ସଂଘ ଆନୁକୂଲ୍ୟରେ ସାମାଜିକ ନାଟକ "ଲୁହରେ ଲେଖୁଛି ନୂଆ କାହାଣୀ" ପରିବେଷିତ ହୋଇଥିଲା । ସତ୍ୟବାଦୀ ଯୁବକ ସଂଘ ସଭାପତି ଅବନୀ କୁମାର ବାରିକ, ସମ୍ପାଦକ ନିର୍ମଳ ବାରିକ, ସହ ସମ୍ପାଦକ ଦୀପକ ବାରିକଙ୍କ ତତ୍ତ୍ୱାବଧାନରେ ଏବଂ ଜଗଦୀଶ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ସାନୁ, ନିର୍ମଳ, ଟିକୁ, ଅବନୀ, ଖଇରୁ, ପ୍ରକାଶ, ଜେମା, ଟିନା, ଭାରତ, ମିଟୁ, ସେରାଜ, ବୁଲା, ଝୁନା, ସ୍ନେହ, ମାମା, ଭାରତୀ, ରୁପାଲି ପ୍ରମୁଖ ନାଟକରେ ଅଭିନୟ କରିଥିଲେ। ଦୀନମଣୀ, ତାପସ, ବରୁଣ, ବିଜୁ, ଅମର, ଟିକୁ, ଗଣେସିଆଲ, ରାଘବ, ଜଟ,ଲକି, ଟୁକୁ, ଈଶ୍ୱର, ଅପୁନ୍, ଗିରି,ମାନସ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ପରିକ୍ରମା ପ୍ରକଳ୍ପ ପାଇଁ କୋଣାର୍କରେ ବୁଲିଲା ଶ୍ରୀଜଗନ୍ନାଥ ଅର୍ପଣ ରଥ

**କୋଣାର୍କ (ଅମୃତ ମିଡିଆ):** ପୁରୀରେ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ଶନିବାରଠୁ ଗାଁ ଗାଁ ବୁଲିଲା ଶ୍ରୀଜଗନ୍ନାଥ ଅର୍ପଣ ରଥ । ସାରା ରାଜ୍ୟ ହେବ ଜଗନ୍ନାଥମୟ, ଘରୁ ଘରୁ ସଂଗ୍ରହ ହେବ ଗୁଆ ଓ ଅକ୍ଷତ। ଏହି ଅବସରରେ କୋଣାର୍କ ଏନଏସି ପକ୍ଷରୁ ମଧ୍ୟ ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ଶନିବାର ଠାରୁ ତିନି ଦିନ ପର୍ଯ୍ୟନ୍ତ ଏନଏସି ରେ ଥିବା ୧୩ଟି ୱାର୍ଡର ଗାଁ ଗାଁରେ ବୁଲି ଘରୁ ଘରୁ ସଂଗ୍ରହ ହେବ ଗୁଆ ଓ ଅକ୍ଷତ। ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ନାମ ସଙ୍କୀର୍ତ୍ତନ ସହ ଜଗନ୍ନାଥ ମୟ ପରିବେଶରେ ଏହି ଭବ୍ୟ ରଥ ବୁଲୁଛି। ଏନଏସି ୪ନମ୍ବର୍ ୱାର୍ଡ ଶ୍ରୀ ରାମ ମନ୍ଦିର ନିକଟରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଶ୍ରୀମତୀ ଶ୍ୱେତପଦ୍ମା ଧଳ, ଉପାଧ୍ୟକ୍ଷ ସୁରେଶ୍ ଚନ୍ଦ୍ର ରାଉତରାୟ ଓ ଯାଦବ ସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରମୁଖ ଯୋଗ ଦେଇ ରଥ ପୂଜାର୍ଚ୍ଚନା ଓ ନଡ଼ିଆ ବାଡେଇ ଶୁଭାରମ୍ଭ କରିଥିଲେ । ଏଥି ସହିତ ସମସ୍ତ କାଉନସିଲର ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଓ ମହିଳା ମାନେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା ।



# ସୋରଡ଼ା ତହସିଲରେ ରାଜସ୍ୱ ମେଳା

## ବଣ୍ଟାଗଲା ଏକ ହଜାରରୁ ଉର୍ଦ୍ଧ୍ୱ ପଟ୍ଟା



**ବ୍ରହ୍ମପୁର / ବଡ଼ଗଡ଼ (ଅମୃତ ମିଡିଆ):** ସ୍ଥାନୀୟ ସୋରଡ଼ା ତହସିଲ କାର୍ଯ୍ୟାଳୟରେ ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଥିଲା । ଏହାକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଉଦଘାଟନ କରିଥିଲେ । ସୂଚନା ଅନୁଯାୟୀ, ଏଥିରେ ମୋଟ ୯ ଗୋଟି ରାଜସ୍ୱ ମଣ୍ଡଳର ପ୍ରାୟ ୨୭୦ ଖଣ୍ଡ ଗ୍ରାମର ଗ୍ରାମକଣ୍ଠ ଓ ଆ଼. ଭି. ପି. ( ଘାଇ ପଟ୍ଟା ) ଯଥାକ୍ରମେ ବଡ଼ଗଡ଼ର ୮୦, ସୋରଡ଼ାର ୭୪, ଉଭୟ ସରାବାଡି ଓ ଅମୃତୁଲୁର ୮୦୦, ଏକଲପୁରର ୧୬, ବୋରଦାର ୧୪, ଅସୁରବନ୍ଧର ୧୩, ଗାଜଲବାଡିର ୧୮, ଲାଠିପଡ଼ାର ୧୬ ପଟ୍ଟା ପ୍ରଦାନ କରାଯାଇଥିଲା । ଆହୁରି କିଛି କିଛି ଗାଁକୁ ଏଯାବତ୍ ସେମାନଙ୍କ ପଟ୍ଟା ବଣ୍ଟାଯାଇ ପାରିନାହିଁ ବୋଲି କିଛି ଗ୍ରାମବାସୀ ପ୍ରକାଶ କରିବା ସହ ଆ଼. ଇ. ମଣ୍ଡଳ ଅନୁସାରେ କାଉଣ୍ଟର କରି ପ୍ରଦାନ କରିଥିଲେ ଖଚାଖଚ ଭିଡ଼କୁ ବେଶ୍ ନିୟନ୍ତ୍ରଣ କରାଯାଇ ପାରିଥାନ୍ତା ବୋଲି ଅଭିଯୋଗ କରିଥିଲେ । ଏହାକୁ ନେଇ ଏକ କର୍ମଚାରୀଙ୍କୁ ପଚାରିବାରୁ ସେ ପୁଲିସ ଥିବା ସତ୍ତ୍ୱେ ପରିଲକ୍ଷିତ ଭିଡ଼ ଉପରେ କିଛି ମନ୍ତବ୍ୟ ଦେବାକୁ ମନା କରିବା ସହିତ ପଟ୍ଟା ପାଇନଥିବା ଲୋକଙ୍କୁ ଆସନ୍ତା ସପ୍ତାହ ଆଡ଼କୁ ପର୍ଯ୍ୟାୟକ୍ରମେ ସେମାନଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦ୍ୱାରା ସୂଚନା ଦେଇ ପୁନଃ ବଣ୍ଟନ କରାଯିବ ବୋଲି କହିଥିଲେ । ଏଥିରେ ସ୍ଥାନୀୟ ଏନ୍. ଏ. ସି ଅଧକ୍ଷ ଶିବ ଶଙ୍କର ପଣ୍ଡା,ଉପାଧ୍ୟକ୍ଷ ଭାଗ୍ୟଲତା ଡାକୁଆ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅମୂଲ୍ୟ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ମହାକୁଡ, ଦଳୀୟ ସଭାପତି ବସନ୍ତ ସ୍ୱାଇଁ ଆଦି ଉପସ୍ଥିତ ଥିଲେ । ରେକର୍ଡ ରକ୍ଷକ ଦାମୋଦର ଅଧିକାରୀ, ବରିଷ୍ଠ ରାଜସ୍ୱ କିରାଣୀ ବସନ୍ତ ବେହେରା ସମେତ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନିର୍ମାଣକୁ ଦିନେ ନ ପୂରୁଣୁ ଛାତରେ ଫାଟ

**ଭଞ୍ଜନଗର (ଅମୃତ ମିଡିଆ):** ବନ ବିଭାଗର ସ୍କ୍ୱାର୍ଡ କର୍ମଚାରୀ ଙ୍କ ପାଇଁ ନିର୍ମାଣ ହେଉଛି ନୂତନ ଘର । ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥିତିରେ ନିର୍ମାଣଧୀନ ଘରର ଛାତ ପଡିଲା । ଦିନକ ପରେ ଛାତ ସଂପୂର୍ଣ୍ଣ ଫାଟିଗଲା। ଛାତ ତଳେ ରହିଥିବା ସେଣ୍ଟ୍ରିଂ ଭୁଷୁଡ଼ି ପଡ଼ିଲା। ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ର ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ନିଧିଆପଲ୍ଲୀ ନିକଟରେ ନଜରକୁ ଆସିଛି ଏଭଳି ଘଟଣା । ସ୍ଥାନୀୟ ବନ କର୍ମଚାରୀ ଏବଂ ସ୍କ୍ୱାର୍ଡ କର୍ମଚାରୀ ମାନେ ବିଶ୍ରାମ ନେବାର ପାଇଁ, ଏହି ଘର ନିର୍ମାଣ ହୋଇଥିଲା । ତେବେ ଏଭଳି ଘଟଣା ଘଟିବା ପରେ , ଏହା ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ଏହା କୌଣସି ଅସାମାଜିକ ଲୋକର କାର୍ଯ୍ୟ ବୋଲି ବନବିଭାଗ ପକ୍ଷରୁ ସଫେଇ ଦିଆଯାଉଛି । ବିଭାଗ ପକ୍ଷରୁ କହିବା ପ୍ରକାରେ , ଯେଉଁଦିନ ନିର୍ମାଣଧୀନ ଘରର ଛାତ ପଡ଼ିଲା ସେହିଦିନ ରାତିରେ ହିଁ କୌଣସି ଅସାମାଜିକ ଲୋକ , ଛାତର ସେଣ୍ଟ୍ରିଂ କୁ ଟାଣି ଦେଇଛି । ଯାହାଫଳରେ ସେଣ୍ଟ୍ରିଂ ଭୁଷୁଡି ପଡିବାରୁ ଛାତ ଟି ସଂପୂର୍ଣ୍ଣ ଫାଟି ଯାଇଛି । କିନ୍ତୁ ବନ ବିଭାଗ ଦେଉଥିବା ସଫେଇ ଯଦି ସତ ହୁଏ , ତାହେଲେ ବନବିଭାଗ ପ୍ରତି ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୁଷ୍ଟ ରହିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସ୍ଥାନୀୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଉପଦ୍ରବ । ଧାନ କ୍ଷେତରେ ଫସଲ ନଷ୍ଟ କରୁଛନ୍ତି ହାତୀପଲ । ଚାଷୀଙ୍କୁ ଠିକ୍ ସମୟରେ ଏବଂ ଉପଯୁକ୍ତ ଆଧାରରେ କ୍ଷତିପୂରଣ ମିଳୁନି । ହାତୀଙ୍କ ଚଳପ୍ରଚଳ ଯୋଗୁ ବାରମ୍ବାର ବିଦ୍ୟୁତ କାଟ୍ ଭଳି ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ବନବିଭାଗ ଏବଂ କର୍ମଚାରୀ ଙ୍କ ପ୍ରତି ଅସନ୍ତୁଷ୍ଟ ଥିବା କିଛି ଜାଣିବା ଶୁଣିବା ଲୋକେ ଅଭିଯୋଗ କରୁଛନ୍ତି । ନିର୍ମାଣଧୀନ ଘରର ସେଣ୍ଟ୍ରିଂ ଭୁଷୁଡିବା ଘଟଣା ପଛରେ କାହାର ହାତ ରହିଥିବା ଯଦି ସତ ହୁଏ , ତା'ହେଲେ ଏହାହିଁ ପ୍ରମାଣ କରୁଛି ଯେ ବନବିଭାଗର କାର୍ଯ୍ୟକଳାପ ପ୍ରତି ସ୍ଥାନୀୟ ଅସନ୍ତୁଷ୍ଟ ରହିଛନ୍ତି । ଏହା ଏବେ ବାଟ-ଘାଟ ରେ ଏବଂ ଚାହା-ଖଟି ରେ ଚର୍ଚ୍ଚା ହେଉଛି ।

# ସହରର ସମସ୍ତ ୱାର୍ଡକୁ ପରିକ୍ରମା କରିବ ଶ୍ରୀଜଗନ୍ନାଥ ରଥ

## ଛତ୍ରପୁର ଏନ୍ଏସିସ୍ତରୀୟ ପ୍ରସ୍ତୁତି ବୈଠକ

**ଛତ୍ରପୁର (ଅମୃତ ମିଡିଆ):** ଆସନ୍ତା ୧୭ ତାରିଖରେ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ଶୁଭ ଉଦଘାଟନ ହେବ । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ । ଏହି ଐତିହାସିକ କାର୍ଯ୍ୟକ୍ରମରେ ସାମିଲ ହେବେ ସାରା ରାଜ୍ୟ ବାସୀ । ପ୍ରତ୍ୟେକ ଘରୁ ଗୁଆ ଅରୁଆ ଚାଉଳ ସଂଗ୍ରହ କରାଯିବ । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟବାସୀଙ୍କୁ ଏଥିଲାଗି ନିମନ୍ତ୍ରଣ କରାଯାଇଛି । ଏହାକୁ ସଫଳ ରୂପାୟନ କରିବା ଲାଗି ଶନିବାର ଛତ୍ରପୁର ଏନଏସି ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସମିତ ସଂଗ୍ରାମଜୀତ ସାହୁ ଙ୍କ ଅଧକ୍ଷତାରର ଆୟୋଜିତ ପ୍ରସ୍ତୁତି ବୈଠକ ରେ ଛତ୍ରପୁର ଏନଏସି ର ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର, ଛତ୍ରପୁର ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ସୁଧୀର କାନ୍ତ ରଥ, ଅସିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଏହାର ସଫଳ ରୂପାୟନ ଲାଗି ଆଲୋଚନା କରିଥିଲେ କ୍ଷ ଆସନ୍ତା ୮ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ଏନଏସି ର ଘରକୁ ଘର ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବ, ଏହା ସହିତ ଶ୍ରୀ ଜଗନ୍ନାଥ ରଥ ଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ, ଯୋଡି ଶଙ୍ଖ, ଭଦ୍ର ଲୋକ, ଜନ ପ୍ରତିନିଧି ଓ ମିଶନ ଶକ୍ତିର ମା ମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକମାନଙ୍କ ବୁଲି ଏହାର ପ୍ରଚାର ପ୍ରସାର କରିବା ସହିତ ପ୍ରତ୍ୟେକ ଘରୁ ଆଞ୍ଜୁଳାଏ ଚାଉଳ ଓ ଗୁଆ ସଂଗ୍ରହ କରିବ । ଏକ ମନ୍ଦିରରେ ସମସ୍ତ ଚାଉଳ ଓ ଗୁଆ ରହିବ ।



# ଜଗନ୍ନାଥମୟ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଗାଁ

# ଗାଁ ଗାଁ ବୁଲୁଛି ଶ୍ରୀ ଜଗନ୍ନାଥ ରଥ

## ପ୍ରତି ପରିବାରରୁ ସଂଗ୍ରହ ହେଉଛି ଗୁଆ -ଚାଉଳ

**ଅସ୍ତରଙ୍ଗ (ଅମୃତ ମିଡିଆ):** ଆସନ୍ତା ୧୭ତାରିଖରେ ବହୁପ୍ରତିକ୍ଷୀତ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବ। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରୁ ପାଞ୍ଚଟି ରଥକୁ ଅତିଥି ବିଡ଼ିଓ ଶ୍ରୀକର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ବିଡ଼ିଓ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଏକନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ଦୁଇ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା ଉପସ୍ଥିତ ରହି ପତାକା ଦେଖାଇ ଶ୍ରୀ ଜଗନ୍ନାଥ ରଥ ଶୁଭାରମ୍ଭ କରିଥିଲେ. ଏହି ରଥ ପ୍ରଥମ ଦିନରେ ନଇଗୁଆଁ, ନଗର, ଆଳଙ୍ଗପୁର, ଆଳସାହି ଓ ଅସ୍ତରଙ୍ଗ ପଂଚାୟତ ପରିଦର୍ଶନ କରିଥିଲା । ମହାପ୍ରଭୁଙ୍କ ମହିମା ଗାନକରି ସଂକୀର୍ତ୍ତନ ମଣ୍ଡଳୀ ଗାଁଗାଁ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ. ବ୍ଲକ ପରିସରରେ ଶୁଭାରମ୍ଭ ପରେ ବିଡ଼ିଓ କର୍ଣ୍ଣଦେବ ସମାଦ୍ଦାର ପହଂଚି ନଇଗୁଆଁ ପଂଚାୟତ ଗଣେଶ ମନ୍ଦିର ନିକଟରୁ ନଇଗୁଆଁ ପଂଚାୟତ ଶ୍ରୀ ଜଗନ୍ନାଥ ଅର୍ପଣ ରଥ କୁ ପଂଚାୟତ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ ପୂଜାର୍ଚ୍ଚନା କରି ଗ୍ରାମଗ୍ରାମ ବୁଲି ମହାପ୍ରଭୁ ଙ୍କ ପାଇଁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ । ବ୍ଲକର ବିଭିନ୍ନ ପଂଚାୟତରେ ୬ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଚାଉଳ ଓ ଗୁଆ ସଂଗ୍ରହ ସହିତ ରଥ ପରିକ୍ରମା ଜାରି ରହିବ. ସୂଚନା ଅନୁସାରେ ପଂଚାୟତସ୍ତରରେ ଏହି ଐତିହାସିକ କାର୍ଯ୍ୟକ୍ରମ କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ସ୍ମରଣୀୟ କରାଯିବ। ଲୋକାର୍ପଣ ଉତ୍ସବ ପୂର୍ବରୁ ଏବଂ ଲୋକାର୍ପଣ ଦିବସ ପର୍ଯ୍ୟନ୍ତ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗ୍ରାମାଞ୍ଚଳ ଲୋକଙ୍କୁ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ । ସଂଗୃହିତ ଗୁଆ ଚାଉଳ କୁ ଗ୍ରାମରେ ଥିବା ଏକ ମନ୍ଦିରରେ ରଖାଯିବ ଓ ପରବର୍ତୀ ସମୟରେ ତାହାକୁ ବ୍ଲକମୁଖ୍ୟାଳୟ ମନ୍ଦିର ପରେ ପୁରୀ ଯିବ । ସେହିପରି ୧୭ତାରିଖ ଦିନ ଲୋକାର୍ପଣ ଉତ୍ସବକୁ ଗ୍ରାମବାସୀ ଯେପରି ଦେଖିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବଡ଼ ଏଲଇଡ଼ି ସ୍କ୍ରିନ ଜରିଆରେ ସିଧାପ୍ରସାରଣ ବ୍ୟବସ୍ଥା ହେବ। ଏହି ସବୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରତି ପଂଚାୟତକୁ ୨ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ. 'ଆମ ଓଡିଶା ନବୀନ ଓଡିଶା 'ପାଣ୍ଠିରୁ ଅର୍ଥ ବିନିଯୋଗ କରାଯିବ । ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ପାଇଁ ପଂଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରଥ ପରିକ୍ରମା ପାଇଁ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ପଂଚାୟତକାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ମୁଦୁଲି, ପ୍ରଶାନ୍ତ କୁମାର ସ୍ୱାଇଁ, ବିଭୂ ଭୂଷଣ ମହାନ୍ତି, ସୁବଳ ଜେନା ଓ ରବୀନ୍ଦ୍ର ମହାପାତ୍ରଙ୍କୁ ନିୟୋଜିତ କରାଯାଇଥିଲା। ଏହି ରଥ ବିଭିନ୍ନ ଗ୍ରାମପରିଦର୍ଶନ କରୁଥିବା ବେଳେ ଗ୍ରାମାଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।



# ଜିଲ୍ଲାସ୍ତରୀୟ ମହୋତ୍ସବ, କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ଫୁଲବାଣୀ (ଅମୃତ ମିଡିଆ):** ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ କନ୍ଧମାଳଙ୍କ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ତଥା କୃଷି ଯନ୍ତ୍ରପାତି ମେଳା ଗତକାଲି ଉଦ୍ ?ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ, ଏକ ବୈଷୟିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ସେଥିରେ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଓ ବିତରଣ ସହିତ କୃଷି ଓ ଆନୁସଙ୍ଗିକ ବିଭାଗର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀ ଅ ଅଙ୍ଗଦ କହଁର ଓ ମାନ୍ୟବର ଅଧକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ ଶ୍ରୀ ରୋଦନ ମଲ୍ଲିକ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସରକାରୀ ସହାୟତାର ଲାଭ ନେଇ ଚାଷୀମାନେ ରିହାତି ଦରରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି କିଣି ଚାଷ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ଚାଷୀମାନେ ଅଳ୍ପ ସମୟରେ ଓ କମ୍ ଖର୍ଚ୍ଚରେ କିପରି ଅଧିକ ଅମଳ କରିପାରିବେ ତା ଉପରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ଫୁଲବାଣୀ, ଖଜୁରୀପଡ଼ା ଓ ଫିରିଙ୍ଗିଆ ବ୍ଲକରୁ ପ୍ରାୟ ୩୦୦ ଜଣ ଚାଷୀ ଏହି ଆଲୋଚନାଚକ୍ରରେ ଯୋଗଦେଇଥିଲେ । ଗୋଷ୍ଠୀ କୃଷି ଅଧିକାରୀ, ଚକାପାଦ ଶ୍ରୀ ହେମନ୍ତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଗୋଷ୍ଠୀ କୃଷି ଅଧିକାରୀ, ଫୁଲବାଣୀ ସୁନୀତା ମିଶ୍ର ସଭା ପରିଚାଳନା କରିଥିଲେ । ଏହି କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ୯ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତୁଷାରକାନ୍ତ ସାମଲ ସୂଚନା ଦେଇଥିଲେ । ଏହି ଏଦ୍‌ଘାଟନୀ ଉତ୍ସବ ଓ ଆଲୋଚନାଚକ୍ରରେ ବାଲିଗୁଡ଼ା କୃଷି ଜିଲ୍ଲା ଅଧିକାରୀ ଶ୍ରୀ ସୁବାସ ଚନ୍ଦ୍ର ବେହେରା, ନିର୍ବାହୀ ଯନ୍ତ୍ରୀ ଶ୍ରୀ ନରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ ।



# ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ କେନ୍ଦ୍ରାପଡା ପ୍ରଦକ୍ଷଣ ଭବନଠାରେ ଆଜି ପାଣି ପଞ୍ଚାୟତ ପକ୍ଷ ପାଳନ -୨୦୨୪ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଏ ବର୍ଷ ପାଣି ପଞ୍ଚାୟତ ପକ୍ଷ ଚଳିତମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରିବାକୁ ସ୍ଥିରିକୃତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ପୂର୍ବ ବର୍ଷ ପରି ଏ ବର୍ଷ ପାଣି ପଞ୍ଚାୟତ ପକ୍ଷକୁ ପାଳନ କରିବାକୁ ସମସ୍ତଙ୍କୁ ସହଯୋଗ କାମନା କରିଥିଲେ । କେନ୍ଦ୍ରାପଡା ଭଳି କୃଷି ପ୍ରଧାନ ଜିଲ୍ଲାରେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ସେ ବର୍ଣ୍ଣନା କରିଥିଲେ । ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଗଠନ କରାଯାଇଥିବା କମିଟିମାନଙ୍କ ମଧ୍ୟରେ ସମନ୍ୱୟ ଓ ସହଭାଗୀତାରେ ଏହି ପାଣି ପଞ୍ଚାୟତ ପକ୍ଷ ପାଳନକୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପାଣି ପଞ୍ଚାୟତ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବକ୍ତବ୍ୟ ରଖିବା ସହ ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ବିଷୟରେ ମତ ରଖିଥିଲେ । ଚଳିତ ମାସ ୧୬ ତାରିଖରେ ମଣ୍ଡଳସ୍ତରୀୟ, ୨୪ ତାରିଖରେ ଜିଲ୍ଲାସ୍ତରୀୟ ଏବଂ ୩୦ ତାରିଖରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ । ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡିଆ ଭାଷାରେ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଓ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଜିଲ୍ଲାସ୍ତରରେ ଏହି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖ ସୁଦ୍ଧା ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରିବା ସହ ପ୍ରମାଣ ପତ୍ର ଦିଆଯିବ । ଫଳରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଣି ପଞ୍ଚାୟତ ପକ୍ଷ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଜିଲ୍ଲାସ୍ତରୀୟ ପ୍ରଥମ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରରେ ଭାଗ ନେଇପାରିବେ । ଏହି ପ୍ରସ୍ତୁତି ବୈଠକରେ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ନାବାର୍ଡ, ପଞ୍ଚାୟତରାଜ, ଶିକ୍ଷା, ଟିପିସିଓଡିଏଲ୍, ପଶୁ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ

# କଲେଜ ବାଣିଜ୍ୟ ବିଭାଗ ଆଲୁମିନି ମିଟ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଆଲୁମିନି ମିଟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭାଗୀୟ ମୁଖ୍ୟ ୱାଇ. ପଦ୍ମାବତୀଙ୍କ ପୌରହିତ୍ୟରେ ଏକ ପ୍ରସ୍ତୁତି ବୈଠକ ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ହୋଇଥିଲା । ଚଳିତମାସ ୨୮ତାରିଖ ରବିବାର ବାଣିଜ୍ୟ ବିଭାଗରେ ଏହି ଆଲୁମିନି ମିଟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିସହିତ ଆଲୁମିନି ମିଟ ନିମନ୍ତେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ସରସ ସୁନ୍ଦର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ବାଣିଜ୍ୟ ବିଭାଗର ଅଧାପକ ଡଃ. ଜ୍ଞାନରଞ୍ଜନ ଦାସ, ଡଃ. ସୁରେଶ ଚନ୍ଦ୍ର ଦାସ, ବିକାଶ କୁମାର ନାୟକ, ମନୋଜ ପ୍ରଧାନ, ଅଧାପିକା ରଞ୍ଜିତା ଗଡସରା, ଆର୍ଯ୍ୟାସ୍ମିତା କର, ପୁରାତନ ଛାତ୍ର ଶ୍ରୀକୃଷ୍ଣ ପ୍ରଧାନ, ବିକାଶ ଜେନା, ସରୋଜକାନ୍ତ ମହାରଣା, ବିଭବ



କୁମାର ମହାନ୍ତି, ଶୁଭାଶିଷ ଦାସ, ସନ୍ଧ୍ୟାରାଣୀ ସାହୁ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଲୁମିନି ମିଟରେ ବାଣିଜ୍ୟ ବିଭାଗର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଯୋଗଦେବାକୁ ନିବେଦନ କରାଯାଇଛି ।

# ପ୍ରଖ୍ୟାତ ନାଟ୍ୟକାର ଗୋପାଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




**ଜଗତସିଂହପୁର(ଅମୃତ ମିଡିଆ):** ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ରାଜ୍ୟସ୍ତରୀୟ ୧୦୮ତମ ଜୟନ୍ତୀ ଓ ସାରସ୍ୱତ ସମାରୋହ ଆଜି ତାଙ୍କ ଜନ୍ମ ସ୍ଥାନ ପରୁଣାଗଡରେ ଥିବା ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି । ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଏସ୍.ଭି.ଏମ୍. ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଯୋଗଦେଇ ଗୋପାଳ ଛୋଟରାୟ ଓଡିଆ ନାଟ୍ୟସାହିତ୍ୟର ଅନନ୍ୟ ପ୍ରତିଭା ଥିଲେ ବୋଲି କହିବା ସହିତ ତାଙ୍କ ରଚନାରେ ସରଳ, ସାବଲୀଳ ଭାବ ଓ ଲୋକମୁଖର ଭାଷା ଅତି ସୁନ୍ଦର ଭାବେ ଫଳିଫଳିତ ହୋଇଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାରସ୍ୱତ ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ଓ ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ଡକ୍ଟର ଶରତ ଚନ୍ଦ୍ର ମହାରଣ ଏବଂ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ସ୍ୱର୍ଗତ ଗୋପାଳ ଛୋଟରାୟଙ୍କ ନାଟକ ସହଧର୍ମିଣୀ, ଫେରିଆ, ପରକଲମ, ଅର୍ଦ୍ଧାଙ୍ଗିନୀ ଓ ଗୀତିନାଟ୍ୟ ଶ୍ରୀଗଣେଶ, ମହିଷାମର୍ଦ୍ଦିନୀ, ଜନ୍ମାଷ୍ଟମୀ, ନପାହୁ ରାତି ନମରୁ ପତି ସମ୍ପର୍କରେ ସବିଶେଷ ଆଲୋଚନା କରି ସ୍ୱର୍ଗତ୍ ଛୋଟରାୟଙ୍କ ନାଟ୍ୟପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାଶ, ଶେଷଦେବ ଛୋଟରାୟ, ଗଣେଶ ଚନ୍ଦ୍ର ମହାନ୍ତି ଓ ବଂଶୀଧର ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଓଡିଆ ନାଟ୍ୟ ସାହିତ୍ୟକୁ ଅନବଦ୍ୟ ଅବଦାନ ପାଇଁ ଗୋପାଳ ଛୋଟରାୟ ସବୁଦିନ ପାଇଁ ସ୍ମରଣୀୟ ହୋଇରହିବେ । ଶେଷରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲାର ଫାଇନାଲ ଭୋଟର ତାଲିକା ପ୍ରକାଶନ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆଜି କେନ୍ଦ୍ରାପଡା ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଫାଇନାଲ ଭୋଟର ତାଲିକାକୁ ପ୍ରକାଶନ କରାଯାଇଛି । ଏହି ଅବସରରେ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଥିଲେ ଯେ ଜାନୁଆରୀ ପହିଲା ସୁଦ୍ଧା ଜିଲ୍ଲାର ମୋଟ ୧୨ଲକ୍ଷ ୫୫ହଜାର ୮୯ଜଣ ଭୋଟରଙ୍କ ନାମ ପଞ୍ଜିକରେଣ କରାଯାଇଛି । ସେମାନଙ୍କ ମଧ୍ୟରୁ ୬ଲକ୍ଷ ୫୨ହଜାର ୩୬୮ଜଣ ପୁରୁଷ ହୋଇଥିବା ବେଳେ ୬ଲକ୍ଷ ୨ହଜାର ୬୬୯ଜଣ ମହିଳା ଓ ୫୨ଜଣ କିନ୍ନର ଅଛନ୍ତି । ଚଳିତମାସ ପହିଲା ସୁଦ୍ଧା ୧୮ବର୍ଷ ପୁରଣ କରିଥିବା ୫୨ହଜାର ୭୬୬ଜଣଙ୍କ ନାମ ନୂତନ ଭାବେ ପଞ୍ଜିକୃତ ହୋଇଥିବା ବେଳେ ୨୪ହଜାର ୭୭୯ଜଣଙ୍କ ନାମ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ ଦିଆଯାଇଛି । ଏହି ଭୋଟର ତାଲିକାରେ ୧୮ରୁ ୧୯ବର୍ଷ ବୟସ୍କ ଯୁବ ଭୋଟରଙ୍କ ସଂଖ୍ୟା ୨୫ହଜାର ୪୪୪ ଅଟେ । ଏହି ଭୋଟର ତାଲିକାରେ ଲିଙ୍ଗ ଅନୁଯାୟୀ ପ୍ରତି ହଜାରରେ ୯୨୪ଜଣ ମହିଳା ଥିବା ବେଳେ ୮୯୭ଜଣ ପୁରୁଷ ରହିଛନ୍ତି । ସେହିଭଳି ଜିଲ୍ଲାରେ ୧୧ହଜାର ୧୨ଜଣ ଭିନ୍ନକ୍ଷମ ଭୋଟର ଥିବା ବେଳେ ୮୦ବର୍ଷ ଏବଂ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକ ଭୋଟରଙ୍କ ସଂଖ୍ୟା ହେଉଛି ୩୯ହଜାର ୬୨୪ । ଜିଲ୍ଲାରେ ପୂର୍ବରୁ ୧୪୩୮ଟି ଭୋଟ ଗ୍ରହଣ କେନ୍ଦ୍ର ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୪୪୫ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି । ଚଳିତ ଥର କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ ଥର ପାଇଁ ଭୋଟ ଗ୍ରହଣ ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖର ଏକମାସ ପୂର୍ବରୁ ଏକ ୬ଜଣିଆ ଟିମ ଭିନ୍ନକ୍ଷମ ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ଘରକୁ ଯାଇ ସେହି ଭୋଟରମାନଙ୍କ ସମ୍ମତିକ୍ରମେ ପୋଷ୍ଟାଲ ବାଲାଟ ଭୋଟ କରାଇବା ସହିତ ସେମାନଙ୍କ ଠାରୁ ବାଲାଟପେପର ଗ୍ରହଣ କରିବାକୁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଭୋଟର ପଞ୍ଜିକରଣ ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଏହି ଉପଲକ୍ଷେ ଭୋଟର ପଞ୍ଜିକରଣ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ଦଳର ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ସିପିଆଇ(ଏମ)ର ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, ଜିଲ୍ଲା ବିଜେପିର ଉପସଭାପତି ଉପୀନ କୁମାର ରାଉତ, ଯୁବ ବିଜୁଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନ, ଆପ୍‌ର ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ଡେପୁଟୀ କଲେକ୍ଟର(ନିର୍ବାଚନ) ଶିବାଶିଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଧାର ନାହିଁ ବୋଲି ନେଲ ନାହିଁ ଆଡ଼ମିସନ

**ବାରିପଦା/ଉଦଳା(ଅମୃତ ମିଡିଆ):** ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ କାଳିଆଆମ୍ବ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସାନିକା ସିଂ ଓ ମାତା ବାସନ୍ତି ସିଂଙ୍କ ୧୦ ବର୍ଷ ବୟସର କନ୍ୟା 'ଗାଙ୍ଗି' ଏବଂ ଚାଳା ସିଂ ଓ ମାତା ସାନି ସିଂଙ୍କ ୮ ବର୍ଷ ବୟସର କନ୍ୟା 'ସୁଗି' ଅଦ୍ୟାବି ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ଖବର ନେବାରୁ ଜଣାଯାଇଛି ଗ୍ରାମେର ଥିବା ଅଙ୍ଗନୱାଡ଼ି କେନ୍ଦ୍ରେର ଗାଙ୍ଗି ଓ ସୁଗି ପାଠ ପଢୁଥିଲେ । ପେର ବୟୟ ହୋଇ ଯିବାରୁ ନିକଟେର ଥିବା ପଣ୍ଡୁଆଡ଼ାହି ପ୍ରାଥମିକ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଆଣିଲେ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରଦେଲେ । ଫଳେର ଆଜି ପର୍ଯ୍ୟନ୍ତ ଏହି ଦୁଇ କନ୍ୟା ବିଦ୍ୟାଳୟର ମାଟି ମାଡ଼ିପାରି ନାହାଁନ୍ତି । ପରିବାରର ଲୋକଙ୍କ



କହିବାନୁସରେ ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିପାରି ନାହିଁ । ଏପରିକି ଆଧାର କାର୍ଡ଼ ନଥିବା ଯୋଗୁଁ ଏହି ଦୁଇ କନ୍ୟା ସନ୍ତାନଙ୍କ ନାମେର ଟଙ୍କାକିଆ ଚାଉଳ ମଧ ମିଳୁନାହିଁ । କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲେର ଦାବି ହେଉଛି ।

# ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ପ୍ରତିଟି ଜୀବନ ମୂଲ୍ୟବାନ- ରାଜ୍ୟ ସରକାରଙ୍କର ଏହି ଆଭିମୁଖ୍ୟକୁ ସଫଳ କରିବାକୁ ଆଜି ଆରମ୍ଭ ହୋଇଛି ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ । ଯେଉଁ ଗ୍ରାମୀଣ ପରିବାର ବିଏସ୍‌କେୱାଇ ଅନ୍ତର୍ଭୁକ୍ତ ହୋଇନଥିବେ ସେମାନେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ଗ୍ରାମୀଣ ଅଞ୍ଚଳରେ ସଚେତନତାର ବାର୍ତ୍ତା ବଣ୍ଟନ କରିବ । ଆଜି ମଧ୍ୟାହ୍ନ ୧୨ଘଟିକା ସମୟରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍ ପତାକା ଦେଖାଇ ଏହି ସଚେତନତା ରଥର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ, କେନ୍ଦ୍ରାପଡା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନିତା ପଟ୍ଟନାୟକ, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳୀ ତରାଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡଃ ନୃପେନ୍ ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ବିଏସ୍‌କେୱାଇ ନବୀନ କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରବଧାନ କରାଯାଇଛି । ବିଏସ୍‌କେୱାଇ ନବୀନ କାର୍ଡ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ ତାରିଖଠାରୁ ପ୍ରାପ୍ତ ହେବ । ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ ପାଇଁ ସଭ ପୋର୍ଟାଲ୍ ଜାନୁୟାରୀ ମାସ ୬ ତାରିଖ ଦିନ ଖୋଲିବ ଏବଂ ୧୬ ତାରିଖ ଦିନ ବନ୍ଦ ହେବ । ଏହି ସମୟ ମଧରେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ ହେବା ଆବଶ୍ୟକ ।

# ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଂଟନ

**ବାରିପଦା(ଅମୃତ ମିଡିଆ):** ବାରିପଦା ଚିପଟ ଅଷ୍ଟିଆର ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିମିଳିପାଳ ପାଦଦେଶରେ ଗରିବ ଅସହାୟ ଭାବେ ବସବାସ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶୀତବସ୍ତ୍ର କମ୍ବଳ ବଂଟନ କରାଯାଇଥିବାର ଜଣାଯାଇଛି । ଟ୍ରଷ୍ଟର ସଭାପତି ସେକ ସମୀର ଅଲି, ସମ୍ପାଦକ ସରୋଜ ଖମାରୀଙ୍କ ନେତୃତ୍ୱରେ ପ୍ରଶା' ଜେନା, ମନୋଜ କୁମାର ଶର୍ମା, ଜୟ' କୁମାର ସାହୁ, ପବନ ସାହୁ, ପ୍ରଦୁମ୍ନ ନନ୍ଦୀ ରତିକା' ଘୋଷ, ରନ ଖମାରୀ ବାପୁନ ଖମାରୀ ତରୁଣ ନାୟକ ରାଜେଶ ଚୌଧୁରୀ ନିରୋଜ ଖମାରୀ ପ୍ରମୁଖ ସ୍ୱେଚ୍ଛାସେବୀମାନେ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଚିଲିକା ନିର୍ବାଚନ ମଣ୍ଡଳୀ ଆସିବେ କେନ୍ଦ୍ର ମତ୍ସ୍ୟ,ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରୀ

**ବାଲୁଗାଁ(ଅମୃତ ମିଡିଆ):** ରବିବାର ପୂର୍ବାହ୍ନରେ କେନ୍ଦ୍ର ମତ୍ସ୍ୟ,ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଚିଲିକା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସୁଛନ୍ତି ।ଶ୍ରୀ ରୁପାଲା ପୂର୍ବାହ୍ନ ୧୦.୧୫ ଘଟିକାରେ ନଇରୀ ଗ୍ରାମରେ ଏକ ବିଶାଳ ମତ୍ସ୍ୟଜୀବି ସମ୍ମିଳନୀରେ ଯୋଗଦେଇ ମତ୍ସ୍ୟଜୀବିମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରି ଯୋଜନା ସମ୍ପର୍କରେ ଅବଗତ କରାଇବେ ।ଏହାପରେ ଶ୍ରୀ ରୁପାଲା ସିଙ୍ଗେଶ୍ୱର ପଞ୍ଚାୟତ କୋଦପୁର ଗ୍ରାମକୁ ଯାଇ ମତ୍ସ୍ୟଜୀବିଙ୍କ ପରିବାର ସହ ମଧ୍ୟାହ୍ନ ଭୋଜନ କରିବା ନେଇ ଜଣାପଡିଛି ।ପରିଶେଷରେ ବାଲୁଗାଁ ଚିଲିକା କୂଳ ଜେଟିକୁ ଯାଇ ମତ୍ସ୍ୟଜୀବିମାନଙ୍କ ସହ ଏକାଧିକ ବିଷୟ ଉପରେ ଚର୍ଚ୍ଚା ଓ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ଶୁଣିବେ ଏବଂ ପରବର୍ତ୍ତୀ ସମୟରେ ବାଲୁଗାଁରୁ ବୋଟ ଦ୍ୱାରା ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳି ଅନ୍ତର୍ଗତ ସାତପଡାକୁ କେନ୍ଦ୍ର ମନ୍ତ୍ରୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।ଉକ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଡା ସମ୍ବିତ ପାତ୍ର ଉପସ୍ଥିତ ରହିବେ ବୋଲି ଜଣାପଡିଛି ।

# ଚୋରାମଦ ବ୍ୟବସାୟକୁ ଗ୍ରାମବାସୀଙ୍କ ବିରୋଧ : ଥାନାରେ ଏତଲା



**ଆଳି (ଅମୃତ ମିଡିଆ):** ଦିନକୁ ଦିନ ଆଳି ଥାନା ଅଞ୍ଚଳରେ ଚୋରାମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ଗାଁ ଗହଳିରେ ଏହାର ପ୍ରଭାବରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଛତୁ ଫୁଟିବା ଭଳି ଏହି ବ୍ୟବସାୟ ବ୍ୟାପିରେ ଲାଗିଛି । ଚୋରା ମଦ ହାତ ପାହାନ୍ତାରେ ମିଳିବା ଯୋଗୁ ଗ୍ରାମ୍ୟ ପରିବେଶ କଳୁଷିତ ହେବା ସହ ନଷ୍ଟ ହେଉଛଇ । ଏଭଳି ପରରିସ୍ଥିତିରେ ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଜଣେ ଚୋରା ମଦ ବ୍ୟବସାୟୀଙ୍କ ନାମରେ ଆଳି ଥାନାରେ ଗ୍ରାମବାସୀ ୨ଟି ଅଭିଯୋଗ କରିଛନ୍ତି । ଗ୍ରାମର ବିଦ୍ୟୁଲତା ମଳିକ ଦେଇଥିବା ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘ ୧୫ ବର୍ଷ ହେବ ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି । ଫଳରେ ଗ୍ରାମର ଛୋଟ ପିଲାମାନେ ନିଶାଗ୍ରସ୍ତ ହେଉଥିବା ବେଳେ ମହିଳାମାନେ ମଧ୍ୟ ଅସୁରକ୍ଷିତ ମଣୁଛନ୍ତି । ଏହାକୁ ବିରୋଧ କରିବାରୁ ଚୋରା ମଦ ବ୍ୟବସାୟୀ ଜଣକ ଆକ୍ରୋଶମୂଳକ ଭାବେ ତାଙ୍କ ନାତି ବୁଦ୍ଧ ମଳିକ ନାମରେ ଟଙ୍କା ଚୋରିର ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଗିରଫ କରାଇଛନ୍ତି । ଜଣେ ଚୋରା ମଦ ବ୍ୟବସାୟୀକୁ ବିରୋଧ କରି ଜଣେ ସାଧାରଣ ପିଲାଙ୍କୁ ପୋଲିସ ଗିରଫ କରିବା ପରେ ପୋଲିସ ବ୍ୟବସାୟୀଙ୍କୁ ଶୀଘ୍ର ଗିରଫ କରିବା ନିମନ୍ତେ ବିଦ୍ୟୁଲତା ଅଭିଯୋ ଗରିଛନ୍ତି । ସେହିପରି ଗ୍ରାମର ଝୁନା ମଳିକ, ସାବିତ୍ରୀ ମଳିକ, ଦୀପକ ମଳିକ, ବାସନ୍ତୀ ମଳିକ, କବି ମଳିକ, ଅମର ରାଉତ, ଗୁରୁଚରଣ ମଳିକ, ରୋହିତ ମଳିକ, ରତ୍ନାକର ମଳିକ, ଆଲୋକ ମଳିକ ପ୍ରମୁଖ ମହିଳାପୁରୁଷ ମଧ୍ୟ ସମାନ ଅଭିଯୋଗ ଆଣି ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏ ନେଇ ଆଳି ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ ।

# ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପରାମର୍ଶ

**ନୂଆପଡା (ଅମୃତ ମିଡିଆ):** ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ଵାରା ଦୁର୍ଘଟଣା ଘଟୁଛି । ଏପରିକି ଅନେକ ନିରୀହ ଲୋକଙ୍କ ଜୀବନ ଚାଲିଯାଉଛି । ତେଣୁ ସମସ୍ତେ ଗାଡ଼ି ଚାଳକମାନେ ଏଥିରୁ ନିବୃତ୍ତ ରୁହନ୍ତୁ । ସେହିପରି ବାଇକ୍ ଚାଳକମାନେ ସବୁବେ ବେଳେ ହେଲମେଟ୍ ପିନ୍ଧି ଗାଡି ଚଳାଇ ଲାଇଲେ ସୁରକ୍ଷିତ ରହିବେ ଏନେଇ ନୂଆପଡା ଜିଲ୍ଲା ଆଞ୍ଚଳିକ ପାରିବହନ ପକ୍ଷରୁ ଶନିବାର ଦିନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଇଯାଇଛି ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି । ଆଞ୍ଚଳିକ ପରିବହନ ଅଧିକାରୀ ମିନା ସିଙ୍ଗ ସଂଜୀବ ପଣ୍ଡା ପୁରୁଷତ୍ତମ ମଲ୍ଲିକ ଗୟାନାଥ ନାୟକ ସୁକାନ୍ତ ସଥପଥି ଧର୍ମା ବାଗ ସମେତ ପରିବହନ ବିଭାଗ ର ଅଧିକାରୀ ମାନେ ସାମିଲ ଥିଲେ! ସେହିପରି ନେସନେଲ




କଲେଜ ର ପିଟି ଶିକ୍ଷକ ପ୍ରକାଶ ସାହୁ ସହ ଛାତ୍ର ଛାତ୍ରୀ ଓ ଅନ୍ୟାନ୍ୟ ମାନେ ସାମିଲ ଥିଲେ ନୂଆପଡା ମିନିଷ୍ଟାଡିୟମ ଠାରୁ ସଡ଼କ ସୁରକ୍ଷା ସଚେତନ କାର୍ଯକ୍ରମ ନେସନାଲ କଲେଜ ର ଛାତ୍ରଛାତ୍ରୀ ଙ୍କୁ ନେଇ ଏକ ଶୋଭାଯାତ ବାହାରିଥିଲା ଶୋଭାଯାତ୍ରା ଟି ନୂଆପଡା ସହର ର ଜାତୀୟ ରାଜପଥ ମାର୍ଗ ରେ ସ୍ଲୋଗାନ ଦେବା ସହ ରିଫଲେଟ ଧରି ଜନସାଧାରଣ ଙ୍କୁ ମାଇକ ଲଗାଇ ସଡ଼କସୁରକ୍ଷା ସଚେତନ କରିଥିଲେ ସଚେତନ କାର୍ଯକ୍ରମ କୁ ନୂଆପଡା ଉପ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହରି ଝଣ୍ଡା ଦେଖାଇ ଶୁଭରମ୍ଭ କରିଥିଲେ ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ସାମିଲ ଥିଲେ ।

**ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ**

## ଉନ୍ନୟମୂଳକ କାର୍ଯ୍ୟରେ ଅନିୟମିତତା:କଂଗ୍ରେସର ଦାବିପତ୍ର

**ଖଣ୍ଡପଡା (ଅମୃତ ମିଡିଆ):** ଖଣ୍ଡପଡା ସହରର ବିଭିନ୍ନ ଓ୍ଵାର୍ଡରେ ଏନ୍ଏସି ପକ୍ଷରୁ ଚାଲିଥିବା ଉନ୍ନୟମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ନିକଟରେ ସୂଚନାଫଳକ ରହୁ ନ ଥିବା ବିଶେଷକରି ମୁଖ୍ୟମନ୍ତ୍ରୀ କାର୍ଯ୍ୟ ତତ୍ପର ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ପରିବର୍ତେ କେତେଜଣ ଠିକାଦାର ଉପକୃତ ହେଉଥିବା ନେଇ କଂଗ୍ରେସ ଅଭିଯୋଗ ଉଠାଇଛି । କଂଗ୍ରେସ ପକ୍ଷରୁ ସନ୍ତୋଷ କୁମାର ସାହୁ, ତାଙ୍କ ସମର୍ଥକଙ୍କ ଗହଣରେ ଏନ୍ସେ କାର୍ଯ୍ୟାଳୟକୁ ଯାଇ କାଯ ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ଶୁକ୍ରବାର ବିଭିନ୍ନ ଦାବି ସମ୍ବଳିତ ପତ୍ର ପ୍ରଦାନ କରିଥିବା ଜଣାଯାଇଛି ।

## କଖଡି ସେବା ସମବାୟ ସମିତି ଧାନ ମଣ୍ଡି ପ୍ରସ୍ତୁତି ବୈଠକରେ ଚାଷୀଙ୍କ ହୋହାଲ୍ଲା

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡିଆ):** ଶୁକ୍ରବାର ଗାନ୍ଧୀ ହାଟ ପଡ଼ିଆରେ କଖଡି ସେବା ସମବାୟ ସମିତି ପକ୍ଷରୁ ଚାଷୀ ମାନଙ୍କର ମଣ୍ଡି ରେ ଧାନ ଦେବାକୁ ନେଇକି ଏକ ପ୍ରାକ ପ୍ରସ୍ତୁତି ବୈଠକ ସଭାପତି ସୁରେନ୍ଦ୍ରନାଥ ମହାନ୍ତିଙ୍କ ଅଧକ୍ଷତାରେ ବସିଥିଲା । କଖଡି ସେବା ସମବାୟ ସମିତି ଅଧୀନରେ ଧାନ ଦେବାପାଇଁ ପଞ୍ଜୀକୃତ କରିଥିବା ଚାଷୀ ମାନେ ବୈଠକ ଆରମ୍ଭରୁ ହୋହାଲ୍ଲା କରିଥିଲେ । ଏଥିରେ ଜାଣି ଶୁଣି କେତେକ ନିର୍ବାଚିତ ନିର୍ଦ୍ଦେଶକ ଅନୁପସ୍ଥିତ ଥିଲେ । ପ୍ରକାଶ ଥାଉ କି ଚାଷୀ ମାନେ ପଞ୍ଜୀକୃତ କରିଥିବା ନିଜ ନିଜ ଜମି ଗୁଡିକ ପରିମାଣ ରୁ ବହୁତ୍ କମ୍ ପରିମାଣ ର ଧାନ ଦେବା ପାଇଁ ବାର୍ତ୍ତା ଜରିଆରେ ମୋବାଇଲ୍ କୁ ଆସିବା ପରେ ଆଜିର ବୈଠକ ରେ ହୋହାଲ୍ଲା କରିଥିଲେ ଏବଂ ପ୍ରକୃତ ଚାଷୀ ଭାଇ ମାନେ ଜମି ପଞ୍ଜିକରଣ ରୁ ବଞ୍ଚିତ ଅଛନ୍ତି । ଏହି ଭଳି ବାରମ୍ବାର ଚାଷୀ ମାନଙ୍କୁ ହଇରାଣ କରି ବେପାରୀ ମାନଙ୍କ ଦ୍ୱାରା ମଣ୍ଡି ରେ ଧାନ ଦିଆଯାଇ ମୋଟା ଅଙ୍କର ମୋନଫା ସମବାୟ କର୍ମଚାରୀ ମାନେ ଆଦାୟ କରୁଛନ୍ତି । ଏଥି ପ୍ରତି ମାନ୍ୟବର ସମବାୟ ମନ୍ତ୍ରୀ ତଦନ୍ତ କରିବା ପାଇଁ ସାଧାରଣ ଚାଷୀମାନେ ଦାବି ରଖିଛନ୍ତି ।

# ଟ୍ରକ ଡ୍ରାଇଭରକୁ ଧମକ ଦେଇ ଟଙ୍କା ଲୁଟ୍ ମାମଲାରେ ଜଣେ ଗିରଫ

**ଗୋପାଳପୁର (ଅମୃତ ମିଡିଆ):** ଗୋପାଳପୁର ପୋଲିସ ଟ୍ରକ ଡ୍ରାଇଭରକୁ ଧମକ ଚମକ ଦେଇ ଦାଦାବଟି ମାଗିବା ମାମଲାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଗିରଫ ଯୁବକ ଜଣକ ହେଲେ ଗୋଷାଣୀ ନୂଆଗାଁ ଥାନା ଅର୍ନ୍ତଗତ ହିଲପାଟଣାର ମୁକ୍ତେଶ ସାହୁ (୨୫) ବୋଲି ପୋଲିସ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛି । ସୂଚନା ଅନୁସାରେ ୧୬ ନଂ. ଜାତୀୟ ରାଜପଥ ପଥରା ଓଭରବ୍ରିଜ ନିକଟରେ ଗୁରୁବାର ୪ଟା ସମୟରେ ଟ୍ରକ ଓ ଆମ୍ବୁଲାନ୍ସ ସହ ସାମାନ୍ୟ ଦୁର୍ଘଟଣା ହୋଇଥିଲା । ଉଭୟ ଡ୍ରାଇଭରଙ୍କ ମଧ୍ୟରେ ବୁଝାମଣା ହେଉଥିବା ସମୟରେ ମୁକେଶ ଓ ତାଙ୍କ ଦୁଇ ସହଯୋଗୀ ବଇକ ଯୋଗେ



ସେଠାରେ ପହଞ୍ଚିଥିଲେ । ମୁକେଶ ଦୁର୍ଘଟଣାର ସମାଧାନ କରିଦେଲି ବୋଲି କହି ଟ୍ରକ ମାଲିକ ପିଣ୍ଟୁ ବିଶୋୟୀଙ୍କୁ ଧମକ ଚମକ ଦେଇ ୧୫ ହଜାର ଟଙ୍କା ଜୋର ଜବରଦସ୍ତି ନେଇଯାଇଥିଲେ । ଏ ନେଇ ପିଣ୍ଟୁଙ୍କ ପକ୍ଷରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ୫/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଶୁକ୍ରବାର ପୂର୍ବାହ୍ନରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ଏକ ଭଡା ଘରେ ଗୋପାଳପୁର ଥାନା ପୋଲିସ ସେଠାରେ ଚଢାଉ କରି ମୁକ୍ତେଶଙ୍କୁ ଉଠାଇ ନେଇ ପଚରାଉଚୁରା କରିବା ପରେ ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରାଯାଇଥିଲା । ସନ୍ଧ୍ୟାରେ ପୋଲିସ ମୁକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଫେରାର ଥିବା ବେଳେ ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି । ଅନ୍ୟ ପଟେ ଅଭିଯୁକ୍ତ ମୁକେଶଙ୍କ ନାମରେ ଗୋସାଣୀ ନୂଆଗାଁ ଥାନାରେ ଅନେକ ମାମଲା ହୋଇଥିବା ବେଳେ ଗତ କିଛି ଦିନ ତଳେ ଜାମିନରେ ଫେରିଥିବା ସୂଚନା ମିଳିଛି ।

## କୁକୁଡାଖଣ୍ଡି ତହସିଲ ତରଫରୁ ରାଜସ୍ୱ ମେଳା ଅନୁଷ୍ଠିତ

**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ତହସିଲ ତରଫରୁ ରାଜସ୍ୱ ମେଳା ( ଗ୍ରାମକଣ୍ଠ ପଟ୍ଟା ବଣ୍ଟନ ) କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି । ନିଜ ହାତ ପାହାନ୍ତରେ କିଭଳି ଜନସାଧାରଣ ବିଭିନ୍ନ କିସମର ପଟ୍ଟା ପାଇପାରିବେ ସେ ନେଇ ରାଜ୍ୟ ସରକାରଙ୍କ ତରଫରୁ ରାଜସ୍ୱ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଜି ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡାଖଣ୍ଡି ତହସିଲ ତରଫରୁ ଆଜି ଏହି ରାଜସ୍ୱ ମେଳା ଆୟୋଜିତ ହୋଇଯାଇଛି । ଅନୁଷ୍ଠିତ ଏହି ରାଜସ୍ୱ ମେଳା କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲପାଳ ଶ୍ରୀଯୁକ୍ତ ଆଶୁତୋଷ କୁଳକର୍ଣି, ବ୍ଲକ୍ ଅଧକ୍ଷ, ଉପାଧକ୍ଷା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଏବଂ ସ୍ଥାନୀୟ ବିଜେଡ଼ି ନେତୃବୃନ୍ଦ, କର୍ମୀ, ରାଜସ୍ୱ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅଂଚଳର ବହୁ ଅଂଚଳବାସୀଙ୍କୁ ବିଭିନ୍ନ କିସମର ପଟ୍ଟା ମଧ୍ୟ ବଣ୍ଟନ କରାଯାଇଛି । ଏଣୁ ଗ୍ରାମବାସୀ ମାନଙ୍କ ତରଫରୁ ମାନ୍ୟବର ବିଧାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇବା ସହିତ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଶେରଗଡ଼ ପ୍ରକଳ୍ପ ଅନ୍ତର୍ଗତରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା



**ବ୍ରହ୍ମପୁର /ଶେରଗଡ (ଅମୃତ ମିଡିଆ):** ଆଜି ଗଞ୍ଜାମ ଜିଲ୍ଲା ଶେରଗଡ ପ୍ରକଳ୍ପ ଅନ୍ତର୍ଗତ ପାଞ୍ଚଗୋଟି ପଂଚାୟତ ଯଥାକ୍ରମେ ଶେରଗଡ, ତାକରଡା, ଠୁରୁବୁରାଇ, ଗୋବିନ୍ଦପୁର ଏବଂ ତହଁର ଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ଗୀତାରାଣୀଙ୍କ ଅଧକ୍ଷତାରେ ଏବଂ ଗଞ୍ଜାମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ଶେରଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶେରଗଡ଼ ବ୍ଲକ ଶିକ୍ଷାଧିକାରୀ, ଶେରଗଡ଼ ଟେକ୍ନିକାଲ ଅଫିସର, ଶେରଗଡ଼ ଚେୟାରମ୍ୟାନ, ରାଜ୍ୟ ସ୍ତରୀୟ ମମତା ବୋର୍ଡ ଉପଦେଷ୍ଟା ସବିତା ରାଣୀ ଚୌଧୁରୀ ଏବଂ ସ୍ଥାନୀୟ ସରପଞ୍ଚ ମାନଙ୍କ ଉପସ୍ଥିତରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କିଶୋରୀ ମାନଙ୍କ ମଧ୍ୟରେ ସଚେତନତା କରାଇବା ଏବଂ ବିଏମଆଇ ଓ ହିମୋଗ୍ଲୋବିନ ଟେଷ୍ଟ ମାଧ୍ୟମରେ ରକ୍ତହୀନତାର ଚିନ୍ହଟ କରଣ କରିବା । ଏହାର ଦୂରୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ମାଧ୍ୟମରେ କିଶୋରୀ ମାନଙ୍କର ପରିପୃଷ୍ଟ ସାଧନ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ଅଟେ । ଏହି ମେଳା ରାଜ୍ୟ ସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ ଚଳିତ ମାସ ଠାରୁ ପ୍ରତେକ ଶନିବାର ଦିନ ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

# କଲ୍ୟାଣସିଂହପୁର ସିଆରପିଏଫ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**କଲ୍ୟାଣସିଂହପ (ଅମୃତ ମିଡିଆ):** ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ସିଆରପିଏଫ ଇ୪ର୍ଥ ବାଟାଲିୟନ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଓ ଜନସମ୍ପର୍କ ଶିବିର ସ୍ଥାନୀୟ କ୍ୟାମ୍ପ ପରିସରରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଚତୁର୍ଥ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ମନୋଜ କୁମାର ଯାଦବ, କଲ୍ୟାଣସିଂହପୁରର ଅତିରିକ୍ତ କମାଣ୍ଡେଣ୍ଟ ଡି କ୍ରିଷ୍ଣ । ରାଓ, ଜିଲ୍ଲା ପରିଷଦ ସଭ୍ୟ ବି ଭି ପ୍ରସାଦ ରାଓ, ଅବସର ପ୍ରାପ୍ତ ଶିକ୍ଷକ ଭି ସୁର୍ଯ୍ୟ ପ୍ରକାଶ ରାଓ, ଦେବଗିରି କଲେଜ ଅଧକ୍ଷ ଯୋଗେଶ ଗରଡ଼ା, ଥାନା ଅଧିକାରୀଣି ସୁମନ୍ତି ମହାନ୍ତି ଯୋଗ ଦେଇଥିଲେ । ଅଞ୍ଚରେ ସ୍ୱଚ୍ଛତା ପରିବେଶ, ସୁରକ୍ଷା ବଳ, ଅନୁନ୍ନତ ଗରିବ ଶ୍ରେଣୀ ଓ ନିୟମଗିରି ଅଞ୍ଚଳରେ ଥିବା ବିରଳ ଜନଜାତି ଡ଼ଙ୍ଗରିଆଙ୍କ ସୁସମ୍ପର୍କ ଜନ ହିତକର କାର୍ଯ୍ୟକ୍ରମରେ ସମସ୍ତେ ବିଭିନ୍ନ ସମୟରେ ଜନହିତରେ କିପରି କାର୍ଯ୍ୟରେ ଆସିବେ ବୋଲି ସଚେତନା ସୃଷ୍ଟି କରବା ପାଇଁ କମାଣ୍ଡାଣ୍ଟ ଯାଦବ ପ୍ରକାଶ କରିଥିଲେ । ସେହିପରି ଦେବଗିରି ମହାବିଦ୍ୟାଳୟ ଓ କାଣସୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିୟମଗିରି ଡଙ୍ଗରିଆ ଓ ଆଖପାଖ ଅଞ୍ଚଳର ଗରିବ ଲୋକମାନେ ଶୀତରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କ୍ୟାମ୍ପ ତରଫରୁ ୧୪୩ ଜଣଙ୍କୁ କମ୍ବଳ ବଣ୍ଟନ କରିଥିଲେ ।

## ହରିପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଶରଣକୁଳ (ଅମୃତ ମିଡିଆ):** ଶରଣକୁଳ ନିକଟ ହରିପୁର ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଧାନମଣ୍ଡିକୁ ହରିପୁରର ପଞ୍ଚାୟତ ସରପଞ୍ଚ ବିଳାସିନୀ ଦେଈ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ସମବାୟ ସମିତିରେ ୩୩୬ ଜଣ ଚାଷୀ ଧାନ ବିକ୍ରୟ କରିବାକୁ ନିଜର ନାମକୁ ପଞ୍ଜୀକୃତ କରିଛନ୍ତି । ଓଡଗାଁ ନିକଟବ ର୍ତ୍ତୀ ଅରଖପଲ୍ଲୀରେ ଥିବା ରାଜେଶ ଇଣ୍ଡଷ୍ଟ୍ରିଜ୍ ମିଲର ଏହି ମଣ୍ଡିରୁ ଚାଷୀଙ୍କଠାରୁ ଧାନକ୍ରୟ କରିବେ । ମିଲର ଏହି ସେବା ସମବାୟ ସମିତିର ଚାଷୀଙ୍କଠାରୁ ସର୍ବମୋଟ ୧୨ ହଜାର କୁଇ ାଲ ଧାନ କ୍ରୟ କରାଯିବ ବୋଲି ମଣ୍ଡି ଉଦ୍‌ଘାଟନ ସମୟରେ ପ୍ରକାଶ କରିଥିଲେ



। ସମବାୟ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସମବାୟ ସମିତିର ସଭାପତି ବୈକୁଣ୍ଠ ନାଥ ସିଠ, ଡାଇରେକ୍ଟର ଭାଗୀରଥି ସ୍ୱାଇଁ, ଅଭିମନ୍ୟୁ ନାୟକ, କୀ ର୍ତ୍ତନ ବରାଡଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ୨୦୨୪

**ଫୁଲବାଣୀ (ଅମୃତ ମିଡିଆ):** ଘନ ସବୁଜ ବନନୀ ଘେରା, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା,କନ୍ଧମାଳ ଜିଲ୍ଲାର ଐତିହ୍ୟ ,ପରମ୍ପରା କଳା ସଂସ୍କୃତି କୁ ପାଥେୟ କରି ସାମାଜିକ ଓ ସମନ୍ୱୟ ବସୁଧୈବ କୁଟୁମ୍ବ କମ ର ବାର୍ତ୍ତା ପ୍ରଚାର କରିବା , ବାହାର ରାଜ୍ୟରେ କଳା ସଂସ୍କୃତି କୁ ଲୋକ ମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏବଂ କନ୍ଧମାଳ ଜିଲ୍ଲାର ଉତ୍ପାଦିତ ସାମଗ୍ରୀ ର ବିକ୍ରି ବଟା ବଜାର ସୃଷ୍ଟି କରିବା ନିମନ୍ତେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଅନୁଷ୍ଠିତ ହେଉଥିବା କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ୨୦୨୪ ଫୁଲବାଣୀ ସଦର ମହକୁମା ସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ କନ୍ଧମାଳ ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି । ଗତକାଲି ଏହି ଅବସରରେ ଜିଲ୍ଲା ର ବିଭିନ୍ନ ସାଂସ୍କୃତିକ ଦଳର ପାରମ୍ପରିକ ନୃତ୍ୟ ରେ ଫୁଲବାଣୀ ମାଁ ନାରାୟଣୀ ମନ୍ଦିର ଏକ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମହୋତ୍ସବ ପଡ଼ିଆ ଠାରେ ପହଞ୍ଚି ଥିଲା । ସନ୍ଧ୍ୟା ୬ଟା ଘଣ୍ଟା ସମୟ ରେ ଉଦଘାଟନ ଦିବସର ମୁଖ୍ୟ ଅତିଥି ଭାବେ ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇ ପ୍ରକୃତିର ସୌନ୍ଦର୍ଯ୍ୟ ରେ ଭରା କନ୍ଧମାଳ ବାହାର ଜିଲ୍ଲା ଓ ରାଜ୍ୟର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଛି । କନ୍ଧମାଳ ର ବିଲୁପ୍ତ ଲୋକ କଳା ସଂସ୍କୃତି ପରମ୍ପରା କୁ ଉତଥାପନ କରିବା ପାଇଁ ସରକାର ପକ୍ଷରୁ ଏହି ମହୋତ୍ସବ ଅନୁଷ୍ଠିତ ହୋଇଛି । କନ୍ଧମାଳ ର ଆଦିବାସୀ ଲୋକନୃତ୍ୟ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛି ବୋଲି କହିଥିଲେ । କୋମଳ ଗାନ୍ଧାର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିବା ବେଳେ ଅନ୍ୟତମ ମଞ୍ଚାସିନ ଅତିଥିଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ,ମହୋତ୍ସବ କମିଟି ଅଧକ୍ଷ ତଥା କନ୍ଧମାଳ ଜିଲ୍ଲା ପାଳ ଆଶିଷ ଈଶ୍ୱର ପାଟିଲ,ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ଉଦଘାଟନ ଦିବସରେ ଯୋଗ ଦେଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା ରାଜ୍ୟରୁ ଆସିଥିବା ସାଂସ୍କୃତିକ ଦଳ ପକ୍ଷରୁ ଦର୍ଶକ ଙ୍କର ମନକୁ ଛୁଇଁବା ଭଳି ନୃତ୍ୟ ଗୀତ ପ୍ରଦର୍ଶନ ହେବ । ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ଗିରି ଝଙ୍କାର ଉନ୍ମୋଚିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ବ୍ରଜବିହରୀ ନନ୍ଦ,ଅଶୋକ କୁମାର ମହାନ୍ତି, ସସ୍ମିତା ମହାନ୍ତି, ସୁକାନ୍ତ କୁମାର ବେହେରା, ସଞ୍ଜୟ ଦିଗାଲ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ । ମହୋତ୍ସବ ର ପ୍ରଥମ ସନ୍ଧ୍ୟାରେ ମଧ୍ୟପ୍ରଦେଶ ର ବାଧାଇ ନୃତ୍ୟ,ସୁନ୍ଦରଗଡ ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ର ସମ୍ବଲପୁରୀ ନୃତ୍ୟ, ସ୍ଥାନୀୟ ନଟରାଜ କଳାମନ୍ଦିର କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ , ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା ।

# 'ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ'ର ନବବର୍ଷ କବିତା ପାଠୋତ୍ସବ

**ବ୍ରହ୍ମପୁର (ଅମୃତ ମିଡିଆ):** ନବବର୍ଷ ଉପଲକ୍ଷେ ସ୍ଥାନୀୟ ନବୀନ ଭବନ ପରିସରରେ 'ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ' ଆନୁକୂଲ୍ୟରେ ନବବର୍ଷ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ନବୀନର ସମ୍ପାଦକ ରବି ରଥଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଅତିଥି ରୂପେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ମହନ୍ତ ଶ୍ରୀ ହରିହର ଦାସ, କବି ପ୍ରମୋଦ କୁମାର ପଣ୍ଡା, ପ୍ରଫେସର ଡ଼ମ୍ବରୁଧର ସାହୁ, ସ୍ତମ୍ଭକାର ରାମକୃଷ୍ଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ କ୍ଷ ଶିକ୍ଷାବିତ୍



ରଂଜନ କୁମାର ବ୍ରହ୍ମାଙ୍କ ସଂଯୋଜନାରେ କବି ଶିବ ସୁନ୍ଦର ରଥ, ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ବିଜୟ ଚନ୍ଦ୍ର ନନ୍ଦ, ପ୍ରେମଶୀଳା ନନ୍ଦ, ଜ୍ୟୋତ୍ସ୍ନାରାଣୀ ଦେବୀ, ଟି. କାଳୀ ପ୍ରସାଦ ରାଓ, ମିହିର କୁମାର ରଥ ଶର୍ମା, ସୁଧୀର କୁମାର ପଣ୍ଡା, ତ୍ରିପତି ପ୍ରଧାନ, ଇଂ. ପ୍ରଦୀପ କୁମାର ଷଡ଼ଙ୍ଗୀ, ଭବାନୀ ଶଙ୍କର ପାଣିଗ୍ରାହୀ, ଇଂ. ମାନସ ରଂଜନ ତ୍ରିପାଠୀ, ଧର୍ମାନନ୍ଦ ମହାରଣା, କାଳି ଦାସ, ବି. ସତ୍ୟମ୍ ଆଚାରୀ, ବିରଞ୍ଚିତ୍ ନାରାୟଣ ରଥ, ହେମନ୍ତ କୁମାର ରଥ, ଉମାକାନ୍ତ ରଥ, ନୀଳାଦ୍ରି ବିହାରୀ ମହାପାତ୍ର, ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ଼ା. ହୃଷିକେଶ ମହାନ୍ତି, ସୁଧୀର ପଟ୍ଟନାୟକ, ପଦ୍ମଚରଣ ସାହୁ, ସୁଶାନ୍ତ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ପଣ୍ଡିତ, ନଳିନୀ କାନ୍ତ ପଣ୍ଡା, ଡ଼. ବିମଳ ପ୍ରସାଦ ପଟ୍ଟନାୟକ, ବିଷ୍ଣୁପ୍ରିୟା ସାହୁ, ସତ୍ୟ ନାରାୟଣ ନାୟକ, ବିଘ୍ନରାଜ ପଣ୍ଡା, ଅମୂଲ୍ୟ କୁମାର ଦାଶ, ପ୍ରତ୍ୟୁଷ ରଂଜନ ଦାଶ, ରାଜୀବ ଲୋଚନ ପାଣିଗ୍ରାହୀ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ମନୋଜ ପାଢ଼ୀ, କିଶନ କୁମାର ଖଣ୍ଡୁଆଳ, ପବିତ୍ର କୁମାର ଚୌଧୁରୀ, ସାମ୍ବାଦିକ ଅଶ୍ୱିନୀ ମହାନ୍ତିଙ୍କ ସମେତ ଶତାଧିକ କବି-କବୟିତ୍ରୀ ସ୍ୱରଚିତ କବିତା ପାଠ କରବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ କ୍ଷ କାର୍ଯ୍ୟକ୍ରମକୁ କବି ସୁଶାନ୍ତ କର ପରିଚାଳନା କରିଥିବା ବେଳେ ନବୀନର ପ୍ରକାଶିକା ମଞ୍ଜୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫଟୋଗ୍ରାଫି ଓ ଚିତ୍ରକଳାର ଯୁଗଳବନ୍ଦୀ ପ୍ରଦର୍ଶନୀ ଉଦ୍‌ଘାଟିତ

**ପୁରୀ(ବ୍ୟୁରୋ):** ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ସଂସ୍କୃତି ଭବନ ସ୍ଥିତ ଲଳିତ କଳା ଏକାଡେମୀ ଗ୍ୟାଲେରୀ ଠାରେ ଥାର୍ଡ ଆଇ ଅନୁଷ୍ଠାନ ପକ୍ଷରୁ ୪ର୍ଥ କଳା ପ୍ରଦର୍ଶନୀ ଆଧାରରେ ଫଟୋଗ୍ରାଫି ଓ ଚିତ୍ରକଳାର ଯୁଗଳବନ୍ଦୀ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଥିଲେ, ପ୍ରତ୍ୟେକ ଫଟୋ ଓ ଚିତ୍ରକଳା ଗୋଟାଏ ଗୋଟିଏ କାହାଣୀ କହିଥାନ୍ତି। ଜନତାଙ୍କ ଆଖିରେ ଯାହା, ସାଧାରଣ କଳାକାର ଆଖିରେ ତାହା ଅନନ୍ୟ ଓ ଭିନ୍ନ। ଫଟୋ ବା ଚିତ୍ରକଳା ସୂକ୍ଷ୍ମରୁ ଅତି ସୂକ୍ଷ୍ମ ଚରିତ୍ରକୁ ଉଦଭାସିତ କରିଥାଏ ବୋଲି କହି ଏହି ପ୍ରଦର୍ଶନୀ ଲୋକମାନଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରିଥିଲେ। ଶ୍ୟାମ ପ୍ରକାଶ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫଟୋଗ୍ରାଫର ତଥା ଥାର୍ଡ଼ଆଇର ନିର୍ଦ୍ଦେଶକ ଅତନୁ ପଲ, ଚିତ୍ରଶିଳ୍ପୀ ମୀନାକ୍ଷୀ ଦାସ, ଗ୍ୟାଲେରୀ କ୍ୟୁରେଟର ସତ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ପଲଙ୍କର ୫୫ ଟି ଫଟୋ ଓ ୫୦ଟି ସ୍ଲାଇଡ ଏବଂ ମୀନାକ୍ଷୀଙ୍କର ୧୮ଟି ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସାୟନ ହଜାରୀ, ଅଙ୍କୁର ଭଟାଚାର୍ଯ୍ୟ, ଜୟ ଗୋପାଳ ବନ୍ଦୋପାଧ୍ୟାୟ, ତାପସ କୁମାର ମାନ୍ନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## 'ଐତିହ୍ୟ କରିଡ଼ର ପ୍ରତିଷ୍ଠା ପୂର୍ବରୁ ବଡ଼ଦାଣ୍ଡ ହେଉ ଆମିଷମୁକ୍ତ'

**ପୁରୀ(ବ୍ୟୁରୋ):** ଠାକୁରଙ୍କ ସ୍ପର୍ଶରେ ଓ ସାଧୁସନ୍ଥଙ୍କ ପଦରଜରେ ହୋଇଥାଏ ପବିତ୍ର ବଡ଼ଦାଣ୍ଡ। ପ୍ରତିଦିନ ଦେଶର ହଜାର ହଜାର ଜଗନ୍ନାଥ ଭକ୍ତ ବଡ଼ଦାଣ୍ଡ ଧୂଳିକୁ ମୁଣ୍ଡରେ ମାରନ୍ତି। ଅଥଚ ଏହି ଦାଣ୍ଡର ଉଭୟ ପାର୍ଶ୍ୱରେ ଠେଲାଗାଡି ଓ ଉଠାଦୋକାନରେ ବିକ୍ରି ହୁଏ ମାଛ, ମାଂସ, ଅଣ୍ଡା ଓ ଆମିଷ ରୋଲ-ଚାଓମିନ୍। ଏହି ପବିତ୍ର ଦାଣ୍ଡକୁ ଆମିଷମୁକ୍ତ କରିବାକୁ ପୁରୀର ସମସ୍ତ ଅନୁଷ୍ଠାନ ଦୀର୍ଘ ୨୫ବର୍ଷ ଧରି ଦାବି କରିଆସିଛନ୍ତି। ଅପରପକ୍ଷରେ ପ୍ରଶାସନ ଓ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଏହା ସଫଳ ହେଉନାହିଁ। ଆଗକୁ ଆସୁଛି ଐତିହ୍ୟ କରିଡ଼ର ପ୍ରତିଷ୍ଠା, ଯେଉଁଥିରେ ଅନେକ ସାଧୁସନ୍ଥ, ପଣ୍ଡିତ ଓ ଭକ୍ତ ଯୋଗ ଦେବେ। ଏଣୁ ଦିନକ ପାଇଁ ନୁହେଁ, ଚିରଦିନ ପାଇଁ ବଡ଼ଦାଣ୍ଡ ଓ ଶ୍ରୀଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ ଓଡ଼ିଶା ଯୁବ ଚେତନା ସଂଗଠନ ର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ରଘୁନାଥ ମିଶ୍ର, ସୁଲେଖାର ସଦାଶିବ ମିଶ୍ର, ପ୍ରିୟପତ୍ରର ବିପିନ୍ ଦଳାଇ, ନିର୍ମାଲ୍ୟର ବିଶ୍ୱନାଥ ମିଶ୍ର, ଅଭିନନ୍ଦନିକାର ଶ୍ୟାମପ୍ରକାଶ ସେନାପତି, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ଶିବରାମ ପ୍ରଧାନ, ଶିଶୁ ସମାଚାରର ସୁକାନ୍ତ ପଣ୍ଡା, ସଦ୍‌ଭାବନାର କେଦାରନାଥ ମହାପାତ୍ର, ସମର୍ପଣର ସୌମ୍ୟରଞ୍ଜନ ପାତ୍ର, ଜିଲ୍ଲା ଲେଖକ ସହଯୋଗ ସମିତିର ବିରେନ୍ଦ୍ର ମହାନ୍ତି, ଭକ୍ତି ନିର୍ମାଲ୍ୟର ରାଜେନ୍ଦ୍ର ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ପରିକ୍ରମା ପ୍ରକଳ୍ପ ପାଇଁ ଗଢ଼ିଲା ଅର୍ପଣ ରଥ

**ପୁରୀ(ବ୍ୟୁରୋ):** ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା। ପ୍ରତିଟି ହୃଦୟର ସ୍ପନ୍ଦନ। ପ୍ରତ୍ୟେକ ଜୀବର ଜୀବନ ସତ୍ତା। ତାଙ୍କ ନାମ ଆଜି ପ୍ରକମ୍ପିତ ହୋଇ ଉଠିଛି ଗାଁ ଗାଁରେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଚଳିତ ମାସ ୧୭ ତାରିଖରେ ଲୋକାର୍ପିତ ହେବ। ଏହି ଭବ୍ୟ କାର୍ଯ୍ୟକ୍ରମର ସାକ୍ଷୀ ରହିବେ ପ୍ରତିଟି ଓଡ଼ିଆ। ସମସ୍ତଙ୍କ ପ୍ରାଣରେ ସଞ୍ଚରିତ ହେବ ଜୟ ଜଗନ୍ନାଥ ଧ୍ୱନି। ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ଗ୍ରାମର ପ୍ରତିଟି ଘରୁ ପ୍ରଭୁଙ୍କୁ ସମର୍ପଣ ଓ ସଂକଳ୍ପର ଅସ୍ମିତାର ପ୍ରତୀକ ଅକ୍ଷତ ଓ ଗୁଆ ସଂଗ୍ରହ କରୁଛି।

ପୁରୀ ଜିଲ୍ଲାର ୧୧ଟି ବ୍ଲକର ୨୬୮ ପଞ୍ଚାୟତର ଗ୍ରାମ ସମୂହରୁ ଅର୍ପଣ ରଥ ମାଧ୍ୟମରେ ଏହି ଅକ୍ଷତ ବା ଅରୁଆ ଚାଉଳ ଓ ଗୁଆ ସଂଗ୍ରହ ହେଉଛି। ଆଜି ପ୍ରଥମ ଦିନରେ ଜିଲ୍ଲାର ୨୫ ଟି ପଞ୍ଚାୟତ ବୁଲିଛି ଅର୍ପଣ ରଥ। ସଦର ବ୍ଲକର ଗୋପୀନାଥପୁର, କାଶୀ ହରିହରପୁର, ମାଳତିପାଟପୁର, ତାଳଜଙ୍ଗା ପଞ୍ଚାୟତ, କଣାସ ବ୍ଲକର

- ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଗାଁ ରୁ ସହର
- ପ୍ରଥମ ଦିନରେ ୨୫ଟି ପଞ୍ଚାୟତ ବୁଲିଲା ରଥ
- ପ୍ରତ୍ୟେକ ଘରୁ ସଂଗ୍ରହ ହେଲା ଗୁଆ ଓ ଅରୁଆ ଚାଉଳ





ଚେତନାକୁ ଋଦ୍ଧିମନ୍ତ କରିବା ଲକ୍ଷ୍ୟରେ ଆଜି ଠାରୁ ରାଜ୍ୟରେ ଗଢିଛି ଅର୍ପଣ ରଥ। ଏହା ପ୍ରତ୍ୟେକ ଗଡସାନପୁଟ ଓ ଅଁଳା ଯୋଡି ପଞ୍ଚାୟତ, କାକଟପୁର ବ୍ଲକର କାକଟପୁର ପଞ୍ଚାୟତ,





ପଞ୍ଚାୟତ, ବ୍ରହ୍ମଗିରି ବ୍ଲକର ଆମ୍ବ ପଡା ଓ ଡିମିରିସେଣା ପଞ୍ଚାୟତ, ପିପିଲି ବ୍ଲକର ପାଣିଦୋଳ,ଦାଣ୍ଡ ମୁକୁନ୍ଦପୁର, ତେଇଶିପୁର ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକର ଆଳସିହି, ଅଳଙ୍ଗପୁର, ନାଗର, ନଇଗୁଆଁ, ଅସ୍ତରଙ୍ଗ ପଞ୍ଚାୟତ, ଡେଲାଙ୍ଗ ବ୍ଲକର ସୁଜନପୁର ପଞ୍ଚାୟତ, ସତ୍ୟବାଦୀ ବ୍ଲକର ସୁକଳ ଓ ଡୁଗଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜି ଅର୍ପଣ ରଥ ପରିକ୍ରମା କରିଥିଲା। ଏହି ରଥକୁ ପ୍ରତି ସ୍ଥାନରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ମିଳିଥିଲା। ପରିକ୍ରମା ପ୍ରକଳ୍ପର ଡିଜାଇନକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ରଥ ପହଞ୍ଚିବା କ୍ଷଣି ହରିବୋଲ, ହୁଳହୁଳି, ସଂକୀର୍ତ୍ତନ, ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଗ୍ରାମଗୁଡିକ। ସ୍ୱତଃ ପ୍ରବୃତ୍ତ ଭାବେ ପ୍ରତି ଗୃହରୁ ମା'ମାନେ ଅକ୍ଷତ ଓ ଗୁଆ ଉଦ୍ଦିଷ୍ଟ ପାତ୍ରରେ ଅର୍ପଣ କରିଥିଲେ।



ଅନ୍ତିମ ପର୍ଯ୍ୟାୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ...

## ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଜରୁରୀ ବୈଠକ

### ୧୭ରେ ଅଧିଗୃହୀତ ଜମିକୁ ତୁରନ୍ତ ଫେରାଇବା ଦାବିରେ ହେବ ମୌନ ସତ୍ୟାଗ୍ରହ

**ପୁରୀ(ବ୍ୟୁରୋ):** ବେଲଦଳ ଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚାଷୀନେତା ତଥା ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ଜମି ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ସଂପର୍କରେ ଆଲୋଚନା କରାଯାଇଥିଲା। ଦୀର୍ଘ ଆଠ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରେଇବା, ଅଧିଗୃହୀତ ମହାପ୍ରଭୁଙ୍କ ଅମୃତ ମଣୋହି ଜମି ଓ ଚାଷୀଙ୍କ ଚାଷ ଜମି ନ ଫେରେଇବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସରକାର ବେଖାତିର କରୁଛନ୍ତି। ପୁଣି ବେଦାନ୍ତକୁ ଜମି ଦେବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ଗୋଟିଏ ପଟେ ରାଜ୍ୟ ସରକାର ବେଦାନ୍ତ କମ୍ପାନୀର ସ୍ୱାର୍ଥ ପାଇଁ ପୁରୀବାସୀଙ୍କ ଜୀବନ ଜୀବିକା ନଷ୍ଟ କରୁଥିଲା ବେଳେ କମ୍ପାନୀମାନଙ୍କ ବ୍ୟବସାୟିକ ସ୍ୱାର୍ଥରେ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ମଠ ମନ୍ଦିର ସଂସ୍କୃତିକୁ ଧ୍ୱଂସ କରିବା ପାଇଁ ଚାଲିଥିବା ପ୍ରକ୍ରିୟାକୁ ବିରୋଧ କରାଯାଇଥିଲା ଏବଂ ଏହା ଏକ ରାଜନୈତିକ ଚାଲବାଜି ବୋଲି ମତ ପ୍ରକାଶ ପାଇଥିଲା। ଶ୍ରୀ ମନ୍ଦିର ପରିକ୍ରମା ରାସ୍ତା ନିର୍ମାଣର ଶୁଭାରମ୍ଭ ପାଇଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିବା ବ୍ୟବସ୍ଥା ସରକାରୀ ଅର୍ଥର ଅପଚୟ ବୋଲି ସମସ୍ତେ ମତ ଦେଇଥିଲେ। ନବୀନ ସରକାରର ସ୍ୱେଚ୍ଛାଚାରୀ ଶାସନ, ବେଦାନ୍ତ ପ୍ରୀତି ବିରୁଦ୍ଧରେ ଲଢେଇ ପାଇଁ ନିଷ୍ପତ୍ତି ହୋଇଥିଲା। ବେଦାନ୍ତ ବିଶ୍ୱ ବିଦ୍ୟାଳୟ ପାଇଁ ଅଧିଗୃହୀତ ଜମି ତୁରନ୍ତ ଫେରାଇ ବା ଦାବିରେ ଜାନୁୟାରୀ ୧୭ତାରିଖରେ ବେଦାନ୍ତ ବିଶ୍ୱ ବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ମୌନ ସତ୍ୟାଗ୍ରହ ବ୍ରତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ବେଲଦଳରୁ ଏକ ଶୋଭାଯାତ୍ରା ସକାଳ ୮ ଘଣ୍ଟା ସମୟରେ ବାହାରି ଶରଧାବାଲିରେ ପହଞ୍ଚିବ। ସେଠାରେ ସମସ୍ତେ ଧାରଣାରେ ବସିବେ। ଦୁଇ ହଜାର ଚାଷୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ସାମିଲ ହେବେ ବୋଲି ସମିତିର ଆବାହକ ଉମା ବଲ୍ଲଭ ରଥ କହିଛନ୍ତି। ଆଜିର ଏହି ବୈଠକରେ ନବ ନିର୍ମାଣ କୃଷକ ସଂଘର ଅକ୍ଷୟ କୁମାର, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ମଧୁ ସୁଧନ ରାଉତରାୟ, ଦାମୋଦର ମହାପାତ୍ର, କୈଳାସ ଜେନା, ମଙ୍ଗୁ ପ୍ରଧାନ, ଅପର୍ତ୍ତି ପଲେଇ, ଗଙ୍ଗାଧର ପ୍ରଧାନ, ରାଜ କିଶୋର ସ୍ୱାଇଁ, ବାବନ ଜେନା, ଲୋକନାଥ ପ୍ରଧାନ, ଅରୁଣ ପ୍ରଧାନ,କୈଳାଶ ସ୍ୱାଇଁ, ଦାମୋଦର ନାୟକ, ଜିତେନ୍ଦ୍ର ସାହୁ, ଶିବ ବେହେରା, ହର ପ୍ରସାଦ ଜେନା, ପର୍ଶୁରାମ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ପ୍ରବୀର ପ୍ରଧାନ, ବବି ପ୍ରଧାନ, ବ୍ରଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁ ପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ।

## ସମତା ସାହିତ୍ୟ ସମିତିର ପ୍ରଥମ ବାର୍ଷିକ ଉତ୍ସବ

**ପୁରୀ(ବ୍ୟୁରୋ):** ସମତା ସାହିତ୍ୟ ସମିତି ପୁରୀ ଆନୁକୂଲ୍ୟରେ ସମିତିର ପ୍ରଥମ ବାର୍ଷିକ ଉତ୍ସବ ଡେଲଟା ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସମିତିର ସଭାପତି ପ୍ରତିଭା ତ୍ରିପାଠୀ। ଏହି ଅବସରରେ ସାମାଜିକ ସମତା ଓ ସାହିତ୍ୟ ଧାରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଅଭିମନ୍ୟୁ ଭୂୟାଁ ଯୋଗ ଦେଇ କହିଲେ କି ସମାଜ ଓ ସାହିତ୍ୟ ପରସ୍ପର ପରିପୂରକ। ସାହିତ୍ୟର ସୃଷ୍ଟି ଓ ଲକ୍ଷ୍ୟ ସାମାଜିକ ଏକତା, ଯାହା ରାଷ୍ଟ୍ରବାଦର ସ୍ୱରୂପ ବ୍ୟକ୍ତ କରେ। ଅନ୍ୟତମ ଅତିଥି ଭାବେ ଡା. ଦିଲିପ କୁମାର ସେନାପତି ଯୋଗ ଦେଇ କହିଥିଲେ, ବୈଦିକ ଯୁଗରୁ ସାହିତ୍ୟର ସମନ୍ୱିତ ଧାରା ଅଦ୍ୟାବଧି ଗତିଶୀଳ ରହିଛି; ଯାହା ଆମ ସଂସ୍କୃତିର ବିଶେଷତ୍ୱ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ପ୍ରଭାତି ଦାସ, ଉପଦେଷ୍ଟା ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମିତିର ସଂପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଭବାନୀ ପ୍ରସାଦ ବଳିଆରସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ଭାରତି ଭୂଷଣ ଦାଶ, ଐତିହାସିକ ମଦନ ମୋହନ ମହାପାତ୍ର, ସୁରେଶ କୁମାର ପଟ୍ଟନାୟକ, ପଣ୍ଡିତ ସଦାଶିବ ମିଶ୍ର, ଶିକ୍ଷାବିତ୍ ଦାଶରଥି ମହାପାତ୍ର, ରତିକାନ୍ତ ପ୍ରତିହାରୀ, ଆଶାଲତା ପ୍ରଧାନ, ପୌନମାସି ଦେବୀ, ବିଜୟ ଚରଣ ମହାନ୍ତି, ତୃପ୍ତି ପଣ୍ଡା, ଡାଃ ପ୍ରନିଲ ନନ୍ଦ, ରୋଜାଲିନ୍ ପଣ୍ଡା, ହେମାଙ୍ଗିନୀ ମହାନ୍ତି, ଯୋଗେଶ୍ୱର ମହାନ୍ତି, ବିଜୟ ଚରଣ ମହାନ୍ତି, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରକୁ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଉର୍ମିଳା ସାମନ୍ତରା, ଅଧ୍ୟାପକ ଭାରତୀଭୂଷଣ ଦାଶ, କମଳିନି ପାଣିଗ୍ରାହୀ, ସାମ୍ବାଦିକା ରାଜଶ୍ରୀ ସାହୁ, ସୁକାନ୍ତ



ମହାପାତ୍ର ଓ ମନସ୍ୱିନୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହୋଦଧି ଆରତୀ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ପୁରୀ(ବ୍ୟୁରୋ):** ଚଳିତ ମାସ ୨୫ ତାରିଖ ଅପରାହ୍ନରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର କୂଳରେ ମହୋଦଧି ଆରତୀ ଉତ୍ସବ ପାଳନ କରାଯିବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ୍ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ଭବ୍ୟ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗ ସେମାନଙ୍କୁ ନ୍ୟସ୍ତ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସହଯୋଗର ସହ ଏହାକୁ ସଫଳ କରିବାକୁ ମତ ଦେଇଥିଲେ। ତୀର୍ଥରାଜ ଶ୍ରୀ ମହୋଦଧି ଆରତୀ ପରିଚାଳନା ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏଥିରେ ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ, ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଓ ରାଜ୍ୟପାଳ ମହୋଦୟଙ୍କ ସମେତ ବହୁ ସାଧୁ ସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଏହି ବୈଠକରେ ଉପଜିଲ୍ଲାପାଳ ଭବତାରଣ ସାହୁ ଯୋଗ ଦେଇ ବିଦ୍ୟୁତ୍ ଯୋଗାଣ, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନ, ଲାଇଫ ଗାର୍ଡ ନିୟୋଜନ ଇତ୍ୟାଦି ସମ୍ପର୍କରେ ବିଭିନ୍ନ ବିଭାଗ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

**କଟକଣା ପରେ ବି ହେଉନି କାର୍ଯ୍ୟକାରୀ**

# ବଣଭୋଜି ସ୍ଥଳରେ ପଡ଼ିଛି କୁଢ଼କୁଢ଼ ପ୍ଲାଷ୍ଟିକ୍

**ପୁରୀ(ବ୍ୟୁରୋ):** ବଣଭୋଜି ସ୍ଥଳକୁ ଛୁଟୁଛି ଗାଡ଼ି। ଦେବୀ ପୀଠ ଠୁ ନେଇ ଜଙ୍ଗଲରେ ଜମୁଛି ଭୋଜିଭାତର ଆସର। ମାତ୍ର ମଣିଷର ଖୁସି ଭିତରେ କ୍ଷତାକ୍ତ ହେଉଛି ପରିବେଶ। ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ଘୋଷଣା ହେଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ନେଇ ନୋଟିସ୍ ଜାରି କଲା। ଅଥଚ ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଲା ନାହିଁ। ସବୁ କିଛି ଘୋଷଣାନାମାରେ ରହିଗଲା। ମା' ରାମଚଣ୍ଡୀ ପୀଠ ସଂଲଗ୍ନ ବଣଭୋଜି ସ୍ଥଳ ହେଉ ଅବା ବାଲିହରଚଣ୍ଡୀ ପୀଠ। ଏବେ ବି ସେଠାରେ ପଡ଼ିଥିବା ପ୍ଲାଷ୍ଟିକ ବର୍ଜ୍ୟ, ଗୋମାତାଙ୍କ ଆହାର ପାଲଟୁଛି। ଏଣେତେଣେ ଉଡ଼ି ପରିବେଶକୁ ପ୍ରଦୂଷିତ କରୁଛି। ବର୍ଷାରେ ଭାସି ସମୁଦ୍ରରେ ମିଶି ସମୁଦ୍ର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ସେମାନଙ୍କ ଦାୟିତ୍ୱବୋଧ ବାବଦରେ ସଚେତନ କରାଇବା ସହ ଉକ୍ତ ସ୍ଥାନକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଦୁଇଟି ପର୍ଯ୍ୟାୟରେ ପୁରୀର ୧୦ଟି ବଣଭୋଜି ସ୍ଥଳରେ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ନିଷେଧ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପୁରୀର ରାମଚଣ୍ଡୀ, ଚନ୍ଦ୍ରଭାଗା ଇକୋ ରିଟ୍ରିଟ, ଟଭାଗୋଲରା ଓ କୁତାମଚଣ୍ଡୀ ବଣଭୋଜି ସ୍ଥଳ ସ୍ଥାନ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବେଲଦଳ ନିକଟସ୍ଥ ପାଳଙ୍ଗ ଭିଏସ୍ଏସ୍, ଲୋଟସ୍ ହୋଟେଲ ନିକଟସ୍ଥ ଅଞ୍ଚଳ, ଲାଇଟ ହାଉସ ନିକଟସ୍ଥ ଅଞ୍ଚଳ, ଜାହାନିଆ, ଗଙ୍ଗାଦେବୀ ଓ ରାଜହଂସରେ ଏହି ନିୟମ ଜାରି ହୋଇଥିଲା। ପରିବେଶକୁ କ୍ଷତି ପହଞ୍ଚାଉଥିବା ପଲିଥିନ କିମ୍ବା ଅନ୍ୟ କୌଣସି ପ୍ଲାଷ୍ଟିକ ପକାଇ ଦୂଷିତ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ ଫର୍ ୱାଟର' ସହଯୋଗରେ ଏହି ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ଘୋଷଣା ହୋଇଥିଲା। ସ୍ୱେଚ୍ଛାସେବୀଙ୍କ ସମେତ ଇକୋ କ୍ଲବ୍, ସ୍ୱୟଂସହାୟକ ଗୋଷ୍ଠୀ, ଡିଇଏସ୍ ଓ ଗ୍ରାମ ପଞ୍ଚାୟତ ମାଧ୍ୟମରେ ବଣଭୋଜି ସ୍ଥଳରେ ସଚେତନ କରାଯିବ ବୋଲି କୁହାଯାଇଥିଲା। ପଲିଥିନ ବ୍ୟବହାର ବାରଣକୁ କଡାକଡି ପାଳନ କରିବା ପାଇଁ ଯୋଜନା ହୋଇଥିଲା। ଲୋକଙ୍କ ବ୍ୟବହାରିକ ପରିବର୍ତ୍ତନ ଥିଲା ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଅମାନିଆଙ୍କ ଯୋଗୁ ସ୍ଥିତିରେ ସୁଧାର ଆସୁନାହିଁ। ଫଳରେ ଏବେ ବି ବଣଭୋଜି ସ୍ଥଳରେ ପଲିଥିନ ଓ ସିଙ୍ଗିଲ ୟୁଜ ପ୍ଲାଷ୍ଟିକ ଆଦି ପୁଣି ଜମା ହେବା ଆରମ୍ଭ ହେଲାଣି। ବଣଭୋଜି ଋତୁ ଆସିଲେ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟରେ ପ୍ରଦୂଷଣର ମାତ୍ରା ବଢ଼ିଯାଏ। ବିଶେଷ କରି ପୁରୀର ଅଧିକାଂଶ ବଣଭୋଜିସ୍ଥଳ ସମୁଦ୍ର ସଂଲଗ୍ନ ହୋଇଥିବାରୁ ଏଗୁଡ଼ିକ ସମୁଦ୍ରକୁ ଭାସିଯାଇ ପ୍ରଦୂଷଣ କରିଥାଏ। ସମୁଦ୍ରକୁ ପ୍ଲାଷ୍ଟିକ ବର୍ଜ୍ୟ ନିର୍ଗତ ହେଉଥିବାରୁ ଏହାକୁ ଜେଲିଫିସ୍ ମନେକରି ମାଛମାନେ ଖାଇଦିଅନ୍ତି। ଉକ୍ତ ମାଛକୁ ମଣିଷ ଖାଇବା ଦ୍ୱାରା ରୋଗାକ୍ରାନ୍ତ ହୁଅନ୍ତି। ବଣଭୋଜି ସ୍ଥଳରେ ଭୋଜି ଆୟୋଜନ ହେତୁ ବହୁ ଗାଈଗୋରୁ ବୁଲନ୍ତି। ସେମାନେ ପଲିଥିନ ଗିଳି ଦେଉଥିବାରୁ ଯୋଗୁଁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ନେଇ ପୁରୀର ବାସିନ୍ଦା ସତ୍ୟନାରାୟଣ ସାହୁ କହିଛନ୍ତି, ନିୟମ ଲାଗୁ ହେବା ସ୍ୱାଗତଯୋଗ୍ୟ। ନିୟମ ଅନୁପାଳନର ଦୁଇଟି ବାଟ ହେଲା, ଜରିମାନା ନଚେତ୍ ସଠିକ୍ ଢଙ୍ଗରେ ବୁଝାଇବା ପାଇଁ ସଚେତନ ନାଗରିକମାନେ ସ୍ୱତଃ ଆଗେଇ ଆସିବା। ସଚେତନ ଜନସାଧାରଣ ନିଜେ ଜଣେ ଜଣେ ବ୍ରାଣ୍ଡ ଆମ୍ବାସଡର ସାଜି ପରିବେଶକୁ ହାନୀ ପହଞ୍ଚାଉଥିବା ବ୍ୟକ୍ତି ବିଶେଷଙ୍କ ସହ ଏ ବିଷୟରେ ଆଲୋଚନା କଲେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡ଼ିବ।





# ନୂଆଦିଲ୍ଲୀର ଗାନ୍ଧି ପର୍ଯ୍ୟଟନସ୍ଥଳୀ

**ଆଜି ଭାରତର ବିକାଶକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କର ଗୁଲାମ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢିଛୁ ଓ ଫିଲ୍ମରୁ ମଧ୍ୟ ଦେଖିଛୁ । କିନ୍ତୁ ଗାନ୍ଧୀଙ୍କ ଜୀବନ ସଂଘର୍ଷ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତନରେ ସାଇତି ରଖାଯାଇଛି ।**




ରାଜଘାଟ: ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ, ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧି ରହିଛି । କଳା ମୁଗୁନି ପଥର ଉପରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ ଶବ୍ଦ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ଅମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧି ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହେଉଥିବାର ଆପଣ ଦେଖିବାକୁ ପାଇବେ ।

ଗାନ୍ଧୀ ସଂଗ୍ରହାଳୟ: ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏହିଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ଏଇଯେପରି ମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ଦେଖିବାକୁ ଦିଆଯାଏ ନାହିଁ ଓ ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହାସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ଏହି ସ୍ଥାନ ଦିଲ୍ଲୀର ରିଙ୍ଗ୍ ରୋଡ୍‌ରେ ଅବସ୍ଥିତ । ଏହି ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ ।

ଗାନ୍ଧୀ ସ୍ମୃତି: ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭବନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ ଦିଆଯାଇଛି । ମହାତ୍ମା ଗାନ୍ଧୀ ନିଜର ଦିଲ୍ଲୀ ଆଗମନ ସମୟରେ ଏଠାରେ ରହୁଥିଲେ । କେବଳ ଏତିକି ନୁହେଁ ନିଜ ଜୀବନର ଅନ୍ତିମ ୧୪୪ ଦିନ ସେ ଏହି ବିର୍ଲା ଭବନରେ ବିତାଇଥିଲେ । ୩୦ ଜାନୁୟାରୀ ୧୯୪୮ ସନ୍ଧ୍ୟାରେ ପ୍ରାର୍ଥନା ସଭାକୁ ଯିବା ସମୟରେ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା । ଏହି ସ୍ଥାନରେ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନ ସହ ଜଡିତ ବିଭିନ୍ନ ଜିନିଷ ଓ ଫଟୋଗ୍ରାଫ ଆପଣ ଦେଖିପାରିବେ । ଗାନ୍ଧୀ ସ୍ମୃତି ଭବନ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଥାଏ ।



# ସୌନ୍ଦର୍ଯ୍ୟମଣ୍ଡିତା ସୁରତ ସହର




**ସୁରତ ସହରର ନାମ ମନ ମଧ୍ୟକୁ ଆସିବାମାତ୍ରେ ଆଖି ସାମ୍ନାକୁ ଆସିଯାଏ ହୀରା, ଜରୀବାଲା ଶାଢି । ଯିଏ ଏହି ସହରରେ ପାଦ ରଖିଛି ସେ ଏହି ସହରର ସ୍ୱଚ୍ଛତା ପ୍ରତି ବାରମ୍ବାର ଆକର୍ଷିତ ହୋଇଛି । ସୂର୍ଯ୍ୟକିରଣ ପଡିବା ସହ ସୁରତର ସୌନ୍ଦର୍ଯ୍ୟ ଯେପରି ଚମକିଥାଏ ଏହାକୁ ଦେଖି ଜଣାପଡିଥାଏ ସହରର ପ୍ରଗତି କିପରି ଦ୍ରୁତ ଗତିରେ ଆଗେଇ ଚାଲିଛି । ଉଚ୍ଚ ଉଚ୍ଚ ଫ୍ଲାଇଓଭରରରେ ସଜ୍ଜିତ ଏହି ସହରକୁ ରାତିର ଆଲୁଅରେ ଦେଖିଲେ ମନରେ ଗର୍ବ ଅନୁଭବ ହୋଇଥାଏ । ତେବେ ଆଧୁନିକତାର ପଥରେ ଅଗ୍ରସର ହେଉଥିବା ଏହି ସହରର ଇତିହାସ କମ୍ ଗୌରବପୂର୍ଣ୍ଣ ନୁହେଁ । ଏହି ସହରର ପର୍ତ୍ତୁଗାଲ୍, ଆର୍ମୋନିୟନ୍ ଓ ଇଂରେଜମାନଙ୍କ ସହିତ ବେପାର ବଣିଜ ଓ ସଂଘର୍ଷର କାହାଣୀ ଯୋଡି ହୋଇ ରହିଛି । ପୌରାଣିକ ଦୃଷ୍ଟିରୁ ଏହି ସହରର ମଧ୍ୟ ବେଶ୍ ଗୁରୁତ୍ୱ ରହିଛି । କିମ୍ବଦନ୍ତୀ ରହିଛି ଯେ, ଭଗବାନ ଶ୍ରୀକୃଷ୍ଣ ମଥୁରାରୁ ଦ୍ୱାରକା ଯାତ୍ରା ସମୟରେ ଏଠାରେ ଅବସ୍ଥାନ କରିଥିଲେ । ଷୋଡଶ ଶତାବ୍ଦୀରେ ସୁରତ ଏକ ମହତ୍ତ୍ୱପୂର୍ଣ୍ଣ ବନ୍ଦର ଥିଲା । ଏହି କାରଣରୁ ଇଂରେଜ ଓ ଡଚ୍‌ମାନଙ୍କ ମଧ୍ୟରେ ଏହି ସହରକୁ ନେଇ ଯୁଦ୍ଧ ହୋଇଥିଲା । ଏହି ସହରର ଅତୀତ ଓ ବର୍ତ୍ତମାନ ବେଶ୍ ରୋମାଞ୍ଚକ ।**

## ଦେଶର ତୃତୀୟ ସ୍ୱଚ୍ଛ ସହର

ସୁରତକୁ ଦେଶର ତୃତୀୟ ସଫାସୁତରା ସହର ଭାବରେ ମନାଯାଇଥାଏ । ସ୍ୱଚ୍ଛତା ପାଇଁ ଏହି ସହର ୭୬ ଥର ପୁରସ୍କୃତ ମଧ୍ୟ ହୋଇସାରିଛି । ସ୍ମାର୍ଟସିଟୀ ଅଭିଯାନ ଅନ୍ତର୍ଗତ ଏହି ସହରକୁ ବେଷ୍ଟ ସିଟୀ ସମ୍ମାନ ମଧ୍ୟ ମିଳିଛି । ଏହି ସହରରେ ସର୍ବାଧିକ ଫ୍ଲାଏଓଭର ଥିବାରୁ ଏହାକୁ ଫ୍ଲାଏଓଭରର ସହର ବୋଲି ମଧ୍ୟ କୁହାଯାଏ ।



## ରୋମାଞ୍ଚକ ଇତିହାସ

ସୁରତ ଏକ ସ୍ମାର୍ଟ ସିଟୀ । ଏଣୁ ଏଠାରେ ବୁଲିବାର ତରିକା ମଧ୍ୟ ବେଶ୍ ସ୍ମାର୍ଟ । ଯଦି ଆପଣ ଏହି ଆଧୁନିକ ସହରକୁ ଏହାର ଅତୀତ ସହ ଦେଖିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ସୁରତ ମ୍ୟୁନିସପାଲ୍ କର୍ପୋରେସନ୍ ମଧ୍ୟ ବନ୍ଦୋବସ୍ତ କରିଦେବ । ଆପଣଙ୍କ ସୁବିଧା ପାଇଁ ଏକ ସୁରତ ହେରିଟେଜ୍ ୱାକ୍ ଆପ୍ କାମ କରୁଛି ଯାହାକୁ ଆପଣ ଡାଉନ୍‌ଲୋଡ୍ କରି କାହାର ସହାୟତା ବିନା ସୁରତର ଐତିହ୍ୟ ସହ ପରିଚିତ ହୋଇପାରିବେ । ଅଢେଇ କିଲୋମିଟରର ଏହି ହେରିଟେଜ୍ ୱାକ୍ ଇଂଗ୍ଲିଶ୍ ସିମେଣ୍ଟ୍ରୀ ଠାରୁ ଆରମ୍ଭ ହୋଇ ଡଚ୍ ଓ ଆର୍ମୋନିୟନ୍ ସିମେଣ୍ଟ୍ରୀ ଦେଇ ସୁରତ ଦୁର୍ଗରେ ଶେଷ ହୋଇଥାଏ ।

## ଡାଇମଣ୍ଡ କଟିଂ ପାଇଁ ପ୍ରସିଦ୍ଧ

ସୁରତ ସହରର ବର୍ତ୍ତମାନକୁ ଜାଣିବାକୁ ହେଲେ ଏହାର ଅତୀତ ଉପରେ ନଜର ପକାଇବା ଜରୁରୀ ହୋଇଥାଏ । ଏଥିପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ମ୍ୟୁଜିୟମ୍ ଠାରୁ ଆଉ କୌଣସି ଭଲ ସ୍ଥାନ ନାହିଁ କହିଲେ ଚଳିବ । ସୁରତ ସହରରେ ନିର୍ମିତ ଏହି ଅତ୍ୟାଧୁନିକ ବିଲ୍ଡିଂର ଭିତ୍ତିପ୍ରସ୍ତର ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାପନ କରିଥିଲେ । ଏହି ତିନି ମହଲା ବିଶିଷ୍ଟ ବିଲ୍ଡିଂର ଅଲଗା ଅଲଗା ମହଲାରେ ଗ୍ୟାଲେରୀମାନ ନିର୍ମାଣ କରାଯାଇଛି । ଏହାର ଗ୍ରାଉଣ୍ଡ ଫ୍ଲୋରରେ ସାଇନ୍ସ ସେଣ୍ଟର ଶୋକେସ୍, ଉଡୀ ଥିଏଟର ରହିଛି । ସେହିପରି ପ୍ରଥମ ମହଲାରେ ରହିଛି ଫନ୍ ସାଇନ୍ସ ଏଗ୍‌ଜିବିଟସ୍, ଦ୍ୱିତୀୟ ମହଲାରେ ଡାଇମଣ୍ଡ ଗ୍ୟାଲେରୀ, ଟେକ୍ସଟାଇଲ୍ ଗ୍ୟାଲେରୀ ଆଦି ରହିଛି । ସୁରତ ଆସି ଆପଣ ଯଦି ହୀରା ବିଷୟରେ ନ ଜାଣିବେ ତେବେ ଆପଣଙ୍କ ଭ୍ରମଣ ଅଧୁରା ରହିଯିବ । ବିଶ୍ୱର ୯୦ ପ୍ରତିଶତ ଡାଇମଣ୍ଡ କଟିଂ ଓ ପଲିସିଂ ପାଇଁ ଏଠାକୁ ଆସିଥାଏ । ଆପଣ ଏଠିକାର ପ୍ରାଚୀନ କଳା ଓ ଇତିହାସ ବିଷୟରେ ଅବଗତ ହେବାକୁ ଚାହୁଁଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ମ୍ୟୁଜିୟମ ଜରୁର ବୁଲିଯାଆନ୍ତୁ ।

## ସୁନ୍ଦର ଗୋପୀ ପୁଷ୍କରିଣୀ

ସୁରତ ସହରରେ ମନୋରଞ୍ଜନର ସର୍ବପ୍ରାଚୀନ ସାଧନ ହେଉଛି ଏହି ଗୋପୀ ପୁଷ୍କରିଣୀ । ୧୫୧୦ମସିହାରେ ମୋଗଲ ଶାସକ ମଲିକ ଗୋପୀ ଏହାକୁ ଖୋଳାଇଥିଲେ । ଏହା ସହରରେ ଜଳ ଅଭାବ ପୂରଣ ପାଇଁ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ସମୟ କ୍ରମେ ଅନ୍ୟ ଜଳାଶୟ ପରି ଏହାର ଅବସ୍ଥା ମଧ୍ୟ ଖରାପ ହେବାରେ ଲାଗିଲା । କିନ୍ତୁ ପରବର୍ତ୍ତୀ ସମୟରେ ସହରର ପ୍ରଶାସନିକ ଅଧିକାରୀ ଓ ଅଧିବାସୀ ମିଶି ଏହାର ପୁନଃଉଦ୍ଧାର କରିଥିଲେ ଓ ଆଜି ଏହା ସହରର ଏକ ମୁଖ୍ୟ ପିକନିକ୍ ସ୍ପଟ୍ ପାଲଟିଯାଇଛି । ଏବେ ଏହା ଏକ ସୁନ୍ଦର ପୁଷ୍କରିଣୀ ଭାବରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଏଠାରେ ମନୋରଞ୍ଜନର ଅନେକ ସାଧନ ଭରପୁର ରହିଛି । ଏଠାରେ ଥିମ୍ ପାର୍କ, ଗେମିଂ ଜୋନ୍ ଇତ୍ୟାଦି ରହିଛି ।

## ଐତିହ୍ୟସ୍ଥଳୀ ଦାଣ୍ଡି

ସୁରତ ସହର ଠାରୁ ୩୧ କିଲୋମିଟର ଦୂରରେ ଅବସ୍ଥିତ ଦାଣ୍ଡି ଯେଉଁଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ଇତିହାସ ପ୍ରସିଦ୍ଧ ଦାଣ୍ଡି ଯାତ୍ରା ଆରମ୍ଭ କରିଥିଲେ । ଏହି ସ୍ମୃତିରେ ଏଠାରେ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ମଧ୍ୟ ରହିଛି । ଏଠାରେ ଲବଣ ସତ୍ୟାଗ୍ରହ ସ୍ମାରକ ନିର୍ମାଣ କରାଯାଇଛି । ଦାଣ୍ଡି ନବସାରୀ ଜିଲା ଜଲାଲପୁର ତାଲୁକର ଏକ ଛୋଟ ଗ୍ରାମ । କିନ୍ତୁ ଏହି ଗ୍ରାମ ମହାତ୍ମା ଗାନ୍ଧୀଙ୍କ ଲବଣ ଆନ୍ଦୋଳନ କାରଣରୁ ଇତିହାସରେ ଅମର ହୋଇଯାଇଛି ।

## ତାପୀ ତାପୀ ନଦୀ ମୁହାଣରେ ସନ୍ଧ୍ୟା

ସୁରତ ସହରକୁ ତାପୀ ନଦୀ ଏକ ବରଦାନ ସଦୃଶ । ସହରର ଅଧିବାସୀ ଏହି ନଦୀକୁ ନିଜ ମା' ପରି ଭଲ ପାଇଥାନ୍ତି । ସୁରତ ମହାନଗର ନିଗମ ପକ୍ଷରୁ ତାପୀ ରିଭର ଫ୍ରଣ୍ଟର ବିକାଶ କରାଯାଇଛି । ୧୩୩ ଏକର ପରିବ୍ୟାପ୍ତ ଏହି ରିଭରଫ୍ରଣ୍ଟ ଏକ ସୁନ୍ଦର ରିସୋର୍ଟ ଭାବରେ ବିକଶିତ ହୋଇଛି । ସନ୍ଧ୍ୟାରେ ଏଠିକାର ଦୃଶ୍ୟ ପର୍ଯ୍ୟଟକଙ୍କୁ ପୁଲକିତ କରିଥାଏ ।



# ଏସ୍‌ଡିଜି ଓଡ଼ିଶା ପୋର୍ଟାଲ୍ ଉନ୍ମୋଚିତ କିଟ୍‌ରେ ରୋଜ୍ କନ୍‌ଭେନ୍‌ସନ୍

ଭୁବନେଶ୍ୱର(ବ୍ୟୁରୋ): ଜିଲ୍ଲା ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ପଦ୍ଧତି ଓ ଏସ୍‌ଡିଜି ଓଡ଼ିଶା ୱେବ୍‌ସାଇଟ୍ ଆଜି ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରି ନିରନ୍ତର ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଓ ଦୃଢ଼ ତଦାରଖ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା ଜିଲ୍ଲା ସ୍ତରରେ ବିକାଶର ଅନ୍ତର୍ଭୁକ୍ତୀକରଣ ଓ ସମାନତା ଲକ୍ଷ୍ୟ ହାସଲ କରିହେବ ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଶା ଏସ୍‌ଡିଜି ସୂଚକାଙ୍କ ପଦ୍ଧତି ୨.୦ ସିରିଜ୍‌ରେ ବିଭାଗ ୱାରି ରେଡି ରେକନର୍ସ, କନ୍‌ଭର୍ଜେନ୍ସ ମାଟ୍ରିସେସ୍ ଓ ମାଷ୍ଟରିଂ ମେଟାଡାଟାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏସ୍‌ଡିଜିର ୧୭ଟି ଲକ୍ଷ୍ୟ ଓ ୧୬୯ଟି ଟାର୍ଗେଟ୍ ରହିଛି। ଏକ ସମତୁଲ ସମାଜର ବିକାଶ ପାଇଁ ୨୦୩୦ ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରିବାର ଆବଶ୍ୟକତା ରହିଛି। ନୂଆ ପଦ୍ଧତି ଦ୍ୱାରା ଜିଲ୍ଲା ସ୍ତରରେ ଏହି କାମର ସମୀକ୍ଷା କରାଯିବା ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ କରାଯିବ। ଏହି ପ୍ରକ୍ରିୟା ସଂପୃକ୍ତ ବିଭାଗଗୁଡ଼ିକ ଏକାଠି ହୋଇ କାମ କରିବେ। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ସମନ୍ୱିତ ଓ ନିରନ୍ତର ଭାବେ ଦ୍ରୁତ ଗତିରେ ହାସଲ କରାଯାଇପାରିବ ବୋଲି ସରକାର ଆଶା ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଏସ୍‌ଡିଜି ଅନ୍ତର୍ଭୁକ୍ତୀକରଣ ଓ ସମାନ ବିକାଶ ଉପରେ ଗୁରୁତ୍ୱ ଦେଉଛି। ଏସ୍‌ଡିଜିକୁ ଭିତ୍ତି କରି ସରକାରଙ୍କ ସବୁ ନୀତି ସମାଜର ସବୁ ବର୍ଗକୁ ଲକ୍ଷ୍ୟରେ ରଖି କରାଯାଉଛି। ଏଥିରେ ବିକାଶ ପାଇଁ ସବୁ ବ୍ୟକ୍ତିଙ୍କୁ ସୁଯୋଗ ମିଳିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା, ମିସନ୍ ଶକ୍ତି, କାଳିଆ, ଓଡ଼ିଶା ମିଲେଟ୍ ମିସନ୍, ଲକ୍ଷ୍ମୀ, ପିଭିଟିଜିଙ୍କ ପାଇଁ ଜୀବନଧାରଣ ଓ ସଶକ୍ତୀକରଣ କାର୍ଯ୍ୟକ୍ରମ, ବସୁଧା ଆଦି ଯୋଜନା ସିଧାସଳଖ ବିଭିନ୍ନ ବର୍ଗର ସମସ୍ୟାକୁ ସମାଧାନ କରିପାରୁଛି। ଏସ୍‌ଡିଜିରେ ଏହାକୁ ହିଁ ପ୍ରାଥମିକତା ଦିଆଯାଇଛି। ଏହିସବୁ ପଦକ୍ଷେପ ପ୍ରତ୍ୟେକ ନାଗରିକଙ୍କ ଗୁଣାତ୍ମକ ଜୀବନଯାପନ ପାଇଁ ବାଟ ସୁଗମ କରିଛି। ସମସ୍ତଙ୍କ ପାଇଁ ନିରନ୍ତର ଭବିଷ୍ୟତ ସକାଶେ ଓଡ଼ିଶା ଅନେକ ପଦକ୍ଷେପ ନେଇଛି। ୫-ଟି ପଦକ୍ଷେପର ପ୍ରମୁଖ ଦିଗ ହେଉଛି, 'କାହାକୁ ପଛରେ ଛଡ଼ାଯିବ ନାହିଁ।' ନୂଆ ପଦକ୍ଷେପଗୁଡ଼ିକ ଆମର ଲକ୍ଷ୍ୟ ସହ ସ୍ଥାନୀୟ ଲୋକଙ୍କୁ ଯୋଡ଼ିବାରେ ସହାୟ ହୋଇପାରିବ। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ନିର୍ଭୁଲ୍ ଭାବେ ଆମର ବିକାଶ ପ୍ରକ୍ରିୟାକୁ ତଦାରଖ କରାଯାଇପାରିବ ବୋଲି ସେ କହିଥିଲେ। ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ପି କେ ଜେନା କହିଲେ, ତୃଣମୂଳ ସ୍ତରରେ ବିକାଶର ତଦାରଖ କରିବାର ଦକ୍ଷତା ଉପରେ ଏସ୍‌ଡିଜିର ସଫଳତା ନିର୍ଭର କରେ। ଉନ୍ନୟନ କମିସନର ଅନୁ ଗର୍ଗ କହିଲେ, ତୃଣମୂଳ ସ୍ତରରେ ପ୍ରତ୍ୟେକ ଯୋଜନାର ତଦାରଖ ପ୍ରକ୍ରିୟାର ମଜବୁତ୍ କରିବାକୁ ଏହିସବୁ ପଦକ୍ଷେପ ସହାୟ ହେବ। ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର(ବ୍ୟୁରୋ): ଆଜି କିଟ୍ କ୍ୟାମ୍ପସ୍-୭ରେ ୪୦ ତମ ସର୍ବଭାରତୀୟ ରୋଜ୍ କନ୍‌ଭେନ୍‌ସନ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୧୫୦୦ ପ୍ରଜାତିର ଗୋଲାପ ଫୁଲ ସ୍ଥାନ ପାଇଛି। ୬ ଓ ୭ ତାରିଖ ଦୁଇ ଦିନ ପାଇଁ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲାରହିବ ଏବଂ ୭ ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ପର୍ବ ସମାହିତ ହେବ। ଓଡ଼ିଶାରୁ ନାଲ୍‌କୋ, ଟାଟା, ପାୱାର ଗ୍ରିଡ୍, ଜିନ୍ଦଲ, ଆଦାନି, ରିଲାଏନ୍‌ସ ଆଦି କର୍ପୋରେଟ୍ ହାଉସ୍ ସମେତ ସମଗ୍ର ଦେଶରୁ କୃଷି ବୈଜ୍ଞାନିକ, ନର୍ସରିମ୍ୟାନ୍, କୃଷକ ଓ ଉଦ୍ୟୋଗୀଙ୍କୁ ନେଇ ୨୫୦ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି। ଆଜି ଉଦ୍‌ଘାଟନୀ ପର୍ବ ଅବସରରେ ଲର୍ଡ ଜଗନ୍ନାଥ, ଲର୍ଡ ଲିଙ୍ଗରାଜ, ଶେଫାଳି ଓ ରାଧା ନାମରେ ନାମିତ ୪ଟି ନୂତନ ପ୍ରଜାତିର ଗୋଲାପକୁ ମୁଖ୍ୟ ଅତିଥି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଲୋକାର୍ପଣ କରିଥିଲେ। କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଓ ସର୍ବଭାରତୀୟ ମେଗା ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଛି। ୧୮ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ହେଉଛି। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜନ କମିଟିର କାର୍ଯ୍ୟକାରୀ ସଭାପତି ଡ. ସୁଦର୍ଶନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଭାରତୀୟ ରୋଜ୍ ?ଫେଡେରେସନ୍‌ର ସଭାପତି ସଂଯୋଗିତା ଧନ୍‌ୱାଡେ, ଉପସଭାପତି ଏନ୍‌କେ ଡଡ୍ ?ଲାନି, ଆୟୋଜନ କମିଟି ସମ୍ପାଦକ ହେମନ୍ତ କୁମାର ପଲ୍, ଉପସଭାପତି ବିଏନ୍ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।



# ରାଜ୍ୟରେ ଘନ କୁହୁଡ଼ି ଆଶଙ୍କା



ଭୁବନେଶ୍ୱର(ବ୍ୟୁରୋ): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାତିର ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ। ସବୁଠି ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରି ଅଧିକ ରହିବ। ତେବେ ୭ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହିବାକୁ ଥିବାରୁ ସତର୍କତା ଅବଲମ୍ବନ କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିସନ(ଏସ୍‌ଆରସି)ଙ୍କ ପକ୍ଷରୁ କୁହାଯାଇଛି। ୬ ତାରିଖ ଭୋର ସମୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନ ଏବଂ ୭ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ତେଣୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ପରିବହନ ଅଧିକାରୀମାନଙ୍କୁ ନଜର ରଖିବାକୁ କୁହାଯାଇଛି। ଉପକୂଳ ଓଡ଼ିଶା ସମେତ ବାକି ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନଘଡ଼ି ସହ ହାଲୁକା ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜି ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ କୋରାପୁଟରେ ୮.୨, ଦାରିଙ୍ଗବାଡ଼ିରେ ୯, ସିମିଳିଗୁଡ଼ାରେ ୯.୭, କେନ୍ଦୁଝରରେ ୧୦.୯, ଅନୁଗୁଳ ଓ ରାଣିତାଲରେ ୧୧, ସୁନ୍ଦରଗଡ଼ର କିରେଇରେ ୧୧.୩ ଡିଗ୍ରି ରହିଥିଲା। ଉପକୂଳ ଓଡ଼ିଶାର ସମସ୍ତ ସହରର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରି ଉପରେ ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# କଟକ ତୁଳସୀପୁରରୁ ଆସିଥିବା ହରିଣଗୁଡ଼ିକ ଅସୁସ୍ଥ

ଭୁବନେଶ୍ୱର(ବ୍ୟୁରୋ): କଟକ ତୁଳସୀପୁରସ୍ଥିତ ହରିଣ ପାର୍କରେ ରହିଥିବା ହରିଣଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି। ଆବଦ୍ଧ ଅଞ୍ଚଳରେ ରହୁଥିବା ହରିଣଗୁଡ଼ିକୁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ପ୍ରାକୃତିକ ପରିବେଶରେ ଛାଡ଼ିବାକୁ ରୂପରେଖ ପ୍ରସ୍ତୁତ ହୋଇଛି। ପର୍ଯ୍ୟାୟକ୍ରମେ ସେମାନଙ୍କୁ ଅଭୟାରଣ୍ୟ ଭିତରେ ନିର୍ମାଣ କରାଯାଇଥିବା ଦୁଇଟି ସ୍ୱତନ୍ତ୍ର ଖୁଆଡ଼କୁ ଅଣାଯାଉଛି। ପାର୍କ ଭିତରେ ଥିବା ମୋଟ୍ ୨୯୬ଟି ହରିଣଙ୍କ ମଧ୍ୟରୁ ଏବେସୁଦ୍ଧା ୧୨୫ଟି ସ୍ଥାନାନ୍ତର ହୋଇଛନ୍ତି। ଅଭୟାରଣ୍ୟର ଆମ୍ବିଲୋରେ ନିର୍ମାଣ ହୋଇଥିବା ସ୍ୱତନ୍ତ୍ର ଖୁଆଡ଼ରେ ୭୪ଟି ଓ ଭରତପୁର ସଂରକ୍ଷିତ ଜଙ୍ଗଲ ଖୁଆଡ଼ରେ ୫୧ଟି ହରିଣ ରଖାଯାଇଛି। ବନ ବିଭାଗ ପକ୍ଷରୁ ପ୍ରାୟ ଦେଢ଼କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ଖୁଆଡ଼ଗୁଡ଼ିକରେ ସେମାନଙ୍କୁ ଆବଶ୍ୟକ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଉଛି। ତା'ପରେ ମଧ କେତେକ ହରିଣ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ସ୍ଥାନାନ୍ତର ସହ ହଠାତ୍ ବାସସ୍ଥଳୀ ପରିବର୍ତ୍ତନ କରାଯିବା ଦ୍ୱାରା କେତେକ ହରିଣ ଖାଦ୍ୟ ଗ୍ରହଣ କରୁ ନାହାନ୍ତି। ପରିବେଶ ସହ ଖାପଖୁଆଇବାକୁ ସମୟ ଲାଗୁଥିବାରୁ ଏଭଳି ସ୍ଥିତି ଉପୁଜିଥିବା ହରିଣଗୁଡ଼ିକର ଦେଖାରଖା କରୁଥିବା ବନ ବିଭାଗର ଜଣେ କର୍ମଚାରୀ କହିଛନ୍ତି। ସେମାନଙ୍କୁ ଏବେ ଘାସ, ପାଣି ଯୋଗାଣ ହେଉଛି। ତଦାରଖ ପାଇଁ ବନ ବିଭାଗର ୧୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଦିନରାତି ୨୪ ଘଣ୍ଟା ହରିଣଗୁଡ଼ିକ ଉପରେ ନଜର ରଖିଛନ୍ତି। ଓୟୁଏଟିର ବିଶେଷଜ୍ଞ ଅସୁସ୍ଥ ହୋଇଥିବା ହରିଣଗୁଡ଼ିକର ଚିକିତ୍ସା କରୁଛନ୍ତି। ସେମାନଙ୍କର 'ଆଣ୍ଟି ଷ୍ଟ୍ରେସ୍' ଚିକିତ୍ସା ଚାଲିଛି। ୧୫ ଦିନ ପରେ ୱାର୍ମ ଚିକିତ୍ସା କରାଯିବ। ଏହି ସମୟ ମଧ୍ୟରେ ସେମାନେ ବିଶେଷଜ୍ଞମାନଙ୍କ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ। ଅଭୟାରଣ୍ୟର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ପାର୍କର ମାତ୍ର ୪ ଏକର ପରିମିତ ଜାଗାରେ ହରିଣଗୁଡ଼ିକ ରହିଥିଲେ। ଜାତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଏବେ ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆସୁଥିବା ହରିଣଙ୍କୁ ସିଧାସଳଖ ଅଭୟାରଣ୍ୟରେ ଛାଡ଼ିବା ସମ୍ଭବପର ନୁହେଁ। ସେମାନଙ୍କ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଯେହେତୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସେମାନେ ରହୁଥିଲେ, ହଠାତ୍ ଜଙ୍ଗଲୀ ପରିବେଶରେ ତିଷ୍ଠିବା ସମ୍ଭବପର ହେବନାହିଁ। ତେଣୁ କିଛି ସମୟ ସେମାନଙ୍କୁ ଜଙ୍ଗଲୀ ପରିବେଶରେ ରଖାଯାଇ ଯତ୍ନ ନିଆଯିବ। ୭ରୁ ୮ ମାସ ରହିବା ପରେ ଖୁଆଡ଼ର ଗେଟ୍ ଖୋଲାଯାଇ ସେମାନଙ୍କୁ ଜଙ୍ଗଲ ଭିତରକୁ ଛଡ଼ାଯିବା ସହ ନଜର ରଖାଯିବ। ସେମାନେ ପ୍ରାକୃତିକ ବାସସ୍ଥଳୀରେ ରହିପାରିବେ ବୋଲି ଆଶା ରହିଛି। ଅନ୍ୟ ବନ୍ୟଜନ୍ତୁଙ୍କ ପରି ଜଙ୍ଗଲରେ ବୁଲିବେ। ଖାଦ୍ୟ ସଂଗ୍ରହ କରିପାରିବେ। ସେମାନଙ୍କୁ ଆଉ ଦାନା ଦେବାକୁ ପଡ଼ିବ ନାହିଁ। ତେବେ ସେଠାରେ ଯଦି କୌଣସି ଅସୁବିଧା ହୁଏ, ତେବେ ସେମାନଙ୍କୁ ପୁଣିଥରେ ଖୁଆଡ଼କୁ ଫେରାଇ ଅଣାଯିବ। ସୂଚନାଯୋଗ୍ୟ ଯେ ୧୯୮୧ରେ ତୁଳସୀପୁରଠାରେ ମହାନଦୀ କୂଳରେ ହରିଣ ପାର୍କ ନିର୍ମାଣ ହୋଇଥିଲା। ୪ ଏକର ଜାଗାରେ ସେତେବେଳେ ନନ୍ଦନକାନନରୁ ୬ଟି ହରିଣଙ୍କୁ ଅଣାଯାଇ ରଖାଯାଇଥିଲା। କାଳକ୍ରମେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ୨୦୧୪ରେ ହରିଣଗୁଡ଼ିକୁ ସହର ମଧ୍ୟରୁ ହଟାଇବାକୁ ଜାତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ହରିଣଗୁଡ଼ିକ ସ୍ଥାନାନ୍ତର ହେଉଥିବାରୁ କଟକ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ସହରର ଗର୍ବ ପାଲଟିଥିବା ଏହି ହରିଣ ପାର୍କରେ ଅଳ୍ପ କିଛି ହରିଣଙ୍କୁ ରଖିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।



## ବର୍ଷକରେ ୨୫ଶହ କୋଟିର ଠକେଇ, ୬୧ ଗିରଫ

ଭୁବନେଶ୍ୱର(ବ୍ୟୁରୋ): ୨୦୨୩ରେ ରାଜ୍ୟରେ ବଡ଼ ବଡ଼ ଠକେଇ ହୋଇଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବହୁ ଘଟଣାର ପର୍ଦ୍ଦାଫାସ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍‌ଲାଇନ୍ ଚିଟ୍‌ଫଣ୍ଡ, କ୍ରିପ୍ଟୋ ପୋଞ୍ଜି ସ୍କାମ୍ ଆଦି ସାଇବର ଠକେଇ, ବ୍ୟାଙ୍କ ଠକେଇ, ଚାକିରି ଠକେଇ, ଜମି ଠକେଇ ଭଳି ବିଭିନ୍ନ ଘଟଣାକୁ ନେଇ ୨୮ ମାମଲା ରୁଜୁ କରିଛି ଇଓଡବ୍ଲ୍ୟୁ। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ମୋଟ ୬୧ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପ୍ରାୟ ୨୫୦୦ କୋଟି ଠକେଇ ମାମଲାରେ ସଂପୃକ୍ତ ଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଓଡିଶା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନ, ଦିଲ୍ଲୀ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର। ସେହିଭଳି ୯ଜଣଙ୍କ ବିରୋଧରେ ଲୁକ୍ ?ଆଉଟ ସର୍କୁଲାର ଜାରି ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୪ଜଣ ଚାଇନା ଓ ଜଣେ ହଙ୍ଗେରୀ ନାଗରିକ ରହିଛନ୍ତି। ଅପରପକ୍ଷେ ୪ଟି କେସରେ ଶୁଣାଣି ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହା ବର୍ଷକରେ ସର୍ବାଧିକ ବୋଲି ଇଓଡବ୍ଲ୍ୟୁ କହିଛି। ସେହିପରି ଠକେଇ ଟଙ୍କାର ମାତ୍ର ୧୫ କୋଟି ସିଜ୍ କରାଯାଇଛି। ୩ଟି କେସ୍‌ରେ ୧୨ କୋଟିର ସଂପତ୍ତି ଆଟାଚ କରିବାକୁ ଓପିଆଇଡି କୋର୍ଟ ଅନୁମୋଦନ ଦେଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।



## ଶିକ୍ଷାନୁଷ୍ଠାନ ବଦଳାଇପାରିବେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର

ଭୁବନେଶ୍ୱର(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ର ଚାହିଁଲେ ନିଜ ଶିକ୍ଷାନୁଷ୍ଠାନ ବଦଳାଇପାରିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୁଯୋଗ ଦେବା ସହ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଯେଉଁ ଛାତ୍ରୀଛାତ୍ର ଗୋଟିଏ ଉଚ୍ଚ ମାଧ୍ୟମିକ ସ୍କୁଲରୁ ଅନ୍ୟ ସ୍କୁଲକୁ ବଦଳି ଚାହୁଁଥିବେ ସେମାନେ ବିଭାଗର ୱେବସାଇଟ୍ www.samsodisha.gov.inରେ ଆବେଦନ କରିପାରିବେ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଗାଇଡ୍‌ଲାଇନ୍ ଅନୁସାରେ, ଛାତ୍ରୀଛାତ୍ରମାନେ ଯେଉଁ ଶିକ୍ଷାନୁଷ୍ଠାନକୁ ବଦଳି ହେବାକୁ ଚାହୁଁଥିବେ ସେଠାରେ ସିଟ୍ ଖାଲି ଥିବା ଆବଶ୍ୟକ। ଅଭିଭାବକଙ୍କ ବଦଳି/ଅବସର/ମୃତ୍ୟୁ କିମ୍ବା ଛାତ୍ରୀଙ୍କ ବାହାଘର କିମ୍ବା କୌଣସି ଗୁରୁତର ସ୍ୱାସ୍ଥ୍ୟଜନିତ ରୋଗ ଥିଲେ ବଦଳି ପାଇଁ ଆବେଦନ କରିପାରିବେ। ତେବେ ଏସବୁର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏହି ଆବେଦନ ପ୍ରକ୍ରିୟା ୧୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ୧୩ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲ ଛାଡ଼ିବେ ସେଠାରେ ଯାଞ୍ଚ ହେବ। ପରେ ଜିଲା ନୋଡାଲ ସାମ୍ସ ରିସୋର୍ସ ସେଣ୍ଟରରେ ୧୬ ତାରିଖ ପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ୧୬ରୁ ୨୨ ତାରିଖ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଆବେଦନ ରିଭ୍ୟୁ ଓ ଆପ୍ରୁଭାଲ ହେବ। ଯେଉଁ ଛାତ୍ରୀଛାତ୍ରଙ୍କ ଆବେଦନକୁ ଅନୁମତି ମିଳିଥିବ ସେମାନେ ୧୭ ରୁ ୨୭ତାରିଖ ମଧ୍ୟରେ ନୂଆ ଶିକ୍ଷାନୁଷ୍ଠାନରେ ନାମଲେଖାଇବେ।

# ଜିନ୍ଦଲ ଷ୍ଟେନଲେସ ଦେଇଛି ଫେରୋ ନିକେଲ ଏବଂ ଫେରୋ ମଲିବଡେନମ୍ ଉପରେ ମୌଳିକ କଷ୍ଟମ୍ ଡ୍ୟୁଟିର ଦୀର୍ଘକାଳୀନ ଛାଡ ପ୍ରସ୍ତାବ



ଭୁବନେଶ୍ୱର(ବ୍ୟୁରୋ): ୨୦୨୪-୨୫ ବଜେଟ୍ ପୂର୍ବରୁ, ଭାରତର ସର୍ବବୃହତ୍ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ, ଜିନ୍ଦଲ ଷ୍ଟେନଲେସ୍ ଆଜି ଶୁଦ୍ଧ ନିକେଲ ବ୍ୟତୀତ ଷ୍ଟେନଲେସ ଷ୍ଟିଲ ସ୍କ୍ରାପ ଏବଂ ଷ୍ଟିଲ ସ୍କ୍ରାପ ଉପରେ ଜିରୋ କଷ୍ଟମ ଡ୍ୟୁଟି ଜାରି କରିବାକୁ ପ୍ରସ୍ତାବ ଦେଇଛି । ବଜେଟ୍ ସୁପାରିଶରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ନିକଟବର୍ତ୍ତୀ କେନ୍ଦ୍ର ବଜେଟ ୨୦୨୪ -୨୫କୁ ଆଖି ଆଗରେ ରଖି ଆମେ ଇସ୍ପାତ ମନ୍ତ୍ରଣାଳୟର ନିର'ର ସହାୟତା ପାଇଁ ଅନୁରୋଧ କରୁଛୁ। ବିଶେଷ କରି, ଫେରୋ ନିକେଲ୍ ଏବଂ ଫେରୋ ମଲିବଡେନମ୍ ଉପରେ ମୌଳିକ କଷ୍ଟମ ଡ୍ୟୁଟିର ଦୀର୍ଘକାଳୀନ ରିହାତି ମିଳିଲେ ଶିଳ୍ପ ସଂସ୍ଥାନମାନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ କଂଚାମାଲ ସୁଲଭ ମୂଲ୍ୟରେ ମିଳିବା ସୁନିଶ୍ଚିତ କରିହେବ । ଏହା ବ୍ୟତୀତ, ଆମେ ଷ୍ଟେନଲେସ ଷ୍ଟିଲ୍ ସ୍କ୍ରାପ ଓ ଷ୍ଟିଲ୍ ସ୍କ୍ରାପ ଉପରେ ବର୍ତ୍ତମାନ ଚାଲୁଥିବା ଜିରୋ କଷ୍ଟମ ଡ୍ୟୁଟିକୁ ଜାରି ରଖିବାକୁ ସୁପାରିଶ କରିବୁ । ଦେଶରୁ କ୍ରୋମ ପଥର ରପ୍ତାନି ଉପରେ ୩୦% ରପ୍ତାନି ଶୁଳ୍କ ଜାରି କରିବାକୁ ଆମେ ଅନୁରୋଧ କରୁଛୁ। ଚୀନ ଦ୍ୱାରା ହେଉଥିବା ଡମ୍ପିଂ ଏବଂ ଚାଲୁ ମାଲ୍ ଆମଦାନୀ, ବିଶେଷ କରି ୨୦୦ ଗ୍ରେଡ ସିରିଜ, ଏକ ଜଣାଶୁଣା ଚ୍ୟାଲେ । ଏହାର ସମାଧାନ ପାଇଁ ଆମେ ଷ୍ଟେନଲେସ ଷ୍ଟିଲ ପାଇଁ ସ୍ଥିର ଶୁଳ୍କ ମୂଲ୍ୟ ପ୍ରତିଷ୍ଠା ଏବଂ କମ୍ ଡ୍ୟୁଟି ନିୟମ ବିଲୋପ କରିବା ଏବଂ ସବସିଡି ମାର୍ଜିନ / ଡମ୍ପିଂ ମାର୍ଜିନ ଉପରେ ଆଧାର କରି ଡ୍ୟୁଟି ଲାଗୁ କରିବା ପାଇଁ ବାଣିଜ୍ୟ ପ୍ରତିକାର ଆଇନର ସଂଶୋଧନ ପାଇଁ ପ୍ରସ୍ତାବ ଦେଉଛୁ । ଜିନ୍ଦଲ ଷ୍ଟେନଲେସ ନିଶ୍ଚିତ ଯେ ଏହି ପ୍ରସ୍ତାବଗୁଡ଼ିକ ଷ୍ଟେନଲେସ ଷ୍ଟିଲ ଶିଳ୍ପକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଅକ୍ଷୟ ଶକ୍ତି ପଦକ୍ଷେପ ମାଧ୍ୟମରେ କମ୍ପାନୀ ବାର୍ଷିକ ଯ ୧.୯ ବିଲିୟନ ୟୁନିଟ୍ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବାକୁ ଯୋଜନା କରିଛି। ପ୍ରଥମ ଥର ପାଇଁ ମିଳିତ ଜାତିସଂଘ କନଫେଡେରେସନ୍ ଅଫ୍ ପାର୍ଟିସ୍ (ସିଓପି) ୨୮ ଜଳବାୟୁ ଶିଖର ସମ୍ମିଳନୀରେ ଏହାର ଉପସ୍ଥିତିକୁ ଚିହ୍ନିତ କରି ଜିନ୍ଦଲ ଷ୍ଟେନଲେସ୍ ୨୦୩୫ର ଲକ୍ଷ୍ୟ ବର୍ଷ ଯଥା ପୂର୍ବରୁ ଏହାର ୫୦% କାର୍ବନ ନିର୍ଗମନ ହ୍ରାସର ମଧ୍ୟମ ଅବଧି ଲକ୍ଷ୍ୟ ହାସଲ କରିବ ବୋଲି ଘୋଷଣା କରିଛି ।

# ଶ୍ରୀଲିଙ୍ଗରାଜ ସେବାୟତଙ୍କ ବିରୋଧରେ ଅଭିଯୋଗ

ଭୁବନେଶ୍ୱର(ବ୍ୟୁରୋ): ଲିଙ୍ଗରାଜ ମନ୍ଦିରରେ ପର୍ଯ୍ୟଟକଙ୍କୁ ଖରାପ ବ୍ୟବହାର ଓ ଦର୍ଶନ ପାଇଁ ଜବରଦସ୍ତ ଟଙ୍କା ଆଦାୟ ଅଭିଯୋଗ କରିଛନ୍ତି ଅନ୍ୟ ରାଜ୍ୟରୁ ଆସିଥିବା ଜଣେ ପର୍ଯ୍ୟଟକ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିଜର ତିକ୍ତ ଅନୁଭୂତି ଜଣାଇବା ସହ ଏଥିରେ ସଂସ୍କାର ଆଣି ବେଆଇନ ଦାନଥାଳି ବଦଳରେ ଦାନହୁଣ୍ଡି ବସାଇବାକୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ମନ୍ଦିର ପ୍ରଶାସନ ତିନି ନିଯୋଗଙ୍କୁ ନୋଟିସ୍ ଜାରି କରିଛି। ଯାହାକୁ ନେଇ ପୁରୁଣା ଭୁବନେଶ୍ୱରରେ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ଅନୁସାରେ, ଆନନ୍ଦ ବାଜପେୟୀ ନାମକ ଜଣେ ବରିଷ୍ଠ ନାଗରିକ ଗତ ଡିସେମ୍ବର ୭ତାରିଖରେ ସପତ୍ନୀକ ସାଙ୍ଗରେ ନେଇ ଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଆସିଥିଲେ। ମନ୍ଦିର ଭିତରେ ପହଞ୍ଚିବା ପରେ କିଛି କଥା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ବିଶେଷକରି କିଛି ସେବାୟତଙ୍କ ବ୍ୟବହାର ଉଭୟ ପତିପତ୍ନୀଙ୍କୁ ମର୍ମାହତ କରିଥିଲା। ସେ ଅଭିଯୋଗରେ ଲେଖିଛନ୍ତି, ''ଦର୍ଶନ ପାଇଁ ଯିବା ବେଳେ ଆଡକାଠ ନିକଟରେ ଦୁଇ ଜଣ ପୂଜାରୀ ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ। ସେଠାରେ ଥିବା ଏକ ଟଙ୍କା ଭର୍ତ୍ତି ବଡ଼ ଷ୍ଟିଲ୍ ଥାଳିରେ ୫୦୦, ୧୫୦୦ ଓ ୨୦୦୦ ଟଙ୍କା ପକାଇବାକୁ ତାଙ୍କୁ ବାଧ କରିଥିଲେ। ସେ ଟଙ୍କା ନଦେବାରୁ ତାଙ୍କୁ ଖରାପ ବ୍ୟବହାର କରିବା ସହ ଦର୍ଶନ କରିବାକୁ ଦେଇ ନଥିଲେ। ଏତେ ଜୋ ?ରେ ପାଟି କରୁଥିଲେ ଯେ ଦୁଇ ମିନିଟ୍ ମଧ ଶାନ୍ତିରେ ଠାକୁରଙ୍କୁ ଦର୍ଶନ କରି ହେଉନଥିଲା। ମୋ' ଭଳି ଯେଉଁମାନେ ଟଙ୍କା ଦେଉ ନଥିଲେ ତାଙ୍କୁ ତୁରନ୍ତ ସେଠାରୁ ବାହାର କରି ଦିଆଯାଉଥିଲା। ମନ୍ଦିର ପ୍ରଶାସନର ଦାନବାକ୍ସକୁ ଲୋକଙ୍କ ନଜରରୁ ଦୂରେଇ ରଖି ସେଠାରେ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଥିଲା।'' ଏନେଇ ସେ ଜଣେ ପୁଲିସ ଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହୋଇଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମେଲ୍ କରି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତଥା ମନ୍ଦିର ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବଡୁ ନିଯୋଗ, ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗର ସମ୍ପାଦକଙ୍କୁ ନୋଟିସ୍ ଦିଆଯାଇଛି। ଉଠିଥିବା ଅଭିଯୋଗ ସମ୍ପର୍କରେ ୩ ନିଯୋଗ ୩ଦିନ ମଧ୍ୟରେ ବିବରଣୀ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ପଠାଯିବ ବୋଲି ନୋଟିସ୍ ?ରେ ଲେଖାଯାଇଛି। ମନ୍ଦିର ନିର୍ବାହୀ ଅଧିକାରୀ ରୁଦ୍ର ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ଅଭିଯୋଗ ହୋଇଥିଲା। ତାର ତଦନ୍ତ ଚାଲିଛି। ସତ୍ୟାସତ୍ୟ ଜଣା ପଡ଼ିବା ପରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏନେଇ ପୂଜାପଣ୍ଡା ନିଯୋଗର ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ''ଯାହା ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ରୂପେ ଠିକ୍। ଏଥିରେ ସାମାନ୍ୟ ମିଛ ନାହିଁ। ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁ ଭଲରେ ଠାକୁରଙ୍କୁ ଦର୍ଶନ କରି ପାରୁନାହାନ୍ତି। ଆମେ ପୂର୍ବରୁ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରିଛୁ। ଯେଉଁ ଟଙ୍କା ଆଦାୟ ହେଉଛି ତାହା ବଡୁ ସେବକ ନେଉଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ।'' ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚି ପତି କହିଛନ୍ତି, ''କିଏ ସେଠାରେ ଥାଳି ପକେଇଛି, କାହିଁକି ଭକ୍ତଙ୍କଠାରୁ ଲୁଟ୍ ହେଉଛି, କାହିଁକି ମନ୍ଦିରକୁ ବଦନାମ କରାଯାଉଛି ତା'ର ତଦନ୍ତ କରାଯାଉ। ଏଥିରେ ସବୁ ସେବାୟତ ସାମିଲ ନୁହନ୍ତି। ତୁରନ୍ତ ଥାଳି ଉଠାଇ ପ୍ରଶାସନର ଦାନ ହୁଣ୍ଡି ବସାଯାଉ।'' ଏସମ୍ପର୍କରେ ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ''ଆମେ ନୋଟିସ୍ ପାଇଛୁ। କିନ୍ତୁ ପ୍ରକୃତରେ ସେଦିନ କଣ ହୋଇଥିଲା ଜଣାନାହିଁ।''



# ରେସନ୍ ଦୁର୍ନୀତିରେ 'ତୃଣମୂଳ କଂଗ୍ରେସ' ନେତା ଶଙ୍କର ଆଧା ଗିରଫ



**କୋଲକାତା :** ରେସନ୍ ବଣ୍ଟନ ଦୁର୍ନୀତି ଅଭିଯୋଗରେ 'ତୃଣମୂଳ କଂଗ୍ରେସ' (ଟିଏମ୍‌ସି) ନେତା ଶଙ୍କର ଆଧାଙ୍କୁ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' (ଇଡି) ଗିରଫ କରିଥିବା କଥା 'ଇଣ୍ଡିଆ ଟୁଡେ' ରିପୋର୍ଟ କରିଛି। ଶୁକ୍ରବାର ଦିନ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' ଶଙ୍କର ଆଧାଙ୍କ ବାସଭବନରେ ଚଢ଼ଉ କରିଥିଲା। ଏ ସଂକ୍ରାନ୍ତରେ ଜାରି କରିଥିବା ବିବୃତିରେ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' କହିଥିଲା ଯେ, ପଶ୍ଚିମବଙ୍ଗ ପୁଲିସ ପଞ୍ଜୀକୃତ କରିଥିବା କେତେଗୁଡ଼ିଏ 'ଏଫ୍‌ଆଇଆର'କୁ ଭିତ୍ତି କରି ଏହି ଚଢ଼ଉ କରାଯାଉଛି। କେତେକ ବେସରକାରୀ ଲୋକ ବେଆଇନ ଭାବେ 'ପିଡିଏସ୍' ରେସନ୍ ରଖିବା ଓ ମିଥ୍ୟା ଚାଉଳ କିଣିବା ଘଟଣାରେ ସମ୍ପୃକ୍ତ ବୋଲି ଏଥିରେ ଅଭିଯୋଗ ହୋଇଥିଲା। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବ୍ୟାପକ ତଲାସ କରିବା ପରେ ବନଗାଆଁର ପୂର୍ବତନ ଅଧକ୍ଷ ଶଙ୍କର ଆଧାଙ୍କୁ ଗିରଫ କରାଯାଇଛି। ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଆଧା ଦାବି କରିଛନ୍ତି ଯେ, ତଦନ୍ତ ସମୟରେ 'ଇଡି' ଅଧିକାରୀମାନଙ୍କୁ ସହଯୋଗ କରିବା ସତ୍ତ୍ୱେ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଶଙ୍କର ଆଧାଙ୍କୁ ଗିରଫ କରି ନିଆଯିବା ବେଳେ ସ୍ଥାନୀୟ ଲୋକେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଶଙ୍କର ଆଧାଙ୍କ ଘର ସମେତ 'ତୃଣମୂଳ କଂଗ୍ରେସ' ନେତା ଶାହାଜାହାନ ଶେଖ୍‌ଙ୍କ ଘରେ ମଧ୍ୟ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' ଚଢ଼ଉ କରିଥିଲା। 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' କହିଛି ଯେ, ହିତାଧିକାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଉକ୍ତ ରେସନ୍‌ର ପ୍ରାୟ ୩୦% ଖୋଲା ବଜାରକୁ ଛଡ଼ାଯାଇଥିଲା।

# ବିମାନ ଦୁର୍ଘଟଣାରେ ୨ ଝିଅଙ୍କ ସହ ହଲିଉଡ୍ ଅଭିନେତା ମୃତ



**ନୂଆଦିଲ୍ଲୀ:** ଆମେରିକାରେ ଏକ ବିମାନ ଦୁର୍ଘଟଣାରେ ହଲିଉଡ୍ ଅଭିନେତା ଖ୍ରୀଷ୍ଟିଆନ ଓଲିଭରଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅଭିନେତାଙ୍କ ସହ ତାଙ୍କର ଦୁଇ ଝିଅ ମଧ୍ୟ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ପୁଲିସ୍ ଦେଇଥିବା ସୂଚନାନୁସାରେ, ଅଭିନେତା ଏକ ଛୋଟ ବ୍ୟକ୍ତିଗତ ବିମାନରେ ବସି ଉଡ଼ାଣ ଭରିବା ସମୟରେ ବିମାନଟି କେରେବିୟନ୍ ସାଗରରେ ଖସି ପଡ଼ିଥିଲା। ରୟାଲ ସେଣ୍ଟ ଭିନସ୍ୱେଣ୍ଟ ଆଣ୍ଡ୍ ଗ୍ରେନାଡାଇନ୍ସ ପୁଲିସ ଫୋର୍ସ ପକ୍ଷରୁ ଏକ ବିବୃତିରେ ଏହି ଦୁର୍ଘଟଣା ଗୁରୁବାର ଘଟିଥିବା ସୂଚନା ଦିଆଯାଇଛି। ଅଭିନେତାଙ୍କ ବିମାନ ସମୁଦ୍ରରେ ପଡ଼ିବା ମାତ୍ରେ ମତ୍ସ୍ୟଜୀବୀ ଓ ତଟରକ୍ଷୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ସେଠାରୁ ଚାରିଟି ମୃତଦେହ ଉଦ୍ଧାର କରିଥିଲେ। ଏହି ବିମାନ ଦୁର୍ଘଟଣାରେ ୫୧ ବର୍ଷୀୟ ଓଲିଭର, ତାଙ୍କର ଦୁଇ ଝିଅ ମଦିତା (୧୦ ବର୍ଷ), ଅନ୍ନିକ୍ (୧୨ବର୍ଷ) ଏବଂ ପାଇଲଟ୍ ରବର୍ଟ ସାକ୍ସଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିମାନ ଗ୍ରେନାଡାଇନ୍ସର ଏକ ଛୋଟ ଦ୍ୱୀପ ବେକିଆରୁ ଗୁରୁବାର ଅପରାହ୍ନରେ ସେଣ୍ଟ ଲୁସିଆ ଆଡକୁ ଯାଉଥିଲା। ସୂଚନା ଅନୁଯାୟୀ, ଅଭିନେତା ନିଜ ପରିବାର ସହିତ ଛୁଟି କାଟିବାକୁ ବୁଲି ଯାଉଥିଲେ। କିଛି ଦିନ ପୂର୍ବରୁ ହଲିଉଡ ଅଭିନେତା ଖ୍ରୀଷ୍ଟିଆନ ଓଲିଭର ଇନଷ୍ଟାଗ୍ରାମରେ ଏକ ସମୁଦ୍ରକୂଳର ଚିତ୍ର ପୋଷ୍ଟ କରିଥିଲେ। ବୋଧହୁଏ ସେ ସେଠାକୁ ଛୁଟି କାଟିବାକୁ ବାହାରିଥିଲେ। ଅଭିନେତା ଖ୍ରୀଷ୍ଟିଆନ ଓଲିଭର ଟମ କ୍ରୁଜଙ୍କ ଫିଲ୍ମ 'ବାଲ୍କିରୀ'ରେ ଏକ ଛୋଟ ଭୂମିକା ନିଭାଇଥିବା ବେଳେ ସମୁଦାୟ ୬୦ ରୁ ଅଧିକ ଚଳଚ୍ଚିତ୍ର ଏବଂ ଟିଭି ସୋ'ରେ ଅଭିନୟ କରିଛନ୍ତି।

# ପୁଣି ଖରାପ ହେଲା ଜଷ୍ଟିନ ଟ୍ରୁଡୋଙ୍କ ବିମାନ




**ଓଟାୱା :** କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ପୁଣି ଥରେ ଲଜ୍ଜିତ ହୋଇଛନ୍ତି। ଗତ ଚାରି ମାସ ମଧ୍ୟରେ ଏହା ଦ୍ୱିତୀୟ ଥର ପାଇଁ ତାଙ୍କ ବିମାନ ବିଦେଶୀ ମାଟିରେ ଖରାପ ହୋଇଯାଇଛି। ଗତ ବର୍ଷ ସେପ୍ଟେମ୍ବରରେ ଜି -୨୦ ସମୟରେ ଟ୍ରୁଡୋଙ୍କ ବିମାନ ଭାରତରେ ଖରାପ ହୋଇଯାଇଥିଲା, ଏହି କାରଣରୁ କାନାଡା ପ୍ରଧାନମନ୍ତ୍ରୀଙ୍କୁ ଆଉ ଦୁଇ ଦିନ ଭାରତରେ ରହିବାକୁ ପଡିଲା। ଡିସେମ୍ବର ୨୬ରେ ପରିବାର ସହ ଛୁଟି କାଟିବା ପାଇଁ କାନାଡାର ପ୍ରଧାନମନ୍ତ୍ରୀ ଜମୈକା ଯାଇଥିଲେ, ଯେଉଁଠାରେ ସେ ତାଙ୍କ ପରିବାର ସହିତ ଏକ ରିସୋର୍ଟରେ ରହିଥିଲେ, କିନ୍ତୁ ଗୁରୁବାର ସେ ଫେରୁଥିବା ସମୟରେ ବିମାନଟି ଖରାପ ଯାଇଥିଲା, ଯେଉଁଥିପାଇଁ ତାଙ୍କୁ ଜମୈକା ଗୋଟିଏ ଦିନ ରହିବାକୁ ପଡିଲା।

# ଦକ୍ଷିଣ କୋରିଆ ଉପରେ ଉତ୍ତର କୋରିଆର ପୁଣି ଗୁଳି ବର୍ଷଣ

**ସିଓଲ :** ଉତ୍ତର କୋରିଆ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଦକ୍ଷିଣ କୋରିଆର ସୈନ୍ୟ ଶନିବାର କହିଛନ୍ତି, ଦକ୍ଷିଣ କୋରିଆ ସହିତ ବିବାଦୀୟ ସାମୁଦ୍ରିକ ସୀମା ନିକଟରେ ଉତ୍ତର କୋରିଆ ଆଜି ୬୦ରୁ ଅଧିକ ଗୁଳି ଚଳାଇଛି। ଉତ୍ତର କୋରିଆ ଦ୍ୱାରା ଏହି ଗୁଳି ବିନିମୟ ପରେ ଦକ୍ଷିଣ କୋରିଆ କୋରିଆ ଉପଦ୍ୱୀପରେ ଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଛି। ଉତ୍ତର କୋରିଆ ମଧ୍ୟ ଶୁକ୍ରବାର ମଧ୍ୟ ଏହି ଅଞ୍ଚଳରେ ୨୦୦ରୁ ଅଧିକ ଗୁଳିମାଡ଼ କରିଥିଲା। ଦକ୍ଷିଣ କୋରିଆର ଯୁଗ୍ମ ମୁଖ୍ୟମାନେ କହିଛନ୍ତି, ସ୍ଥାନୀୟ ସମୟ ପ୍ରାୟ ୪ରୁ ୫ଟା ପର୍ଯ୍ୟନ୍ତ ଉତ୍ତର କୋରିଆ ଉତ୍ତର-ପଶ୍ଚିମ ୟୋନ ପ୍ୟୋଙ୍ଗ ଦ୍ୱୀପରେ ଗୁଳି ଚଳାଇଥିଲା। ଏଥି ସହିତ ଉତ୍ତର କୋରିଆର ଏହି ଗୁଳି ବିନିମୟ ପରେ ଦକ୍ଷିଣ କୋରିଆ କୋରିଆ ଉପଦ୍ୱୀପରେ ଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଛି।



# ତଲାକ ପରେ ପୁଣି ବିବାହ କରିଥିବା ମହିଳାଙ୍କୁ ଭରଣପୋଷଣ ଦେବେ ପ୍ରଥମ ସ୍ୱାମୀ

**ମୁମ୍ବାଇ :** ବମ୍ବେ ହାଇକୋର୍ଟ କହିଛନ୍ତି ତଲାକ ହୋଇଥିବା ମୁସଲିମ ମହିଳା ପୁଣି ବିବାହ କରିବା କଲେ ମଧ୍ୟ ପ୍ରୋଟେକଶନ ଅଫ ରାଇଟ୍ସ ଅନ ଡାଇଭର୍ସ ଅଧିନିୟମ, ୧୯୮୬ ଅନୁଯାୟୀ ତାଙ୍କ ପ୍ରଥମ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବେ। ଜଷ୍ଟିସ ରାଜେଶ ପାଟିଲ କହିଛନ୍ତି ଏହୀ ଆଇନର ଧାରା ର ଧାରା ୩(୧) (କ) ଅନୁଯାୟୀ କୌଣସି ସର୍ତ୍ତ ନାହିଁ ଯାହା ଜଣେ ମୁସଲମାନ ମହିଳାଙ୍କୁ ପୁଣି ବିବାହ ପରେ ଭରଣପୋଷଣରୁ ବଞ୍ଚିତ କରିବ। କୋର୍ଟ କହିଛନ୍ତି, ଏହି ଧାରାରେ ଉଲ୍ଲେଖ କରାଯାଇଥିବା ସୁରକ୍ଷା ସର୍ତ୍ତମୂଳକ ଅଟେ। ପୁନର୍ବାର ବିବାହ ଆଧାରରେ ପୂର୍ବତନ ସ୍ତ୍ରୀଙ୍କୁ ଉପଲବ୍ଧ ସୁରକ୍ଷାକୁ ସୀମିତ ରଖିବା ପାଇଁ ଉକ୍ତ ଆଇନରେ କୌଣସି ଉଦ୍ଦେଶ୍ୟ ନାହିଁ। ଏହି ଆଇନର ମୂଳ ବିଷୟ ହେଉଛି ଯେ ଜଣେ ଛାଡପତ୍ର ପାଇଥିବା ମହିଳା ପୁନର୍ବାର ବିବାହ ନିର୍ବିଶେଷରେ ନିରପେକ୍ଷ ତଥା ନିରପେକ୍ଷ ବ୍ୟବସ୍ଥା ତଥା ରକ୍ଷଣାବେକ୍ଷଣର ଅଧିକାର ପାଇଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡପତ୍ରର ସତ୍ୟତା ଧାରା ୩ (୧) (କ) ଅନୁଯାୟୀ ରକ୍ଷଣାବେକ୍ଷଣ ଦାବି କରିବା ପାଇଁ ଯଥେଷ୍ଟ ଅଟେ। ଜେଏମଏଫସି, ଚିପଲୁନ ଏବଂ



ସେସନ୍ସ କୋର୍ଟ, ଖେଡ, ରତ୍ନାଗିରିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ପୁନର୍ବିଚାର ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଯେଉଁଥିରେ ତାଙ୍କୁ ତାଙ୍କ ସ୍ତ୍ରୀଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଦମ୍ପତି ୯ ଫେବୃଆରୀ ୨୦୦୫୬ ରେ ବିବାହ କରିଥିଲେ ଏବଂ ସେମାନଙ୍କର ଝିଅ ୧ ଡିସେମ୍ବର ୨୦୦୫ ରେ ଜନ୍ମ ହୋଇଥିଲେ।ଆବେଦନରେ ଉଲ୍ଲେଖ କରାଯାଇଥିଲା ସ୍ୱାମୀ ଚାକିରି ପାଇଁ ସାଉଦି ଆରବ ଯାଇଥିବାବେଳେ ସ୍ତ୍ରୀ ଏବଂ ଝିଅ ତାଙ୍କ ପିତାମାତାଙ୍କ ସହ ରତ୍ନାଗିରିର ଚିପଲୁନରେ ରହିଥିଲେ। ଜୁନ ୨୦୦୭ ରେ,ସ୍ତ୍ରୀ ଝିଅ ସହିତ ସ୍ୱାମୀଙ୍କ ଘର ଛାଡି ନିଜ ମାତାପିତାଙ୍କ ଘରକୁ ଚାଲି ଯାଇଥିଲେ। ଏହା ପରେ ସେ ସିଆରପିସିର ଧାରା ୧୨୫ ଅନୁଯାୟୀ ଭରଣପୋଷଣ ଆବେଦନ କରିଥିଲେ ଏବଂ ଏପ୍ରିଲ ୨୦୦୮ ରେ ସ୍ୱାମୀ ତାଙ୍କୁ ଛାଡପତ୍ର ଦେଇଥିଲେ। ତାଙ୍କୁ ଏକଲକ୍ଷ ଟଙ୍କା ଦେବାକୁ ସ୍ୱାମୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ୱାମୀ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲେ ଏବଂ ସ୍ତ୍ରୀ ମଧ୍ୟ ବର୍ଦ୍ଧିତ ରାଶି ପାଇଁ ଏକ ଆବେଦନ କରିଥିଲେ। ସ୍ତ୍ରୀଙ୍କ ଆବେଦନକୁ ଆଂଶିକ ଗ୍ରହଣ କରୁଥିବାବେଳେ ସେସନ୍ସ କୋର୍ଟ ଏକଲକ୍ଷ ଟଙ୍କା ଭରଣପୋଷଣ ପରିମାଣକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ, ଫଳସ୍ୱରୂପ ସ୍ୱାମୀ ପୁନର୍ବିଚାର ଆବେଦନ କରିଥିଲେ। ପ୍ରକ୍ରିୟା ସମୟରେ, ଦେଖାଯାଇଥିଲା ସ୍ତ୍ରୀ ଏପ୍ରିଲ ୨୦୧୮ ରେ ପୁଣି ବିବାହ କରିଥିଲେ କିନ୍ତୁ ଅକ୍ଟୋବର, ୨୦୧୮ରେ ପୁନର୍ବାର ତାଙ୍କର ଛାଡପତ୍ର ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଆଡଭୋକେଟ ଶାହିନ କାପାଡିଆ ଯୁକ୍ତି ବାଢ଼ିଥିଲେ ଯେ ଦ୍ୱିତୀୟ ଥର ବିବାହ କରିବା ପରେ ସ୍ତ୍ରୀ ପ୍ରଥମ ସ୍ୱାମୀଙ୍କ ଠାରୁ ଭରଣପୋଷଣ ଅଧିକାର ପାଇବେ ନାହିଁ। ସେ କହଥିଲେସ୍ତ୍ରୀ କେବଳ ଦ୍ୱିତୀୟ ସ୍ୱାମୀଙ୍କଠାରୁ ଭରଣପୋଷଣ ମାଗି ପାରିବେ। ମାତ୍ର କୋର୍ଟ କହିଛନ୍ତି ଦାରିଦ୍ର୍ୟକୁ ରୋକିବା ଏବଂ ଛାଡପତ୍ର ପାଇଥିବା ମୁସଲମାନ ମହିଳାମାନଙ୍କର ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ଆଇନର ଲକ୍ଷ୍ୟ। ଯଦିଓ ସେ ପୁନର୍ବାର ବିବାହ କରିଛନ୍ତି। ତେବେ ଭରଣପୋଷଣ ଯୋଗାଇବା ସ୍ୱାମୀଙ୍କ କର୍ତ୍ତବ୍ୟ ବୋଲି କୋର୍ଟ ଏହି ଯୁକ୍ତିକୁ ଖାରଜ କରିଛନ୍ତି।

# ନିଜ ପୁଅକୁ ଜେଲ ପଠାଇଲେ ଭାଜପା ବିଧାୟକ

**ଭୋପାଳ :** ମଧ୍ୟପ୍ରଦେଶର ଗ୍ୱାଲିଅର ଜିଲାର ପିଛୋର ବିଧାନସଭା ଆସନରୁ ଭାରତୀୟ ଜନତା ପାର୍ଟି(ଭାଜପା) ବିଧାୟକ ପ୍ରୀତମ ଲୋଧି ସାଧାରଣ ଜନତା ତଥା ଜନ ପ୍ରତିନିଧୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ନିଜର ଲୁଣ୍ଠିତ ପୁଅର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ବିଧାୟକ ତାଙ୍କୁ ଜେଲ ପଠାଇଛନ୍ତି। ବିଧାୟକ ନିଜେ ତାଙ୍କ ପୁଅଙ୍କ ସହ ପୋଲିସ ଷ୍ଟେଶନରେ ପହଞ୍ଚିଥିଲେ। ବର୍ତ୍ତମାନ ବିଧାୟକଙ୍କ ଏହି କାର୍ଯ୍ୟ ସମଗ୍ର ଅଞ୍ଚଳରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ପିଛୋର ବିଧାୟକ ପ୍ରୀତମ ଲୋଧିଙ୍କ ପୁତ୍ର ଦୀନେଶ ଲୋଧି ପ୍ରତିଦିନ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରନ୍ତି। କେବଳ ଏତିକି ନୁହେଁ, ଦୀନେଶ ମଧ୍ୟ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ନିଜ ପୁଅର ଏହି କାର୍ଯ୍ୟରେ ବିଧାୟକ ବିରକ୍ତ ହୋଇଥିଲେ। ଏହା ପରେ ବିଧାୟକ ନିଜ ପୁଅଙ୍କ ସହ ପୋଲିସ ଷ୍ଟେଶନରେ ପହଞ୍ଚିଥିଲେ। ଏଠାରେ ସେ ପୋଲିସ ଷ୍ଟେଶନର ଟିଆଇ ଏବଂ ଏସପି ନିଜେ ମଧ୍ୟ ତାଙ୍କ ପୁଅ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ସୂଚନାନୁସାରେ, ପୁରୁଣା କ୍ୟାଣ୍ଟନମେଣ୍ଟ ପୋଲିସ ଷ୍ଟେଶନ ସମେତ ଅନ୍ୟ ଅନେକ ପୋଲିସ ଷ୍ଟେଶନରେ ଦୀନେଶଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ଦୀନେଶଙ୍କୁ ପୁରୁଣା କ୍ୟାଣ୍ଟନମେଣ୍ଟ ପୋଲିସ ଷ୍ଟେଶନ ଗିରଫ କରିଛି। ପୁଅକୁ ଜେଲକୁ ପଠାଇବା ପରେ ଭାଜପା ବିଧାୟକ ଗଣମାଧ୍ୟମକୁ କହିଛନ୍ତି ଯେ ଜଣେ ଅପରାଧୀଙ୍କ ଜାତି ନାହିଁ, ଅପରାଧୀଙ୍କ ସମ୍ପର୍କ ନାହିଁ, ଅପରାଧୀ ଜଣେ ଅପରାଧୀ। ସେ କହିଛନ୍ତି ଯେ ମୋ ପୁଅ ଏକ ଅପରାଧ କରିଛି, ତେଣୁ ମୁଁ ନିଜେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରିଛି।

# ନେପାଳୀମାନେ କାମ ପାଇଁ ରୁଷ-ୟୁକ୍ରେନ ଯାଇପାରିବେ ନାହିଁ : ନେପାଳ ସରକାରଙ୍କ ନୂଆ ନିୟମ

**ନେପାଳ :** ନେପାଳ ନିଜ ଲୋକଙ୍କୁ କାମ ପାଇଁ ରୁଷ ଏବଂ ୟୁକ୍ରେନ ନ ଯିବାକୁ କହିଛି । ଏହା ପଛରେ ସେଠାରେ ଚାଲିଥିବା ଯୁଦ୍ଧ ଏକମାତ୍ର କାରଣ ନୁହେଁ ବୋଲି ସରକାର କହିଛନ୍ତି ବରଂ ଏହାର ଅନ୍ୟାନ୍ୟ କାରଣ ଅଛି । ରୁଷ ଏବଂ ୟୁକ୍ରେନ ପକ୍ଷରୁ ନେପାଳର ଲୋକମାନେ ଯୁଦ୍ଧ କରୁଥିବା ଖବର ରହିଛି ଏବଂ ନେପାଳ ସରକାର ଏହାକୁ ନେଇ ପୂର୍ବରୁ ଚିନ୍ତିତ ଅଛନ୍ତି । ନେପାଳ ସରକାର ନିଜ ଲୋକଙ୍କୁ କାମ ପାଇଁ ୟୁକ୍ରେନ ଏବଂ ରୁଷିଆ ଯିବାକୁ ବାରଣ କରିଛନ୍ତି । ଏହାର କାରଣ ନେପାଳ ସରକାର ଦର୍ଶାଇଛନ୍ତି ଯେ କାମ କରିବାକୁ ଯାଉଥିବା ଅନେକ ଲୋକଙ୍କୁ ଅଧିକ ଅର୍ଥ ଲୋଭ ଦେଖାଇ ରୁଷ ସରକାର ସେନାରେ ନିଯୁକ୍ତ କରି ଦେଉଛନ୍ତି । ତା'ପରେ ସେମାନଙ୍କୁ ସମ୍ମୁଖ ଯୁଦ୍ଧ କ୍ଷେତ୍ରକୁ ପଠାଇ ଦେଉଛନ୍ତି । ନେପାଳୀ ସରକାରଙ୍କର ଏପରି ସୂଚନା ଅଛି ଯେଉଁଠାରେ ନେପାଳୀ ମୂଳର ଅନେକ ଲୋକ ରୁଷ ସେନା ପକ୍ଷରୁ ଯୁଦ୍ଧ ଲଢିଲା ବେଳେ ମୃତ୍ୟୁ ବରଣ କରିଛନ୍ତି । ଏହା ଉପରେ ଅଧିକ ସଠିକ ତଥ୍ୟ ସଂଗ୍ରହ କରିବା ଲକ୍ଷ୍ୟରେ ନେପାଳ ସରକାର ଏକ ଅନୁସନ୍ଧାନ କରୁଛନ୍ତି । ସୂତ୍ରରୁ ପ୍ରକାଶ ଯେ ପ୍ରାୟ ଚାରି ଜଣ ନେପାଳୀ ଲୋକ ୟୁକ୍ରେନ ସୈନ୍ୟବାହିନୀ ଦ୍ୱାରା ଧରାପଡିଛନ୍ତି । ଯୁଦ୍ଧରେ ଅତି କମରେ ୧୦ ଜଣ ନେପାଳୀ ଲୋକଙ୍କର ମୃତ୍ୟୁ ହୋଇଥିବା ଖବର ରହିଛି । ପ୍ରତିବର୍ଷ ହଜାର ହଜାର ଲୋକ ନେପାଳରୁ କାମ ପାଇଁ ବାହାରକୁ ଯାଇଥାନ୍ତି । ଏଣିକି ଏହି ସମସ୍ତ ଲୋକଙ୍କୁ ଏଥିପାଇଁ ନେପାଳ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ । ନୂତନ ଆଦେଶ ପରେ ନେପାଳୀ ଲୋକମାନେ ରୁଷ ଏବଂ ୟୁକ୍ରେନକୁ କାମ ପାଇଁ ଯାଇପାରିବେ ନାହିଁ । ଏଥିପାଇଁ ସରକାର ସେମାନଙ୍କୁ ଆବଶ୍ୟକ ଅନୁମତି ଦେବେ ନାହିଁ ।

# ଜାପାନ ଶକ୍ତିଶାଳୀ ଭୂମିକମ୍ପରେ ବଢୁଛି ମୃତ୍ୟୁସଂଖ୍ୟା
## ପ୍ରାଣ ହରାଇଲେଣି ଶହେରୁ ଅଧିକ, ନିଖୋଜ ଅନେକ



**ନୂଆଦିଲ୍ଲୀ:** ଜାପାନ ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ଶହେରୁ ଅଧିକ ଲୋକ ଏହି ପ୍ରାକୃତିକ ବିପର୍ଯ୍ୟୟ ପ୍ରାଣ ହରାଇଛନ୍ତି । ସେହିପରି ୪୫୦ରୁ ଅଧିକ ଆହତ ହୋଇଥିବା ବେଳେ ପ୍ରାୟ ୨୧୧ଜଣ ଏବେବି ନିଖୋଜ ରହିଛନ୍ତି । ୫ ଦିନ ହେଲାଣି ଉଦ୍ଧାରକାରୀ ଦଳ ନିଖୋଜ ଲୋକଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି । ଭାରତୀୟ ସମୟ ୧୨ଟା ୪୦ ମିନିଟ୍ ସାରା ବିଶ୍ୱ ଯେତେବେଳେ ନୂଆବର୍ଷ ସେଲିବ୍ରିସନ କରୁଥିଲା ଠିକ୍ ଏହି ସମୟରେ ପ୍ରକୃତିର କୋପରେ ଥରିଉଠିଥିଲା ଜାପାନ । ଉତ୍ତର-ପଶ୍ଚିମ ଜାପାନର ଇଶିକିଓ୍ୱା ଅଞ୍ଚଳ ଶକ୍ତିଶାଳୀ ଭୂମିକମ୍ପରେ ଦୋହଲିଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୪ ରେକର୍ଡ କରାଯାଇଥିଲା । ପ୍ରାୟ ୯୦ ମିନିଟ୍ ମଧ୍ୟରେ ୪ରୁ ଅଧିକ ତୀବ୍ରତାରେ କେନ୍ଦ୍ରୀୟ ଜାପାନରେ ୨୧ଥର ଭୂମିକମ୍ପ ଝଟକା ଲାଗିଛି । ଏହା ପରେ ସରକାରଙ୍କ ପକ୍ଷରୁ ସୁନାମୀ ସତର୍କତା ଜାରି କରାଯାଇଥିଲା । ଇଶିକିଓ୍ୱର ବାଜଓ୍ୱା ଉପକୂଳରେ ୪ଫୁଟର ଜୁଆର ଆସିଥିଲା । ଏହି ସୁନାମୀ ମାଡ଼ରେ ଅଧିକାଂଶ କୋଠା ଘର ଭୁଶୁଡ଼ି ପଡ଼ିଛି । ଫଳରେ କିଛି ଲୋକ ଏଥିରେ ଫସିଯାଇଥିଲେ । ଭୂମିକମ୍ପ ଏତେ ଭୟଙ୍କର ଥିଲା ଯେ ଏହାର ପ୍ରଭାବ ପରମାଣୁ ଉର୍ଜା ସେଣ୍ଟର ଉପରେ ପଡିଥିବା ଆଶଂକା କରାଯାଉଛି । ତେଣୁ ପରମାଣୁ କେନ୍ଦ୍ରକୁ ବନ୍ଦ କରି ଦିଯାଇଛି । ଫଳରେ ଇଶିକିଓ୍ୱା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ଘଟିଛି । ପ୍ରାୟ ୩୬ହଜାର ଘରେ ଲୋକେ ଅନ୍ଧାରରେ ରହିଛନ୍ତି । ସେହିପରି ୬୬ହଜାର ଲୋକଙ୍କ ଘରେ ପିଇବା ପାଣି ବନ୍ଦ ହୋଇଛି । ଭୂମିକମ୍ପ ପରେ ସହରର କେତେକ ଘରେ ନିଆଁ ଲାଗିଯାଇବା ଦେଖିବାକୁ ମିଳିଛି । ବିଶେଷ କରି ଉତ୍ତର ଜାପାନର ସହର ଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଛି । କେବଳ ଜାପାନ ନୁହେଁ ଉତ୍ତର କୋରିଆ ଏବଂ ଋଷିଆରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଉଛି । ଏହ ଭୂମିକମ୍ପରେ ଶହେରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫୦ଜଣ ଆହତ ହୋଇଛନ୍ତି । ସେହିପରି ୨୧୧ଜଣ ଏବେ ନିଖୋଜ ଥିବା ଜାପାନ ସରକାରୀ ରିପୋର୍ଟକୁ ପ୍ରକାଶ ପାଇଛି ।

# ହମାସ ପାଖରେ ଚାଇନା ନିର୍ମିତ ରାଇଫଲ-ଗ୍ରେନେଡ

**ଗାଜା :** ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାର ପ୍ରାୟ ୩ ମାସ ବିତିଗଲାଣି। ବର୍ତ୍ତମାନ ପର୍ଯ୍ୟନ୍ତ ଇସ୍ରାଏଲ ପ୍ରଧାମନ୍ତ୍ରୀବେଞ୍ଜାମିନ ନେତାନ୍ୟାହୁଙ୍କ ସୈନ୍ୟବାହିନୀ ଗାଜା ଷ୍ଟ୍ରିପକୁ କାବୁ କରିବାରେ ସକ୍ଷମ ହୋଇ ନାହାନ୍ତି। ଏହି ସମୟରେ, ହମାସ ପାଖରେ ଥିବା ଅସ୍ତ୍ରଶସ୍ତ୍ର ସମ୍ବନ୍ଧରେ ଇସ୍ରାଏଲ ସେନା ଏକ ବଡ଼ ପର୍ଦ୍ଦାଫାଶ କରିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ କହିଛି ସେମାନେ ଗାଜାର ହମାସ ଘାଟିରୁ ବିପୁଳ ମରିମାଣର ଚାଇନାର ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏଥିରେ କ୍ୟୁବିଜେଡ ଆଟାକ ରାଇଫଲ , ଗ୍ରେନେଡ ଏବଂ କ୍ୟୁଏଲଜେଡ ୮୭ ସ୍ୱୟଂଚାଳିତ ଗ୍ରେନେଡ ଅନ୍ତର୍ଭୁକ୍ତ। ଏହା ସହିତ ହମାସ ଚାଇନାରୁ ଏମ-୧୬ ରାଇଫଲ ବୁଲେଟ ମଧ୍ୟ ପାଇଛି। ହମାସ ଚାଇନାରୁ ଅନେକ ଉଚ୍ଚ-ବୈଷୟିକ ଗୁପ୍ତଚର ଉପକରଣ ମଧ୍ୟ ପାଇଛି। ଇସ୍ରାଏଲର ଅନୁସନ୍ଧାନକାରୀମାନେ ବର୍ତ୍ତମାନ ଜାଣିବାକୁ ଚେଷ୍ଟା କରୁଛନ୍ତି ଏହି ଉପକରଣଗୁଡ଼ିକ କିପରି ହମାସ ପାଖରେ ପହଞ୍ଚିଛି। ଚାଇନା ସିଧାସଳଖ ହମାସକୁ ଅସ୍ତ୍ର ଯୋଗାଉଛି କି ନାହିଁ ତାହା ଚିନ୍ତା କରାଯାଉଛି। ଇସ୍ରାଏଲର ଗୁପ୍ତଚର ଅଧିକାରୀ କହିଛନ୍ତି ଏହା ଆମ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ କାରଣ ଗାଜା ଯୁଦ୍ଧ ପୂର୍ବରୁ ଚାଇନା ସହ ଆମର ସମ୍ପର୍କ ବହୁତ ଭଲ ଥିଲା। କିନ୍ତୁ ବର୍ତ୍ତମାନ ଆମକୁ ହମାସ ପାଖରୁ ଚାଇନାର ଅସ୍ତ୍ରଶସ୍ତ୍ର ମିଳିଛି। ଏବେ ପ୍ରଶ୍ନ ହେଉଛି ହମାସ ଏହି ଅସ୍ତ୍ରଗୁଡ଼ିକୁ ସିଧାସଳଖ ଚାଇନାରୁ ଗ୍ରହଣ କରିଛି କି ନାହିଁ। ଇସ୍ରାଏଲ ଅଧିକାରୀ କହିଛନ୍ତି, ହମାସ ପାଖରୋ ପୂର୍ବରୁ ଏହି ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଯୋଗାଯୋଗ ଉପକରଣ ନ ଥିଲା।

# ବେଆଇନ ଭାବେ ଚାଲୁଥିବା ମଧ୍ୟପ୍ରଦେଶର ଆଶ୍ରୟ ଗୃହରୁ ୨୬ଝିଅ ନିଖୋଜ୍



**ଭୋପାଳ:** ବେଆଇନ ଭାବେ ଚାଲୁଥିବା ମଧ୍ୟପ୍ରଦେଶର ଆଶ୍ରୟ ଗୃହରୁ ୨୬ଝିଅ ନିଖୋଜ। କୁହାଯାଉଛି ଯେ, ନିଖୋଜ ହୋଇଥିବା ୨୬ଜଣ ଭିନ୍ନ ଭିନ୍ନ ରାଜ୍ୟର ଥିଲେ। ଗୁଜରାଟ, ଝାଡ଼ଖଣ୍ଡ, ରାଜସ୍ଥାନ ଓ ମଧ୍ୟପ୍ରଦେଶର ମଧ୍ୟ କିଛି ଝିଅ ୨୬ଜଣକ ମଧ୍ୟରେ ଥିବା ଜଣାପଡ଼ିଛି। ତେବେ ଏନେଇ ଏତଲା ଦାଖଲ ହେବା ପରେ ୨୬ଜଣକ ସହିତ କ'ଣ ହୋଇଛି ଓ ସେମାନେ କୁଆଡେ ଗଲେ, ତା'ର ତଦନ୍ତ କରୁଛି ପୁଲିସ। ନ୍ୟାସନାଲ କମିଶନ ଫର ପ୍ରୋଟେକସନ ଅଫ୍ ଚାଇଲ୍ଡ ରାଇଟ୍ସ (ଏନସିପିସିଆର) ଅଧକ୍ଷ ପ୍ରିୟାଙ୍କ କାନୁନଗୋ ଭୋପାଳ ଉପକଣ୍ଠରେ ଥିବା ପରଓ୍ୱାଲିଆ ଅଞ୍ଚଳରେ ଥିବା ଆଞ୍ଚଲ ବାଳିକା ହଷ୍ଟେଲରେ ହଠାତ୍ ଯାଇ ପହଞ୍ଚିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଯେତେବେଳେ ସେ ରେଜିଷ୍ଟର ଯାଞ୍ଚ କରିଥିଲେ, ସେତେବେଳେ ଜଣାପଡ଼ିଥିଲା ଯେ, ରେଜିଷ୍ଟରରେ ୬୮ଜଣକ ନାମ ଥିବା ବେଳେ ସେମଧ୍ୟରୁ ୨୬ଜଣ ନିଖୋଜ ଅଛନ୍ତି। ଯେତେବେଳେ ନିଖୋଜ ଝିଅମାନଙ୍କ ବିଷୟରେ ଆଶ୍ରୟ ଗୃହର ନିର୍ଦ୍ଦେଶକ ଅନିଲ ମାଥ୍ୟୁଙ୍କୁ ପଚରାଗଲା, ସେ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଏହା ପରେ ଏହି ଘଟଣାକୁ ନେଇ ଏତଲା ଦାଖଲ କରିଥିଲେ ପ୍ରିୟାଙ୍କ କାନୁନଗୋ। ଏତଲା ସହ ସେ ଏକ ଭିଡିଓ ଏକ୍ସରେ ପୋଷ୍ଟ କରିଛନ୍ତି, ଯାହା ଏବେ ଭାଇରାଲ ହୋଇଛି।

# 'ଭାରତ ଯୋଡୋ ନ୍ୟାୟ ଯାତ୍ରା'ର ଲୋଗୋ ପ୍ରକାଶ କଲା କଂଗ୍ରେସ




**ନୂଆଦିଲ୍ଲୀ :** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ହେବାକୁ ଯାଉଥିବା 'ଭାରତ ଯୋଡୋ ନ୍ୟାୟ ଯାତ୍ରା'ର ଲୋଗୋ କଂଗ୍ରେସ ଶନିବାର ପ୍ରକାଶ କରିଛି। ଏହି ଲୋଗୋର ଦୁଇଟି ଅଂଶ ଅଛି ଯେଉଁଥିରେ ଲେଖା ଅଛି 'ଭାରତ ଯୋଡୋ ନ୍ୟାୟ ଯାତ୍ରା', ନ୍ୟାୟର ହକ୍ ମିଳିବା ପର୍ଯ୍ୟନ୍ତ। ଲୋଗୋ ଉନ୍ମୋଚନ ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଗେର୍ଗ୍ କହିଛନ୍ତି, ଏହି ଯାତ୍ରା ଜାନୁଆରୀ ୧୪ ରୁ ଆରମ୍ଭ ହେବ। ଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ମୌଳିକ ପ୍ରସଙ୍ଗରେ 'ଭାରତ ଯୋଡୋ ନ୍ୟାୟ ଯାତ୍ରା' ବାହାରିବ। କଂଗ୍ରେସ ଏହାର ଅଫିସିଆଲ ଏକ୍ସ (ପୂର୍ବରୁ ଟୁଇଟର) ଆକାଉଣ୍ଟରେ ଟୁଇଟ୍ କରି ଏହାର ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇଛି। ଦଳ ଲେଖିଛି, ଆଜି କଂଗ୍ରେସ ଅଧ୍ୟକ୍ଷ ଦିଲ୍ଲୀର ଏଆଇସିସି ମୁଖ୍ୟାଳୟରେ 'ଭାରତ ଯୋଡୋ ନ୍ୟାୟ ଯାତ୍ରା'ର ଲୋଗୋ ଉନ୍ମୋଚନ କରିଛନ୍ତି।

# ଅଯୋଧ୍ୟା ରାମ ମନ୍ଦିରରେ ବ୍ୟବହାର ହୋଇନି ୧ ଗ୍ରାମର ଲୁହା କି ସିମେଣ୍ଟ

**ନୂଆଦିଲ୍ଲୀ:** ଶ୍ରୀରାମ ଭକ୍ତଙ୍କ ଅନେକ ବର୍ଷର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । କାରଣ ଆଉ ମାତ୍ର କିଛି ଦିନ ପରେ ପ୍ରତିଷ୍ଠା ହେବ ପୁରୁଷୋତ୍ତମ ଶ୍ରୀରାମଙ୍କ ଭବ୍ୟ ମନ୍ଦିର । ଜାନୁଆରୀ ୨୨ରେ ଏହାର ପ୍ରାଣ ପ୍ରତିଷ୍ଠା ହେବ । ଏହା ପରେ ବି ମନ୍ଦିର କାର୍ଯ୍ୟ ଜାରି ରହିବ । କାରଣ, ଏହି ମନ୍ଦିର ୩ ମହଲା ବିଶିଷ୍ଟ ହେବ ଏବଂ ଏହାର ପ୍ରଥମ ମହଲା ନିର୍ମାଣ ଶେଷ ହୋଇଛି । ଏବେ ଏହାକୁ ସଜ୍ଜିତ କରାଯାଉଛି । ଏହି ଭବ୍ୟ ମନ୍ଦିରର ତ ଅନେକ ବୈଶିଷ୍ଟ୍ୟ ରହିଛି । କିନ୍ତୁ ଏଭଳି ଏକ ବୈଶିଷ୍ଟ୍ୟ ରହିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବ ନିଶ୍ଚୟ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ବିଶାଳ ମନ୍ଦିର ନିର୍ମାଣରେ ୧ ଗ୍ରାମର ଲୁହା ମଧ୍ୟ ବ୍ୟବହାର କରାଯାଇ ନାହିଁ । ସିମେଣ୍ଟର ମଧ୍ୟ ବ୍ୟବହାର ହୋଇନାହିଁ । ଅଯୋଧ୍ୟା ରାମ ମନ୍ଦିରର ଉଚ୍ଚତା ୩୮୦ ଫୁଟ , ପ୍ରସ୍ଥ



୨୫୦ ଫୁଟ ଏବଂ ଉଚ୍ଚତା ୧୬୧ ଫୁଟ ରହିଛି । ଏତେ ବଡ ମନ୍ଦିରରେ କିନ୍ତୁ ୧ ଗ୍ରାମର ବି ଲୁହା ବ୍ୟବହାର ହୋଇନାହିଁ । ଏହାକୁ ପାରମ୍ପରିକ ନାଗରଶୈଳୀରେ ନିର୍ମାଣ କରାଯାଇଛି । ନିଜେ ଶ୍ରୀରାମ ଜନ୍ମଭୂମି କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏହା ସ୍ପଷ୍ଟ କରିଛନ୍ତି । ଏଥିରେ ଲୁହା ବ୍ୟବହାର ନକରିବାର କାରଣ ହେଉଛି ମନ୍ଦିରର ଦୀର୍ଘ ଅସ୍ତିତ୍ୱ । ଏହି ମନ୍ଦିର ହଜାରେ ବର୍ଷରୁ ଅଧିକ ସମୟ ଅକ୍ଷୁର୍ଣ୍ଣ ରହିବ । ଏହାକୁ ରିପେୟାରିଙ୍ଗର ମଧ୍ୟ କୌଣସି ଆବଶ୍ୟକ ପଡିବ ନାହିଁ ବୋଲି ଚମ୍ପତ ରାୟ କହିଛନ୍ତି । ନାଗର ଶୈଳୀ ହେଉଛି ଉତ୍ତର ଭାରତୀୟ ହିନ୍ଦୁ ସ୍ଥାପତ୍ୟର ୩ଟି କଳା ମଧ୍ୟରୁ ଅନ୍ୟତମ । ଏହି ଶବ୍ଦର ଅର୍ଥ ହେଉଛି ନଗର । ନାଗର ଶୈଳୀରେ ନିର୍ମିତ ମନ୍ଦିରରେ ସାଧାରଣତଃ ୪ଟି କକ୍ଷ ଥାଏ: ଗର୍ଭଗୃହ, ଜଗମୋହନ, ନାଟ୍ୟ ମନ୍ଦିର ଏବଂ ଭୋଗ ମନ୍ଦିର । ଏହି ନାଗର ଶୈଳୀର ସମ୍ପର୍କ ହିମାଳୟ ଓ ବିନ୍ଧ୍ୟ ଭୂମି ସହିତ ରହିଛି । ଭାରତର ଖଜୁରାହୋ ମନ୍ଦିର , ସୋମନାଥ ମନ୍ଦିର, ଏବଂ କୋଣାର୍କ ମନ୍ଦିର ସବୁ ଏହି ଶୈଳୀରେ ନିର୍ମାଣ କରାଯାଇଛି । ଏହା ଉତ୍ତର ଭାରତର ସ୍ୱତନ୍ତ୍ର ଶୈଳୀ । ଆଉ ଏକ ରୋଚକ କଥା ହେଉଛି ମନ୍ଦିରର ନିର୍ମାଣରେ ସିମେଣ୍ଟ କି କଂକ୍ରିଟର ମଧ୍ୟ ବ୍ୟବହାର ହୋଇନାହିଁ । ଏଥିରେ ପାଇଲ ଫାଉଣ୍ଡେସନ୍ ମଧ୍ୟ ପଡିନାହିଁ । ବରଂ ଏହାର ଫାଉଣ୍ଡେସନରେ ଏଭଳି ଆର୍ଟିଫିସିଆଲ ପାର୍ବତୀୟ ପଥରର ବ୍ୟବହାର କରାଯାଇଛି ଯାହା ସମୟ କ୍ରମେ ଶକ୍ତ ଚଟ୍ଟାଣରେ ପରିବର୍ତ୍ତିତ ହୋଇଯିବ ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ମାହାଙ୍ଗା( ଅମୃତ ମିଡ଼ିଆ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର୍ ପଞ୍ଚାୟତରେ ମାନ୍ୟବର ବିଧାୟକ ମାହାଙ୍ଗା ର କର୍ଣ୍ଣଧାର ବିକାଶ ପୁରୁଷ ପ୍ରତାପ ଜେନା ଙ୍କ କରକମଳରେ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି ।ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଖନ୍ଦୋଳ ଠାରୁ ଝାଡେଶ୍ୱର୍ ପୁର ଭାୟା ଉମ୍ର ରାସ୍ତାର ଚିଙ୍ଗୁଡ଼ିଆ ମୁହଁ ନାଳ ଉପରେ ୨ କୋଟି ୬୦ ଲକ୍ଷ ବ୍ୟୟ ଅଟକଳରେ ନୂତନ ସେତୁ ଓ ଗୋବିନ୍ଦ ପୁର ଠାରୁ ସାହାନିଆଯ ପୁର ପର୍ଯ୍ୟନ୍ତ ରାସ୍ତାର ବ୍ୟୟ ଅଟକଳ ମୂଲ୍ୟ ୪ କୋଟିରୁ ଉର୍ଦ୍ଧ୍ୱ ୫ କିଲୋମିଟର ରାସ୍ତା ର ପ୍ରଶସ୍ତିକରଣ ଓ ଉନ୍ନତି କରଣ ର ଶୁଭ ଶିଳାନ୍ୟାସ କରାଯାଇଛି ।ଏହି ଅବସରରେ ଭଦ୍ରେଶ୍ୱର୍ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ର ମରାମତି ପାଇଁ ୧କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ମାନ୍ୟବର ବିଧାୟକ ସୂଚନା ଦେଇ ଅଞ୍ଚଳର ଦୀର୍ଘ ଦିନରୁ ଯାତାୟାତ ସମସ୍ୟା ,କେନାଲ ର ତତ୍ପରତା ପାଇଁ ଉପୁଜୁଥିବା ଅସୁବିଧା ଓ ଚାଷୀଙ୍କ ସମସ୍ୟାର ସମାଧାନ କରିଛନ୍ତି ।ଆଗାମୀ ଦିନରେ ଭଦ୍ରେଶ୍ୱର ପଞ୍ଚାୟତକୁ ଏକ ବିକଶିତ ପଞ୍ଚାୟତ ଓ ମାହାଙ୍ଗା ବ୍ଲକ ରେ ୧ ନମ୍ବର ପଞ୍ଚାୟତରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ମାନ୍ୟବର ବିଧାୟକ କହିଥିଲେ ।ସରପଂଚ କମଳାକାନ୍ତ ରାଉତ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟ କ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଦୀପା ମଲିକ,ନିଶ୍ଚନ୍ତ କୋଇଲି ବ୍ଲକ ଅଧକ୍ଷା ରୋଜି ସେଠୀ ,ଉପାଧକ୍ଷ ଅଶୋକ କୁମାର ଓଝା,ବିଧାୟକ ଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି ,ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ସମିତି ସଭ୍ୟ ଲଳିତ କୁମାର ରାଉତ,ପୂର୍ବତନ ସରପଂଚ ରମେଶ ଜେନା,ପଞ୍ଚାୟତ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ,ଦୀପ୍ତି ରଞ୍ଜନ ସୁତାର, ସଂଜିତ୍ ପ୍ରଧାନ,ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତୃ ମଣ୍ଡଳୀ ଓ ମା ମାନେ ଉପସ୍ଥିତ ଥିଲେ ।ମାହାଙ୍ଗା ଜନସାଧାରଣଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉଥିବାରୁ ଅଞ୍ଚଳ ବାସି ମାନ୍ୟବର ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲ୍ଲାପାଳଙ୍କ ଦ୍ୱାରା ସଂଶୋଧିତ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ



**ବାରିପଦା(ଅମୃତ ମିଡିଆ):** ମୟୁରଭଞ୍ଜ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଜିଲ୍ଲପାଳ ବିନୀତ ଭରଦ୍ୱାଜ ନୂତନ ସଂଶୋଧିତ ଚୂଡା଼ ଭୋଟର ତାଲିକା ପ୍ରକାଶ କରିଛନ୍ତି । ସମସ୍ତ ରାଜନୈତିକ ଦଳର ପ୍ରତିନିଧି, ସମସ୍ତ ଉପଜିଲ୍ଲାପାଳ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଏହି ତାଲିକା ପ୍ରକାଶିତ କରିଥିଲେ । ପ୍ରକାଶ ଥାଉକି, ସମଗ୍ର ଜିଲ୍ଲାର ୯ ଟି ନିର୍ବାଚନ ମଣ୍ଡଳୀରୁ ସମୁଦାୟ ୯ଲକ୍ଷ ୪୮ହଜାର ୨୪୪ ଜଣ ପୁରୁଷ, ୯ଲକ୍ଷ ୬୪ହଜାର ୭୦୨ ଜଣ ମହିଳା ଭୋଟରଙ୍କୁ ମିଶାଇ ସମୁଦାୟ ୧୯ଲକ୍ଷ ୧୩ହଜାର ୪୨ ଜଣ ଭୋଟର ନୂତନ ତାଲିକାରେ ଅ଼ର୍ଭୁକ୍ତ ଥିବାର ଜଣାଯାଇଛି ।ପ୍ରକାଶ ଥାଉକି, ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଗତ ନଭେମ୍ବର ମାସ ନଅ ତାରିଖରୁ ଆରମ୍ଭ ହୋଇଥିଲା । ଜନସାଧାରଣଙ୍କ ଠାରୁ ମୋଟ ୮୮,୬୧୨ଟି ସଂଗୃହିତ ହୋଇଥିବା ତଥ୍ୟ ଓ ଆବେଦନ ପତ୍ର ଆଧାରରେ ଏହି ନୂତନ ଭୋଟର ତାଲିକା ପ୍ରକାଶିତ ହୋଇଛି । ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ବ୍ୟତୀତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର଼ର ଚାଲୁରହିବ ମାତ୍ର ଏହି ଚୂଡା଼ ତାଲିକା ପ୍ରକାଶନ ପରେ ସଂଶୋଧନ ପାଇଁ ଆବେଦନ ହୋଇଥିବା ମତଦାତାଙ୍କ ନାମ ଭୋଟର ତାଲିକା ଭୁକ୍ତ ନହୋଇ ଏକ ପରିଶିଷ୍ଟ ଭାବେ ଭୋଟର ତାଲିକାରେ ସ୍ଥାନିତ ହେବ ଏବଂ ପରବର୍ତ୍ତୀ ସମୟରେ ଏହା ଭୋଟର ତାଲିକା ଅ଼ର୍ଭୁକ୍ତ ହେବ ବୋଲି ଜିଲ୍ଲା ପାଳ କହିଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଡେପୁଟି କଲେକଟର ସୁଶ୍ରୀତା ଟୁଡୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ‘ପଦ୍ମପୁର ସ୍ୱତନ୍ତ୍ର ଜିଲ୍ଲା ଗଠନ’ ନିର୍ବାଚନ ପ୍ରତିଶ୍ରୁତି, ମୁଖ୍ୟମନ୍ତ୍ରୀ ପାଳନ କରନ୍ତୁ




**ଭୁବନେଶ୍ୱର(ବ୍ୟୁରୋ):** ନିର୍ବାଚନ ହେଉ ଅବା ଉପନିର୍ବାଚନ ବେଳେ ବିଜୁ ଜନତା ଦଳ ଭୋଟ ହାତେଇବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିବା ସହ ଲୋକଙ୍କୁ ଭୁଆଁ ବୁଲାଇଥାଏ। ବାସ୍ତବ କ୍ଷେତ୍ରରେ ନିର୍ବାଚନ ସରିଲେ ମୁଖ୍ୟମନ୍ତ୍ରୀ ସମସ୍ତ କଥା ଭୁଲିଯାଇଥାଁ଼ି । ମୁଖ୍ୟମନ୍ତ୍ରୀଙ୍କ ଏହା ଚିରାଚରିତ ଅଭ୍ୟାସ। ସେହିପରି ଗତ ଡିସେମ୍ବର ୨୦୨୨ମସିହାରେ ପଦ୍ମପୁର ବିଧାନସଭା ଉପନିର୍ବାଚନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ସ୍ଥାନ ଯଥା -ପଦ୍ମପୁର, ପାଇକମାଳ ଓ ଝାଡବନ୍ଧରେ ଜନସମାବେଶ କରି ବିଜେଡିର ପ୍ରାର୍ଥୀ ବିଜୟୀ ହେଲେ ପଦ୍ମପୁର ସବଡିଭିଜନକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବେ ବୋଲି ଘୋଷଣା କରିଥିଲେ। ଏତଦ୍‌ସହ ୨ଶହ କୋଟି ଟଙ୍କା ଚାଷୀଙ୍କୁ ଇନପୁଟ ସବ୍‌ସିଡି, ପଦ୍ମପୁର ଅଂଚଳରେ ବନ୍ଦ ଥିବା ୬୦ଟି ବିଦ୍ୟାଳୟ ଖୋଲିବା ଭଳି ଅନେକ ପ୍ରତିଶ୍ରୁତି ଦେଇଥିଲେ। ଉପନିର୍ବାଚନରେ ତାଙ୍କ ପ୍ରାର୍ଥୀ ବିଜୟୀ ହେଲା, ପରେ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ପୁଣି ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତ କରିଥିଲେ। ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ସବ୍‌ଡିଭିଜନକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବା ପାଇଁ ତାଙ୍କ ପ୍ରତିଶ୍ରୁତି ଦୋହରାଇ ଥିଲେ। ଡିସେମ୍ବର ୩୦ସୁଦ୍ଧା ପଦ୍ମପୁର ସବ୍‌ଡିଭିଜନ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇବ ବୋଲି ପଦ୍ମପୁରରେ କଥା ଦେଇଥିଲେ ମୁଖ୍ୟମନ୍ତ୍ରୀ। କି଼ୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ଗୋଟିଏ ଏଯାଏଁ ପୂରଣ ନହେବାରୁ ଆଜି ଭାରତୀୟ ଜନତା ପାର୍ଟି ପଦ୍ମପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ସୁରେଶ ମହାପାତ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏତଦ୍‌ସହ ୨୦୧୬ ମସିହାରେ ଚାଷୀ ସମାବେଶରେ ପ୍ରତି କ୍ୱିଂଟାଲରେ ୧୦୦ଟଙ୍କା ବୋନସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଆଜିଯାଏଁ ପାଳନ ହେଲା ନାହିଁ। ଛତିଶଗଡରେ ଚାଷୀ ୩୧ଶହ ଟଙ୍କାରେ ଧାନ ବିକ୍ରି କରୁଥିବାବେଳେ ଓଡ଼ିଶାରେ ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ପାଉନାହାଁ଼ି । ପ୍ରତି ମଣ୍ଡିରେ କଟନୀ ଛଟନୀ ଚାଲିଛି। ତେଣୁ ମୁଖ୍ୟମନ୍ତ୍ରୀ ତୁର଼ ନିଜ କଥାକୁ ରକ୍ଷା କରି ଓଡିଶାର ଚାଷୀଙ୍କୁ ବୋନସ୍ ପ୍ରଦାନ କର଼ୁ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

# ଏମପିସି କଲେଜ ପ୍ଲାଟିନମ ଜୁବୁଲି ମହୋତ୍ସବ




**ବାରିପଦା(ଅମୃତ ମିଡିଆ):** କୀର୍ତି ରାଜି ଭରା ଜିଲ୍ଲାର ସର୍ବପୁରାତନ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ୭୫ ବର୍ଷ ପୂର୍ତି ଅବସରରେ ତିନି ଦିନ ଧରି ହେବାକୁ ଥିବା ପ୍ଲାଟିନମ ଯୁବୁଲି ମହୋତ୍ସବ ତକତପୁର ସ୍ଥିତ ଏମପିସି ସ୍ୱୟଂ ଶାସିତ କଲେଜ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାଷି ମାଧ୍ୟମରେ ଉଦଘାଟନ କରିବା ସହ ମହାବିଦ୍ୟାଳୟ ପାଇଁ ଏକ ଉନ୍ନତ ମାନର ଅଡିଟୋରିୟମ ନିର୍ମାଣ ପାଇଁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଜୁବୁଲି କମିଟିର ଅଧକ୍ଷ ତଥା ବିଦ୍ୟାଳୟ ଗଣଶିକ୍ଷା, ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ କଲେଜର ଅଧକ୍ଷ ମୁକ୍ତିକା଼ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପଂଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କଲେଜ ସହିତ ତାଙ୍କର ପୁରାତନ ସ୍ମୃତି ଉଲ୍ଲେଖ କରିବା ସହ କଠିନ ପରିଶ୍ରମ ଏବଂ ସାଧନା ବଳରେ ଆଗାମୀ ଦିନରେ ସଫଳତା ହାସଲ କରିବା ପାଇଁ ଛାତ୍ର ସମାଜକୁ ଆହ୍ୱାନ ଦେଇ ଥିଲେ । ସମ୍ମାନିତ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହା଼ି କଲେଜ ପରିସରରେ ଆଗାମୀ ଦିନରେ ସୌନ୍ଦର୍ଯ୍ୟକରଣ ଓ ପ୍ରସ୍ତାବିତ ଉନ୍ନତି ମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ରଖିଥିଲେ । ମଂଚାସିନ ଥିବା ଏମପିସି ସ୍ୱୟଂ ଶାସିତ କଲେଜ ଗଭର୍ଣ୍ଣିଂ ବଡିର ସଭାପତି ମେଜର ଡ. କଳ୍ପନା ଦାସ, ପୁରାତନ ଛାତ୍ର ସଂସଦର ସଭାପତି ଡ. ବିଜୟ କୁମାର ଅଗରୱାଲା , ପାଳନ କମିଟିର ମୁଖ୍ୟ ସଂଯୋଜକ ପ୍ରିତିଷ ବସା, ସଂପାଦକ କଳିଙ୍ଗ କେଶରୀ ଜେନା ମୂଲ୍ୟବାନ ମତାମତ ରଖି ଥିଲେ । କଲେଜର ପ୍ରଥମ ବର୍ଷର ପୁରାତନ ଛାତ୍ର ଦିବଂଗତ ବସ଼ କୁମାର ଦାଶଙ୍କୁ ମରଣୋତର ଭାବେ ଏବଂ ହର ନାରାୟଣ ମିଶ୍ରଙ୍କୁ ଏହି କଲେଜର ପ୍ରତିଷ୍ଠା ଦିଗରେ ସକ୍ରିୟ ଭୂମିକା ଓ ଉତ୍ସର୍ଗୀକୃତ ନେତୃତ୍ୱପାଇଁ ସମ୍ମାନିତ କରାଯାଇଥିଲା । ଏହି ଅବସର ରେ ୭୫ ବର୍ଷର ସ୍ମୃତିର ପ୍ରତୀକ ସ୍ମରଣୀକା ରନ୍‌ଗର୍ଭା ସ୍ମରଣିକା କମିଟିର ଚେୟାରମେନ ଡ. ମୋହିତ କୁମାର ଷଡ଼ଙ୍ଗୀ, ମୁଖ୍ୟ ସଂପାଦକ ଡ. ସୁଶା଼ କୁମାର ବସା ଓ ଅନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ ଅତିଥି ମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ଏହି ଉତ୍ସବ ଆସ଼ା ଦୁଇଦିନ ଧରି ପାଳିତ ହେବାକୁ ଥିବା ବେଳେ, ଉତ୍ସବରେ ଦେଶ ବିଦେଶରୁ ବହୁ ପୁରାତନ ଛାତ୍ର ଛାତ୍ରୀ ଓ ଅଧ୍ୟୟନ ରତ ଛାତ୍ର ଛାତ୍ରୀ ଯୋଗ ଦେଇ ଥିବାର ଜଣାଯାଇଛି । ପୁରାତନ ଛାତ୍ର ଓ ଖ୍ୟାତନାମା ଚଳଚିତ୍ର ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯକ୍ରମ ସଂଯୋଜନା କରିଥିବା ବେଳେ, ପଣ୍ଡିତ ତନ୍ମୟ କୁମାର ତ୍ରିପାଠୀ ବେଦ ମନ୍ତ୍ର ପାଠ ଓ ଶା଼ନୁ ସିଂହ ଏବଂ ସାଥି କଳାକାରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ପୁରାତନ ଛାତ୍ର ସଂସଦର ସଂପାଦକ ଇଂ ବିପ୍ଲବ ବୁଗୁଡେଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମାରିସା ପକ୍ଷରୁ ଯୋସ ଅଲଚିକି ମିଶନ-୨୦୨୫ ଅନୁଷ୍ଠିତ




**ବାରିପଦା(ଅମୃତ ମିଡିଆ):** ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଏଣ୍ଡ ଷ୍ଟୁଡେଂଟଣ୍ଟ ଆସୋସିଏସନ (ମାରିସା)ର ଜିଲ୍ଲା ସଭାପତି ତୋଫାନ ହେମ୍ବ୍ରମଙ୍କ ପୌରୋହିତ୍ୟରେ ବାରିପଦା ସହର ର ମୁର୍ଗାବାଡିଠାରେ ଯୋସ ଅଲଚିକି ମିଶନ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାରିସାର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ମୁଖ୍ୟ ଅତିଥି, ଜିଲ୍ଲା ଉପସଭାପତି ଲିଟୁ ହାଁସଦାଃ ମୁଖ୍ୟବକ୍ତା, ଜିଲ୍ଲା ଅଫିସ ସମ୍ପାଦକ ଅଜିତ ଟୁଡୁ ଏବଂ ଜିଲ୍ଲା ଉପସଭାପତି ନବ ମାର୍ଣ୍ଡି ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ସାର୍ନା ଧର୍ମ ରୀତିନୀତି ଅନୁସାରେ ପୂଜା ସଂପନ୍ନ କରାଯାଇଥିଲା । ଏହି ଅବସରରେ ମାରିସା ପକ୍ଷରୁ ୧୮ଟି ପ୍ରସଙ୍ଗ ଉପରେ ସଚେତନତା କରାଯାଇଥିଲା । ଯେଉଁମାନଙ୍କ ମାତୃଭାଷା ସା଼ାଳୀ ସେମାନେ ସମସ୍ତେ ୨୦୨୫ ସୁଦ୍ଧା ଅଲଚିକି ଲିପି ସା଼ାଳୀ ଭାଷାରେ ଲେଖା ପଢା କରିପାରୁଥିବେ, ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟ଼ ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରାଯିବା, ମୟୂରଭଞ୍ଜରେ ସା଼ାଳୀ ଶିକ୍ଷା ପରିଷଦ ବା ସା଼ାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା, ମୟୂରଭ ଓ କେଉଁଝର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଉଭୟ ଓଡିଆ ଇଂରାଜୀ ସହିତ ଅଲଚିକିରେ ଲେଖାଯିବା, ଓଡିଶାରେ ସା଼ାଳୀ ସାହିତ୍ୟ ଏକାଡେମୀ ଖୋଲାଯିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ୍ଚ ଇଂଷ୍ଟିଚ୍ୟୁଟ ପ୍ରତିଷ୍ଠା କରାଯିବା, ସା଼ାଳୀ ସଙ୍ଗୀତ ନାଟକ ଏକାଡେମୀ ପ୍ରତିଷ୍ଠା କରାଯିବା, ସୁନାରାମ ସୋରେନ ସା଼ାଳୀ ଲାଇବ୍ରେରୀ ପ୍ରତିଷ୍ଠା କରାଯିବା, ଓଡ଼ିଶାରେ ସା଼ାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ବା ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରାଯିବା,ସା଼ାଳୀ ଡି.ଇଏଲ.ଇଡି ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ ପ୍ରଭୃତି ଦାବୀ କରାଯାଇଛି । କାର୍ଯ୍ୟକ୍ରମରେ ଉପସଭାପତି ରବିନ୍ଦ୍ର ମାର୍ଣ୍ଡି, ଜିଲ୍ଲା କୋଷାଧ୍ୟକ୍ଷ ରାଜେଶ ବେଶ୍ରା, ଅନ଼ ମାର୍ଣ୍ଡି, ରାଜେଶ କୁମାର ଟୁଡୁ, ଧନୁରାମ ମୁର୍ମୁ, ରାମଚନ୍ଦ୍ର ହେମ୍ବ୍ରମ, ଶ଼ିଲତା ସୋରେନ, ଆଲାଦି ମାର୍ଣ୍ଡି, ଚାନ୍ଦ ତାରାଶ ବାସ୍କେ ପ୍ରମୁଖ ସାମିଲ ଥିଲେ ।

# ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ



**ଜୟପୁର(ଅମୃତ ମିଡିଆ):** ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବା ରେ ବାର୍ଷିକ କ୍ରୀଡା ବଡ ଆଡମ୍ବରରେ ପାଳନ କରାଯାଇଥିଲା । ଏହି ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଡ଼. ଜ୍ୟୋସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକମ୍ବା ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ମୋତି ଶୁଣ୍ଡା ଏବଂ ପଞ୍ଚାୟତ ର ସମାଜ ସେବକ ତଥା ଜୟପୁର ମିଲର ଆଶ୍ୱୋସିଏସନ ର ସଭାପତି ଶ୍ରୀଯୁକ୍ତ ରାମନାଥ ପାଣିଗ୍ରାହୀଙ୍କ ସହ ପଞ୍ଚାୟତ ର ଲଇଛନ ହରିଜନ ଓ ଏସ ଏମ ଡ଼ି ସି ର ସଭ୍ୟ ଲଇଚନ ହରିଜନ ଉପସ୍ଥିତ ଥିଲେ ।ବିଦ୍ୟାଳୟ ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନେକ ଗୁଡିଏ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି ଉତ୍ସବ କୁ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ପ୍ରସନ୍ନ ପାଣିଗ୍ରାହୀ ପରିଚାଳନା କରିଥିଲେ ।ବିଦ୍ୟାଳୟ ର ଅନ୍ୟ ସହକର୍ମୀ ବି. ନଳିନୀ କୁମାର, ଉମା ରାଣୀ ସାହୁ, ରାଜଲକ୍ଷ୍ମୀ ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାସ ଓ ବାଳଗୋପାଳ ମିଶ୍ର ଏହି ଉତ୍ସବ ରେ ସହଯୋଗ କରିଥିଲେ। ପରିଶେଷରେ ଉପସ୍ଥିତ ଥିବ। ଛାତ୍ରଛାତ୍ରୀ ମାନଙ୍କୁ ଜଳଖିଆ ଦେଇ ସଭା କାର୍ଯ୍ୟ ସମାପ୍ତ କରାଯାଇଥିଲା ।

# ପୌରସଂସ୍ଥା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡାଉତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ସହରସ୍ଥ ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ମହିପାଳର ଶିକ୍ଷାବର୍ଷ ୨୦୨୩-୨୪ ବାର୍ଷିକ କ୍ରୀଡା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ଶରତ କୁମାର ବେହୁରା, ପୌରସଭ୍ୟା ଅସୀମା



ନାୟକ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦଇତାରୀ ପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିବା ସହିତ କ୍ରୀଡାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଷଡଙ୍ଗୀ, ସୁଚିତ୍ରା ଜେନା, ଜଗନ୍ନାଥ ତ୍ରିପାଠୀ, ରହେଲା ମୁଜୀବ୍, ଅହଲ୍ୟା ସାହୁ, ମହମ୍ମଦ ୟୁସୁଫ ଇକବାଲ୍, ସୌମ୍ୟରଞ୍ଜନ ପଟ୍ଟନାୟକ, କ୍ରୀଡା ଶିକ୍ଷୟିତ୍ରୀ ଶଶିରେଖା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଚାତ୍ରୀ, ଅଭିଭାବକ ଓ ପରିଚାଳନା ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଏନପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ଜୁବିଲି ପଡିଆରେ ନୀଡ଼ସ ଏଜୁକେସନ, ବାରିପଦା ଆନୁକୂଲ୍ୟେର ଅନୁଷ୍ଠିତ ଏନ ପି ଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ବର୍ଷସାରା ପାଠପଢ଼ାରେ ବ୍ୟସ୍ତ ରହି ଭାରାକ୍ରାନ୍ତ ହୋଇପଡିଥିବା ଏହି ଯୁବକ ମାନଙ୍କୁ କ୍ରିକେଟ ଖେଳ ମାଧ୍ୟମେର ସାମାନ୍ୟ ଆନନ୍ଦ ଦେବା ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଅାୟୋଜନ କରାଯାଇଥିଲା ବୋଲି ନିର୍ଦ୍ଦେଶକ ଦିପ୍ତୀପ୍ରକାଶ ବସା ପ୍ରକାଶ କରିଛନ୍ତି ଓ ୬ ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ହେଷ୍ଟଲ ୧୧ ସି ୫୪ ଦଳକୁ ୩ ଉଇକେଟେର ପରାସ୍ତ କରି ଚମ୍ପିୟାନ ହୋଇଥିଲା ଓ ପ୍ରଥେମ ବ୍ୟାଟିଂ କରି ସି ୫୪ ଦଳ ୮ ଓଭରେର ୫ ଉଇକେଟ ହରାଇ ମାତ୍ର ୩୨ ରନ ସଂଗ୍ରହ କରିଥିଲେ ଓ ଉତ୍ତରେର ହେଷ୍ଟଲ ୧୧ ଦଳ ୭.୨ ଓଭରେର ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ।

## ଯାଜପୁର ମାତୃ ସଦନରେ ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ




**ଯାଜପୁର(ଅମୃତ ମିଡିଆ):** ଯାଜପୁର ସହର ନରଣପୁରସ୍ଥ ମାତୃସଦନ ଠାରେ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୨୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପବିତ୍ର ଉତ୍ସବ ଉପଲକ୍ଷେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ଘ୯.୩୦ମିନିଟ୍‌ରେ ଭାରତର ଆଧାତ୍ମିକ ପତାକା ଉତୋଳନ କରାଯାଇ ଶ୍ରୀ ଅରବିନ୍ଦଙ୍କ ସମାଧିରେ ଧୂପପୁଷ୍ପ ପ୍ରଦାନ କରାଯାଇଥିଲା। ଏହାପରେ ସମାଧି ନିକଟରେ ସମବେତ ଧ୍ୟାନ କରାଯାଇଥିଲା। ଶିକ୍ଷାବିତ୍ ରବି ପ୍ରସାଦ ସାମଲଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ମାତୃସଦନ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମାନିତ ଅତିଥିଭାବେ କଟକ ମାତୃଭବନର ପ୍ରଭାତ ତ୍ରିପାଠୀ, ମାତୃ ବିହାର, କାଳୁପଡ଼ାଘାଟ, ଖୋର୍ଦ୍ଧାର ସଞ୍ଜୟ କୁମାର ମହାପାତ୍ର, ଡ଼ଃ ସୂର୍ଯ୍ୟକାନ୍ତ ମହାରଣା, ନାଉପାଳ 'ଅରୋଶ୍ରୀ'ର ଚତୁର୍ଭୁଜ ସାହୁ, ଭଦ୍ରକର ଗୋଲଖ ବିହାରୀ ସାହୁ ପ୍ରମୁଖ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଜୀବନାଦର୍ଶ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସମୂହ ପ୍ରସାଦ ସେବନ କରାଯାଇଥିଲା ।ଏହି ପବିତ୍ର ଉତ୍ସବ ଆୟୋଜନ ଓ ପରିଚାଳନାରେ ସର୍ବଶ୍ରୀ ଆନନ୍ଦ ମହାନ୍ତି, କହ୍ନେଇ ଚରଣ ପୃଷ୍ଟି, କାମେଶ୍ୱର ପଣ୍ଡା, ଖଗେଶ୍ୱର ବେହେରା, ମାମିନା ପଣ୍ଡା, ଓମ ପଣ୍ଡା, ସତ୍ୟଭାମା ସାହୁ, ବିଷ୍ଣୁପ୍ରିୟା ନାୟକଙ୍କ ସହ ମାତୃ ସଦନ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଭାଇ ଓ ଅପାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଆଗକୁ ନିର୍ବାଚନ: ଗାଁମୁହାଁ ସହର ନେତା

**ନୂଆପଡା(ଅମୃତ ମିଡିଆ):** ଆଗକୁ ନିର୍ବାଚନ। ଏବେଠାରୁ ନୂଆପଡା ଜିଲାରେ ନିର୍ବାଚନୀ ଉଷ୍ମତା ବଢିଲାଣି। ନୂଆପଡା ଆୟତନରେ ଏକ ଛୋଟ ଜିଲା। କିନ୍ତୁ ରାଜନୀତି ପାଇଁ ଏଠି ଚର୍ଚ୍ଚା ବେଶି ହୁଏ। ଜିଲାର ୧୩୧ ଟି ପଞ୍ଚାୟତ, ପାଞ୍ଚଟି ବ୍ଲକ ଓ ତିନୋଟି ମ୍ୟୁନିସିପାଲିଟିକୁ ନେଇ ଦୁଇ ଖଡିଆଳ ଓ ନୂଆପଡା ନିର୍ବାଚନମଣ୍ଡଳୀ ଗଠିତ ହୋଇଛି। ଏଠି ଚାଲିଛି ଭିନ୍ନ ରାଜନୀତି। କେତେଜଣ ନେତାଙ୍କୁ ଘାରିଛି ବିଧାୟକ ହେବା ନିଶା।ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ରେ କେତେଜଣ ନେତ୍ରୀ ମଧ ବିଧାୟିକା ହେବା ଆଶାରେ ଅଛନ୍ତି। ଏହି ପଦବୀ ପାଇଁ ନେତ୍ରୀନେତାମାନଙ୍କୁ ଚିନ୍ତା ଘାରିଛି। କେମିତି ବିଧାୟକ ହେବେ। ସବୁ ଦଳରେ କେତେଜଣ ଏମିତି ନେତ୍ରୀନେତା ରହିଛନ୍ତି ଯେଉଁମାନେ ଟିକେଟ ପାଇବେ କି ନାହିଁ ପଛ କଥା, କିନ୍ତୁ ଏବେଠାରୁ ବିଧାୟକ ହେବାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ବିଧାୟକ ହେବାର ସ୍ୱପ୍ନ ଯୋଗୁ ନେତା ନେତା ମଧ୍ୟରେ ବିଭେଦ ସୃଷ୍ଟି ହୋଇ ଦଳରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହେଲାଣି। ସବୁ ଦଳରେ ଭିତରେ ଭିତରେ ଗୋଷ୍ଠୀକନ୍ଦଳ ବଢିଚାଲିଛି। ଏପରିକି ସହରରେ ରହୁଥିବା ନେତ୍ରୀନେତାମାନେ ଏବେ ଗାଁ ମୁହାଁ ହେଉଛନ୍ତି। ଗାଁରେ ବୁଲି ଖେଳକୁଦରେ ଅତିଥି ହେଉଛନ୍ତି। ବୈଠକ କରି ସଙ୍ଗଠନ ସୁଦୃଢ଼ କରୁଛନ୍ତି। ପଦଯାତ୍ରା କରୁଛନ୍ତି। ଏପରିକି ଗାଁଗାଁ ବୁଲି କାହା ଘରେ ବସି ଭୋଜନ କରିବା, କାହା ଘରେ ଛୋଟ ଛୋଟ ଛୁଆମାନଙ୍କୁ କାଖେଇ ନେବା, କାହାକୁ ମଉସା, କାହାକୁ ମାଉସୀ କହି କୁଣ୍ଢେଇ ପକାଉଛନ୍ତି। ଗାଁରେ ହିଡ଼, ବିଲ ରାସ୍ତା, କାଦୁଅ ରାସ୍ତା କିଛି ମାନୁ ନାହାନ୍ତି। ଗାଁ ଲୋକଙ୍କ ଦୁଃଖକଷ୍ଟରେ ସାମିଲ ହେବା ଭଳି ଅଭିନୟ ମଧ କରୁଛନ୍ତି। ଏପରି ଅନେକ ନାଟକବାଜି କରୁଥିବା ଦେଖିବାକୁ ମିଳୁଛି। କେଉଁ ଗାଁରେ ବୁଲିଲେ, କ'ଣ କାର୍ଯ୍ୟକ୍ରମ କଲେ, କାହାକୁ ଭେଟିଲେ ପ୍ରତ୍ୟେକ ଦିନ ସୋସିଆଲ ମିଡିଆ, ଫେସବୁକରେ ପୋଷ୍ଟ କରାଯାଉଛି। ସହରୀ ନେତା ଗାଁକୁ ଯାଇ ସଙ୍ଗଠନ କରି ବିଧାୟକ ହେବାର ସ୍ୱପ୍ନ ଦେଖୁଥିବା ବେଳେ ଗାଁରେ ବିଧାୟକ ହେବାକୁ ସ୍ୱପ୍ନ ଦେଖୁଥିବା କିଛି ନେତା ସହରୀ ନେତାଙ୍କୁ ସହି ପାରୁନାହାନ୍ତି। ଏନେଇ ଗୋଷ୍ଠୀ କନ୍ଦଳ ବଢୁଛି। ଗାଁ ନେତା ସହରୀ ନେତାଙ୍କ ମଧ୍ୟରେ ବେଳେବେଳେ ଟଣାଓଟରା ଭଳି ପରିସ୍ଥିତି ଉପୁଜୁଥିବା ଦେଖିବାକୁ ମିଳୁଛି। ସହରବାସୀଙ୍କ କହିବା ଅନୁଯାୟୀ ଗାଁରୁ ଆସିଥିବା ନେତାମାନଙ୍କୁ ସହରବାସୀ ହଜମ କରିପାରୁନାହାନ୍ତି, ସବୁଆଡ଼େ ଚର୍ଚ୍ଚା ହେଉଛି ଭଲ ନେତା ଦରକାର। ଏପରି ପରିସ୍ଥିତିରେ ନୂଆପଡା ଜିଲ୍ଲା ଖଡ଼ିଆଳ ଓ ନୂଆପଡା ନିର୍ବାଚନ ମଣ୍ଡଳୀ ରେ ରାଜନୀତିରେ କିଏ ଟିକଟ ପାଇବ ଓ କାହାକୁ ଭୋଟରମାନେ ଭୋଟ ଦେବେ। ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। ଦେଖାଯାଉ କିଏ କେଉଁ ଦଳର ଟିକଟ ନେଉଛି। ଏଥର ଭଲ ଲୋକଙ୍କୁ ଭୋଟ ଦେବେ ବୋଲି ଲୋକ ମନସ୍ଥ କରିଥିବା ଜଣାପଡ଼ୁଛି।

## ସ୍ୱାମୀ ବିବେକାନନ୍ଦ ଯୁବକସଂଘ ପକ୍ଷରୁ ୨୯ ତମ ବାର୍ଷିକ କ୍ରୀଡାଗ୍ଲୋବ ଉଦ୍‌ଯାପିତ

**ବେତନଟୀ(ଅମୃତ ମିଡିଆ):** ପୁରିନ୍ଦା ପଞ୍ଚାୟତ ଅଧୀନ ପୁରୀଖୁଣ୍ଟା ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବକସଂଘ ପକ୍ଷରୁ ଆୟୋଜିତ ୨୯ତମ ବାର୍ଷିକ କ୍ରୀଡାଗ୍ଲୋବର ଉଦଯାପିତ ହୋଇଯାଇଛି । ଯୁବକସଂଘର ସଭାପତି ଶିବ ମହାନ୍ତଙ୍କ ଅଧକ୍ଷତା ଏବଂ ବାଦଲ କୁମାର ମହାନ୍ତଙ୍କ ମଞ୍ଚପରିଚାଳନାରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବରେ ଯୋଗଦେଲେ ରାଜ୍ୟସଭା ସଂସଦ ମମତା ମହାନ୍ତ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜର ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଅତିଥି ଭାବେ ୩୫ନଂ ଜୋନର ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ ଏବଂ ଅନୁସୂଚିତ ଜାତି କଲ୍ୟାଣ ସମିତିର ରାଜ୍ୟ ସମ୍ପାଦକ ତଥା ବିଜେଡିର ଦକ୍ଷ ସଂଗଠକ କରମଚାନ୍ଦ କାଳନ୍ଦୀ ପ୍ରମୁଖ ଅତିଥଗଣ ମଞ୍ଚାସୀନ ଥିଲେ । ଯୁବକସଂଘ ପକ୍ଷରୁ ଆୟୋଜିତ ବାର୍ଷିକୋତ୍ସବରେ ମୟୂରଭଞ୍ଜ ସମେତ ପଡୋଶୀ ପଶ୍ଚିମବଙ୍ଗରୁ ୧୬ଗୋଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିବା ବେଳେ ରନର୍ସଅପ ଚାନ୍ଦୁଆର ଟାଟାପାୱାର ଫୁଟବଲ ଟିମକୁ ପରାସ୍ତକରି ଯୁଗୋଳ ଫୁଟବଲ କ୍ଲବ ଚଳିତବର୍ଷର ଚାମ୍ପିଅନ ହୋଇଥିଲା । ଏହି ଅବସରରେ ଚାମ୍ପିଅନ ଏବଂ ରନର୍ସଅପ ଟିମ ସମେତ ୩ୟରେ ଧରମରାଜ ଫୁଟବଲକ୍ଲବ ଏବଂ ୪ର୍ଥରେ ଦୂର୍ଗାପୁର ଫୁଟବଲକ୍ଲବକୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ । ଏତଦ୍ ବ୍ୟତୀତ ଗ୍ରାମର ପିଲାମାନଙ୍କୁ ନେଇ ୪୫ପ୍ରକାର ଖେଳର ଆୟୋଜନ କରାଯାଇଥିବା ବେଳେ ସେଥିରେ ମଧ କୃତକାର୍ଯ୍ୟ ହୋଇଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶୃଙ୍ଖଳା ସହିତ ବାର୍ଷିକ କ୍ରିଡାସତ୍ସବର ସୁପରିଚାଳନାରେ ଆୟୋଜକ ଯୁବକସଂଘର ସମ୍ପାଦକ ଯୁଧିଷ୍ଠିର ମହାନ୍ତଙ୍କ ସମେତ କିଶୋର, ହରିଶ, ସୁବାସ, ଗୌତମ, ପ୍ରମୋଦ, ଦିଗମ୍ବର, ଝଣ୍ଟୁ, କୁନା, କୃପାସୀନ୍ଧୁ, ଭାସ୍କର, ଲକ୍ଷ୍ମୀଧର, ଗଗନ, ନୟନ, ଅଜୁ, ବିଜୁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

### ମନରେଗା ଯୋଜନା : ଜିଲ୍ଲାରେ ୨ୟ ସ୍ଥାନରେ ଦଶରଥପୁର ବ୍ଲକ
## ଦଶରଥପୁର ବ୍ଲକରେ ଜୟନ୍ତରା ସର୍ବାଗ୍ରେ



**ଦଶରଥପୁର(ଅମୃତ ମିଡିଆ):** ବହୁ ପ୍ରତିକ୍ଷିତ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଯାଜପୁର ଜିଲ୍ଲାର ଅଧିନସ୍ଥ ୧୦ଟି ବ୍ଲକ ମଧ୍ୟରୁ ଆଜି ସୁଦ୍ଧା (୫.୧.୨୪) ବିଂଚାରପୁର ବ୍ଲକ ଅଦ୍ୟବଧି ଏନ୍.ଆର୍.ଜି.ଏସ୍ ଯୋଜନାରେ ସର୍ବାଧିକ ଅର୍ଥ ଖର୍ଚ୍ଚ କରି ୧ମ ସ୍ଥାନରେ ରହିଛି। ଏହା ପଛକୁ ଦଶରଥପୁର ଓ କୋରେଇ ବ୍ଲକ ଯାଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ୨୦୨୩-୨୪ ଆର୍ଥୀକ ବର୍ଷରେ ଜିଲ୍ଲାର ୧୦ ଗୋଟି ବ୍ଲକ ମଧ୍ୟରୁ ବିଂଚାରପୁର ବ୍ଲକ ଶ୍ରମିକ ଓ ସାମାଗ୍ରୀ ବାବଦରେ ସର୍ବାଧିକ ୧୪ କୋଟି ୧୭ ଲକ୍ଷ ୪୮ ହଜାର ଟଙ୍କା ଖର୍ଚ୍ଚ କରିଥିବାବେଳେ, ଦଶରଥପୁର ବ୍ଲକ ୧୩ କୋଟି ୭୪ଲକ୍ଷ ୩୮ ହଜାର ଏବଂ କୋରେଇ ବ୍ଲକ ୧୩ କୋଟି ୫୨ ଲକ୍ଷ ୨୬ ହଜାର ଟଙ୍କା ଖର୍ଚ୍ଚ କରିଛି। ସେହିପରି ୨୦୨୩-୨୪ ଆର୍ଥୀକ ବର୍ଷରେ ଦଶରଥପୁର ବ୍ଲକରେ ଏହି ଯୋଜନାରେ ମୋଟ ୧୩ କୋଟି ୭୪ ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସେଥିମଧ୍ୟରୁ ୧୧କୋଟି ୫୯ ଲକ୍ଷ ୧୮ ହଜାର ଟଙ୍କା ପଂଚାୟତ ଖର୍ଚ୍ଚ କରିଥିବାବେଳେ ୧ କୋଟି ୧୭ଲକ୍ଷ ୧୮ ହଜାର ଟଙ୍କା ପଂଚାୟତ ସମିତି ଖର୍ଚ୍ଚ କରିଛି। ସେହିପରି କୁଶଳୀ ଶ୍ରମିକଙ୍କ ମଜୁରୀ ବାବଦରେ ୩୯ ଲକ୍ଷ ଓ ସାମାଗ୍ରୀ ଅଂଶ ବାବଦରେ ୮୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଇଛି। ଉକ୍ତ ଅର୍ଥରେ ୧୨୮୨୨ ପରିବାରର ସଦସ୍ୟଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବାବେଳେ ମୋଟ ୫ଲକ୍ଷ ୪୩ ହଜାର ୩୨୭ କର୍ମଦିବସ ସୃଷ୍ଟି କରାଯାଇଛି। ସେହିପରି ଦଶରଥପୁର ବ୍ଲକ ଅଧିନସ୍ଥ ୩୫ ଗୋଟି ପଂଚାୟତ ମଧ୍ୟରୁ ଜୟନ୍ତରା ପଂଚାୟତ ସର୍ବାଧିକ ୮୪ଲକ୍ଷ ୪୬ ହଜାର ଟଙ୍କା ଖର୍ଚ୍ଚ କରି ପ୍ରଥମ ସ୍ଥାନରେ ଥିବାବେଳେ ପଂଚାୟତ ପକ୍ଷରୁ ୬୨୬ ପରିବାରକୁ କାର୍ଯ ଯୋଗାଇ ଦେବ ସହିତ ୩୫ ହଜାର ୮୨୯ ଶ୍ରମଦିବସ ସୃଷ୍ଟି କରପାରିଛି ।ସେହିପରି ଗୋପାଳପୁର ପଂଚାୟତ ସର୍ବନିମ୍ନ ୪ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ କରି ସର୍ବନମ୍ନ ସ୍ଥାନରେ ରହିଛି।

### କଖଡି ସେବା ସମବାୟ ସମିତି ଧାନ ମଣ୍ଡିର
## ପ୍ରସ୍ତୁତି ବୈଠକରେ ଚାଷୀ ମାନଙ୍କର ହୋହାଲ୍ଲା

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମେଡ଼ିଆ):** ଆଜି ତା ୫.୧.୨୪ ରିଖ ଅପରାହ୍ନ ୩ ଘଟିକା ସମୟରେ ଗାନ୍ଧୀ ହାଟ ପଡ଼ିଆରେ କଖଡି ସେବା ସମବାୟ ସମିତି ପକ୍ଷରୁ ଚାଷୀ ମାନଙ୍କର ମଣ୍ଡି ରେ ଧାନ ଦେବାକୁ ନେଇକି ଏକ ପ୍ରାକ ପ୍ରସ୍ତୁତି ବୈଠକ ସଭାପତି ସୁରେନ୍ଦ୍ରନାଥ ମହାନ୍ତି ଙ୍କ ଅଧକ୍ଷତାରେ ବସିଥିଲା । କଖଡି ସେବା ସମବାୟ ସମିତି ଅଧୀନରେ ଧାନ ଦେବାପାଇଁ ପଞ୍ଜୀକୃତ କରିଥିବା ଚାଷୀ ମାନେ ବୈଠକ ଆରମ୍ଭରୁ ହୋହାଲ୍ଲା କରିଥିଲେ । ଏଥିରେ ଜାଣି ଶୁଣି କେତେକ ନିର୍ବାଚିତ ନିର୍ଦ୍ଦେଶକ ଅନୁପସ୍ଥିତ ଥିଲେ । ପ୍ରକାଶ ଥାଉ କି ଚାଷୀ ମାନେ ପଞ୍ଜୀକୃତ କରିଥିବା ନିଜ ନିଜ ଜମି ଗୁଡିକ ପରିମାଣ ରୁ ବହୁତ୍ କମ୍ ପରିମାଣ ର ଧାନ ଦେବା ପାଇଁ ବାର୍ତ୍ତା ଜରିଆରେ ମୋବାଇଲ୍ କୁ ଆସିବା ପରେ ଆଜିର ବୈଠକ ରେ ହୋହାଲ୍ଲା କରିଥିଲେ ଏବଂ ପ୍ରକୃତ ଚାଷୀ ଭାଇ ମାନେ ଜମି ପଞ୍ଜିକରଣ ରୁ ବଞ୍ଚିତ ଅଛନ୍ତି । ଏହି ଭଳି ବାରମ୍ବାର ଚାଷୀ ମାନଙ୍କୁ ହଇରାଣ କରି ବେପାରୀ ମାନଙ୍କ ଦ୍ୱାରା ମଣ୍ଡି ରେ ଧାନ ଦିଆଯାଇ ମୋଟା ଅଙ୍କର ମୋନଫା ସମବାୟ କର୍ମଚାରୀ ମାନେ ଆଦାୟ କରୁଛନ୍ତି । ଏଥି ପ୍ରତି ମାନ୍ୟବର ସମବାୟ ମନ୍ତ୍ରୀ ତଦନ୍ତ କରିବା ପାଇଁ ସାଧାରଣ ଚାଷୀମାନେ ଦାବି ରଖିଛନ୍ତି ।

## ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉଦ୍‌ଘାଟିତ



**ବାସୁଦେବପୁର(ଅମୃତ ମିଡିଆ):** ସର୍ବ ପୁରାତନ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟ ପରିସର ରେ ପ୍ଲାଟିନମ ଜୁବୁଲି ପାଳନ ର ଉଦ୍ ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ କାର୍ଯ୍ୟ କର୍ମ ରେ ଅତିଥି ଭାବେ , ପ୍ରଫେସର କିଶୋର କୁମାର ବାସା, ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ନଗେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ଭାଗିରଥି ପଲାଇ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଗୋପାଳ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସୂଚନା ସଭାପତି ଶ୍ରୀଯୁକ୍ତ ଦୁଃଶାସନ ରାଉତ ଦେଇଥିବା ବେଳେ ସ୍ୱାଗତ ଭାଷଣ ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଦେଇଥିଲେ। ସମ୍ପାଦକ କିଶୋର କୁମାର ମହାପାତ୍ର, ଓ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପଦ୍ମନାଭ ଦାସ ଉପସ୍ଥିତ ଥିଲେ। ଏହି ଅବସର ରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇ କୋଡ଼ିଏ ଜଣ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଧନ୍ୟବାଦ ପ୍ରାଧାପକ ବନମାଳୀ କୁଅଁର ଦେଇଥିଲେ। ଏହି ଅବସର ରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟ କର୍ମ ତିନି ଦିନ ଧରି ଅନୁଷ୍ଠିତ ହେବ। ରବିବାର ଦିନ ଉଦ୍ ଜାପାନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣା ଯାଇଛି। ଏହି ଅବସର ରେ ବିଦ୍ୟାଳୟ ର ପୁରାତନ ଛାତ୍ର ଛାତ୍ରୀ ମାନେ ଓ ବିଦ୍ୟାଳୟର ଅବସର ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ।

## ୫-ଟି ଅଧକ୍ଷଙ୍କ ନୀଳଗିରି ଗସ୍ତକୁ ନେଇ ଚୁଡାନ୍ତ ପ୍ରସ୍ତୁତି ବୈଠକ

**ନୀଳଗିରି(ଅମୃତ ମିଡିଆ):** ତାରିଖରେ ନୀଳଗିରି ଗସ୍ତରେ ଆସୁଛନ୍ତି ୫-ଟି ଅଧକ୍ଷ ଭି.କେ.ପାଣ୍ଡିଆନ । ଏନେଇ ଆଜି ନୀଳଗିରି ଡାକବଙ୍ଗଳା ରେ ବିଜେଡ଼ି ପକ୍ଷରୁ ଏକ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ରାଜ୍ୟ ଶକ୍ତିମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଯୋଗଦେଇ, ନୀଳଗିରି ଗସ୍ତରେ ଆସନ୍ତା ୬ ତାରିଖରେ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ କେ.ସି, ହାଇସ୍କୁଲ ପଡ଼ିଆ କୁ ବୁଲି ତଦାରଖ କରିବା ସହ, ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ନୀଳଗିରି ଉପଜିଲ୍ଲା ପାଳ ମନ୍ଦରଧର ମହାଳିକ ଙ୍କ ସହିତ ନୀଳଗିରି, ବରିଷ୍ଠ ବିଜେଡି ନେତା ସନ୍ତୋଷ ଖଟୁଆ ଉପସ୍ଥିତ ଥିଲେ ।



## କମ୍ୟୁନିଷ୍ଟ ପାର୍ଟିର ବିଶାଳ ରାଳି ଓ ରାଜ୍ୟ ପରିଷଦ ବୈଠକ




**ଜୁନାଗଡ (ଅମୃତ ମିଡ଼ିଆ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଜ୍ୟ ପାରିଷଦ ବୈଠକ ଅନୁଷ୍ଠିତ ହୋଇଛି ।ଆଜି ଦଳ ପକ୍ଷରୁ ଏକ ବିଶାଳ ରାଳି ସହର ପରିକ୍ରମା କରି ବଙ୍ଗଳା ଛକରେ ସଭା ନିକଟରେ ପହଞ୍ଚିଥିଲା ।ପାର୍ଟି ପକ୍ଷରୁ ଦାଦନ, ବେକାରୀ,ଦରଦାମ ବୃଦ୍ଧି, କୃଷିଋଣ ଛାଡ଼, ହାତୀନଦୀ ଆଡିବନ୍ଧ,ନାରୀ ନିର୍ଯ୍ୟାତନା, ଚିନିକଲର ପୁନଃଉଦ୍ଧାର, ଧାନର କଟନୀ ,କପାମଣ୍ଡି, ଶୀତଳଭଣ୍ଡାର,କୃଷକମାନଙ୍କ ପାଇଁ ବିହନ,ସାର,ଔଷଧ, ବିଦ୍ୟୁତ ଯୋଗାଣ, ଜଳକର ଆଦି ବିଷୟରେ ପ୍ରସଙ୍ଗ ଉଥାପନ କରାଯାଇ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା ।ରାଳି ଓ ସଭା ସମୟରେ ସିପିଆଇର ବରିଷ୍ଠ ନେତା ଅଭୟ ସାହୁ, ଅଜୟ ଦାସ, ଦାମୋଦର ବେହେରା, ଅକ୍ଷ ମେହେର, ନାରିନେତ୍ରୀ ରାଣୀମତି ଦୁର୍ଗାଙ୍କ ସମେତ ଶତାଧିକ କର୍ମୀ, ମହିଳା ପୁରୁଷ ଉପସ୍ଥିତି ଥିଲେ।

## ବ୍ଲକସ୍ତରୀୟ ହାର୍ପିକ ସ୍ୱଚ୍ଛତା ତାଲିମ କର୍ମଶାଳା






**ଖୋର୍ଦ୍ଧା(ଅମୃତ ମିଡିଆ):** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅମର ଜ୍ୟୋତି ଯୁବକ ସଂଘ ଓଡ଼ିଶା ଓ ରେକିଟ୍ ଇଣ୍ଡିଆର ମିଳିତ ସହଯୋଗରେ ଖୋର୍ଦ୍ଧା ବ୍ଲକ ସ୍ତରୀୟ ହାର୍ପିକ ସ୍ୱଚ୍ଛତା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ ସହକାରୀ ଶିକ୍ଷକ / ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେପଦ୍ମଶ୍ରୀ ବଟକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲାରଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ସଂଧାରାଣୀ ରାଉତ, ଅନୁଷ୍ଠାନର ମୁଖ୍ୟ ଅଧକ୍ଷ ଶ୍ରୀଯୁକ୍ତ ବିଭୁ ଭୂଷଣ ପଣ୍ଡା ଏବଂ ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ନୀଳମାଧବ ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ। ଅମର ଜ୍ୟୋତି ଯୁବକ ସଂଘ ଓଡ଼ିଶାର ରାଜ୍ୟ କାର୍ଯ୍ୟକାରୀ ସଂଯୋଜକ ଶ୍ରୀଯୁକ୍ତ ନିଳମାଧବ ଦିଗାଲ ତାଲିମ ନେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ସଂଯୋଜିକା ଶ୍ରୀମତୀ ଇତିଶ୍ରୀ ବିଶ୍ୱାଳ, ଗଞ୍ଜାମ ଜିଲ୍ଲା ସଂଯୋଜିକା ଜ୍ୟୋସ୍ନାରାଣୀ ସାମଲ ଓ ମୟୁରଭଂଜ ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ଜତିନ୍ କୁମାର ମାଥୁର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଅଭିଭାବକଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଉପରେ ସଚେତନତା କରିବା ବ୍ୟବହାରିକ ଜ୍ଞାନ ବଢ଼ାଇ ତଥା ଏହାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ପାଇଁ ପ୍ରେରଣା ପ୍ରଦାନ କରିବା ଏହି ତାଲିମ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ । ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆଗାମୀ ଦିନମାନଙ୍କରେ ଏହାର ଉପକାରିତା ବିଷୟରେ ବକ୍ତବ୍ୟ ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧନ ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱର୍ଣ୍ଣଲତା ସାମନ୍ତରାୟ, ସଂଧ୍ୟାବତୀ ଲେଙ୍କା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିରସାହୁ, ଧ୍ରୁବଚରଣ ରଣା, ରେବତୀ ପଣ୍ଡା, ଭାଗ୍ୟଶ୍ରୀ ମହାପାତ୍ର, ଅମୀୟ କୁମାର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜିକା ଶ୍ରୀମତୀ ଇତିଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***ଲକ୍ଷ୍ୟସ୍ଥଳରେ...***

ଅବ୍ଜରବେଟରୀ (DSCOVER) ଓ ନାସା-ଇଏସ୍‌ଏର ଜଏଣ୍ଟ ମିଶନ ସୋହୋ (ସୋଲାର ଆଣ୍ଡ ହେଲିୟୋସ୍ପେରୟାରିକ୍ ଅବ୍ଜରବେଟରୀ) । ଏବେ ଆଦିତ୍ୟ ଏହି ତାଲିକାରେ ସାମିଲ୍ ହୋଇଛି । ଆଦିତ୍ୟକୁକୁ ଏଲ୍-୧ ବିନ୍ଦୁରେ ସ୍ଥାପନ କରିବା ଇସ୍ରୋର ବୈଜ୍ଞାନିକଙ୍କ ପାଇଁ ଖୁବ୍ ଆହ୍ୱାନପୂର୍ଣ୍ଣ କାମ ଥିଲା। ଏଥିରେ ଗତି ଏବଂ ଦିଗର ସଠିକ୍ ସମନ୍ୱୟ ଆବଶ୍ୟକ ରହୁଥିଲା। ଏଥିପାଇଁ ISROକୁ ଏହା ଜାଣିବା ଆବଶ୍ୟକ ଥିଲା ଯେ ଏହାର ସ୍ପେସ୍‌କ୍ରାଫ୍ଟ କେଉଁଠାରେ ଅଛି ? କେଉଁଠି ଥିଲା ? ଓ କେଉଁଠି ଯିବ ? । ସାଟେଇଲାଟ୍‌କୁ ଏଭଳି ଟ୍ରାକ୍ କରିବା ପ୍ରକ୍ରିୟାକୁ ଅର୍ବିଟ୍ ଡିଟରମିନେସନ ବୋଲି କୁହାଯାଏ ।ଆଦିତ୍ୟ ଏଲ୍-୧ ମିଶନର ପ୍ରୋଜେକ୍ଟ ଡାଇରେକ୍ଟର ନିଗାର ଶାଜୀ ଏକ ଇଣ୍ଟରଭ୍ୟୁରେ ପ୍ରୋଜେକ୍ଟ ବିଷୟରେ ସୂଚନା ଦେଇଥିଲେ। ଏଥିରେ ସେ କହିଥିଲେ ଯେ ଏହି ମିଶନ କେବଳ ସୂର୍ଯ୍ୟର ଗବେଷଣା କରିବ ନାହିଁ ବରଂ ସୌର ଝଡ଼ର ସୂଚନା ଦେବ। ଫଳରେ ଭାରତର ହଜାର ହଜାର କୋଟି ଟଙ୍କାର ସାଟେଲାଇଟ୍‌କୁ ଆଗୁଆ ସୁରକ୍ଷା ଦେଇ ହେବ। ଯେ କୌଣସି ଦେଶ ଆମକୁ ସହଯୋଗ ମାଗିବେ ସେମାନଙ୍କୁ ସହଯୋଗ କରାଯଇବ। ତେଣୁ ଏହି ପ୍ରୋଜେକ୍ଟ ଭାରତ ପାଇଁ ଖୁବ୍ ଆବଶ୍ୟକୀୟ ବୋଲି ପ୍ରୋଜେକ୍ଟ ନିର୍ଦ୍ଦେଶକ ନିଗାର ଶାଜୀ କହିଛନ୍ତି।

***ନିଜକୁ ...***

ମଧ୍ୟରେ ନୂଆ ଆଶା ଦେଖାଦେଇଥିଲା। ହେଲେ ଏବେ ହଠାତ୍ ତାଙ୍କ ମୃତ୍ୟୁ ଖବରକୁ ପରିବାର ଲୋକେ ଗ୍ରହଣ କରି ପାରୁ ନାହାନ୍ତି। ମେଡିକାଲ କର୍ତ୍ତୃପକ୍ଷ ହିଁ ତାଙ୍କୁ ହତ୍ୟା କରିଥିବା ସେମାନେ ସାଂଘାତିକ ଅଭିଯୋଗ କରିଛନ୍ତି। ତେବେ ଏବେ ମୃତଦେହ କାହାକୁ ହସ୍ତାନ୍ତର କରିବେ ତାକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ। ମୃତଦେହକୁ ନେଇ ବିବାଦ ଦେଖାଦେବା ପରେ ଗତକାଲି ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଜୀବୀତ ଥିବା ବ୍ୟକ୍ତିଙ୍କ ଡିଏନଏ ଟେଷ୍ଟ କରିବା ନିମନ୍ତେ ପୁଲିସ୍ ନିକଟରେ ଅପିଲ କରିଥିଲେ। ତେବେ ଆଜି ତାଙ୍କ ମୃତ୍ୟୁ ପରେ ମୃତଦେହ କାହାକୁ ହସ୍ତାନ୍ତର କରାଯିବ, ନା ଡିଏନଏ ଟେଷ୍ଟ ପର୍ଯ୍ୟନ୍ତ ଅପେକ୍ଷା କରାଯିବ ତାହା ଉପରେ ସମସ୍ତଙ୍କ ନଜର ।ଏପଟେ ମୃତଦେହ ଚିହ୍ନଟ ପ୍ରକ୍ରିୟାକୁ ନେଇ ଜ୍ୟୋତି ମଲ୍ଲିକଙ୍କ ପରିବାର ଲୋକ ପ୍ରଶ୍ନ ଉଠାଇଛନ୍ତି। ଆମକୁ ଜ୍ୟୋତି ଦରକାର, ଜ୍ୟୋତିକୁ ତୁରନ୍ତ ଫେରାଅ ବୋଲି ପରିବାର ଲୋକ ଦାବି କରିଛନ୍ତି । ସେପଟେ ଏହି ସାଂଘାତିକ ଘଟଣାର ତଦନ୍ତ ମୂଳରୁ ଆରମ୍ଭ ହେବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହାପରେ କାହା ତ୍ରୁଟି ଯୋଗୁ ଜଣେ ନବବିବାହିତା ଆତ୍ମହତ୍ୟା କରିବାକୁ ବାଧ ହେଲେ,ତାହା ପୁଲିସ ତଦନ୍ତରୁ ସାମ୍ନାକୁ ଆସିବ ବୋଲି କୁହାଯାଉଛି।

***ଲୋକାର୍ପିତ...***

ସମୟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦଘାଟନ କରିଥିଲେ, ଆୟୋଜିତ ଉଦଘାଟନ ଉତ୍ସବରେ ପୂର୍ବତଟ ମୁଖ୍ୟ ପ୍ରବନ୍ଧକ ମନୋଜ ଶର୍ମା , ଏବଂ ଖୋର୍ଦ୍ଧା ରେଡ଼ DRM ସହ ଅନ୍ୟ ଅଧିକାରୀ ସହ ସ୍ଥାନୀୟ ବିଧାୟକ ସାଂସଦ ଉପସ୍ଥିତ ଥିଲେ, ଖୋର୍ଦ୍ଧା ରୋଡ଼ ରୁ ଦଶପଲ୍ଲା ଷ୍ଟେସନ ପ୍ରର୍ଯ୍ୟନ୍ତ ୧୦୬ କିଲୋମିଟର ରେଳ ଲାଇନରେ ଦଶପଲ୍ଲାରୁ ନିୟମିତ ଭାବେ୪ଟି ଟ୍ରେନ ପୁରୀ ଭୁବନେଶ୍ୱର ଏବଂ ଭଦ୍ରକ କୁ ଚଳାଚଳ କରିବ, ଦୂର ହେବ ସ୍ଥାନୀୟ ଲୋକମାନଙ୍କ ଯାତାୟାତର ସମସ୍ୟା, ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି ।ଖୋର୍ଦ୍ଧା ବଲାଙ୍ଗୀର ରେଳ ପଥର ୨୮୯ କିଲୋମିଟର ମଧ୍ୟରୁ କେବଳ ଖୋର୍ଦ୍ଧା ରୋଡ଼ ରୁ ଦଶପଲ୍ଲା ପ୍ରର୍ଯ୍ୟନ୍ତ ୧୦୬ କିଲୋମିଟର ରେଳ ଲାଇନ ରେ ରହିଛି ୮ଟି ଷ୍ଟେସନ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ରେଳ ସେବା ରେ ଗୋଟିଏ ପରେ ଗୋଟିଏ ଷ୍ଟେସନକୁ ଟ୍ରେନ ଯୋଡି ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବା ପାଇଁ ମିଳିଛି, ସେପଟେ ବଲାଙ୍ଗୀର ସୋନପୁର ବିଚ୍ଛୁ ପାଲି ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରୁଥିବା ବେଳେ, ବିଚ୍ଛୁପାଲି ଠାରୁ ବୌଦ୍ଧ ଜିଲ୍ଲା ପୁରୁଣା କଟକ ପର୍ଯ୍ୟନ୍ତ ୭୫କିଲୋମିଟର ରେଳ ଲାଇନ କାମ ଚାଲିଛି,ଚଳିତ ବର୍ଷ ମଧ୍ୟରେ ବୌଦ୍ଧକୁ ଟ୍ରେନ ଚଳାଚଳ କରିଯିବ ରେଳ ରେଳମନ୍ତ୍ରୀ କହିଛନ୍ତି, ୨୬ ମସିହା ସୁଦ୍ଧା ସମ୍ପର୍ଣ୍ଣ ଭାବେ ଖୋର୍ଦ୍ଧା ବଲାଙ୍ଗୀର ରେଳ ପଥ କାମ ସରିବ, ଏହି ଲାଇନ ରେ ୫ ଟି ଜିଲ୍ଲା ଖୋର୍ଦ୍ଧା ,ନୟାଗଡ଼ ବୌଦ୍ଧ ସ୍ବର୍ଣ୍ଣପୁର ବଲାଙ୍ଗୀର ଙ୍କୁ ଟ୍ରେନ ଚଳାଚଳ କରିବ, କେନ୍ଦ୍ର ଏବଂ ରାଜ୍ୟ ସରକାର ଙ୍କ ସହଯୋଗରେ ବିଟିଶ ଅମଳର ଏହି ରେଳ ପଥ କାମ ଚାଲିଥିବା ବେଳେ ଫରେଷ୍ଟ କ୍ଲିଅରାନ୍ସ ପାଇଁ ଅଧିକ ଦିନ ସମୟ ଲାଗିଥିବା ପୂର୍ବତଟ ରେଳପଥର ମୁଖ୍ୟ ପ୍ରବନ୍ଧକ ମନୋଜ୍ ଶର୍ମା କହିଛନ୍ତି, ମନ୍ତ୍ରୀ ନିର୍ଦ୍ଦେଶ ରହିଛି ୨୬ ମସିହା ସୁଦ୍ଧା ଖୋର୍ଦ୍ଧା ବଲାଙ୍ଗୀର ରେଳ ପଥ କାମ ସାରିବାକୁ ବୋଲି ସେ କହିଛନ୍ତି,ସେପଟେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କହିଛନ୍ତି, ଦଶପଲ୍ଲା ବାସୀଙ୍କ ଦିଘ୍ର ଦିନ ର ସ୍ୱପ୍ନ ପୂରଣ ହୋଇଛି, ବିଭିନ୍ନ ସ୍ଥାନକୁ ଟ୍ରେନରେ ଯାତ୍ରା ପାଇଁ ଦଶପଲ୍ଲାରେ ରିଝରଭେସନ ଟିକେଟ କାଉଣ୍ଟର ଖୋଲିବା ପାଇଁ ସେ ଏବଂ ସ୍ଥାନୀୟ ବିଧାୟକ କେନ୍ଦ୍ର ରେଳମନ୍ତ୍ରୀ ଙ୍କୁ ଦାବି କରିଥିଲେ , ମନ୍ତ୍ରୀ ତାହାକୁ ପୁରଣ କରିଛନ୍ତି, ଏବଂ ଦଶପଲ୍ଲାରେ ରିଝରଭେସନ ଟିକେଟ କାଉଣ୍ଟର ଖୋଲିବା ଘୋଷଣା କହିଛନ୍ତି, ଦଶପଲ୍ଲା କୁ ରେଳ ସେବା ପହଞ୍ଚି ଥିବାରୁ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସାଂସଦ ଏବଂ ବିଧାୟକ।

### ଅଲଟିମେଟ ଖୋ ଖୋ ସିଜନ-୨

# ଗୁଜରାଟ ଜିଆଂଟ୍ସକୁ ହରାଇ ସେମିରେ ଓଡିଶା ଜଗରନଟ୍ସ



**କଟକ(ବ୍ୟୁରୋ):** ଅଲ୍ଟିମେଟ ଖୋ ଖୋ ସିଜନ ୨ରେ ଆଜି କଟକର ଜୱାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଇଥିବା ୧ମ ମ୍ୟାଚରେ ଓଡିଶା ଜଗରନଟ୍ସ, ଗୁଜରାଟ ଜିଆଂଟ୍ସକୁ ୩୦-୨୭ ପଏଂଟରେ ପରାଜିତ କରିଛି। ଏହି ବିଜୟ ସହିତ ଓଡିଶା ଜଗରନଟ୍ସ ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଏହାପୂର୍ବରୁ ତେଲୁଗୁ ଯୋଦ୍ଧାସ ଓ ଗୁଜରାଟ ଜିଆଂଟସ ସେମି ଫାଇନାଲରେ ନିଜର ସ୍ଥାନ ପକ୍କା କରିଛଁ। ଆସ'ାକାଲି (ରବିବାର) ମୁମ୍ବାଇ ଖିଲାଡିସ, ରାଜସ୍ଥାନ ୱାରିୟର୍ସ ସହ ଏବଂ ଓଡିଶା ଜଗରନଟ୍ସ, ତେଲୁଗୁ ଯୋଦ୍ଧାସ ସହ ପ୍ରତିଦ୍ୱନ୍ଦିତା କରିବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନ୍ଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ ପ୍ରଥମ ସଂସ୍କରଣରେ ଏକ ବଡ ସଫଳତାରେ ପରିଣତ ହୋଇଥିଲା, ଯାହାକି ଟେଲିଭିଜନ ଭ୍ୟୁୟରସିପ୍ ଦୃଷ୍ଟିରୁ ଭାରତର ୩ୟ ସର୍ବବ୍ୟହତ୍ ଅଣ-କ୍ରିକେଟ୍ ଲିଗ୍ ଭାବେ ଉଭା ହୋଇଛି। ଏହା ୟୁକେ ସ୍ଥିତ ବିଏନ୍‌ପି ଗ୍ରୁପ୍ ସୌଜନ୍ୟରେ ଏହା ସିରିଜ୍ ଏ ଫଣ୍ଡିଙ୍ଗ୍ ପ୍ରାପ୍ତ କରିଥିବା ପ୍ରଥମ ଇଣ୍ଡିଆନ୍ ସ୍ପୋର୍ଟସ୍ ଲିଗ୍ ହେବାର ସ୍ୱତନ୍ତ୍ରତା ହାସଲ କରିଥିଲା। ଏହାର ୨ୟ ସଂସ୍କରଣରେ ପଏଂଟ ବ୍ୟବସ୍ଥାରେ ଏକସମାନତା ପ୍ରଚଳନ କରାଯାଇଛି ଯେଉଁଥିରେ ଦଳଗୁଡ଼ିକୁ ସମସ୍ତ ଆକ୍ରମଣାତ୍ମକ ପଦକ୍ଷେପ ପାଇଁ ଦୁଇ ପଏଂଟ ଦାୟୀ କରାଯିବ। ସେହିପରି ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚ୍‌ର ଲାଇଭ୍ କଭରେଜ ସହିତ ସିଜନ୍ ୨ର ଉତ୍ସାହଜନକ ଆକ୍ସନ ସୋନି ସ୍ପୋର୍ଟସ୍ ନେଟ୍‌ୱର୍କର ଚ୍ୟାନେଲ ଓ ସୋନି ଲିଭ୍‌ରେ ଟେଲିକାଷ୍ଟ ବା ପ୍ରସାରିତ ହେବ। ଆଜିର ୧ମ ମ୍ୟାଚରେ ବିଜୟୀ ଦଳ ଓଡ଼ିଶା ଜଗରନଟସ୍‌ରେ ଦିଲୀପ ଖଣ୍ଡଭି, ଦୀପେଶ ମୋରେ, ଗୌତମ ଏମକେ, ବିଶାଲ, ଓମକାର ସୋନାୱାନେ, ରୋହନ ଶିଙ୍ଗାଡେ, ଅକ୍ଷୟ ମାସାଲ, ମହେଶା ପି, ମନୋଜ ପାଟିଲ, ଅବିନାଶ ଦେଶାଇ, ମନୋଜ କୁମାର, ବିଶାଗ ଏସ, ଦେବେନ୍ଦ୍ର ନାଥ, ନିଖିଲ କୁମାର, ବିଶାଲ ଓରାମ, ସୟ କୁମାର ଭି, ଦୀପକ କୁମାର ସାହୁ, ନିଖିଲ ବି, ଏମଡି ମିରାଜୁଲ, ସୁଶା' କଲଧୋନ, ସୋଭାଗ ଭି ଶ୍ରୀଗଣ୍ଡା, ନିରନ ସାମଲ, ସବୀର ଅହମ୍ମଦ, ସୁରେଶ କୁମାର ଓ ସିଦ୍ଧେଶ୍ୱର ଟୁଡୁ ଆଦି ସାମିଲ ଥିଲେ। ସେହିପରି ଗୁଜୁରାଟ ଜିଆଂଟ୍ସରେ ଅଭିନନ୍ଦନ ପାଟିଲ, ଅକ୍ଷୟ ଭଙ୍ଗରେ, ସୁୟଶ ଗାର୍ଗାଟେ, ନିଲେଶ ଯାଦବ, ପି ନରସାୟା, ଫୈଜାନଖା ପଠାନ, ରାଜବର୍ଦ୍ଧନ ପାଟିଲ, ଭି ସୁବ୍ରମଣି, ଦୀପକ ମାଧବ, ଶୁଭମ ଥୋରାଟ, ଗଭରା ଭେଙ୍କଟେଶ, ସଂକେତ କଦମ, କୋନ୍ଧଲକର ରୂପେଶ, ଭରତ କୁମାର, ପବନି ଶବର, ବିନାୟକ ପୋକର୍ଡେ, ରାମ ମୋହନ, ଭି କାବିଲାନ, ଅର୍ଣ୍ଣବ ପାଟନକର, ଅଲଫାଜ ଏଚ ନାଦାଫ, ବାସଭେ ରବି, ଅଭିଜିତ ପାଟିଲ, ସଲିମ ଖାନ, ବିଜେଶ କୁମାର ଏବଂ ହରିଶ ମହମ୍ମଦ ଆଦି ସାମିଲ ଥିଲେ।




କଟକ : ଜବାହାରଲାଲ୍ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ୍ ଖୋଖୋ ସିଜିନ୍-୨ର ଏକ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ କ୍ୱିକ୍ ଗନ୍‌ସର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଓଡ଼ିଶା ଖୋଖୋ ସଂଘର ସଭାପତି ନାରାୟଣ ପାତ୍ର

## ଜୁନ୍ ମାସରୁ ଆରମ୍ଭ ହେବ ୨୦୨୪ ଟି-୨୦ ବିଶ୍ୱକପ୍

**ମୁମ୍ବାଇ :** ଜୁନ୍ ମାସରୁ ଆରମ୍ଭ ହେବ ୨୦୨୪ ଟି-୨୦ ବିଶ୍ୱକପ୍ । ଏନେଇ ଆଇସିସି ପକ୍ଷରୁ କ୍ରୀଡାସୂଚୀ ମଧ୍ୟ ଘୋଷଣା କରାଯାଇଛି । ଜୁନ୍ ୧ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଜୁନ୍ ୨୯ ଯାଏଁ ଚାଲିବ । ଏଥିପାଇଁ ସବୁ ଟିମ୍ ନିଜ ନିଜ ରଣନୀତି ଆରମ୍ଭ କରିସାରିଲେଣି । ଏହିକ୍ରମରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ମଧ୍ୟ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛି । ଟି-୨୦ ବିଶ୍ୱକପ୍ ପାଇଁ ଦଳ ଚୟନ ଲାଗି ଏବେଠୁ ବିସିସିଆଇ କସରତ ଆରମ୍ଭ କରିସାରିଛି । ଜାତୀୟ ଗଣାମାଧ୍ୟମରେ ଏକ ଖବର ଅନୁସାରେ, ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ବିସିସିଆଇ ମୋଟ ୨୫-୩୦ ଜଣ ଖେଳାଳିଙ୍କ ଉପରେ ନଜର ରଖିଛି । ଯେଉଁମାନଙ୍କ ପ୍ରଦର୍ଶନ ଉପରେ ଚୟନ କମିଟି ଲଗାତର ଭାବେ ନଜର ରଖିବ । ଏପିରିକି ଆଗାମୀ ଆଇପିଏଲ୍ ୨୦୨୪ରେ ଏହି ସବୁ ଖେଳାଳିଙ୍କ ଉପରେ କଡ଼ା ନଜର ରଖାଯିବ । ସେମାନଙ୍କ ପ୍ରଦର୍ଶନ ଏବଂ ଦକ୍ଷତା ଅନୁସାରେ ଟି-୨୦ ବିଶ୍ୱକପ୍ ଲାଗି ଚୟନ ହେବ । ଏନେଇ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ ରାହୁଲ ଦ୍ରାବିଡ ଏବଂ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ମଧ୍ୟରେ ଆଲୋଚନା ହୋଇଛି । ନିକଟରେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ଉଭୟଙ୍କ ମଧ୍ୟରେ ଚର୍ଚ୍ଚା ହୋଇସାରିଛି ।

## ୨ କପ ୟୁନିଭର୍ସରେ ନଜର ଆସିବେ ଶ୍ୱେତା ତିୱାରୀ



ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଧାରାବାହିକ 'ଇଣ୍ଡିଆନ ପୋଲିସ ଫୋର୍ସ'ର ଟ୍ରେଲର ଗୋଟିଏ ଦିନ ପୂର୍ବରୁ ଲଞ୍ଚ କରାଯାଇଥିଲା। କପ ୟୁନିଭର୍ସର ଏହି ପ୍ରଥମ ସିରିଜରେ ସିଦ୍ଧାର୍ଥ ମାଲହୋତ୍ରା, ଶିଳ୍ପା ଶେଟ୍ଟୀ ଏବଂ ବିବେକ ଓବରୋଇ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଏହା ବ୍ୟତୀତ ଟେଲି ଅଭିନେତ୍ରୀ ଶ୍ୱେତା ତିୱାରୀ ମଧ୍ୟ ଏଥିରେ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଲୋକମାନେ ସିରିଜର ଟ୍ରେଲରକୁ ବହୁତ ପ୍ରଶଂସା କରୁଛନ୍ତି। ଏହି ସିରିଜ ପରେ କପ ୟୁନିଭର୍ସର 'ସିଙ୍ଘମ ଏଗେନ' ର ପରବର୍ତ୍ତୀ ଏପିସୋଡ ମୁକ୍ତିଲାଭ କରିବ। ଏଥିରେ ଅଜୟ ଦେବଗନ, ଟାଇଗର ଶ୍ରଫ, ଅକ୍ଷୟ କୁମାର, ରଣବୀର ସିଂ, ଅର୍ଜୁନ କପୁର ଅଭିନୟ କରିବେ। କରୀନା କପୁର ଖାନ ଏବଂ ଦୀପିକା ପାଦୁକୋନ ମଧ୍ୟ ରହିବେ। ବର୍ତ୍ତମାନ ଲୋକପ୍ରିୟ ଟିଭି ଅଭିନେତ୍ରୀ ଶ୍ୱେତା ତିୱାରୀ ମଧ୍ୟ ରୋହିତ ଶେଟ୍ଟୀଙ୍କ 'ସିଙ୍ଘମ ଏଗେନ'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଶ୍ୱେତା ଭାରତୀୟ ପୋଲିସ ଫୋର୍ସରେ ଜଣେ ପୋଲିସ ଇନ୍‌ସପେକ୍ଟର ଭୂମିକାରେ ଅଭିନୟ କରୁଛନ୍ତି। ଏହି ଧାରାବାହିକର ଟ୍ରେଲରରେ ଶ୍ୱେତାଙ୍କ ଝଲକ ଦେଖିବାକୁ ମିଳିଛି। ଏଥିରେ ସେ କାନ୍ଦୁଥିବା ଦେଖିବାକୁ ମିଳିଥିବାବେଳେ ଶିଳ୍ପା ଶେଟ୍ଟୀଙ୍କ ଚରିତ୍ର ତାଙ୍କୁ ସାନ୍ତ୍ୱନା ଦେଉଥିବାର ନଜର ଆସିଛନ୍ତି। ଶ୍ୱେତା ତିୱାରୀଙ୍କୁ ସିଙ୍ଘମ ଏଗେନରେ ପୋଲିସ ଇନ୍‌ସପେକ୍ଟର ଭୂମିକାରେ ଦେଖିବାକୁ ମିଳିବେ। ଏକ ସାମ୍ବାଦିକ ସମ୍ମିଳନୀରେ ସିଙ୍ଘମ ଏଗେନର ଏକ ଅଂଶ ହେବା ବିଷୟରେ ଶ୍ୱେତା କହିଥିଲେ ଏବଂ ସେ ଏଥିରେ କିପରି ଅଫର ପାଇଲେ ତାହା ମଧ୍ୟ କହିଥିଲେ। ଶ୍ୱେତା କହିଛନ୍ତି, ରୋହିତ ସା ? ମୋତେ କହିଥିଲେ ଯେ ଯଦି ସେ ପ୍ରତିଦିନ' ଇଣ୍ଡିଆନ ପୋଲିସ ଫୋର୍ସ 'ସେଟରେ ମୋତେ ଖାଦ୍ୟ ଆଣିଦିଅନ୍ତି ତେବେ ସେ ମୋତେ ଆଉ ଏକ ପ୍ରୋଜେକ୍ଟ ଦେବେ। କିନ୍ତୁ ଏହା ବିନା ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ପ୍ରଦାନ କରିଥିଲେ।

### କ୍ରିକେଟରୁ ସନ୍ନ୍ୟାସ ନେଇ ରାଜନୀତିକୁ ବାଛିଥିଲେ

# ୯ ଦିନ ପରେ ଦଳରୁ ଇସ୍ତଫା ଦେଲେ ରାୟୁଡୁ



**ଅମରାବତୀ :** ପୂର୍ବତନ ଭାରତୀୟ କ୍ରିକେଟର ଅମ୍ବାତି ରାୟୁଡୁ ଡିସେମ୍ବର ୨୮ରେ ବଡ଼ ନିଷ୍ପତ୍ତି ନେଇଥିଲେ। ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରି ସେ ରାଜନୀତିରେ ପାଦ ରଖିବେ ବୋଲି କହିଥିଲେ। ସେ ଆନ୍ଧ୍ରପ୍ରଦେଶର ଶାସକ ଦଳ ୱାଇଏସ୍‌ଆର କଂଗ୍ରେସ ପାର୍ଟିରେ ମଧ୍ୟ ଯୋଗଦେଇଥିଲେ। ହେଲେ ମାତ୍ର ୯ ଦିନ ପରେ ରାୟୁଡୁ ଶନିବାର ହଠାତ ଦଳରୁ ଇସ୍ତଫା ଦେଇଛନ୍ତି। ରାଜନୀତିରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିବା ନେଇ ରାୟୁଡୁ ସୋସିଆଲ ମିଡିଆରେ ପୋଷ୍ଟ ଲେଖି ଜଣାଇଛନ୍ତି। ଏକ୍ସରେ ସେ ଲେଖିଛନ୍ତି, 'ମୁଁ ୱାଇଏସ୍‌ଆର କଂଗ୍ରେସ ପାର୍ଟି ଛାଡ଼ିବାକୁ ନିଷ୍ପତ୍ତି ନେଇଛି। କିଛି ଦିନ ଯାଏ ରାଜନୀତିରୁ ଦୂରରେ ରହିବାକୁ ଚାହୁଁଛି। ଆଗାମୀ ଦିନରେ କିଛି ନୂଆ କଲେ ଅପ୍‌ଡେଟ୍ ଦେବି।' କହିରଖୁଛୁ, ରାୟୁଡୁ ଗତ ବର୍ଷ ଆଇପିଏଲ୍ ପରେ ଭାରତୀୟ କ୍ରିକେଟରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଥିଲେ। ସେ ନିଜର ଦମଦାର ବ୍ୟାଟିଂ ଯୋଗେ ଚେନ୍ନାଇ ସୁପର କିଙ୍ଗ୍ସକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଫାଇନାଲରେ ମଧ୍ୟ ସେ ଲଢୁଆ ବ୍ୟାଟିଂ କରିଥିଲେ। ହେଲେ ଜାତୀୟ ଦଳରୁ ସେ ବାହାରେ ରହୁଥିବାରୁ ସେ ୨୦୧୯ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହି ଆଇପିଏଲ୍ ଖେଳୁଥିଲେ। ସେଠାରୁ ସନ୍ନ୍ୟାସ ନେବା ପରେ ରାଜନୀତିକୁ ଆସି ନିର୍ବାଚନ ଲଢ଼ିବେ ବୋଲି ଅନୁମାନ କରାଯାଉଥିଲା। ଡିସେମ୍ବର ୨୮ରେ ତାହା ସତ ହୋଇଥିଲା। ହେଲେ ସେ କିଛି ଦିନ ମଧ୍ୟରେ ରାଜନୀତିରୁ ଦୂରରେ ରହିବା ନିଷ୍ପତ୍ତି ନେବା ସମସ୍ତଙ୍କୁ ଚକିତ କରିଛି।

## ଠାକୁରମୁଣ୍ଡା ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବାରିପଦା(ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ନୂଆ -ଓ ଆମ ଓଡ଼ିଶା ନବୀନ ଓଡିଶା ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ୩ ତାରିଖ ବୁଧବାରଦିନ ଉଦଘାଟିତ ହୋଇ ୫ ତାରିଖ ଉଦ୍‌ଯାପିତ ହୋଇଯାଇଛି ।ଏଥିରେ ମୂଖ୍ୟ ଅତିଥି ଭାବରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ,ସ୍ୱତନ୍ତ୍ର ଅତିଥି ଭାବରେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ସମ୍ମାନିତ ଅତିଥି ଭାବରେ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,୧୯ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢେଇ,ଠାକୁରମୁଣ୍ଡା ବ୍ଲକର ସମସ୍ତ ସରପଂଚ ଓ ସମିତି ସଭ୍ୟମାନେ,ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୁରୁଚରଣ ମହାନ୍ତ,ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ,ଏବିଡିଓ ଟଙ୍କଧର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।୬ ଗୋଟି ବିଭାଗରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୧୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ୩୨ ଜଣ ଖେଳ ଶିକ୍ଷକ,୪୦ ରୁ ଉର୍ଦ୍ଧ୍ୱ କର୍ମଚାରୀ, ଠାକୁରମୁଣ୍ଡା ଥାନା ପୁଲିସ,ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।ଏହି କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର କାର୍ଜି ସଭାପତିତ୍ୱ କରିବା ସହିତ ଏପିଓ ଧାନଚାନ୍ଦ ମହାନ୍ତ ମଂଚ ପରିଚାଳନା କରିଥିଲେ। ଶେଷରେ ଏହି ପ୍ରତିଯୋଗିତାରେ ସମସ୍ତ ବିଭାଗରେ କୃତୀତ୍ୱ ହାସଲ କରିଥିବା ସମସ୍ତ ଖେଳାଳି ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ବର୍ଷର ଶ୍ରେଷ୍ଠ ଟେଷ୍ଟ୍ କ୍ରିକେଟର୍ ଦୌଡ଼ରେ ଅଶ୍ୱିନ



**ଦୁବାଇ :** ୨୦୨୩ ବର୍ଷ ପାଇଁ ଆଇସିସିର ଶ୍ରେଷ୍ଠ ଟେଷ୍ଟ୍ କ୍ରିକେଟର ଦୌଡ଼ରେ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସାମିଲ ହୋଇଛନ୍ତି। ୪ ଜଣିଆ ତାଲିକାରେ ଅଶ୍ୱିନ ଏକମାତ୍ର ଭାରତୀୟ ଅଛନ୍ତି। ତାଙ୍କ ବ୍ୟତୀତ ଇଂଲଣ୍ଡର ଜୋ ରୁଟ୍, ଅଷ୍ଟ୍ରେଲିଆର ଉସମାନ ଖୱାଜା, ଟ୍ରାଭିସ୍ ହେଡ୍ ଏହି ଦୌଡ଼ରେ ରହିଛନ୍ତି। ଏହି ବର୍ଷ ଅଶ୍ୱିନ ୭ ଟେଷ୍ଟ୍‌ରୁ ୪୧ ୱିକେଟ୍ ଦଖଲ କରିଛନ୍ତି। ବିଶେଷ କରି ବର୍ଡର-ଗାଭାସ୍କର ଟ୍ରଫିରେ ସେ ୩୫ ୱିକେଟ୍ ନେଇଥିଲେ। ତୃତୀୟ ଥର ପାଇଁ ସେ ଏହି ପୁରସ୍କାର ଦୌଡ଼ରେ ରହିଛନ୍ତି। ପୂର୍ବରୁ ୨୦୧୬ରେ ସେ ଶ୍ରେଷ୍ଠ ଟେଷ୍ଟ୍ କ୍ରିକେଟର୍ ପୁରସ୍କାର ପାଇଥିଲେ। ଘରୋଇ ଶୃଙ୍ଖଳାରେ ସେ ଦମ୍‌ଦାର ପ୍ରଦର୍ଶନ ଦେଇଥିଲେ ମଧ୍ୟ ଡବ୍ଲୁଟିସି ଫାଇନାଲ୍ ଦଳରେ ସ୍ଥାନ ପାଇନଥିଲେ। ତେବେ ଶ୍ରେଷ୍ଠ ପୁରସ୍କାର ମଧ୍ୟରେ ଦୁଇ ଅଷ୍ଟ୍ରେଲୀୟ ଆଗରେ ଅଛନ୍ତି। ଅଶ୍ୱିନ ଡାର୍କ ହର୍ସ ଭାବେ ପୁରସ୍କାର ଜିତିପାରନ୍ତି।

### ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ୟୁନିଅନ୍ ସ୍ପୋର୍ଟିଂ କଟକ ବିଜୟୀ ହାସଲ କରି ଫାଇନାଲରେ



**ଯାଜପୁର(ଅମୃତ ମିଡିଆ) :** ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଅଷ୍ଟମ ଦିନର ଖେଳ ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୟୁନିଅନ୍ ସ୍ପୋର୍ଟିଂ କଟକ ଓ ବାପୁଜୀ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁନିଅନ୍ ସ୍ପୋର୍ଟିଂ କଟକ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ୟୁନିଅନ୍ ସ୍ପୋର୍ଟିଂ କଟକ ନିର୍ଦ୍ଧାରିତ ୨୫ ଓଭର ଖେଳି ୮ ଉଇକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଭେଙ୍କଟେସ ଭାଣ୍ଡେ୫୭ ରନ୍, ପଙ୍କଜ ସେନାପତି ୨୪ ରନ୍ ସଂଗ୍ରହ କରିଥିଲେ । ବାପୁଜୀ କ୍ଲବ ଭୁବନେଶ୍ୱରର ବୋଲର ସୟଦ ଜାକି ୫ ଓଭର ବୋଲିଂ କରି ୨୨ ରନ୍ ଦେଇ ୨ଟି ଉଇକେଟ୍ ନେଇଥିବାବେଳେ ଆଶିଷ ପ୍ରଧାନ ୪ ଓଭର ବୋଲିଂ କରି ୨୫ ରନ୍ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ବାପୁଜୀ କ୍ଲବ ଭୁବନେଶ୍ୱର ୨୪.୧ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୨୧ ରନ୍ ସଂଗ୍ରହ କରି ୟୁନିଅନ୍ ସ୍ପୋର୍ଟିଂ କଟକ ଠାରୁ ପରାସ୍ତ ହୋଇଥିଲେ। ୟୁନିଅନ୍ ସ୍ପୋର୍ଟିଂ ବୋଲର ସର୍ବେଶ୍ୱର ମହାନ୍ତି ୫ଓଭର ବୋଲିଂ କରି ୨୩ରନ୍ ଦେଇ ୩ଟି ୱିକେଟ୍ ଅକ୍ତିୟାର କରିଥିବା ବେଳେ ଜ୍ୟୋତି ଦଳାଇ ୫ଓଭର ବୋଲିଂ କରି ୧୭ରନ୍ ଦେଇ ୩ଟି ୱିକେଟ୍ ଅକ୍ତିୟାର କରିଥିଲେ। ଆଜିର ଏହି ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଭେଙ୍କଟେସ ଭାଣ୍ଡେଙ୍କୁ ଆରଫିନ୍ ସର୍ଭିସ ପ୍ରୋଭାଇଡ଼ରର ମ୍ୟାନେଜିଂ ଡ଼ାଇରେକ୍ଟର ଅୟସକାନ୍ତ ଧଳ ପୁରସ୍କୃତ କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଯାଜପୁର ପୌରପାଳିକାର ନଗର ବିଜେଡ଼ି ସଭାପତି ମନୋଜ ସାହୁ, କାଉନ୍‌ସିଲର ସୁବାଶିଷ ରାଉତ, ପାର୍ଥସାରଥୀ ବେହେରା, ଉମା ସିଂ, ସଞ୍ଜୟ ବେହେରା, ମନୋଜ ପତି, ସୁଶାନ୍ତ ସିଂହ, ସ୍ୱସ୍ତିକ ପହି, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର, ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ ସର୍ବ ଭାରତୀୟ ୟୁଥମାସ କପ୍



**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ମିନି ଷ୍ଟାଡିଅମ ଠାରେ ୩୨ ତମ ସର୍ବ ଭାରତୀୟ ୱାଇ.ୟୁଥମାସ କପ କ୍ରିକେଟ ଟୁର୍ନାମେଣ୍ଟ ର ତୃତୀୟ ଦିବସ ରେ ଦିନ ରେ ପହଚିଛି । ୟୁଥମାସ କ୍ରିକେଟ କପ ର ଆବାହକ ତଥା ଜିଲ୍ଲା କ୍ରିକେଟ ସଙ୍ଘର ସାଧାରଣ ସମ୍ପାଦକ ଭୈରବ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ହୋଇଛି ଜିଲ୍ଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ଓ ସାମ୍ବାଦିକ ସିମାଞ୍ଚଳ ମହାପାତ୍ର ମଞ୍ଚ ଇଷ୍ଟ ମଞ୍ଚ ପରିଚାଳନା କରିଥିଲେ !ସର୍ବଭାରତୀୟ ୟୁଥମାସ କପ ତୃତୀୟ ଦିନରେ ପହଁଚିଛି ଅଭାର ସମ୍ବଲପୁର ସହ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ସହ ପ୍ରତିଯୋଗୋତା ମଧ୍ୟରେ ଆଭାର ସମ୍ବଲପୁର ଟସ ଜିତି ପ୍ରଥମେ ବେଟିଙ୍ଗ କରି ୩୦ଓଭର ଖେଳି ୮ୱେକେଟ ହରାଇ ୧୬୫ରନ ସଂଗ୍ରହ କରିଥିଲେ ଜବାବ ରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ୧ଗୋଟିଏ ବିନିମୟରେ ଓଭର ୨୦-୨ବଲ ଖେଳି ୧୭୦ରନ କରି ବିଜୟ ହାସଲ କରି ଇଷ୍ଟକୋଷ୍ଟ ରେଲୱେ ପ୍ରଥମ ଫାଇନାଲ ମେଚ ରେ ପ୍ରବେଶ କରିଛି ସେହିପରି ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ର ସମୀର ମହାନ୍ତି ଙ୍କୁ ମେନଅଫଦମେଚ ଘୋଷଣା କରିଥିଲେ ଆଜି ର ମୁଖ୍ୟ ଅତିଥି ଭାବେ ସୁପରକ୍ଲାସ କଣ୍ଟ୍ରାକ୍ଟର ସୁରେଶ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଦେଇଥିଲେ ମିନି ଷ୍ଟାଡିୟମ ଠାରେ ଦର୍ଶକ ଙ୍କ ପ୍ରବଳ ଭିଡ଼ ଜେମିଥିଲା । ଖେଳ ପରିଚାଳନା କରିଥିଲେ ଅନିଲ ଦାସ ଓ ବିଷମ୍ବର ମହାକୁଡ଼ ସେହିପରି ପୁନିତ ଓ ଜୟ କିଶନ ମ୍ୟାଚରେ ଧାରାବିବରଣୀ ପ୍ରଦାନ କରୁଥିବା ବେଳେ ଶୈଳେଶ ଶତପଥୀ ଓ ଆୟୁଷ୍ମାନ ଗୁପ୍ତା ସ୍କୋରର ଦାଇତ୍ୱ ତୁଲାଇ ଥିଲେ । ଆୟୋଜକ ୱାଇଏମସି ସଭାପତି ଅମରେଶ ଦାସ, ୱାଇଏମସି ସମ୍ପାଦକ ତପନ ବଗର୍ତି, ଉପ ସଭାପତି ରଂଜିତ ସୁନା,ସଞ୍ଜୟ ପଟ୍ଟନାୟକ, ରାଜେନ୍ଦ୍ର ବଡ଼େଇ, ସନ୍ତୋଷ ସୁପକାର, ବାବି ମହଲା, , ପିଣ୍ଟୁ ଭୋଇ,, ଶ୍ରୀରାମ ମିଶ୍ର, ଜିତୁ ହୋତା, ଟିପୁ ଖାନ, ଜନି ହରପାଲ, ମୁକେଶ ସହିସ, ବାଲେଶ୍ୱର ମାଝୀ, ପ୍ରତିକ୍ ପଟ୍ଟନାୟକ ପ୍ରମୁଖ ଆୟୋଜକ ୱାଇଏମସି କ୍ରିକେଟ କପ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ମଙ୍ଗ ଧରିଛନ୍ତି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).
ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**



₹ 5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.